
ଜାନୁୟାରୀ, ୨୦୨୦

ନବ ବର୍ଷ



Painting by Shri Debashis Raut, Advisor, ROSA, Riyadh

ISSN NO – 2582-208X

[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ,  ନୂତନ ବର୍ଷର ଶୁଭକାମନା ସହିତ ଆଉ ଏକ ନୂଆ ଦିନକୁ ସ୍ୱାଗତ । ନୂତନ ବର୍ଷ, ନୂଆ ଆଶା, ନୂଆ ସପନ, ନୂଆ ଲକ୍ଷ୍ୟ, ନୂଆ ଆଇଡିଆ ସହିତ ନୂଆ ବର୍ଷର ପ୍ରଥମ ଦିନକୁ ନୂଆ ଖୁସି ଆଉ ନୂଆ ଉତ୍ସାହର ସହିତ ନୂତନ ଆରମ୍ଭ ନୂଆ ଊର୍ଜାରେ ଭରପୁର ନୂତନ ବର୍ଷ ଆମକୁ ଆଗକୁ ବଢିବାକୁ ପ୍ରେରଣା ଦିଏ । ପୁରୁଣା ବର୍ଷରେ ଆମେ ଯାହା ଶିଖିଲୁ, ସଫଳ କମ୍ବା ଅସଫଳରୁ ଅନୁଭୂତି ନେଇ ବିତିଯାଇଥିବା ସମୟକୁ ନେଇ ଦୁଃଖ ପ୍ରକାଶ ନକରି ଆଶୁଥିବା ସମୟକୁ ସ୍ୱାଗତ କରି ଜୀବନକୁ ସଫଳ ବନେଇବା ଉଚତ । ଅଧିକାଂଶ ଲୋକଙ୍କ ପାଇଁ ୧ ଜାନୁୟାରୀ ନୂଆ ବର୍ଷ ଆଣିଥାଏ । କନ୍ତୁ ଏହି ଦିନ ରେ କଛି ବି ନୂଆ ନଥାଏ । ପ୍ରକୃତି, ପାଣିପାଗ ନା ଆଖପାଖର କଛି ନୂଆ କଥା । ଯଦି ପ୍ରକୃତରେ ନୂଆ ବର୍ଷକୁ ସାର୍ଥକ କରାଯାଏ, ତେବେ ନଷ୍ଚିତ ରୂପରେ ନୂଆ ଆରମ୍ଭ ସ୍ୱାଗତଯୋଗ୍ୟ ଅଟେ । ପୁରୁଣା ବର୍ଷ ତୁଳନାରେ କଛି ନୂଆ ଯୋଡି ଜୀବନକୁ ପୁରୁଣା ବର୍ଷ ଅପେକ୍ଷା ସାର୍ଥକ ବନେଇବା ଉଚତ । ଅନ୍ୟଥା, ଆଜି ଯାହା ନୂଆ ନୂଆ ଲାଗୁଛି, କାଲି ତାହା ପୁରୁଣା ବର୍ଷ ଭଳ ପୁରୁଣା ପଡି ରହିବ । ଆମ ଜୀବନରେ ଆମେ ଏମିତି ହିଁ ଆଗକୁ ବଢୁ । ମନୁଷ୍ୟ ମାନେ ହିଁ ଅବଗୁଣରେ ଭରିଥାଏ । ଏହା କହିବା ଭୁଲ ହେବ ଯେ ମୋ ଭିତରେ କୌଣସି ଅବଗୁଣ ନାହିଁ । ସଂସାରରେ ଯେତେପ୍ରକାର ଉତ୍ସବ ଏବଂ ପର୍ବ ପାଳନ ହୁଏ, ତାର ମୂଳ ଉଦ୍ଦେଶ୍ୟ ହେଉଛି ଆମର ଜଡତାକୁ ଭାଙ୍ଗି ଆମକୁ ଗତିଶୀଳ ବନବାକୁ ପ୍ରେରଣା ଦିଏ । ଏହି ସମୟ ଆମର ନୀରସତାକୁ ଭାଙ୍ଗି ଆମ ଜୀବନରେ ଏକ ନୂଆ ରଙ୍ଗ

ଭରିଦିଏ । କାରଣ, ଆମର ଆନ୍ତରିକ ଉର୍ଜ୍ଜା ପୁରା ଜୋରରେ କାମରେ ଲାଗିଯାଏ । ଦୁର୍ଭାଗ୍ୟ ଆଜିର ଦିନରେ ଏହା ଅନ୍ଧବିଶ୍ୱାସର ଶିକାର ହୋଇଆସୁଛି । ଧ୍ୱନି ପ୍ରଦୂଷଣ ସହିତ ଖାଇବା, ପିଇବା, ପିନ୍ଧିବାରେ ସିମିତ ରହି ଯଦି ଏହି ପ୍ରକାର ମଉଜମସ୍ତିରେ ଆମକୁ ନୂଆ ଉର୍ଜା ନମିଳେ, ତେବେ ଆମର ନୂତନ ବର୍ଷ ବ୍ୟର୍ଥ ସହିତ ସମୟ ଆଉ ଅର୍ଥର ହାନୀ ମଧ୍ୟ ଅଟେ । ଏହି ନୂଆ ବର୍ଷରେ ଜଡ ମାନସିକତାକୁ ଛାଡି ନୂଆ ମାନସିକତାକୁ ଆପଣେଇବା ଉଚତ । ଆମକୁ ଭୁଲିବା ଉଚତ ନୁହେଁ ଯେ ଜୀବନରେ ଜ୍ଞାନର ଏତେ ମୂଲ୍ୟ ନାହିଁ ଯେତେ କ ବ୍ୟକ୍ତିର ବ୍ୟକ୍ତିତ୍ୱରେ । ଜ୍ଞାନକୁ କେବଳ ଏକ ନିଶ୍ଚିତ ସମୟରେ ବି ଅର୍ଜିତ କରାଯାଇପାରେ । କିନ୍ତୁ ବ୍ୟକ୍ତିତ୍ୱକୁ ନୁହେଁ । ଏହା ଜୀବନର ପ୍ରତ୍ୟେକ ସ୍ତରରେ ବିକଶିତ ହେଲାଭଳି ଗୁଣ ଅଟେ । ଇତିହାସରୁ ଜଣାପଡେ ଯେଉଁ ବ୍ୟକ୍ତି ନିଜ ଜୀବନରେ ସଫଳତା ପାଇଛନ୍ତି, ସେମାନେ ଜ୍ଞାନ ବଳରେ ନୁହେଁ, କିନ୍ତୁ ବ୍ୟକ୍ତିତ୍ୱ ବଳରେ । ଏହି ନୂଆ ବର୍ଷରେ ଚିନ୍ତାଧାରାକୁ ବଦଳାଇ ସାମ୍ବିଧାନିକ ନାଗରିକ ବନିବା ପାଇଁ ଚେଷ୍ଟା କରିବା ଉଚତ ।

ଭାରତୀୟ ସମ୍ବିଧାନ ଏକ ଅନୋଖା ସମ୍ବିଧାନ ଅଟେ । ଦୁନିଆର ସବୁଠାରୁ ବଡ ଲିଖିତ ସମ୍ବିଧାନ ହେବା ସହିତ, ଏଥିରେ ଏମିତି ତଥ୍ୟ ସମାବେସିତ ଅଛି ଯେଉଁଟାକି ନିଜକୁ ଗର୍ବ ଅନୁଭବ ସହିତ ରୋମାଞ୍ଚିତ ମଧ୍ୟ କରିଦିଏ । ଭାରତୀୟ ସମ୍ବିଧାନ ବାସ୍ତବିକ ରୂପରେ ହିନ୍ଦୀ ଏବଂ ଅଂଗ୍ରେଜୀରେ ଲେଖା ହୋଇଥିବା ଏମିତି ଏକ ସମ୍ବିଧାନ ଯାହା ୨୪ ଜାନୁୟାରୀ ୧୯୫୦ ରେ ସମ୍ବିଧାନ ସଭାରେ ୨୮୪ ସଦସ୍ୟ ସଂସଦର ସେଣ୍ଟ୍ରାଲ ହଲ୍ ରେ ଏହା ଉପରେ ହସ୍ତାକ୍ଷର କରିଥିଲେ । ସେହି ହଲ୍ କୁ ସେହି ସମୟରେ **Constitution Hall** ନାମରେ ମଧ୍ୟ ଜଣା ଯାଉଥିଲା । ଏହା ଦୁନିଆର ସବୁଠାରୁ ବଡ ହସ୍ତଲେଖା ସମ୍ବିଧାନ ଅଟେ । ସମ୍ବିଧାନର ମୂଳ ଭାଗରେ ଆମର ପୌରାଣିକ ଏବଂ ଧାର୍ମିକ ପାତ୍ରକୁ ମଧ୍ୟ ସ୍ଥାନ ମିଳିଛି । ଭଗବାନ ରାମ, କୃଷ୍ଣ, ଶିବଙ୍କର ଚିତ୍ରଣ ସହିତ ଉପଦେଶ ଦେଇଥିବା ଭଗବାନ ବୁଦ୍ଧଙ୍କୁ ଜଡିତ କରାଯାଇଛି । ଭାରତୀୟ ସମ୍ବିଧାନର ପ୍ରସ୍ତାବନା ଭାରତୀୟ ଲୋକଙ୍କ ଠାରୁ ଆରମ୍ଭ ହୋଇଥାଏ । ଏହାର ଉଦ୍ଦେଶ୍ୟ ଦେଶର ସମ୍ବିଧାନ ଦେଶବାସୀଙ୍କ ପାଇଁ, ଲୋକକୁ ଶ୍ରେଷ୍ଠ

ଜୀବନ ଦେବାପାଇଁ ଏହି ସମ୍ବିଧାନ ଆମକୁ କଛି ମୌଳକ ଅଧିକାର ମଧ ଦେଇଛି । ମୂଳ ରୂପରେ ଆମକୁ ଛଅଗୋଟି ମୌଳକ ଅଧିକାର ଦିଆଯାଇଛି-ସମାନତା, ସ୍ୱତନ୍ତ୍ରତା, ଧାର୍ମିକ ସ୍ୱତତନ୍ତ୍ରା, ସାଂସ୍କୃ ତି କ ଏବଂ ଶୈକ୍ଷିକ ଅଧିକାର୍ର ଶୋଷଣ ବିରୁଦ୍ଧ ଅଧିକାର, ଏବଂ ସମ୍ବିଧାନର ଉପଚ୍ଚର ଅଧିକାର ।

ଆମେ ଭ୍ରତର ଲୋ୍କ ଆମ ଅଧିକାରକୁ ନେଇ ବହୁତ ସତର୍କ, ସଜଗ ଏବଂ ଚୌକସ ରହୁ । ସମ୍ବିଧାନ ହେଉଛି ର୍ରଷ୍ଟ୍ରର ପବିନ୍ତ୍ର ଦସ୍ତାବିଜ । ସମ୍ବିଧାନ ସେହି ଦର୍ଶନ ଆଉ ମୂଲ୍ୟର ପ୍ରତିନଧିତ୍ୱ କରେ ଯାହା ଉପରେ କୌଣସି ର୍ରଷ୍ଟ୍ର ବିକଶିତ ହୋଇ ସେହି ଲକ୍ଷ୍ୟକୁ ଚହ୍ନିବାରେ ଦେଶର ନାଗରିକଙ୍କ ଉର୍ଜାକୁ ନର୍ଦ୍ଦେଶିତ କର୍ର୍ଯାଇପାରେ । ଦୁଃଖଦ ଯେ ସମ୍ବିଧାନକୁ ଯେତିକ ଆଦର ମିଳବା କଥା, ତାହା ମିଳପାରୁନାହିଁ । ଆମର ପ୍ରତ୍ୟେକ ଘରେ ଘରେ ଧାର୍ମିକ ପୁସ୍ତକ ଯେମିତି ର୍ରମାୟଣ, ଭ୍ଗବତ, ମହାଭ୍ରତ, ଗୀତା, କୁର୍ରନ, ଗୁରୁ ଗ୍ରନ୍ଥସାହିବ, ବାଇବେଲ ସହଜରେ ମିଳଥାଏ । ଏହା ପ୍ରତ୍ୟେକ ଧର୍ମ ଉପରେ ନର୍ଭର କରେ । କନ୍ତୁ ଦେଶର ସମ୍ବିଧାନକୁ ପଢିବାକୁ କାହାପାଖରେ ସମୟ ନଥାଏ । ସମ୍ବିଧାନକୁ ଓକଲ, ଜଜ୍ ଙ୍କ ଭଳ ସମ୍ଭ୍ରାନ୍ତ ଲୋ୍କଙ୍କ ଦସ୍ତାବିଜ୍ ବୋଲି ଜଣାଯାଏ । ଏହା ମିଡିଆ ଆଉ ପ୍ରେସ୍ ରେ ଯେତେବେଳେ ସ୍ଥାନ ପାଏ, ଯେତେବେଳେ ର୍ରଷ୍ଟ୍ରୀୟ ର୍ରଜନୈତିକ ସଙ୍କଟ ଜାତ ହୁଏ । ଯେମିତିକ ଏବେ ମହାର୍ରଷ୍ଟ୍ର ନର୍ବାଚନ ସମୟରେ ହୋଇଥିଲା । ଏମିତି ସମୟରେ ଆମେ ସମ୍ବିଧାନ ସହିତ ଏମିତି ବ୍ୟବହାର କରିଥାଉ ଯେମିତି ନୟମିତ ହିସାବ କତାବ କରୁଛେ କ ଆମର କାର୍ଯ୍ୟ ତାଙ୍କ ଦ୍ୱାର୍ର ପ୍ରତିପାଦିତ ଆଦର୍ଶ ଅନୁରୂପ ହେଉଛି ନା ନାହିଁ । ସମ୍ବିଧାନ ଆମର ମୌଳକ ଅଧିକାରକୁ ଦର୍ଶାଏ । କନ୍ତୁ ଗରିବ ଓ ଅଶିକ୍ଷିତ ସମସ୍ତ ପ୍ରାବଧାନକୁ ଅଦେଖା କରି ପୁଲିସ୍ ଏବଂ ଅନ୍ୟ ଅଧିକାରୀଗଣଙ୍କ ଦ୍ୱାର୍ର ଆମର ଶିକ୍ଷିତ ଭ୍ଇଭଉଣୀମାନେ ଶୋଷଣର ଶିକାର ହେଉଛନ୍ତି । ଯଦି ଏହା ଆମର ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ପାଠ୍ୟ ପୁସ୍ତକରେ ସ୍ଥାନ ପାଇଛି ତଥାପି ପ୍ରତ୍ୟେକ ସ୍ତରରେ ପ୍ରତ୍ୟେକ

ନାଗରିକଙ୍କୁ ଏହା ବିଷୟରେ ଜାଣିବା ଉଚତ। ଏହା ଶୋଷଣ ଏବଂ ଉତ୍ପିଡନକୁ ରୋକିବାରେ ସହାୟତା କରିବ ।

ଆମର ସମ୍ବିଧାନ ଆମକୁ ଶିକ୍ଷିତ କରାଇବାରେ ସାହାଯ୍ୟ କରେ ଏବଂ ଜୀବନ ଜିଇବାର ଶୈଳୀକୁ ମହତ୍ତ୍ୱ ଦେଇଥାଏ । ଯେଉଁଟାକ ପ୍ରତ୍ୟେକ ଭାରତୀୟ ପାଇଁ ମହତ୍ୱପୂର୍ଣ୍ଣ ଅଟେ । ଯଦି ଆମେ ଏହାର ଆଦର୍ଶକୁ ଅନୁକରଣ କରୁଛେ, ତେବେ ଏହା ପୁରା ଦେଶପାଇଁ ଉପଯୋଗୀ ସାବିତ ହୋଇପାରେ । ସମ୍ବିଧାନ ପ୍ରସ୍ତାବନା ଅନ୍ତର୍ଗତ ସେହି ଆଦର୍ଶକୁ ଆତ୍ମସାତ କରାଯାଇଛି ଯାହାପାଇଁ ଆମେ ପ୍ରୟାସ କରୁଛୁ ଏବଂ ଯାହାପାଇଁ ଏକ ନୂଆ ମାନସିକ ଦୃଷ୍ଟିକୋଣ ଆବଶ୍ୟକ । ଯେତେବେଳେ ଏହା ସମସ୍ତ ନାଗରିକଙ୍କ ପାଇଁ ଆର୍ଥିକ, ସାମାଜିକ, ମାନସିକ, ରାଜନୈତିକ, ନ୍ୟାୟ କମ୍ବା ବିଚାରର ଅଭିବ୍ୟକ୍ତିପାଇଁ ସ୍ୱତନ୍ତ୍ରତା ଏବଂ ବିଶ୍ୱାସ ଆହୁରି ମଧ୍ୟ ଅବସରର ସ୍ଥିତି ଏବଂ ସମାନତା ପ୍ରଦାନ କରିବା ସହିତ ନାଗରିକଙ୍କ ପାଇଁ ଆଚାର ସଂହିତା ମଧ୍ୟ ଉପଲବ୍ଧ କରାଏ । ଯଦି ଆମେ ପ୍ରସ୍ତାବନାର ଉଦ୍ଦେଶ୍ୟ ପ୍ରତି ମାନସିକ ଭାବନା ଶକ୍ତିକୁ ଧ୍ୟାନରେ ରଖିବା, ତେବେ ଏହା ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ଉପଯୋଗୀ ସାବିତ ହେବ । ସମ୍ବିଧାନ ଯେତେବେଳେ ରୋଜଗାରରେ ଅବସର, ସମାନତାର କଥା କହେ, ଧର୍ମ, ଜାତି, ବଂଶ, ଲିଙ୍ଗର ଆଧାର ଉପରେ ଭେଦଭାବକୁ ମଧ୍ୟ ରୋକିଥାଏ । ମହିଳା ସଶକ୍ତିକରଣକୁ ମହତ୍ତ୍ୱ ଦେଇ ଜାତିଗତ ବନ୍ଧନକୁ ମୁକ୍ତ କରେ । ସମ୍ବିଧାନର ପ୍ରାବଧାନ ଅନୁସାରେ ଭାରତୀୟ ସମାଜର ଚେହେରାକୁ ବଦଳାଇ ଦିଆଯାଇପାରେ ଏବଂ ଯୋଗ୍ୟତାର ଆଧାର ଉପରେ ମାର୍ଗ ପ୍ରସସ୍ତ ହୋଇପାରେ । ସର୍ବଶ୍ରେଷ୍ଠକୁ ନେତୃତ୍ୱର ଶିର୍ଷ ପଦପାଇଁ ପ୍ରୋତ୍ସାହିତ କରାଯାଏ ।

ମନୁଷ୍ୟ କେତେବେଳେ ଭାବିଛି କି ଯେତେବେଳେ ରାସ୍ତାର ଭୁଲ୍ ଯାଗାରେ ସାଇକେଲ୍ କମ୍ବା ଟୁ-ହୁଇଲର୍ ପାର୍କିଙ୍ଗ୍ କରେ, ଯେତେବେଳେ ଆମେ ରାସ୍ତାକୁ କାର ପାର୍କିଙ୍ଗ୍ ଭାବେ ବ୍ୟବହାର କରୁ, ଯେତେବେଳେ ରାସ୍ତାରେ ପାଦରେ ଚାଲୁଥିବା ବ୍ୟକ୍ତିକୁ ଘୃଣା ଦୃଷ୍ଟିରେ ଦେଖୁ, ତାଙ୍କପାଇଁ ନିଜ ଗାଡିକୁ ନରୋକି ଜବରଦସ୍ତି ଧସେଇ ଆଗକୁ ବଢୁ, ଗାଡିର ବ୍ରେକ୍ ଦେବାକୁ

ପସନ୍ଦ କରୁନା, ଯେତେବେଳେ ଆମେ କାର୍ ରୁ ମୁହଁ ବାହାର କରି ରାସ୍ତା ଉପରେ ଛେପ ପକାଇ ପାନର ପିଚକାରୀ ଛାଡି ସେଠୁ ତରତର ହୋଇ ପଳାଇଯାଉ, ଯେତେବେଳେ ଆମେ କୌଣସି ପ୍ରାଣୀ ଉପରେ କୌଣସି କାରଣରୁ ହାତ ହତିୟାର ଛାଡୁ, ଯେତେବେଳେ ଆମେ ସମ୍ବିଧାନ ମୁହଁରେ କଳା ବୋଳବା ଭଳ କାମ କରୁ ।

ଆମର ପ୍ରସ୍ତାବନା ଭାରତୀୟ ସମ୍ବିଧାନକୁ ସମାଜବାଦୀ ଏବଂ ଧର୍ମ ନରପେକ୍ଷ ଗଣରାଜ୍ୟ ଉପରେ ସ୍ଥାପିତ କରିବା ବିଷୟରେ ବାର୍ତ୍ତାଳପ କରେ । ଆମେ କାହିଁକ ଆଶା କରୁ ଯେ ଖାଲି ସରକାର ଏହି ଉଦ୍ଦେଶ୍ୟ ଲାଗୁ କରିବ । ଦେଶର ପ୍ରତ୍ୟେକ ନାଗରିକ ଛୋଟ ବ୍ୟବସାୟୀ ହେଉ କମ୍ବା କୌଣସି ଅର୍ନ୍ତରାଷ୍ଟ୍ରୀୟ କର୍ପୋରେସନ, ପ୍ରତ୍ୟେକ ବ୍ୟକ୍ତିକୁ ପ୍ରତ୍ୟେକ ସ୍ତରରେ ପ୍ରତ୍ୟେକ ଆଦର୍ଶକୁ ଲାଗୁ କରିବା ଉଚତ । ତେବେ ଆମେ ଏମିତି ସମାଜ ନର୍ମାଣରେ ସଫଳତା ହାସଲ କରିପାରିବା ଯେଉଁଟାକ ଅଲ୍ପସଂଖ୍ୟକ ସହିତ ସମସ୍ତ ଲୋକେ ସୁରକ୍ଷିତ ଅନୁଭବ କରିପାରିବେ ଏବଂ ନଜର ଶ୍ରେଷ୍ଠତା ପ୍ରତିପାଦନ କରିପାରିବେ । କାନୁନର ଅବମାନନା କଲେ ସମାଜ ରସାତଳକୁ ଗ୍ଲଲିଯିବ । ସମ୍ବିଧାନର ଅନୁଚ୍ଛେଦ ୨୧ ରେ ସ୍ପଷ୍ଟ ବିଦିତ ଅଛି ଯେ ସମାଜର କୌଣସି ବ୍ୟକ୍ତି କାନୁନ୍ ଦ୍ୱାରା ସ୍ଥାପିତ ପ୍ରକ୍ରିୟା ଅନୁସାରେ ଜୀବନ ଏବଂ ସ୍ୱତନ୍ତ୍ରତାରୁ ବଞ୍ଚିତ ରହିପାରିବନ । ଯଦି ଦେଶର ନାଗରିକ ପ୍ରଥମରୁ ସ୍କୁଲରେ ଏବଂ ଘରେ ଏମିତି ଭାବନା ହେବ, ତେବେ କୌଣସି ଅପ୍ରିତିକର ଘଟଣା ଘଟିବାର ସମ୍ଭାବନା ନାହିଁ । ୧୯୭୬ରେ ସଂସଦ ଦ୍ୱାରା ଜଣାଯାଇଥିଲା ଯେ ଯେତେବେଳେ ସମ୍ବିଧାନ ପ୍ରଦତ ସମସ୍ତ ସ୍ୱତନ୍ତ୍ରତାର ଆନନ୍ଦ ନେଉଥିଲେ, ସେତେବେଳେ ରାଷ୍ଟ୍ର ପ୍ରତି ସେମାନଙ୍କ କର୍ତ୍ତବ୍ୟ କଣ ସେମାନଙ୍କୁ ଜଣାନଥିଲା । ଏହା ପରେ ସମ୍ବିଧାନ ସଂଶୋଧନ ପରେ ଏକ ନୂଆ ଅନୁଚ୍ଛେଦ ୫୧-କ କୁ ଯୋଡା ଯାଇଥିଲା । ଏହା ନାଗରିକର ମୌଳକ କର୍ତ୍ତବ୍ୟ ବିଷୟରେ କହେ । ଏହି କର୍ତ୍ତବ୍ୟ ସମ୍ବିଧାନ ପ୍ରତି ସମ୍ମାନ, ସମଗ୍ର ସଂସ୍କୃତିର ସମୃଦ୍ଧ ବିରାସତର ସଂରକ୍ଷଣ, ପର୍ଯ୍ୟାବରଣରେ ସୁଧାର ଏବଂ ସୁରକ୍ଷା, ସାର୍ବଜନକ ସମ୍ପତିର ସୁରକ୍ଷା, ହିଂସାକୁ ରୋକବା, ବ୍ୟକ୍ତିଗତ ଏବଂ ସାମାଜିକ ଗତିବିଧି ସମସ୍ତ କ୍ଷେତ୍ରରେ

ଶ୍ରେଷ୍ଠତା ଲାଭ କରିବା । ଯଦି ସମସ୍ତ ବ୍ୟକ୍ତି ନିଜ ନିଜ କର୍ତ୍ତବ୍ୟ ସୁଗ୍ଭୁରୁରୂପେ ପାଳନ କରନ୍ତି, ତେବେ ସମସ୍ତ ନାଗରିକ, ସମସ୍ତ ସମୁଦାୟ, ସମସ୍ତ ସାମାଜିକ ଏବଂ ଧାର୍ମିକ ସଂଗଠନ ଏବଂ ସମଗ୍ର ଦେଶ ପାଇଁ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ । ଏହା ଉନ୍ନତ ଜୀବନ ସହିତ ସାମାଜିକ ବିକାଶକୁ ସୁନିଶ୍ଚିତ କରିବ । ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ସମ୍ବିଧାନର ପ୍ରତ୍ୟେକ ଅନୁଚ୍ଛେଦ ଆମର ଯୁବ ପିଢ଼ିର ଅନ୍ତଃକରଣକୁ ସମାହିତ କରିବ । ସମ୍ବିଧାନକୁ ଘରେ ସଜେଇବା ବନାବଟି ପୁସ୍ତକ ଭଳି ନରଖି ଏହାକୁ ପ୍ରତ୍ୟେକ ଦିନ ପୂଜନୀୟ ପବିତ୍ର ପୁସ୍ତକ ରୂପରେ ସ୍ଥାନ ଦେବା ଉଚିତ ।

ଆମେ ଭାରତର ଲୋକ ସମ୍ବିଧାନକୁ ସାକ୍ଷୀ ମାନି ଆମର ଆଗ୍ଭର, ବିଗ୍ଭର ଏବଂ ବ୍ୟବହାରରେ ମୌଳିକତାର ରକ୍ଷା ସହିତ ରାଷ୍ଟ୍ର ପ୍ରତି ନିଜର କର୍ତ୍ତବ୍ୟ ନିର୍ବାହନର ସଂକଳ୍ପକୁ ନେଇ ରାଷ୍ଟ୍ରର ଲୋକତାନ୍ତ୍ରିକ ମୂଲ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଭଳି ସଜଗ ପ୍ରହରୀ ବନିବା ଉଚିତ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ଭାରତ ଭାଗ୍ୟ ବିଧାତା | ମମତା ଦାଶ | ୧୩ |
| ମୋ' ଅନୁଭୂତିରେ ଶ୍ରୀଜଗନ୍ନାଥ | ଶଶଧର ମହାପାତ୍ର | ୧୬ |
| ନୂଆବର୍ଷ | ବିନୟ ମହାପାତ୍ର | ୨୬ |
| ଅପୂର୍ବ ସଂଯୋଗ | ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ | ୨୮ |
| ଜଘନ୍ୟତା | ଭାସ୍କର ଚନ୍ଦ୍ର ଖଣ୍ଡା | ୨୯ |
| ହାସ୍ୟରସର କବି | ଶାନ୍ତିଲତା ମିଶ୍ର | ୩୧ |
| ପହିଲି ଶୀତର ପୁଲକ | ଆଶୁତୋଷ ମେହେର | ୩୫ |
| କବି ଓ କବିତା | ଅନୁସୂୟା ମିଶ୍ର | ୩୬ |
| ୨୦୨୦ ଆସୁଛି | ପ୍ରେମଶିଳ୍ ରାଉତ | ୩୮ |
| ମଣିଷ | ଡ. ଜ୍ଞାନେଶ୍ୱର ମିଶ୍ର | ୩୯ |
| ଧାର | ସୁଲୋଚନା ପଟ୍ଟନାୟକ | ୪୧ |
| ସଖୀ କଣ୍ଢେଇ | ଡ. ବିନୀତ ମହାପାତ୍ର | ୪୬ |
| ଶାନ୍ତି ଆଜି ସାତ ସପନ | ରାଜକଶୋର ସାଇଁ | ୪୮ |
| ନୂତନ ବର୍ଷ | ଖଗେଶ୍ୱର ବାଗ | ୫୦ |
| ଅଭିମାନ | ଡକ୍ଟର ବିଜ୍ଞାନୀ ଦାସ | ୫୨ |
| କେମିତି ଗଲଯେ ଭୂଲି | ସଂଯୁକ୍ତା ମହାପାତ୍ର | ୬୩ |
| ଏଇ ଜନ୍ମ ମୋତେ ଦିଅ | ବୈଦ୍ୟନାଥ ପଣ୍ଡା | ୬୪ |
| ଶୀତ | ପ୍ରକାଶ ସାହୁ | ୬୬ |
| ଗୁଲଯିବା ଶିରୀକ୍ଷେତ୍ର | ଶରତ ଚନ୍ଦ୍ର ଜାଲି | ୬୭ |
| ସୁନ୍ଦରବନରେ ଯାତ୍ରା | ଅଶୋକ ବିଶ୍ୱାଳ | ୬୯ |
| ବ୍ରତ | ସନାତନ ମହାକୁଡ | ୭୯ |

| | | |
|---|---|---|
| ଶଙ୍ଖର କୋଣାର୍କ | ସୀତାରାମ ଦାଶ | ୮୦ |
| ଓଡ଼ିଶାର ପ୍ରଖ୍ୟାତ ତବଲ୍ ବାଦକ (√ ରାଧାକାନ୍ତ ନନ୍ଦ) ଙ୍କ ସ୍ମରଣେ... | କାର୍ତ୍ତିକ ପାଣିଗ୍ରାହି | ୮୧ |
| ଶୀତ; ଦରଚହ୍ଲା ଝିଅ | ସତ୍ୟବ୍ରତ ସାହୁ | ୮୩ |
| କାର୍ତ୍ତିକ ପୁନେଇ | ରାଜଶେଖର ସି "ଚମା" | ୮୪ |
| ପିଲ୍‌ବେଳ | ବନଲତା ମିଶ୍ର | ୮୫ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୮୭ |
| ହାରିବା ଜାଣିନ | ଅନାମ ଚରଣ ସାହୁ | ୯୪ |
| ପିଆଜ ଶପଥ | ଆରତୀ ସାହୁ (ଆଶା) | ୯୬ |
| ଦାରିଦ୍ର୍ୟତାର ଯନ୍ତ୍ରଣା | ନୂତନ କୁମାର ବେହେରା | ୯୯ |
| ରଘୁଆ ସାନ୍ତା କ୍ଲଜ | ବିଜୟ କୁମାର ପଣ୍ଡା | ୧୦୧ |
| ଗେଣ୍ଡୁ ଗଛ ଆଉ ଆମ ପ୍ରେମ | ସିଦ୍ଧେଶ୍ୱର ତ୍ରିପାଠୀ | ୧୦୪ |
| ଏଇ ମନ | ନବ କୁମାର ଦାସ | ୧୦୭ |
| ଫୁଲ ପଳେଇବା ଆଜି | ଶିଶିର କୁମାର ପଣ୍ଡା | ୧୦୮ |
| ବାପାଙ୍କ ସ୍କୁଟର... | ସୁବଳ ମହାପାତ୍ର | ୧୦୯ |
| ଶେଷ ଅନୁରୋଧ | ମନୋଜ କୁମାର ପଣ୍ଡା | ୧୧୬ |
| ମା' ଦଶଭୁଜା | ନରେନ୍ଦ୍ର ପ୍ରସାଦ ବେହେରା | ୧୧୮ |
| ମୋ ସହର ଅଭିମାନୀ | ଅନଙ୍ଗ ମଞ୍ଜରୀ | ୧୨୦ |
| ବାଲି ଯାତ୍ରାରେ ବନ୍ଧୁମିଳନ: ମୋ ଅନୁଭୂତିରୁ ଦୁଇଧାଡ଼ି | ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ | ୧୨୨ |
| ଯାଉଛ ପୁରୁଣା, ଆସୁଛ ନୂଆ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୨୮ |
| ଲଜ୍ୟା | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୨୯ |
| ନୂଆ ବରଷ | ଶୈଳବାଳା ଷଡଙ୍ଗୀ | ୧୩୦ |
| ନୂଆବର୍ଷର ଉତ୍ସବ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୧ |

| | | |
|---|---|---|
| କହିଲେ ଶୁଣୁଛି କଏ? | ଅବିନାଶ ବେହେରା | ୧୩୩ |
| ବୁଝିବ କଏ ସେ କାହିଁ | ଅଜୟ କୁମାର ବେହେରା | ୧୩୪ |
| ନୂଆ ଠିକଣା | ନବକିଶୋର ଦୀପ | ୧୩୬ |
| ବନ ନିବାସକୁ ଶ୍ରୀ ଅରବିନ୍ଦଙ୍କ ଆଗମନ | ପ୍ରିୟବ୍ରତ ପାତ୍ର | ୧୩୮ |
| ସୁକନ୍ୟା ଫେରିଲା | ନନ୍ଦିନୀ ରାଉତ | ୧୪୫ |
| ରେବତୀ ର  କ୍ଷୋଭ | ଜ୍ୟୋତିର୍ମୟୀ ବେହେରା | ୧୫୦ |
| ସନ୍ତାନ ର ମୋହ | ଚିନ୍ମୟୀ ସାହୁ | ୧୫୨ |
| ମଶାଣୀ ଗଙ୍ଗା | କରଣ ବାଳା ଦାଶ | ୧୫୪ |
| ଅଯୋଗ୍ୟ ଭାରତୀୟ | କବି ପ୍ରସାଦ | ୧୫୯ |
| ତୁମ ପାଇଁ | ପ୍ରଦେଶ କୁମାର ପ୍ରଧାନ | ୧୬୨ |
| ଫୋନ | ପୁଷ୍ପିତା ଭୂୟାଁ | ୧୬୪ |
| ପାପ | ପୂର୍ଣ୍ଣଚନ୍ଦ୍ର ରଣା | ୧୬୯ |
| ମୋ ଭଉଣୀ | ସଙ୍ଗୀତା ମହାନ୍ତି | ୧୭୦ |
| ଗୋମାତା | ଧ୍ରୁବ ଚରଣ ମହାନ୍ତି | ୧୭୨ |
| ମୁଁ ଆଉ ମୋ ପ୍ରେମ | ରାଜେଶ କୁମାର ବାରିକ | ୧୭୪ |
| ଜୀବନଟା ଏକ ଜଟିଳ ଗଣିତ | ଶ୍ରୀ ନୃସିଂହାନନ୍ଦ ମହାପାତ୍ର | ୧୭୭ |
| ମାହୋଲର ପ୍ରତିବିମ୍ବ | ଶ୍ରୀ ପୀତବାସ ଦଳବେହେରା | ୧୮୦ |
| ପୁରୁଷାର୍ଥ | ନିରଞ୍ଜନ ସାହୁ | ୧୮୩ |
| ସାବରମତୀ ରେ ଗୋଟିଏ ରାତି | କେଶରୀ ପ୍ରସାଦ ମହାନ୍ତି | ୧୮୪ |
| କଥା ଦେଇଥିଲ ମଗୁଶୁରକୁ | ଭାରତୀ ସାହୁ | ୧୮୮ |
| ଏମିତି ଅଟେ ମୋ ପ୍ରିୟା | ବିଶ୍ୱରଞ୍ଜନ ପଣ୍ଡା | ୧୮୯ |
| ଗୁହାରି ଓଡ଼ିଆଣି ର | ଛବିରାଣୀ ପତି | ୧୯୦ |

| | | |
|---|---|---|
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତା ପଣ୍ଡା | ୧୯୨ |
| ମିଠା ଜହର | ସୁଷମା ପରିଡା | ୧୯୯ |
| ଯୁଦ୍ଧ | କୁମୁଦ ଚନ୍ଦ୍ର ନାଗ | ୨୦୪ |
| ଖେଳିବି ତୁମ ସାଥେ | ଲୀନା ମହାନ୍ତି | ୨୦୬ |
| ଓଡିଶା ର କାଶ୍ମୀର | ମୀନାକ୍ଷି ପାଢୀ | ୨୦୭ |
| ସର୍ବ ବ୍ୟାପକ | ରୋହିତ ସେଠୀ | ୨୦୮ |
| ଦାୟିତ୍ୱ | ଶିବରାମ ଦଳେଇ | ୨୧୦ |
| ବଣଭୋଜି | ରମେଶ ଚନ୍ଦ୍ର ବେହେରା | ୨୧୫ |
| ନଆର ପ୍ରେମ | ସତ୍ୟବ୍ରତ ମିଶ୍ର | ୨୧୭ |
| ମୋ ଜୀବନ ଏକ ଅଭିଶାପ | ଶିଶିର ସାମଲ | ୨୧୯ |
| ସ୍ୱପ୍ନ ନାୟିକା | ସୁଦାମ ଲେଙ୍କା | ୨୨୦ |
| ବିଶ୍ୱ ନୟନ୍ତାଙ୍କୁ ପତ୍ର | ନବେଦିତା ମହାପାତ୍ର | ୨୨୧ |
| ସୃଷ୍ଟି ହେବ ଛାରଖାର | ଧିରେନ୍ଦ୍ର ମଲ୍ଲିକ | ୨୨୪ |
| ଖେଲ୍ ଉଠ୍ ଏଥର ଯିବା | ଦିଲିପ୍ କୁମାର ତ୍ରିପାଠୀ | ୨୨୫ |
| କନ୍ୟା ସନ୍ତାନ | ଜିତେନ୍ଦ୍ର ପାଣ୍ଡେ | ୨୨୭ |
| ଯଥାସ୍ଥିତିବାଦର ସମର୍ଥକ | ବାଲ୍ମୀକ ନାୟକ | ୨୨୯ |
| ତୁମେ ପାଖେଥିଲେ | ମୋହନ ଚନ୍ଦ୍ର ବିଷୋୟୀ | ୨୩୬ |
| ଦସ୍ୟୁ ନାୟିକା | ନବୀନ କୁମାର ପଧାନ | ୨୩୮ |
| ଶପଥ | ପ୍ରକାଶ କୁମାର ଖେନ୍ଦ | ୨୪୦ |
| ଧୂଳି | ରମଣ କୁମାର ନାଗ | ୨୪୧ |
| ଶ୍ରୀମଦ୍ ଭଗବତ୍ ଗୀତାର ଚତୁର୍ଥ ଅଧାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୪୨ |
| ବର୍ଷାରେ ମୋ ପ୍ରେମିକା | ହେମନ୍ତ ରଣା | ୨୪୪ |
| ବଢ ଆଗ୍ କେ | ଶଶାଙ୍କ ଶେଖର ସାହୁ | ୨୪୫ |

| | | |
|---|---|---|
| ତୁମେ ଆସ୍‌ବ | ଚିତ୍ତରଞ୍ଜନ ପଧାନ | ୨୪୬ |
| ମୁଇଁ କାଣା ଜନମ୍‌ଟେ ନାଇଁ ସେ? | ଦେବାଶିଷ୍ ସାଗର | ୨୪୮ |
| ଜଏ ଜବାନ୍ ଜଏ କସାନ୍ | ନରେଶ କୁମାର ତ୍ରିପାଠୀ | ୨୫୧ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୨୫୨ |

# ଶିଶୁ ବିଭାଗ

| | | |
|---|---|---|
| ରବର୍ଟ ବୃଶ୍ ଏବଂ ବୁଢିଆଣୀ | ମମତା ଦାଶ | ୨୫୬ |
| ଆସ ନୂଆବର୍ଷ | ସତ୍ୟବ୍ରତ ସାହୁ | ୨୫୮ |
| ପିମ୍ପୁଡି ଠୁ ଶିଖ ପିଲାଏ | ମାନସ କୁମାର ପାତ୍ର | ୨୫୯ |
| ଆଶିଷ ଦିଅ ଗୁରୁଜି | ସନ୍ତୋଷ ପଟ୍ଟନାୟକ | ୨୬୦ |
| କଥାଟିଏ ଶୁଣରେ ପିଲେ | ନୂତନ କୁମାର ବେହେରା | ୨୬୧ |
| ଆପେଲର ରଙ୍ଗ | ଡ଼ଃ ରଞ୍ଜିତ କୁମାର ସାହୁ | ୨୬୨ |
| ପିଲାମାନଙ୍କର ଭାବପ୍ରକାଶ | ରାଜଶେଖର ସି “ଚମା” | ୨୬୬ |
| ଭାରତ ମାଆର ଟେକ | ଚନ୍ଦ୍ର ଶେଖର ଗୋ | ୨୬୭ |
| ଆସ ଆମେ ପଢିବା | ଅବିନାଶ ବେହେରା | ୨୬୮ |
| କଥା କେଇପଦ | ହରେରାମ ପଣ୍ଡା | ୨୭୦ |
| ଜେଜେ ଆସିଥିଲେ ଗାଆଁରୁ.... | ସୁଷମା ପରିଜା | ୨୭୨ |
| ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୭୫ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୭୬ |

# ଭାରତ ଭାଗ୍ୟ ବିଧାତା



ମମତା ଦାଶ

ତାଜା ସମାଚାର
ପ୍ରତ୍ୟେକ ଥର
ସତ୍ୟବାଦୀ ମନୁଷ୍ୟକୁ
ନିଜ ସତ୍ୟବାଦୀତା ପ୍ରତି
ଅବଶୋଷ କାହିଁକି?
ଯିଏ ସତ୍ୟ କହିଦିଏ
ତାର ଖରାପ ସ୍ଥିତି କାହିଁକି?

ସ୍ୱତନ୍ତ୍ରତା କଣ
ଖାଲି ତିନଟା ରଙ୍ଗର ନାମ?
ଯାହାକୁ ଏକ ଚକ ଉଠେଇଛି
ନା, ଏହାର କିଛି ଖାସ୍ ମୂଲ୍ୟ ଅଛି

ଖାଲି ମୁଁ ନୁହେଁ
ବଡ ବଡ ଅଫିସର ଏଠି
ଡରନ୍ତି ସର୍ଦ୍ଦିକୁ, ଥଣ୍ଡା ଜରକୁ
ତର୍ଜୁବା ନିଜର ଶୁଣେଇବାକୁ
ସମୟ ନାହିଁ
ବସି ସାଙ୍ଗ ମେଳରେ
ତୁମେ ଥକଗଲେ

ଆମେ ଲଦି ବୁଲିବୁ
ଆମେ ଥକଲେ
ତୁମର ଫୁଲିଯାଏ, ହାଏ,
ବନ୍ଧୁ ଆମେ ଥକାହାରା
ଥକଲେ ବି ଚାଲୁଥିବୁ ।

ଭାରତର ପ୍ରତ୍ୟେକ ସଂକଟ
ଏକ ଗାଈ ପରି
ଠିକ୍ ସମୟରେ
ଠିକ୍ କଥା ନକହି
ରାଜନୀତି ଯେଉଁଠୁ ବି ଆରମ୍ଭ କର
ମଝି ରାସ୍ତାରେ
ଗୋବର କରିଦିଏ ବିଗ୍ଚରା ।

ରାଷ୍ଟ୍ର ଗୀତରେ
ଭାରତ ଭାଗ୍ୟ ବିଧାତା
ଫଟା ଫ୍ରକ୍ ପିନ୍ଧି
ଗାଏ ବାଳିକା
ଛୋଟରୁ ବଡ ହେବାର
ଛୋଟ ଆଶା
ଦୁନିଆକୁ ବଡ ରଖିବାର ଚେଷ୍ଟା
ଏକ ପ୍ରଗତି ମନୁଷ୍ୟତା ପ୍ରତି
ନିଜ ନାସ୍ତିକତାରେ ଅଧିକ ଧାର୍ମିକ
ଅନାସ୍ଥାରେ ଅଧିକ ସହିଷ୍ଣୁ
ଏକୁଟିଆରେ ଅଧିକ ମୁକ୍ତ
ନିଜ ଉଦାସିନତାରେ ଅଧିକ ଉଦାର ।

ଭ୍ରମପୂର୍ଣ୍ଣ ଜୀବନ ଶୈଳୀରେ
ଠିକ୍ କଥା ଭୁଲ୍ ହୋଇଯାଏ
ସତ ମିଥ୍ୟା ଲାଗେ, ଭଲ ଲାଗେ ମନ୍ଦ
ଧର୍ମ ପାପ ବନିଯାଏ
ଆଉ ଈଶ୍ୱର ଆତତାୟୀ
ପ୍ରେମ ରୋଗ ବନିଯାଏ
ଏବଂ ଲୋକ ଭୟାବହ ।

ନେତା ନା ଖବରକାଗଜର ପ୍ରଥମ ପେଜ୍
ଏହି ଭାବ ବଜାରର
ମୁଦ୍ରାସ୍ଫିତି ଯାହା ପ୍ରତ୍ୟେକ ହୃଦୟରେ ଜମା
ବଡ ବଡ କୃତ୍ତି ଏଠି
ମହଙ୍ଗା ଆଡଭ୍ଟାଇଜ୍
ମନୁଷ୍ୟ ଆଧୁନିକ ବଜାର
ଯେତେବଡ ଆର୍ଟିଷ୍ଟ ଯିଏ
ସେତେବଡ ପତ୍ରକାର ଏଠି ।

ଉଦୟ ହେବାକୁ ଯାଉଛି
ନୂଆ ଚେତନା
ଦେଶ ଦେଶ ଜନ ଜନରେ
ଏକ ନୁହେଁ କୋଟି କୋଟି ଈଶ୍ୱର ହେବେ
ଏବେ ତ୍ରିଭୁବନରେ ।

ସମ୍ପାଦିକା

# ମୋ' ଅନୁଭୂତିରେ ଶ୍ରୀଜଗନ୍ନାଥ



ଶଶଧର ମହାପାତ୍ର

ଓଡିଆ ଭାଗବତରେ ଲେଖା ପଦଟିଏ ମନେ ପଡୁଛି । ମୋ' ପିଲାବେଳେ ଏ' ପଦଟି ମୋ' ମନକୁ ବେଶ୍ ଛୁଇଁଥିଲା । "କରି କରାଉଥାଏ ମୁହିଁ, ମୋ' ବିନୁ ଅନ୍ୟ ଗତି ନାହିଁ" । ଆମ ଗାଁରେ, ଆମ ବଂଶରେ ମୋ'ର ଜଣେ ସାଆନ୍ତ (ଅଜା) ନିତିଦିନ ଗାଧୁଆବେଳେ ଗାଧୋଇସାରି ଭାଗବତ ଅଧ୍ୟାୟଟିଏ ନପଢିଲେ ଅନ୍ନସ୍ପର୍ଶ କରୁନଥିଲେ । ମୁଁ ଓଡିଆ ଭାଗବତ ନିଜେ କେବେ ପଢିନାହିଁ । ସାଆନ୍ତ ପଢୁଥିବାବେଳେ କେଇ ପଦ ବାରମ୍ବାର ଶୁଣିଶୁଣି ମୋ'ର ମନେ ରହି ଯାଇଛି । ସେ' ହେଲା - "ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ, ପଦ୍ମୁ ଗଳୁଛି ମକରନ୍ଦ । ସେ' ମକରନ୍ଦ ପାନ କରି, ହେଲେ ତରିଲେ ବ୍ରଜ ନାରୀ । ସେ' ବ୍ରଜ ନାରୀଙ୍କ ପୟରେ, ମନ ମୋ' ରହୁ ନୀରନ୍ତରେ । ମନ ମୋ' ନୀରନ୍ତରେ ରହୁ, ହାୟ କୃଷ୍ଣ ବୋଲି ଜୀବ ଯାଉ । ହାୟ କୃଷ୍ଣ ବୋଲି ଯାଉ ଜୀବ, ମୋତେ ଉଦ୍ଧର ବାସୁଦେବ' । ସାଆନ୍ତଙ୍କ ଭାଗବତ ପଢା ଚାଲିଥିବା ଭିତରେ ଅନେକ କିଛି ଘଟଣା ଘଟିଥାଏ । କେତେବେଳେ ଗାଈ ଆସିଗଲାତ ତାଙ୍କ ସ୍ତ୍ରୀକୁ କହନ୍ତି "ଗାଈ ଆସିଲା ବାନ୍ଧିପକା'। ଯେତେବେଳେ ଅଧ୍ୟାୟଟିଏ ଶେଷ ହେଇଆସିବାକୁ ଅଳ୍ପ ସମୟ ବାକଥିବ, ସେ' ଡାକ ଛାଡିବେ ତାଙ୍କ ସ୍ତ୍ରୀଙ୍କୁ "ଶୀଘ୍ର ଭାତ ବାଢ' । ମୁଁ ତାଙ୍କୁ ସେତେବେଳେ ଥଟ୍ଟା କରେ । ଅଜା - ନାତି ସଂପର୍କ ତ । ସାଆନ୍ତ ତୁମର ନିଷ୍ଠା କେତେ ? ମୁଁ କହେ- ତମର ଭାଗବତ ପଢାରେ ମନ ନା ଭାତ ପାଖରେ ମନ ନା ଆଉ ଗାଈଆଡେ ମନ ? ସେ' ଶୁଣିଲା ନଶୁଣିଲାଭଳି । ମୁଁ କ'ଣ କହେ ତାଙ୍କୁ କିଛି ଫରକ ପଡେନି । ତାଙ୍କ ଜୀବନଟାସାରା ଏମିତି ସବୁଦିନେ ଚାଲିଥିଲା । ହାଇସ୍କୁଲ ପାଶ୍‌କରି ଯେତେବେଳେ ମୁଁ କଲେଜକୁ ପଢିବାକୁ ଗଲି ସେ' ପର୍ଯ୍ୟନ୍ତ ମୁଁ ଓ ସାଆନ୍ତ ତାଙ୍କ ଘରେ ଗୋଟିଏ ଖଟରେ

ଖରାବେଳେ କି ରାତିରେ ଶୋଉଥିଲୁ । ଖରାଦିନେ ତାଙ୍କ ଘରକୁ ଝର୍କାବାଟେ ଭଲ ଦକ୍ଷିଣା ପବନ ଦିଏ । ଦିହେଁ କେତେ କ'ଣ କଥାବାର୍ତ୍ତା ହେଉ । ସାଆନ୍ତ ଆମକୁ ଛାଡି ଆଜିକୁ ଅନେକ ବର୍ଷ ହେଲା ସ୍ୱର୍ଗପୁରେ। ବେଳେବେଳେ ନିରୋଳାରେ ବସିଲେ ସେ' କଥା ମନେ ପଡେ । ଆଜି ମୁଁ ନିଜେ ଓ ମୋ' ଭଳି ନିଜକୁ ଅତ୍ୟାଧୁନିକ ବୋଲାଉଥିବା ମଣିଷ ନିଜ ଅଫିସ୍ କାମ ଓ ସାଂସାରିକ ଜଞ୍ଜାଳରେ ଏତେ ବ୍ୟସ୍ତ ଯେ ଆମକୁ ପାଞ୍ଚ ମିନିଟ୍ ସମୟ ଭଗବାନଙ୍କ ପାଇଁ କି ନିଜ ଆଧ୍ୟାତ୍ମିକ ଚିନ୍ତାଧାରା ଓ ଚେତନାର ଅଭିବୃଦ୍ଧି ପାଇଁ ବାହାର କରିବା କଷ୍ଟକର । କହିବା ଖୁବ୍ ସହଜ । କିନ୍ତୁ, କରିବା ବାସ୍ତବରେ କେତେ କଷ୍ଟକର। ବିଚରା ସାଆନ୍ତ ମୋ'ର ପ୍ରତିଦିନ, ବର୍ଷବର୍ଷ ଧରି, କି ଖରା, କି ବର୍ଷା, କି ଶୀତ, ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭାଗବତ ଅଧ୍ୟାୟଟିଏ ଗାଧୁଆବେଳେ ପଢୁଥିଲେ ଓ ପଢା ନସରିବା ଯାଏ ଭାତ ଖାଉ ନଥିଲେ । ସେତିକି ତାଙ୍କପାଇଁ ଯଥେଷ୍ଟ ନୁହେଁକି ? ଈଶ୍ୱରଙ୍କ ପ୍ରତି କିଛି ନିଷ୍ଠା ଓ ବିଶ୍ୱାସତ ନିଶ୍ଚୟ ଥିଲା ତାଙ୍କର । ଆଜି ଆମଭଳି ସଂସାରୀ କେଉଁ ଗୁଣରେ ତାଙ୍କଠୁ ଅଧିକ ହେଇପାରିଲୁକି ? ଆଜିର ଶିକ୍ଷିତ ବ୍ୟକ୍ତି ସବୁ କେବଳ ଭଗବାନଙ୍କୁ ତର୍କ ବିତର୍କକୁ ଟାଣି ଆଣିଥାଉ । ଆମକୁ ସୁହାଇଲା ଭଳି କଥା କହିବା ଓ ତାକୁ କାମରେ ଲଗାଇବାରେ ଆମେ ଧୁରନ୍ଧର । ପ୍ରଭୁଙ୍କର ଗୁଣ, ଗାରିମାର ଗାନ/କୀର୍ତ୍ତନ ଓ ଶ୍ରବଣ କରିବାକୁ ଆମର ସମୟ କାହିଁ ? କୁହାଯାଇଛି - "ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର'। ଈଶ୍ୱରପ୍ରାପ୍ତି ପାଇଁ ବିଭିନ୍ନ ମାର୍ଗ ମଧ୍ୟରୁ "ଭକ୍ତିମାର୍ଗ' ଗୋଟିଏ ସହଜ ମାର୍ଗ ବୋଲି କୁହାଯାଇଛି । ଏଥିରେ ସମର୍ପଣକୁ ପ୍ରାଧାନ୍ୟ ଦିଆଯାଇଛି । ଅଧିକାଂଶ ବୁଦ୍ଧିଜୀବି ବିଭିନ୍ନ ସମୟରେ ପ୍ରଶ୍ନ କରିଥିବାର ଶୁଣିଛି । ଭଗବାନ କିଏ ? ଭଗବାନ ବାସ୍ତବରେ ଅଛନ୍ତି କି ନାହାଁନ୍ତି ? ଯଦି ଅଛନ୍ତି ତେବେ କେଉଁଠି ? ତାଙ୍କୁ ଦେଖିଛ କି ? ଏ ସବୁ ପ୍ରଶ୍ନର ଉତ୍ତର ଦେବାପାଇଁ ମୋ' ପାଖରେ ସେ' ଜ୍ଞାନ ନାହିଁ । ମୁଁ ଜଣେ ନିହାତି ସାଧାରଣ ମଣିଷ | ମୋ' ନିଜ ଅଭିଜ୍ଞତା ଓ ଅନୁଭୂତିରୁ କେତୋଟି ଛୋଟିଆ ଘଟଣା ପାଠକମାନଙ୍କ ପାଇଁ ଏଠାରେ ପ୍ରକାଶ କରୁଛି । ଆଶା କରୁଛି, ସେଥିରୁ ସେମାନଙ୍କର ଅନେକ ପ୍ରଶ୍ନର ଉତ୍ତର ବାହାରି ପଡିବ । କବି ଭାଇନା (ସ୍ୱର୍ଗତ କବି ପ୍ରସାଦ ମିଶ୍ର, ଯିଏକି "ବାଇଶି ପାହାଚ' ବହି ଲେଖିଛନ୍ତି), ତାଙ୍କଭଳି ମୁଁ ଜଣେ ଭଲ ଲେଖକ ନୁହେଁ । "ବାଇଶି ପାହାଚ' ବହିଟି ମୁଁ ୩/୪ ଥର ପଢିଛି । ଭାଇନା ସେଥିରେ ମହାପ୍ରଭୁ

ଶ୍ରୀଜଗନ୍ନାଥଙ୍କୁ ନେଇ ତାଙ୍କର ଅନୁଭୂତିକୁ ଖୁବ୍ ସ୍ୱଷ୍ଟ ଓ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଯେତେଥର ସେ ବହି ପଢିଛି, ସେତେଥର ମୋ ଆଖିରେ ଲୁହ ଆସିଛି ।

୨୦୧୧ ଫେବୃଆରୀ ମାସ। ଆମ ଗାଁ "ଚନ୍ଦନ ଶ୍ରୀକ୍ଷେତ୍ର' ରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା, ମା' ଲକ୍ଷ୍ମୀ, ମା' ବିମଳା, ଶ୍ରୀଗଣେଶ, ଶ୍ରୀରାଧା-କୃଷ୍ଣ ଓ ନବଗ୍ରହ ପ୍ରଭୃତି ବିଗ୍ରହମାନଙ୍କର ପ୍ରତିଷ୍ଠାପାଇଁ ଡାକରା ଆସିଲା । ଏଇଠି ଟିକିଏ ମନ୍ଦିର ବିଷୟରେ କହି ବସେ । ୨୦୦୪ ମସିହା ପୂର୍ବରୁ ଏକ ଜଗନ୍ନାଥ ମନ୍ଦିର ଆମ ଗାଁରେ ତୋଳିବାକୁ ମୋ' ସ୍ୱପ୍ନରେ ମଧ୍ୟ ସ୍ଥାନ ପାଇ ନଥିଲା । ମହାପ୍ରଭୁଙ୍କ କୃପାରୁ ଏହା ୨୦୦୪ ମସିହା ଶେଷ ଆଡକୁ ମନରେ ଆସିଲା । ପ୍ରଥମେ ମୋ' ସାନଭାଇ, ଭଉଣୀ, ଭିଣୋଇ, ଭାଇବୋହୂ, ଆମ ଗାଁରେ ଦାଦା, ଖୁଡି ପ୍ରଭୃତିଙ୍କୁ ଏ' ବିଷୟରେ ଅବଗତ କରାଇଲି । ସମସ୍ତଙ୍କଠାରୁ "ନା' ବୋଲି ଉତ୍ତର ଆସିଲା ।ସେମାନଙ୍କର କହିବା କଥା - "ଜଗନ୍ନାଥ ମନ୍ଦିରଟିଏ ତିଆରି କରିବା ଓ ଚଳେଇବା ଏତେ ସହଜ ନୁହେଁ । ଜଗନ୍ନାଥଙ୍କର ବାର ମାସରେ ତେର ପର୍ବ ।ସେ' ସବୁ ନୀତି, ନିୟମ, ପର୍ବ, ପର୍ବାଣୀ ପାଳନ କରିବା ସହଜ ବ୍ୟାପାର ନୁହେଁ । ଦ୍ୱିତୀୟତଃ, ଗାଁ'ରେ ଗ୍ରାମଦେବତୀଙ୍କୁ ପୂଜା କରିବାକୁ ଜଣେ ବ୍ରାହ୍ମଣ ସହଜରେ ମିଳୁ ନାହାଁନ୍ତି, କି ଗାଁ'ରେ ଟଙ୍କାଟିଏ ଦେବାକୁ କେହି ରାଜି ନାହାଁନ୍ତି । ଜଗନ୍ନାଥ ମନ୍ଦିର ଓ ତାଙ୍କ ବେଢାରେ ଥିବା ଅନ୍ୟ ମନ୍ଦିରମାନଙ୍କରେ ଦୈନନ୍ଦିନ ପୂଜା ଓ ଠାକୁରଙ୍କ ନୀତିପାଇଁ ୩/୪ ଜଣ ଭଲ ବ୍ରାହ୍ମଣ ଓ ସଫାସଫି କରିବାକୁ ଜଣେ କି ଦି' ଜଣ ଲୋକ ନହାତି ଦରକାର । ମନ୍ଦିର କାମ ଆରମ୍ଭ ହେଲେ ସରେନା । ଏ' ଏକ ବିରାଟ ଯୋଜନା । ଏହାକୁ କାର୍ଯ୍ୟକାରୀ କରିବା ଅସମ୍ଭବ ।' ଏ' ସବୁ ନାସ୍ତିବାଚକ ଉତ୍ତର ଶୁଣି ମନକୁ ଟିକେ କଷ୍ଟ ହେଲା । ଏ' ବିଷୟରେ ମୋ' ସ୍ତ୍ରୀ (ମୀରା) ଓ ପିଲା ଦୁହିଁକୁ (ଝିଅ ଶର୍ମିଷ୍ଠା ଓ ପୁଅ ସିଦ୍ଧାର୍ଥକୁ) ଜଣାଇଲି । ମୀରାଠୁ ମଧ୍ୟ ସେମିତିକା ଉତ୍ତର ମିଳିଲା । ପୁଅ ଓ ଝିଅ ଦିହିଁଙ୍କର ସେମିତି କିଛି ପ୍ରତିକ୍ରିୟା ଥିଲାଭଳି ଜାଣିଲିନି "ହଁ" "ନାଁ" । ଏଭଳି ଉତ୍ତର ମଧ୍ୟ ସେମାନଙ୍କଠୁଁ ଆଶା କରିଥିଲି । ତା'ପରେ ମୀରାର ସାନଭାଇ (ତୁଷାର) ଯିଏକି ଆମେରିକାର "ଟେକ୍ସାସ' ରାଜ୍ୟରେ ଅବସ୍ଥିତ "ଅଷ୍ଟିନ" ସହରରେ ରହେ, ତାକୁ ଫୋନ୍‌କରି

ତା'ର ମତାମତ ଲୋଡିଲି । ତା'ଠୁଁ ମଧ୍ୟ କିଛି ଉତ୍ସାହ ମିଳିଲାନି । କିନ୍ତୁ, ଏସବୁ ମୋତେ ସେତେ ବିଚଳିତ କରିନଥିଲା । ଦିନେ ମୋ'ର ଜଣେ ସାନଭାଇ (ଡଃ ନରେଶ ଦାସ) ସହିତ ଏ' ପ୍ରସଙ୍ଗରେ କଥାହେଲି । ନରେଶ ଜଣେ ଜଗନ୍ନାଥ ପ୍ରେମୀ । ମୁଁ କହିଲି - ନରେଶ, ମୁଁ ନିକଟରେ ସନ୍ଧ୍ୟାବେଳେ ପ୍ରାର୍ଥନା କରୁଥିଲି । ଏ' କେଇଦିନ ହେଲା ଅବଶ୍ୟ ମୋ' କଳ୍ପନାରେ ଥିଲା ଯେ ଆମ ଗାଁରେ ଆମ ଅଞ୍ଚଳପାଇଁ କିଛିଟା କରିବାକୁ। କ'ଣ କରାଯାଇପାରେ ବୋଲି ଭାବୁଥିଲି । ହଠାତ୍ ମୋ' ମନରେ ଜଗନ୍ନାଥ ମନ୍ଦିର କଥା ଆସିଲା । ଅନୁଭବ କଲି ସତେ ଠାକୁରେ ମୋତେ କହୁଛନ୍ତି - "ଏଇତ ମୁଁ ତୋ' ସାମ୍ନାରେ, ଖୋଜୁଛୁ କାହାଙ୍କୁ' । ଏମିତି ଭାବନା କାହିଁକି ଜାଗ୍ରତ ହେଲା ମୁଁ ଟିକଏ ବିଶ୍ଳେଷଣ କରିବାକୁ ଲାଗିଲି । ସେଇଠୁ ଜଗନ୍ନାଥ ମନ୍ଦିର ତୋଳିବାର ଆଶା ଉଦ୍ରେକ ହେଲା । ମୁଁ କହିଲି ଯେ ସମସ୍ତଙ୍କୁ ମୁଁ କହିସାରିଲିଣି, କିନ୍ତୁ, କେହି ସାହସ ଓ ସହଯୋଗ ଦେବାର ହାତ ବଢାଉ ନାହାଁନ୍ତି । ନରେଶ ପାଟିରୁ ହଠାତ୍ ବାହାରି ଆସିଲା - ବଡଭାଇ, ତୁମ କଳ୍ପନାରେ ଆସିଲାଣି ମାନେ ତୁମେ କର । ନିଶ୍ଚୟ କିଛି ବାଟ ସେ' ଦେଖେଇବେ । ବୋଧହୁଏ ମହାପ୍ରଭୁ ତା' କଣ୍ଠରେ ବସିଲେ । ମନରେ ଟିକଏ ସାହସ ବାନ୍ଧିଲି । ଦିନେ ଠାକୁରଙ୍କୁ ମୁଣ୍ଡିଆ ମାରି ତାଙ୍କର ଆଶିର୍ବାଦ ଲୋଡିଲି । ହେ ପ୍ରଭୁ ! ଏ' ମନ୍ଦିର ତ ତୁମପାଇଁ ହେଉଛି । ମୋ' ମନସ୍କାମନା ପୂର୍ଣ୍ଣକର । ମୋତେ ସାହସ, ଶକ୍ତି, ସାମର୍ଥ୍ୟ ଦିଅ । ତାପରେ ଦିନେ ନିଷ୍ପତ୍ତି ନେଲି ଯେ ଯେତେ ବଧାବିଘ୍ନ ଆସୁପଛେ ମନ୍ଦିର ନିଶ୍ଚୟ ହେବ । ମୋ' ଜିଦ୍‌ରେ ଅଟଳ ରହିଲି । ସେ' ଦିନଠୁ ଆଉ ପଛକୁ ଗୁହିଁନାହିଁ । ପିଲାବେଳୁ ମୁଁ ବେଶ୍ ଜିଦ୍‌ଖୋର ବୋଲି ସମସ୍ତେ ଜାଣନ୍ତି । କିଛି ମାସ ବିତିଗଲା । ଶେଷରେ କିଛି ଉପାୟ ନପାଇ ସମସ୍ତେ ମୋ' କଥାରେ ସହମତ ହେଲେ । ଯେଉଁମାନେ ରାଜି ନଥିଲେ ଆଜି ସେମାନେ ଡ୍ରାଇଭର ସିଟ୍ ରେ ଓ ମୁଁ ପଛ ସିଟ୍ ରେ । ୨୦୦୫ ମସିହା ଅଗଷ୍ଟ ମାସରେ ଭୂମି ପୂଜା ହେଇ ମନ୍ଦିର ଶୁଭକାମ ଆରମ୍ଭ ହେଲା । ମନ୍ଦିରପାଇଁ କାରିଗର ଖୋଜାଗଲା । ସେମାନଙ୍କୁ ଖୋଜି ପାଇବା ସେ' ଏକ ଦୈବିକ ଅନୁଭୂତି ।

ଆମ ଗାଁ ମୁଣ୍ଡର ମୋ' ପିଲାବେଳେ ମଠଟିଏ ଥିଲା । ସେଠି ଜଣେ ସାଧୁ ("ଗୌତମ ବାବା') ଓ ମାତା ("ସରସ୍ୱତୀ') ରହୁଥିଲେ । ସେ' ସମୟରେ ଦୋଳ ପୂର୍ଣ୍ଣିମାରେ

ଗୋଟିଏ ଯଜ୍ଞ ଓ ଯାତରା ପ୍ରାୟ ୩/୪ ଦିନଧରି ହେଉଥିଲା । ତାଙ୍କର ଗୁରୁ ଶ୍ରୀ ଦୟାନିଧି ପରମହଂସ ଦେବ ("ଦୟାନିଧି ବାବା") ଯଜ୍ଞ କାମ ସୁଗ୍ଭରୁରୂପେ ବୁଝୁଥିଲେ । ଆମ ଅଞ୍ଚଳରେ ମୋ' ବାପା, ବୋଉ ଭଳି ଅନେକ ସେତେବେଳେ ତାଙ୍କଠୁ ଦୀକ୍ଷା ନେଇଥିଲେ । କାହିଁ କେଉଁଆଡୁ ଆସି ଲକ୍ଷାଧିକ ଲୋକେ ରୁଣ୍ଡ ହେଉଥିଲେ ଯଜ୍ଞ ଓ ଯାତରା ଦେଖିବାପାଇଁ । ଯଜ୍ଞ ଆରମ୍ଭରୁ ଶେଷ ହେବା ଯାଏ ମହାମନ୍ତ୍ର ଓ କୀର୍ତ୍ତନ ଗ୍ଭଲେ । ଶେଷ ଦିନ ପୂର୍ଣ୍ଣାହୂତି ହୁଏ । ସମସ୍ତଙ୍କପାଇଁ ମାଗଣାରେ ଭୋଜନର ବ୍ୟବସ୍ଥା ମଧ୍ୟ ହୁଏ । ସେ' ଅନୁଭୂତି ଥିଲା ନିଆରା । ପ୍ରାୟ ଷୋହଳ ବର୍ଷଧରି ଯଜ୍ଞ ହେଲା । ଆମେମାନେ ଗୁଣ୍ଡୁଚ ମୂଷା ଭଳି ସେଥିରେ ଆମର ପାରୁପର୍ଯ୍ୟନ୍ତ ସାହାଯ୍ୟ ଓ ସହଯୋଗ ଦେଉଥିଲୁ । କାଳକ୍ରମେ ଗୌତମ ବାବା ଓ ମାତା ଏ' ସଂସାରରୁ ବିଦାୟ ନେଲେ । ୧୯୭୧ ମସିହା ବାତ୍ୟାରେ ମଠଘର ଭୁଷୁଡି ପଡିଲା । ମରାମତି ହେଲା । ପୁଣି ପର ବାତ୍ୟାରେ ଭାଙ୍ଗି ପଡିଲା । ଆଜି ସେ' ମଠର ଚହ୍ନବର୍ଣ୍ଣ ମଧ୍ୟ ନାହିଁ । ସେ' ଜାଗା ଖଣ୍ଡିକ ଓ କେତୋଟି ମଲାଭଳି ଦିଶୁଥିବା ଅଫଳନ୍ତି ନଡିଆ ଗଛ ମୂକସାକ୍ଷୀ ଭଳି ଯାହା ପଡି ରହିଛି । ଗୌତମ ବାବା ବଞ୍ଚିଥିଲା ବେଳେ ମଠକୁ ଆମର ଖଣ୍ଡେ ଜାଗା ମଧ୍ୟ ଦାନ କରାଯାଇଥିଲା । ସେ' ଆଉ ଏକ କାହାଣୀ । ମଠକୁ ଲାଗି ଯଜ୍ଞ ପଡିଆ । ତାକୁ ଲାଗି ଆମର କିଛି ଜମି ଅଛି । ସେଠି ମନ୍ଦିରଟି କରିବାକୁ ମୁଁ ନିଷ୍ପତ୍ତି ନେଲି । ସାନଭାଇକୁ (ବୁଲୁ, ଘନଶ୍ୟାମ) କହି ଆଉ କିଛି ଜମି ଆମ ଜମିକୁ ଲାଗି କଣା ହେଲା । କିନ୍ତୁ, ଶେଷରେ ଏପଟ ସେପଟ ହେଇଗଲା । ବିଧିର ବିଧାନ ଯାହା । ଦିନେ ମୀନା ("ବୁଲୁ'ର ସ୍ତ୍ରୀ) ସହ କଥାହେଲାବେଳେ ଖବର ମିଳିଲା ଯେ ଆମ ଗାଁ ଓ ପାଖ ଗାଁର ଗ୍ରାମବାସୀମାନେ ଗ୍ଭହୁଁଛନ୍ତି ଆମ ଗାଁର ଆର ମୁଣ୍ଡର ଥିବା ଆମର ଏକ ଡିହରେ ମନ୍ଦିର ସ୍ଥାପନ କରିବାକୁ । ସେ' ଡିହ ପାଖରେ ଏକ ବିରାଟ ବଟବୃକ୍ଷ । ତା' ପାଖରେ ଆମ ଗ୍ରାମଦେବତୀଙ୍କ ("ଶାଶୁଭୂଆଶୁଣୀ') ମନ୍ଦିର । ଆମ ଡିହକୁ ଲାଗି ଜଣେ ଦାଦାଙ୍କର ଡିହଟିଏ ଥିଲା । ସେ' ମଧ୍ୟ ଦାନ କରିବାକୁ ପ୍ରତିଶ୍ରୁତି ଦେଲେ । ତାଙ୍କ ଡିହ ତଳକୁ ଆମ ପଡିଶା ଗାଁର ଜଣେ ତନ୍ତୀପରିବାର ତାଙ୍କର ଦୁଇ ଗୁଣ୍ଠ ଜମି ମଧ୍ୟ ଦାନ କରିବାକୁ କହିଲେ । ମୋ' ପାଖରେ ଏ' ଖବର ପହଞ୍ଚିଲା । ମୁଁ ପ୍ରାୟ ସବୁଦିନେ ଫୋନରେ ଭାଇ, ଭଉଣୀମାନଙ୍କ ସହ କଥା ହୁଏ । ମୋ'ର ଏଥିରେ ଅରାଜି ହେବାର ପ୍ରଶ୍ନ ନଥିଲା ।

ମୁଁ କହିଲି ଯେତେବେଳେ ଗ୍ରାମବାସୀମାନେ ସେଥିରେ ରାଜି ମୁଁ ମଧ୍ୟ ରାଜି । ଏ' ମନ୍ଦିରତ ସେହିମାନଙ୍କ ପାଇଁ । ତାହାହିଁ ଶେଷରେ ହେଲା । ରାତାରାତି ପ୍ଲାନ ସବୁ ବଦଳଗଲା । ସେଇଠି ମନ୍ଦିର କାର୍ଯ୍ୟର ଆରମ୍ଭ ହେଲା । ଆମେ ମାନୁ କ ନମାନୁ ଏ' ସବୁ ପ୍ରଭୁଙ୍କର ଇଚ୍ଛା । ଏଥିରୁ ପ୍ରମାଣ ମିଳେ ଯେ ଆମେ ଯେଉଁଠି ଚାହିଁଲେ ନୁହେଁ, ଯେଉଁଠି ପ୍ରଭୁ ଚାହିଁବେ ପ୍ରତିଷ୍ଠିତ ହେବାକୁ ତାହାହିଁ ସବୁବେଳେ ହୁଏ । ଆମେ ନାମକୁ ମାତ୍ର । କିନ୍ତୁ, ଏଇଠି ପାଠକମାନଙ୍କୁ ସୂଚେଇଦେବାକୁ ଚାହେଁଯେ ମୁଁ ମୋ' ସ୍ୱପ୍ନରେ କେବେ ଭାବିନଥିଲି ଯେ ମନ୍ଦିରଟି ଏଇଠି ହେଉବୋଲି ।

ମନ୍ଦିର କାମ ଦ୍ରୁତ ଗତିରେ ଚାଲିଲା । ୨୦୧୧ ମସିହା ଫେବୃଆରୀ ମାସ ୮ ତାରିଖ ସରସ୍ୱତୀ ପୂଜାଦିନ ମନ୍ଦିରରେ ବିଗ୍ରହମାନଙ୍କର ସ୍ଥାପନ ଆରମ୍ଭହୋଇ ୩ ଦିନ ଭିତରେ ସରିବ ବୋଲି ଶୁଭ ବେଳା ଦିନ, ବାର, ନକ୍ଷତ୍ର ଦେଖି ଠିକ୍ ହେଲା । ସେ' ଖୁସି ଖବର ମୋ' ପାଖରେ ପହଞ୍ଚିଲା । ଆମକୁ ଯିବାକୁ ହେବ । ସଂକଳ୍ପରେ ମୁଁ ଓ ମୋ'ର ସ୍ତ୍ରୀ "ମୀରା' ବସିବା ପ୍ରସଙ୍ଗ ଉଠିଲା । ମୁଁ ମୋ' ସାନଭାଇକୁ କହିଲି - ତୁ ଓ ତୋ' ସ୍ତ୍ରୀ "ମୀନା'ର ବେଶୀ ଅବଦାନ ଏଥିରେ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦିହେଁ ସମସ୍ତ ଦାୟିତ୍ୱ ବହନ କରିଛ, ଦିନରାତି ଅନିଦ୍ରାହେଇ ଅଜସ୍ର ଖଟିଛ, ତେଣୁ ତୁମେ ଦିହେଁ ମୁଖ୍ୟକର୍ତ୍ତା ହେବାକୁ ଯୋଗ୍ୟ । ତୁମେ ଦିହେଁ ସଂକଳ୍ପରେ ବସିବାପାଇଁ ହକଦାର । ଦୁହେଁ ରାଜି ହେଲେନି । ମୁଁ ଓ ମୀରାକୁ ସଂକଳ୍ପରେ ବସିବାକୁ ବାଧ୍ୟ କଲେ । ଅନ୍ୟମାନଙ୍କଠାରୁ ମଧ୍ୟ ଚାପ ପଡିଲା । ଶେଷରେ ସେଇଆ ହିଁ ହେଲା । ଆମେ ଆମର ସମ୍ମତି ଦେଲୁ । ଆମେ ଟିକେଟ ବୁକିଂ କଲୁ ଓଡିଶା ଯିବାପାଇଁ ଫେବୃଆରୀ ୩ ତାରୀଖ, ଗୁରୁବାର ଦିନ ତିନି ସପ୍ତାହ ପାଇଁ । ବିରଜା କ୍ଷେତ୍ରରୁ ୧୨ ଜଣ ଓ ଆମ ନଜର ବ୍ରାହ୍ମଣ ମିଶି ଏ' କାମ ସୁରୁରୁପେ କରିବାର ଯୋଜନା ହେଲା । ଅନ୍ୟ ଅତିଥିମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଗଲା। ଦିନରାତି ଗାଁରେ ମାରାଥନ ଗତିରେ କାମ ଚାଲିଥାଏ । ଅଖିଆ, ଅପିଆ ତାଙ୍କର । ଦିନ ଯେତେ ପାଖେଇ ଆସୁଥାଏ, ମୋ' ମନରେ ସେତେ ଉତ୍କଣ୍ଠା, ଉତ୍ସାହ ଓ ଉଦ୍ଦୀପନା ବଢୁଥାଏ । ରେଗାନ୍ ଏୟାରପୋର୍ଟ, ୱାସିଙ୍ଗଟନ୍ ଡିସିରୁ ଆମେରିକାନ ଏୟାରଲାଇନ୍ସ୍ ଫ୍ଲାଇଟ୍ ନମ୍ବର ୮୭୭ରେ ଫେବୃଆରୀ ୩ ତାରୀଖ ସଂଧ୍ୟା ୫.୧୫ରେ

ବାହାରି ଚକାଗୋର "ଓହାରେ' ଏୟାରପୋର୍ଟରେ ୭.୩୦ରେ ପହଞ୍ଚିବାର ଥିଲା ଓ ଚକାଗୋରୁ ଆମେରିକାନ୍ ଏୟାରଲାଇନ୍ସ୍ ଫ୍ଲାଇଟ୍ ନମ୍ବର ୨୯୨ ସଂଧା ୭.୩୫ରେ ବାହାରି ଦିଲ୍ଲୀ ଅଭିମୁଖେ ଯିବାରଥିଲା । କନ୍ତୁ, ପ୍ରାୟ ୩ ଦିନ ପୂର୍ବରୁ ବିରାଟ ଅଘଟଣଟିଏ ଘଟିଗଲା । ଫେବୃଆରୀ ମାସରେ ମିଡ୍‌ୱେଷ୍ଟ ଓ ନର୍ଥ-ଇଷ୍ଟ ଆମେରିକାରେ ସାଧାରଣତଃ ବେଶୀ ତୁଷାରପାତ ହେଇଥାଏ । ସେତେବେଳେ ଏତେ ତୁଷାରପାତ ହେଲାଯେ ଅଧିକାଂଶ ରାଜ୍ୟରେ ଏୟାରପୋର୍ଟ ଗୁଡିକ ଅନର୍ଦ୍ଧିଷ୍ଟ ସମୟପାଇଁ ବନ୍ଦ ହେଇଗଲା । ହଜାର, ହଜାର ଫ୍ଲାଇଟ୍ ଗୁଡିକର ସବୁ ଯିବା, ଆସିବା ବାତିଲ୍ ହେଇଗଲା । "ଓହାରେ' ଏକ ପ୍ରମୁଖ ଏୟାରପୋର୍ଟ । କଛି ବର୍ଷ ତଳେ ପୃଥିବୀର ସବୁଠୁ ବ୍ୟସ୍ତ ଏୟାରପୋର୍ଟ ଭାବେ ଗଣା ଥିଲା। ଏବେ ତାର ସ୍ଥାନ ପଞ୍ଚମରେ । ତା' ପୂର୍ବରୁ ଆମରିକାରେ (ଆଟ୍‌ଲାଣ୍ଟା), ଚାଇନାରେ (ବେଇଜିଂ), ଲଣ୍ଡନରେ (ହିଥ୍ରୋ) ଓ ଜାପାନରେ (ଟୋକିଓ) ଭଳି ବଡ ଏୟାରପୋର୍ଟ ସ୍ଥାନ ମାଡି ବସିଛନ୍ତି । ମୁଁ ପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କରୁଥିଲି ମନେମନେ ଯେ ମୁଁ ତୁମ କାମପାଇଁ ଯାଉଛି । ଯଦି କୌଣସି କାରଣରୁ ନପହଞ୍ଚି ପାରିଲି ତେବେ ସବୁ ବିଘ୍ନ ହେଇଯିବ । ତମକୁ ଲାଗିଲା ପ୍ରଭୁ । ତୁମେ ଏକଥା ବୁଝିବ । ନହେଲେ ତୁମର ଅପଯଶ, ଅପନନ୍ଦା ହେବ । ମୁଁ ସେତେ ବିଚଳତ ନହେଇ ମୋ' କାମରେ ଲାଗିଥାଏ । ଏତେଦିନ ପାଇଁ ଯିବି ତେଣୁ ସବୁ ବାକ କାମ ସାରି ଯିବାକୁ ପଡିବ । ମୋର ଦିଜଣ ଷ୍ଟାଫ୍ (ସୁଶାନ୍ତ ଘୋଷ୍ ଓ ପରମିତା ସେନ୍‌ଗୁପ୍ତା) ମୋ' ଅପେକ୍ଷା ବେଶୀ ଚନ୍ତିତ ଥିଲା ଭଳି ଜଣାପଡୁଥିଲେ । ସେମାନେ ସବୁକଥା ଜାଣିଥିଲେ । ଏକ ପରିବାର ଭଳି । ମୁଁ ତାଙ୍କୁ କଛି ଲୁଚାଇନଥିଲି । ମୋତେ ବାରମ୍ବାର ଖବର ଦିହେଁ ଦେଉଥାନ୍ତି ଫ୍ଲାଇଟ୍ ଷ୍ଟାଟସ ବିଷୟରେ । ମୁଁ ମଧ ବେଳେବେଳେ ସମୟ ପାଇଲେ ଇଣ୍ଟରନେଟ୍ ରେ ଚେକ୍ କରୁଥାଏ ଏୟାରପୋର୍ଟ ଖୋଲିଲା କ ନାହିଁ, ବିମାନ ଚଳାଚଳ ଆରମ୍ଭ ହେଲାକ ନାହିଁ । ସେମାନଙ୍କ କଥା ଟିକଏ ନର୍ଭସ୍ କରିଦେଉଥାଏ, ତଥାପି ମନରେ ମୋର ଦୃଢ ବିଶ୍ୱାସ ଥାଏ ଯେ ପ୍ରଭୁ କଛି ଲୀଳା ନଷ୍ଚୟ ଦେଖେଇବେ । ଭାଇନା, ଶ୍ରୀଯୁକ୍ତ କବି ମିଶ୍ରଙ୍କ "ବାଇଶି ପାହାଚ" ବହିରେ ପଢିଥିବା ଗଳ୍ପ ମୋର ମନେ ପଡୁଥାଏ । ଫେବୃଆରୀ ୨ ତାରୀଖ ରାତି ୯ଟା ପର୍ଯ୍ୟନ୍ତ ମୁଁ ଅଫିସରେ କାମ କରୁଥାଏ । ତା' ଭିତରେ କେତେବେଳେ କେମିତି ଏୟାରଲାଇନ୍‌ସ୍‌କୁ ଡାକ ପଚାରୁଥାଏ । ସେମାନେ କହୁଥାନ୍ତି ଯେ ଆସନ୍ତାକାଲି ସକାଳେ

ଏୟାରପୋର୍ଟ ଖୋଲାଯିବାର ଅଛି । ତୁମ ଫ୍ଲାଇଟ୍ ଏଯାଏ ବାତିଲ୍ ହେଇନାହିଁ । ତୁମେ କାଲି ସକାଳେ ଚେକ୍ କର । ଘର ଛାଡିବା ପୂର୍ବରୁ ଫ୍ଲାଇଟ୍ ଷ୍ଟାଟସ ସଠିକ୍ ଜାଣିସାରିଲା ପରେ ଏୟାରପୋର୍ଟକୁ ଆସ ।

ସକାଳୁ ଫୋନ୍‌କରି ଜାଣିବାକୁ ପାଇଲି ଯେ "ଓହାରେ' ଓ "ରେଗାନ୍" ଏୟାରପୋର୍ଟ ଖୋଲା ହେଇଛି । ମନ ଟିକଏ ଖୁସି ଲାଗିଲା । ଯାହାହେଉ, ଠାକୁରେ ଡାକ ଶୁଣିଲେ । ଇଣ୍ଟରନେସନାଲ୍ ଫ୍ଲାଇଟ୍ ରେ ୩ ଘଣ୍ଟା ପୂର୍ବରୁ ଏୟାରପୋର୍ଟରେ ପହଞ୍ଚିବା କଥା । ଆମେ କିଛି ସମୟ ହାତରେ ରଖି "ରେଗାନ' ଏୟାରପୋର୍ଟରେ ପହଞ୍ଚିଗଲୁ । ଟିକେଟ୍, ଭିସା ଓ ଲଗେଜ୍ ଯାଞ୍ଚ ହେଲା । ତାପରେ ସେକ୍ୟୁରିଟି ଚେକଂ କରି ଆମେ ଅପେକ୍ଷା ଗୃହରେ ଯାଇ ବସିଲୁ । ପୁଣି ଏକ ସମସ୍ୟା ପହଞ୍ଚିଗଲା । ଘୋଷଣା ହେଲା ଯେ ବିମାନଟି ଅଢେଇ ଘଣ୍ଟା ବିଳମ୍ବରେ ଛାଡିବ ।ଆମ ବିମାନଟି ଚକାଗୋରେ ପହଞ୍ଚିଲାବେଳକୁ ଚକାଗୋରୁ ଦିଲ୍ଲୀ ଯାଉଥିବା ବିମାନଟି ସେତେବେଳକୁ ଛାଡି ଦେଇଥିବ । ଖୁସି ଟିକକ ସବୁ ପାଣିରେ ମିଳେଇ ଗଲା । ଭାବିଲି, ବୋଧହୁଏ ପ୍ରଭୁଙ୍କର ପରୀକ୍ଷା ଏଯାଏ ସରିନାହିଁ। ହାର୍ଟବିଟ୍ ବଢିବାରେ ଲାଗିଲା । ମୀରା ଓ ମୁଁ ଦିହେଁ ନୀରବ । କେହି କାହାକୁ କଛି ନକହି ସେମିତି ବସି ଥାଉ ।

ବିମାନଟି ଶେଷରେ ୱାସିଙ୍ଗଟନ୍ ଡିସିରୁ ଅଢେଇ ଘଣ୍ଟା ବିଳମ୍ବରେ ଛାଡିଲା । ଦୁର୍ଭାଗ୍ୟବଶତଃ, ବିମାନଟିର ଶେଷ ଆଡକୁ ଆମ ଦିହିଁଙ୍କର ବସିବାକୁ ସିଟ୍ ମିଳଥିଲା । ଚକାଗୋରେ ପହଞ୍ଚିବା ଟିକଏ ପୂର୍ବରୁ ମୁଁ ମୀରାକୁ କହିଲି ଯେ ଆମେ ଆଗରୁ ବାହାରିଯାଇ ବିମାନ ଗେଟ୍ ପାଖକୁ ପଳାଇଯିବା । ଯଥା ଶୀଘ୍ର ବାହାରି ବାହାରକୁ ଗ୍ଲଲିଯିବା ଓ ଦେଖିବା କାଳେ ଦିଲ୍ଲୀ ଅଭିମୁଖେ ଯିବା ବିମାନଟି ଯାଇଛି କ ନାହିଁ । ମୀରା ଶୁଣିକ ନଶୁଣିଲା ପରି । ସେ' କଣ ଭାବୁଥାଏ କେଜାଣି ? ନଷ୍ଚିନ୍ତରେ ବସିଥିଲା । କୁହନ୍ତି - ନାରୀମାନଙ୍କର ମନ କଥା ବୁଝିବା କଷ୍ଟକର, ଭଗବାନଙ୍କୁ ବି ଅଜଣା । ମୁଁ ଅବା କେମିତି ଜାଣିବି ? ସେ' ମୋ'ଠାରୁ ବେଶୀ ଈଶ୍ୱର ବିଶ୍ୱାସୀ । ପୂଜା ପାଠ ନତି କରେ। ସେ' ବୋଧହୁଏ ଭାବୁଥିଲା ମହାପ୍ରଭୁ ସବୁ ଠିକ୍ କରିଦେବେ, କବା - ତା' ଭାବନାରେ, ଯଦି

ଫ୍ଲାଇଟ୍‌ଟି ନଯାଇଥିବ ତେବେ ଆମପାଇଁ ମଙ୍ଗଳ, ଯେବେ ଚାଲିଯାଇଥିବ ତେବେ ଆମର କିଛି କରିବାର ନଥିଲା, କାରଣ ଆମ ହାତରେ କିଛି ନଥିଲା । ସେ' ବ୍ୟତିବ୍ୟସ୍ତ ନଥିଲାଭଳି ଲାଗିଲା । ବାସ୍ତବରେ କହିବାକୁ ଗଲେ, ତା'ର ଚିନ୍ତାଧାରା ସବୁବେଳେ ସକାରାତ୍ମକ । ମୋ' ମନରେ ବରଂ ସବୁବେଳେ ବେଶୀ ନେଗେଟିଭ୍ ଚିନ୍ତା । ତାକୁ ଗ୍ଲାସଟିଏ ଅଧା ପୂର୍ଣ୍ଣ ଭଳି ଦେଖାଗଲାବେଳେ ମୋତେ ଅଧା ଖାଲି ଦେଖାଯାଏ । କିଛି ସମସ୍ୟା ନଥିଲେ ବି ମୁଁ ବାରମ୍ବାର ସେହି କଥା ଭାବିଚାଲିଛି ମୋ' ମନ ଭିତରକୁ ଅଯଥାରେ ସମସ୍ୟା ଟାଣି ଆଣେ । ମୋ' କଥାରେ ସେ' ମୋ' ଉପରେ ଚିଡିବାକୁ ଆରମ୍ଭ କଲା । କହିଲା ଏ' ଭିଡ ଭିତରେ ସେ' ଆଗକୁ ଯାଇ ପାରିବ ନାହିଁ କି କାହାକୁ ବାଟ ଛାଡି ଦେବାକୁ କହି ପାରିବ ନାହିଁ । ମୁଁ କହିଲି ମୁଁ ସେମାନଙ୍କୁ ଅନୁରୋଧ କରି କହିବି । ମୁଁ ଅନ୍ୟ ଯାତ୍ରୀମାନଙ୍କୁ କହିବାରୁ ସେମାନେ ରାଜି ହୋଇଗଲେ ଆମକୁ ବାଟ ଟିକେ ଛାଡି ଦେବାକୁ ଆଗକୁ ଯିବାପାଇଁ । କିନ୍ତୁ, ସେ' ଦାରୁଭୂତ ମୁରାରୀପରି ଛିଡାହୋଇ ଆରାମରେ ଯିବାକୁ ଆରମ୍ଭ କଲା । ଶେଷରେ ମୁଁ ତା' ଆଶା ଛାଡି ଦେଲି । ବିମାନରୁ ବାହାରି ଆମେ ଦିଲ୍ଲୀ ଯିବାପାଇଁ ଫ୍ଲାଇଟ୍ ଗେଟ୍ ଖୋଜି ଖୋଜି ଚାଲିଲୁ । ମୁଁ ତରତର କରୁଥାଏ ଓ ଶୀଘ୍ରଶୀଘ୍ର ବାଟ ଖୋଜି ଆଗକୁ ଚାଲୁଥାଏ । ମୀରା ମୋ' ପଛେପଛେ ଚାଲିଥାଏ । ଗେଟ୍‌ଟି ମଧ୍ୟ ପାଖରେ ନଥାଇ ବହୁତ ଦୂରରେ ଥିଲା । "ଚିକାଗୋ' ବଡ ଏୟାରପୋର୍ଟ ଟିଏ । ଶେଷରେ ଦିହେଁ ପହଞ୍ଚିଗଲୁ ଗେଟ୍ ପାଖରେ । ଦେଖି ଆଶ୍ଚର୍ଯ୍ୟର ଲାଗିଲା ଯେ ଆମ ଦିଲ୍ଲୀ ଯିବା ବିମାନଟି ସେଯାଏ ଛାଡି ନଥାଏ । ଯେମିତି ବିମାନଟି କେବଳ ଆମପାଇଁ ଅପେକ୍ଷା କରି ରହିଛି । ସତ କହିବାକୁଗଲେ, ଆମେ ଦିହେଁ ଥିଲୁ ଶେଷ ଯାତ୍ରୀ ସେ' ବିମାନଟିରେ ଚଢିବାକୁ । ଆମେ ବିମାନରେ ପଶିବା କ୍ଷଣି ଗେଟ୍‌ଟି ବନ୍ଦ୍ କରାଗଲା । ସେତେବେଳେ ମୋ' ଚଷମା ଭିତରେ ଦି'ଧାର ଲୁହ ବହୁଥିଲା । କାଳେ କିଏ ଦେଖିବବୋଲି ଆସ୍ତେଆସ୍ତେ ସେ' ଲୁହକୁ ପୋଛିଦେଇ ସିଟ୍ ଖୋଜି ମୋ' ସିଟ୍ ରେ ବସିଲି । ମୀରା ମୋ' ପାଖ ସିଟ୍ ରେ ବସିଲା । ଦିହେଁ ନୀରବରେ ବସି ଥକ୍‌କା ମେଣ୍ଟାଉଥିଲୁ । ମନେମନେ ପ୍ରଭୁଙ୍କୁ ସ୍ମରଣକରି ମୁଁ ଅଶେଷ ଧନ୍ୟବାଦ ଦେଲି । କବି ଭାଇନାଙ୍କ "ବାଇଶିପାହାଚ'ରେ ଲେଖା ତାଙ୍କ ଅନୁଭୂତି ସବୁ ମନେ ପଡୁଥିଲା । ସେହି ପରମପୁରୁଷ ହିଁ ଏକା ଯିଏକି ସବୁ ଅସମ୍ଭବକୁ ସମ୍ଭବ କରିପାରନ୍ତି, ଆମେତ ଛାର ମଣିଷ । ଆମର ସେ' କ୍ଷମତା କାହିଁ ?

ବିପଦେ ପଡିଲେ ଆମେ ତାଙ୍କୁ କେବଳ ଡାକୁ, ଖୋଜୁ, କାରଣ ତାଙ୍କରି ଦ୍ଵାର୍ କେବଳ ଅସାଧ ସାଧନ ହୁଏ ବୋଲି । ଏଇଠି ପାଠକମାନଙ୍କୁ କହିବାକୁ ଗ୍ହେଁ ଯେ ମୋ'ର ଜଣେ ଭାଇନା (ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ତ୍ରିପାଠୀ), ଆମେରିକାର "ଓକଲାହୋମା" ସହରରେ ରୁହନ୍ତି । ତାଙ୍କ ସହ ବହୁତ ଦିନରୁ ଜଣାଶୁଣା । ଭାଇନାଙ୍କୁ ମୁଁ ନିମନ୍ତ୍ରଣ କରିଥିଲି ଆସି ଏ' ମନ୍ଦିର ପ୍ରତିଷ୍ଠା ଦିବସରେ ଯୋଗ ଦେବାକୁ । ସେ' ରାଜି ହେଇଥିଲେ । "ଓକଲାହୋମା' ଛାଡିବା ପୂର୍ବରୁ ଭାଇନା ମୋତେ ଡାକ କହିଥିଲେ ସେ' ଆସୁଛନ୍ତି ବୋଲି । କିନ୍ତୁ, ସେ' ମୋ' ତିନି ଦିନ ଆଗରୁ ବାହାରି ଚକାଗୋରେ ଅଟକ ରହିଥିଲେ ଏ' ବରଫ ଝଡ ଯୋଗୁ । ଆମେ ଦିଲ୍ଲୀ ପହଞ୍ଚିବାର ୫ ଦିନ ପରେ ବହୁତ ହଇରାଣହୋଇ ପହଞ୍ଚିଥିଲେ ଓ ପୂର୍ଣ୍ଣାହୁତି ଦିନ ଆମ ଗାଁରେ ପହଞ୍ଚିଥିଲେ । ମୁଁ ପରେ ତାଙ୍କଠୁ ଏ' ଖବର ପାଇଲି ।

ବିଶ୍ଵାସ ହେଉ କି ନହେଉ ଏ' ଏକ ନିଛକ ସତ କଥା । ଶେଷରେ ଆଉ ପଦେ ମୋ' ସାଆନ୍ତ ପଢୁଥିବା ଭାଗବତରୁ ମନେ ପଡୁଛି । "ମୁକଂ କରୋତି ବାଚାଳଂ, ପଙ୍ଗୁ ଲଂଘୟତେ ଗିରିଂ, ୟତ୍ କୃପା ତମହଂ ବନ୍ଦେ, ପରମାନନ୍ଦ ମାଧବଂ' । ତୁମରି କରୁଣାଥିଲେ ମୁକ କଥା କହିପାରେ, ପଙ୍ଗୁ ବି ପାହାଡ ଚଢିପାରେ । ଏ' ଦୁନିଆରେ ଯାହା ହେଉଛି ସେ'ସବୁ ତୁମରି କୃପାରେ ହେଉଛି ପ୍ରଭୁ, କେବଳ ତୁମରି କୃପାରେ । ପ୍ରଭୁହେ ! ତୁମର କରୁଣା ଅପାର୍ ଏ' ହେଉଛି ମୋ'ର ନିଜର ଅନୁଭୂତିରୁ ଦି'ପଦ ।

! ଜୟ ଜଗନ୍ନାଥ !

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ନୂଆବର୍ଷ



ବିନୟ ମହାପାତ୍ର

ଖାଲି ତାରିଖ ବଦଳଗଲ୍
ବର୍ଷ ସାଥେ ବୟସ ବଦଳଗଲ୍,
ହେଲେ କଛି ବି ବଦଳଲ୍ ନାହିଁ
ତୁମର ଆମର ସମ୍ବନ୍ଧରେ,
ପ୍ରେମ ଯେଉଁଠି ଥିଲ୍,
ଆଜିବି ସେଇଠି
ସେମିତ ଅଟକ ରହିଛି ।
ଯେମିତି ଅଧା ରାସ୍ତାରେ
ଗାଡିର ପେଟ୍ରୋଲ ସରିଗଲ୍
ଅବା ବାଇକ୍ ର ଚକ ପଞ୍ଚର ହୋଇଗଲ୍ ।

ଏଇଠି ଖାଲି ବରଷ ବଦଳଯାଏ
ପୁରୁଣା ଯାଏ, ନୁଆ ବର୍ଷ ଆସେ
ମସିହା ଛଡା ଦୁନଆରେ
ଆଉ କଛି ବି ବଦଳେନ ।
ଯେମିତି ସରକାର ବଦଳଲେ
ଆଚ୍ଛା ଦିନ ଆସିଯାଏନା,
ପେଟ୍ରୋଲର ଦରଦାମ ତଳକୁ ଖସେନା,
ମଧ୍ୟବିତ ବାବୁଟିର ପକେଟ୍
ସବୁଦିନ ସେମିତି ଢିଲ୍ ରହିଯାଏ,
ଇନକମ୍ ଟାକ୍ସରେ କଛି ରିବେଟ୍ ମିଳେନା ।

ନୂଆବର୍ଷ ଆସିଲା, ବାଣ ଫୁଟିଲା
କେତେ ବଣଭୋଜି,
ଷ୍ଟାର ହୋଟଲରେ କେତେ କେତେ
ନାଚ ଗୀତ ପାର୍ଟି ହୋଇଗଲା ।
ଏକତ୍ରୀଶ ରାତି ବାରଟାରେ
ନୂଆବର୍ଷ ଆଗମନେ
କେତେଯେ ବୋତଲ ଖାଲି ହୋଇଗଲା ।
ନୂଆବର୍ଷର ପ୍ରଥମ ଦିନ ଦି'ପହରରେ
ଯେବେ ଆଖି ଖୋଲିଗଲା,
ଲେନଦାରଙ୍କ ଲମ୍ବା ଲାଇନ ଲାଗିଥିଲା ।
ପେପରବାଲା, ଦୁଧବାଲା,
ରାସନ ଦୋକାନର ଲାଲା
ଚଠା ଧରି ଘର ଆଗେ କରନ୍ତି ଝାମେଲା ।
ବର୍ଷ ସିନା ବଦଳଲା
ହେଲେ ଜୀବନର ଗାଡି
ଯେଉଁଠି ଯେମିତି ଥିଲା
ଆଜିବି ସେଇଠି ସେମିତି ପଡିଛି
ଧକ୍କା ମାରିବାକୁ ସତେ ଅବା
ବଡ ବିନତୀରେ ହାତଠାରି ଡାକୁଛି ।

କଟ୍ ସ୍କୋୟାର, ପଟିଆ

# ଅପୂର୍ବ ସଂଯୋଗ



ପ୍ରାଧାପିକା ଜ୍ୟୋସ୍ନା ରାୟ

ଆଦ୍ୟଠାରୁ ପ୍ରାନ୍ତଯାଏ
କେଉଁଠି ଉଚ୍ଚାରିନାହିଁ
ତୁମ ନାମ ଥରେ
ଅଥଚ ଜାଣିଛି ମୁହିଁ
କଳ୍ପବଟ ଯାଏ
ସର୍ବତ୍ର ବ୍ୟାପିଛ ତୁମେ
ଅଣୁରେ ଅଣୁରେ
ଅଶବ୍ଦ ଶବ୍ଦରେ ତୁମେ
ଅନର୍ଥ ଅର୍ଥରେ
ଅଭାବ ଭାବରେ ତୁମେ
ଅରୂପ ରୂପରେ
ଅପ୍ରେମ ପ୍ରେମରେ ତୁମେ
ସ୍ପର୍ଶ ସ୍ପର୍ଶରେ
ଅଛ ପୁଣି ଅନନ୍ତ ସେ
ଅଦୃଶ୍ୟ ସ୍ରୋତରେ
ଅପ୍ରାପ୍ତିରେ ପ୍ରାପ୍ତି ସୁଖ
ଅନନ୍ୟ ଅବର୍ଣ୍ଣ୍ୟ
ଶୂନ୍ୟ ପୁଣି ପୂର୍ଣ୍ଣଗର୍ଭା
ପୁଲକତ ପୁଲକେ ପରଶ
ଅପୂର୍ବ ଏ ଜୀବନ ସନ୍ଦର୍ଭ
ଅପୂର୍ବ ଏ ଜୀବନ ସଂଯୋଗ ।

ଆଜିମାବାଦ, ବାଲେଶ୍ୱର, ଓଡିଶା

# ଜଘନ୍ୟତା



ଭାସ୍କର ଚନ୍ଦ୍ର ଖଣ୍ଡା

ବିକୃତ ମସ୍ତିସ୍କର ଉପୃତ୍ତି
ହଜିଯାଇ ଥାଏ ଯେଉଁଠି ମଣିଷ ପଣିଆ
କାମନା ଆଉ ବାସନାର ଅନ୍ଧ ପୁଟୁଳରେ
ଛିଣ୍ଡୁ ନଥିବା ସଶକ୍ତ ରଜୁରେ
ବାନ୍ଧି ହୋଇଥାଏ ସିଏ
ଖୋଲାଥାଏ ଏକମାତ୍ର ଲୋଲୁପ ଦୃଷ୍ଟି ।୧।

ଟପିଯାଇ ଘୃଣ୍ୟତାର ଚରମ ସୀମାକୁ
ଜନ୍ମ ନଏ ସେଇ ଜଘନ୍ୟତା ।୨।

ଉଠେ ପ୍ରଶ୍ନବାଚୀ ଆଜି
ସମାଜ ବୁକୁରେ
ପାରିବକି ବାନ୍ଧି ତାକୁ
ନିୟମ କାନୁନର ଜଂଜୀରରେ ।୩।

ବଂଗୃଇତ ପାରିଲାନି ନିର୍ଭୟାକୁ
ଗ୍ଳଲିଗଲା ଦିଶା ଆଖି ବୁଜି ଦେଇ
ଚର ଦିନ ପାଇଁ
ପାରିଲେନି ଶୁଣି କେହି
ତା'ର ସେଇ କରୁଣ ଚତ୍କାର ।୪।

ଅନ୍ଧାର ଗୋହିରି ଭିତରେ
କେତେ ନର୍ଭୟା ଆଉ ଦିଶା
ନିତି ଦେଉଛନ୍ତି ଝାସ
ନାହିଁ ହିସାବ ତହିଁରେ ।୫ ।

ସଂସ୍କୃତି ପରମ୍ପରା ଆଉ ମାନବିକତାକୁ
ଦେଇ ଅଗ୍ନିରେ ଝାସ
କରିବ କେତେ ଦିନ ଉପେକ୍ଷା ସମାଜ ।୬।

ଚେଇଁ ଶୋଇଥିବ ଯିଏ
ଉଠାଇକ ପାରିବ ତାକୁ କିଏ ?
ଜାଳି ଜାଗରଣ ପ୍ରଦୀପକୁ
ବୁଣି ଦେଇ ସେ ବୀଜକୁ
ଉତ୍ପାଟନ କରି ବିଛୁଆତି
ବୁଣିବାକୁ ହେବ ସେ ତୁଳସୀ ।୭ ।

ଅଧିକାର ନାହିଁ ବଂଚବାର
ଯା'ର ଏ ସମାଜରେ
ହେଉ ଗୁଳିବିଦ୍ଧ ଦିବାଲୋକରେ
ଅବା କେଉଁ ଏନକାଉଣ୍ଟରରେ
କମ୍ପି ଉଠୁ ପାପୀଙ୍କ ହୃଦୟ
ବିକୃତ ମସ୍ତିଷ୍କରେ ଜନମିବା ଆଗରୁ
ସେପରି ଏକ ଉଦ୍ଭଟ ଭାବନା
ଯା'ର ନାମ ଜଘନ୍ୟତା ।୮ ।

ଆଲ୍ଲାହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

# ହାସ୍ୟରସର କବି



ଶାନ୍ତିଲତା ମିଶ୍ର

ନୂଆବର୍ଷ ପାଇଁ ବହୁତ ବଡ ହାସ୍ୟରସରେ ଭରା କବି ସମ୍ମିଳନୀର ଆୟୋଜନ କରାହୋଇଛି। ତାର କାମ ହେଲା ଯାଇ ଫୋଟୋ ଉଠେଇବା । ଟିଭି ଷ୍ଟେସନକୁ ଲାଇଭ ବ୍ରଡକାଷ୍ଟ (ସିଧା ସଂପ୍ରସାରଣ) ଯୋଗାଇବା । ଟିଭି ଷ୍ଟେସନରେ କାମ କଲା ଦିନ ଠୁ "ଦିବ୍ୟା'ର ଏଇଟା ଗୋଟେ ବଡ ଲାଭ ହୋଇଛି । ବିଭିନ୍ନ ପ୍ରକାର ପୋଗ୍ରାମ ମାଗଣାରେ ଯାଇ ଦେଖିବାକୁ ତାକୁ ସୁଯୋଗ ମିଳ ଯାଉଛି ।

ମୁଖ୍ୟ ଅତିଥୀ ଆସିଗଲେଣି । ଏଥରକ କାର୍ଯ୍ୟକ୍ରମ ଆରମ୍ଭ ହୋଇଯିବ । କ୍ୟାମେରା ଧରି ପ୍ରସ୍ତୁତ ହୋଇ ରହିଲା ଦିବ୍ୟା'। ଅନେକ ଲେଖକ ଓ କବି ମାନେ ଆସି ନିଜ ନିଜ ସ୍ଥାନରେ ବସି ଗଲେଣି ।

ହାସ୍ୟ ଜଗତର ସବୁଠାରୁ ବଡ ନାମକରା କବି "ଅସୀମ କୁମାର' ଆସି ଗୋଟାଏ କଣରେ ଟିକେ ଭିଡରୁ ଦୂରରେ ବସିଛନ୍ତି । ଅନ୍ୟ କବି ମାନେ ପରସ୍ପରଙ୍କ ସହିତ କଥାବାର୍ତାରେ ନିମଗ୍ନ ଥିଲାବେଳେ ସେ ଏକାକୀ କଣ କରୁଛନ୍ତି । ଏକ ଉଦାସ ଚେହେରା । ହସ ତାଙ୍କ ଠାରୁ ବହୁତ ଦୂରରେ ଥିଲା ପରି ଲାଗୁଛି । ସେ କଣ ହାସ୍ୟ କବିତା ଶୁଣେଇବେ ! ବୋଧ ହୁଏ ଆଜି ତାଙ୍କ ମନ ଭଲ ନାହିଁ ବା ଦେହ । ଆସିଛନ୍ତି ଯେତେବେଳେ କଛିତ ଶୁଣେଇବେ। କିନ୍ତୁ ଏପରି ଶୁଖିଲା ଲୋକ ପାଖରୁ ରସ ଝରିବ କପରି । ସେ ତାଙ୍କୁ ଏଇ ପ୍ରଥମ ଥର ଦେଖିବାକୁ ପାଇଲା ସ୍ୱଦେହରେ । ଆଗରୁ ତାଙ୍କ ଲେଖା ପଢିଛି ଓ ଫଟ ଦେଖିଥିଲା କେବଳ । ତେଣୁ ଚହ୍ନିବାରେ ଅସୁବିଧା ହେଲାନ ସତ କନ୍ତୁ ତାଙ୍କୁ ଏପରି ବିମର୍ଷ

ଭାବେ ଦେଖିବ ବୋଲି ସ୍ୱପ୍ନରେ ଭାବି ନଥିଲା । ତାଙ୍କ ଲେଖା ପଢିଲେ ଯିଏ ବି ହେଉ ନହସି ରହି ପାରିବନ ।

ଯେତେବେଳେ ଦିବ୍ୟା ନିଜେ ଉଦାସ ହୋଇଯାଏ, ଅସୀମ କୁମାରଙ୍କର କିଛି ବହି ବା ଲେଖା ରଖିଥାଏ ଆଣି ପଢେ । କିନ୍ତୁ ଯିଏ ଏତେ ଉଦାସ ଆଜି ସେ ଅନ୍ୟକୁ କଣ ହସେଇବ । କିନ୍ତୁ ତାଙ୍କ ଉପରେ ବାରମ୍ବାର ଫୋକସ କରି ତିନ ଚାରିଥର ଫୋଟୋ ଉଠେଇ ସାରିଲାଣି । କିଛି ସମୟ ପରେ ଅସୀମ କୁମାରଙ୍କ ପାଳି ପଡିଲା । ଶେଷରେ ସେ ହସିଲେ ଓ ହସେଇଲେ ଏତେ ଯେ ଲୋକମାନେ ହସିହସି ବେଦମ । ସେ ପୁଣି ଫେରି ଆସିଲେ ନିଜ ବସିବା ଯାଗାକୁ । ଲୋକମାନଙ୍କ ପ୍ରଶଂସାର ଖୁବ ସଂକ୍ଷିପ୍ତ ଉତ୍ତର ଦେଇ ନିଜ ଯାଗାରେ ଚୁପ୍ ହୋଇ ବସି ରହିଲେ । ପ୍ରୋଗ୍ରାମ ପରେ ତାଙ୍କ ସଙ୍ଗେ କଥା ହେବା ପାଇଁ ଦିବ୍ୟା ମନସ୍ଥ କଲା । କିନ୍ତୁ ପ୍ରୋଗ୍ରାମ ପରେ ସେ ତାଙ୍କୁ କୋଉଠି ବି ପାଇଲାନି ସେ ଯାଇ ସାରିଥିଲେ । ଆଶ୍ଚର୍ଯ୍ୟର ବଡ ଅଜବ ଚରିତ୍ରର ଲୋକ । ଯେମିତି ବି ହେଉ ସେ ତାଙ୍କୁ ଯାଇ ତାଙ୍କ ଘରେ ଦେଖା କରିବ । କୌତୁହଳ ବଢିବାରେ ଲାଗିଲା । ତାଙ୍କୁ ସେ ମନେ ମନେ ଯେପରି ଭାବିଥିଲା ସେ ସେପରି ମୋଟେ ନୁହଁନ୍ତି ।

ଅସୀମ କୁମାରଙ୍କୁ ଦେଖା କରିବାକୁ ତା ପର ଦିନ ସେ ତାଙ୍କ ବାସ ଭବନରେ ହାଜିର ହୋଇଗଲା । ଏଇ ସାମ୍ବାଦିକତା ଲାଇନର କାମ କଲା ଦିନ ରୁ ତାର ସବୁ ଜିନିଷରେ କୌତୁହଳ ଟା ବେଶୀ ବଢି ଯାଇଛି । ଭାଗ୍ୟକୁ ସେ ଘରେ ଥିଲେ । କବାଟ ଖୋଲିଲେ ସେଇ ବିମର୍ଷ ବଦନରେ । ହସ ବହୁ ଦୂରରେ ତାଙ୍କ ଠାରୁ । ତେବେ ସେ କେମିତି ଏମିତି ହାସ୍ୟ ରସାତ୍ମକ କବିତା ଓ କାହାଣୀ ଲେଖି ପାରୁଛନ୍ତି ଓ ଅନେକ ବାର ପୁରସ୍କୃତ ବି ହୋଇ ସାରିଛନ୍ତି । ବଡ ଆଶ୍ଚର୍ଯ୍ୟ ଜୀବ ଇଏ ।

ନମସ୍କାରର ବିନିମୟ ପରେ ଦିବ୍ୟା ଆସିବାର ଉଦ୍ଦେଶ୍ୟ ଜଣେଇଲା । ଅସୀମ ବାବୁଙ୍କ ଜୀବନ କାହାଣୀ ଉପରେ ସେ ଏକ ଭିଡିଓ ପ୍ରସ୍ତୁତ କରିବାକୁ ଚାହେଁ । ବିନା ଆପତ୍ତିରେ ଅସୀମ ବାବୁ ତାଙ୍କ ବସିବା ଘରକୁ ପାଛୋଟି ନେଲେ । ଘରେ କାମ କରୁଥିବା ପିଲା ଟି ହାତରେ ଚା ବିସକୁଟ ବି ମଗେଇଦେଲେ । ଘରେ ଆଉ କେହି ଥିଲା ପରି ଲାଗୁ ନଥିଲେ ।

"କଣ ସେ ଏକାକୀ ରୁହନ୍ତି । ସ୍ତ୍ରୀ କଣ ମୃତ । ପ୍ରେମ ବିବାହରେ ଅସଫଳ କଣ ହେଇପାରେ ଏଇ ଜୀବନ ପଛର କାହାଣୀ । ଦିବ୍ୟାର ମନକୁ କେତେ ଅନ୍ତହୀନ ଭାବନା ସବୁ ସେତେବେଳକୁ ଘେରି ଗଲେଣି ।"

ବିନା ସମୟ ନଷ୍ଟ ନକରି ଅସୀମ ଆରମ୍ଭ କଲେ କଥା । କଲେଜରେ ସେ ହାସ୍ୟରସର କବିତା କାହାଣୀ ଲେଖିବାରେ ଧୁରନ୍ଧର ଥିଲେ । ସମସ୍ତଙ୍କୁ ବେଶ୍ ହସାଉଥିଲେ । କଲେଜରେ ବେଶ୍ ଲୋକପ୍ରିୟ ଥିଲେ । ଏପରିକି ଶିକ୍ଷକ ଗହଣରେ ବି । ସେଇ ହସେଇବା କଳାରେ ମୁଗ୍ଧ ହୋଇ ସ୍ମିତା ତାଙ୍କ ପ୍ରେମରେ ପଡି ଯାଇଥିଲା । ତା ପରେ ବିବାହ । ଅସୀମଙ୍କ ପଦେ କଥା ଶୁଣିଲା ମାତ୍ରେ ସ୍ମିତା ହସି ହସି ଗଡି ଯାଉଥିଲା । ଦିନ ରାତି ସେ ଘର ସାରା କେବଳ ହସର ଲହରି ଛୁଟୁଥିଲା । ସ୍ମିତା ତାଙ୍କୁ ଯାହା କହେ ବା ପଚାରେ ସେ ସଙ୍ଗେ ସଙ୍ଗେ ତାକୁ ହାସ୍ୟ କବିତା ମାଧ୍ୟମରେ ଉତ୍ତର ଦିଅନ୍ତି ।

କେଡେ ସୁନ୍ଦର ଭାବେ ତିନ ବର୍ଷ ପାଣି ପରି ତିନ ଦିନ ଭିତରେ ସରିଗଲା । ଶେଷରେ ଆସିଥିଲା ସେଇ ଅଶୁଭ ଘଡି । ସେମାନେ ଯାଉଥିଲେ ସ୍ମିତାର ସାନ ଭଉଣୀର ନିର୍ବନ୍ଧକୁ । ସ୍କୁଟର ପଛରେ ବସିଥିଲା ସ୍ମିତା । ହସେଇ ହସେଇ ଦରମରା କରି ଦେଇଥିଲେ ସ୍ମିତାକୁ ସେ । ଖାଲି ନାଁରେ ଗୀତ ବୋଲି ବୋଲି । ହଠାତ୍ ସାମନା ପଟୁ ଆସୁଥିବା ଏକ ବଡ ଟ୍ରକ୍ ଦେଖି ଗାଡିକୁ ସାଇଡ୍ କରି ଯୋରେରେ ବ୍ରେକ୍ ଦେଇଦେଲେ । ସ୍ମିତା ହସି ହସି ଶକ୍ତି ହରା ହୋଇ ପଡିଥିଲା । ସେ ଭାରସାମ୍ୟ ରଖି ପାରି ନଥିଲା ଜୋର ସ୍କୁଟରରେ ବ୍ରେକ୍ ଦେଲାବେଳେ ସେ ଗାଡିରୁ ତଳେ ଖସି ପଡିଥିଲା । ପଛପଟୁ ଏକ ଗାଡି ଆସୁଥିଲା ତା ଗୋଡ ଉପରେ ଚଢିଗଲା ।

ସେଇଠି ସେଇଦିନ ଏ ଜୀବନର କାହାଣୀ ଶେଷ ହୋଇ ଯାଇଥିଲା । ସ୍ମିତା ଛ ମାସ ପରେ ଘରକୁ ଫେରି ଥିଲା ହସ୍ପିଟାଲରୁ । କିନ୍ତୁ ଗୋଟିଏ ଗୋଡ ହରେଇଥିଲା ଓ ଅନ୍ୟଟି ପାରାଲିସିସ୍ ହୋଇ ଯାଇଥିଲା । ସେ ସଂପୂର୍ଣ୍ଣ ରୂପେ ଶଯ୍ୟାଶାୟୀ । ଜୀବନର ସବୁ ହସ ଖୁସି ସେଇଦିନ ସରି ଯାଇଥିଲା । ତା ପରେ କେବେବି ଲେଖି ନଥିଲେ କି କେବେ ହସି

ନଥିଲେ ଜୀବନରେ । ଏକ ଉଦାସୀ ଜୀବନ ସହିତ ବନ୍ଧୁତ୍ୱ ହୋଇ ଯାଇଥିଲା । କନ୍ତୁ ସ୍ମିତା ତାଙ୍କୁ ବହୁତ ବାଧ କରିଥିଲା ହାସ୍ୟରସାତ୍ମକ କବିତା ଲେଖି ତାକୁ ଶୁଣେଇବାକୁ ।

ବହୁତ ଥର ଚେଷ୍ଟା କରିଛନ୍ତି କନ୍ତୁ ଯେତେବେଳେ କାଗଜ କଲମ ଧରନ୍ତି ସେ ସବୁ ଲୁହରେ ଲିଭିଯାଇ ଦୁଃଖ ଦରଦ ଭରା କବିତାରେ ପରିଣତ ହୋଇ ଯାଏ । "କନ୍ତୁ ସ୍ମିତା କହେ ଏ ତୁମ କବିତା ନୁହଁ । ତୁମେ ଫେରି ଆସ ତୁମ ପୂର୍ବ ଜୀବନକୁ । ଏ ଲେଖା ଅସହ୍ୟ ।" "ଏହା ଭିତରେ ଦୀର୍ଘ ଦଶ ବର୍ଷ ବିତି ଗଲାଣି । ସ୍ମିତା ଗ୍ରଣନଅମକୁ ସମ୍ମାନ ଦେବାକୁ ଯାଇ ଦି ବର୍ଷ ହେଲା କଛି କଛି ଲେଖୁଛି କେବଳ ତା ପାଇଁ । ସେ କେତେ ହସୁଛି ମୁଁ ଜାଣେନ କ ମୁଁ କେତେ ହସୁଛି ମୁଁ ଜାଣେନା ହଁ ଲୋକ ମାନଙ୍କୁ ହସେଇ ପାରୁଛି । ମୋ ପରି ଅନେକ ଦୁଃଖୀ ଥିବେ ଏ ସସାଂରରେ । ସେମାନଙ୍କ ଓଠରେ ହସ ଦେଇ ପାରୁଛି ସେତକ ଏବେ ମୋ ପାଇଁ ବଞ୍ଚିବାର ଏକ ସାଧନ ପାଲଟିଛି ।"

ସବୁର ବାର୍ତ୍ତାଳାପକୁ ଭିଡିଓ କରିସାରି ଘରକୁ ଆସି ୟୁ ଟ୍ୟୁବରେ ଅପଲୋଡ୍ କରିଥିଲା ଦିବ୍ୟା । ଦୁଇଦିନ ଭିତରେ ଦୁଇ ଲକ୍ଷ ଲାଇକ୍ ଆସି ଯାଇଥିଲା । କେତେ ସହାନୁଭୂତି ପୂର୍ଣ୍ଣ କମେଣ୍ଟ ସହିତ । ଜଣଙ୍କ ଜୀବନର କାହାଣୀ ଅନ୍ୟ କାହା ପାଇଁ ପ୍ରେରଣାର ଉତ୍ସ ବି ହୋଇପାରେ, ଆଖିରୁ ଲୁହ ଝରାଇ ମନକୁ ଖାଲି କରି ଦେଇ ପାରେ । ଖୁସିରେ ପାଗଳ ବି କରି ଦେଇ ପାରେ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ପହିଲି ଶୀତର ପୁଲକ



ଆଶୁତୋଷ ମେହେର

ପହିଲି ଛୁଆଁ ର କୁଆଁରୀ ପୁଲକ
ଶତ ଶିହରଣ ଭର୍
ପହିଲି ଶୀତର ପୁଲକେ ସେମିତି
ରଂଗେ ରଂଗିଯାଏ ଧର୍ ।।
ଖ୍ଲି ଖ୍ଲି ଭରେ ଫୁଲ ପାଖୁଡାରେ
କଅଁଳ କଅଁଳ ହସ
ରଂଗ ଭର୍ ଓଠେ ପ୍ରଣୟ ଆସାର
ଶୀତୁଆ ସକାଳ ର୍ସ ।।
ନରମ ଖର୍ ରେ ସୁନେଲି ରେ୍ଷଣୀ
ହଳଦୀ ସୋରିଷ ଫୁଲ
ନାଲି ଗେଣ୍ଡୁ ହସ ବହଳ ରଂଗରେ
ଶେଫାଳୀ ଫୁଲ ର ଡାଳ ।।
ଶୀତଳ ପରଶ ପ୍ରଥମ କବିତା
ସୁଖ ର ଲହରୀ ବୋଳେ
ମନେ ଭରି ଯାଏ ଉଷୁମ ଭ୍ବନା
ପହିଲି ଶୀତର କୋଳେ ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# କବି ଓ କବିତା



ଅନୁସୂୟା ମିଶ୍ର

ଭାବନାର ଘଞ୍ଚ ବନାନୀରେ
ଶବ୍ଦ ଯେବେ ଲୁଚକାଳି ଖେଳେ
ଅଧୈର୍ଯ୍ୟ ହୋଇଉଠେ କବି
ଖୋଜିବୁଲେ କବିତାକୁ ତାର
ସାଦା କାଗଜଟିର ଅସହ୍ୟ ଶୂନ୍ୟତାରେ,
କଲମକୁ କାକୁତି ମିନତୀ କରେ,
ସମୟକୁ ଖେଳାଇ ଦେଖେ
ସ୍ୱପ୍ନ କିଛି ସାଉଁଟି ଆଣିବା ଆଶାରେ,
ଆକ୍ରାମାକ୍ରା ହୁଏ ତା ନିର୍ଜନତା
ବାରମ୍ବାର
ନିରାଶାର ନିର୍ମମ ଆଘାତରେ ।

ନିଜ ପାଖେ ହାରିଯାଏ କବି,
ପାଗଳ ପରି ଧାଇଁ ଯାଏ
କୁଢ଼ କୁଢ଼ ସ୍ମୃତି ର ପାହାଡ଼ଟି ଆଢ଼େ
ଖୋଜିବୁଲେ
ତା କବିତାର ପାଦଚିହ୍ନ ସବୁ
କେବେ ଫଡ଼ ଫଡ଼ ଉଡୁଥିବା
ପୁରୁଣା ଡାଏରିର ପୃଷ୍ଠାରେ,
କେବେ ଝରକା ସେପାଖେ
ବର୍ଷା ପାଣିର ଛପ୍ ଛପ୍ ଶବ୍ଦରେ,

କେବେ ଜୀବନ ସଉଦା ସାରି
ଏକା ଏକା ଲେଉଟାଣି ରାସ୍ତାରେ
କେବେ ପୁଣି ହଜାଟିଆ ଖରାବେଳେ
କାହା ଆତ୍ମୀୟତାର ଆସ୍ଥାରେ ।

କବିତା କନ୍ତ ସେମିତି ଛପି ବସିଥାଏ
ନୀରବରେ
କଳ୍ପନା-କ୍ଳାନ୍ତ କବିର ମନ ତଳେ,
ସନ୍ତର୍ପଣେ ଖେଳ ବୁଲୁଥାଏ
ତା ମନର କମ୍ପନରେ
ତା ହୃଦୟର ସ୍ପନ୍ଦନରେ
ଲୁଚ ଲୁଚ ଦେଖୁଥାଏ ହଜକୁ
ବିଧୁର ତା ପ୍ରାଣର ବ୍ୟାକୁଳତାରେ
ଆଉ ଭାବୁଥାଏ
ସତରେ, କେଡ଼େ ଅବୁଝା ଏ କବି !!
କବିତା କଣ ରହିପାରେ କେବେ
କବିଠାରୁ ଦୂରେ...!!!!

ଶତାବ୍ଦୀ ନଗର, ୟୁନିଟ୍-୮, ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ୨୦୨୦ ଆସୁଛି



ପ୍ରେମଶିଳ୍ ରାଉତ

ସ୍ମୃତିଭର୍ ଏଇ ୨୦୧୯
ସରି ସରି ଆଜି ଯାଉଛି
କେତେ ନୂଆ ଆଶା ଆକାଂକ୍ଷା ନେଇ
୨୦୨୦ ଆସୁଛି ।

ସ୍ୱପ୍ନଭର୍ ଏଇ ୨୦୧୯
ହଜି ହଜି ଆଜି ଯାଉଛି
ସୁଖ ସର୍‌ଗ ହସ ଆନନ୍ଦ ସାଥେ
୨୦୨୦ ଆସୁଛି ।

ରଂଗଭର୍ ଏଇ ୨୦୧୯
ବିତି ବିତି ଆଜି ଯାଉଛି
ଶାନ୍ତି ଶୃଙ୍ଖଳାର ବାର୍ତ୍ତା ନେଇ ଏବେ
୨୦୨୦ ଆସୁଛି ।

ଖୁସିଭର୍ ଏଇ ୨୦୧୯
ଗଢି ଗଢି ଆଜି ଯାଉଛି
ସ୍ନେହ ଡୋରରେ ଆଜି ବାନ୍ଧିବାକୁ ସତେ
୨୦୨୦ ଆସୁଛି ।

ଦୁଃଖଭର୍ ଏଇ ୨୦୧୯
ମରି ମରି ଆଜି ଯାଉଛି
ଦୁଃଖ, କଷ୍ଟ, ଯନ୍ତ୍ରଣା ବିନାଶ ହୋଇ
୨୦୨୦ ଆସୁଛି ।

ଗ୍ରାମ-ବୃନ୍ଦାବାହାଲ, କଳାହାଣ୍ଡି

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ ।

# ମଣିଷ



ଡ. ଜ୍ଞାନେଶ୍ୱର ମିଶ୍ର

ମଣିଷ ମାତ୍ରକେ କିଛି ନଜାଣିଲେ ବି
ସେ ଜାଣିଛି, ସେ ମରିବ
ମୃତ୍ୟୁ
ବୁଝେନାହିଁ କିଏ ଧନୀ ବା ଗରିବ
ଆତଙ୍କବାଦୀ ଛୁରୀ ବନ୍ଧୁକରେ
ଶହ ଶହ ଲୋକ ହେଉଛନ୍ତି ଲୋପ
ଦିନେ ସିଏ ନିଜେ ବି ମରିବ
ବୃଥା ଅକାରଣେ କିଂପା କର ଏତେ ପାପ

ଡାକ୍ତର ଛୁରୀ କଇଁଚିରେ
ମଣିଷର ବଞ୍ଚୁଛି ଜୀବନ
ଡାକ୍ତର ବି ଦିନେ ବୟସାଧିକରେ
ହୋଇବ ନିଧନ

ଫାଦର, ମୌଲବୀ, ପଣ୍ଡା, ପୁରୋହିତ
କେହି ନୁହେଁ ଅମରଣଶୀଳ
ଧର୍ମନାମେ ଶୋଷଣ, ବ୍ୟଭିଚାର, ବର୍ବରତା
ନୀରବରେ ସହୁଛନ୍ତି ଧର୍ମାନ୍ଧ ମାନବ ସରଳ
ମୃତ୍ୟୁ ଧ୍ରୁବ, ସତ୍ୟ ଏକଥା ଜାଣିବି

କାହିଁକ ଏ ହିଂସା ଦ୍ୱେଷ, ଅସହିଷ୍ଣୁତା
ମଣିଷ ମଣିଷ ଭିତରେ

ଏ ମଣିଷ ନିଜ ମନକୁ
କେବେ ପ୍ରଶ୍ନ ପଚାରିଛି ଥରେ
ଆଦିମ ଯୁଗରୁ ଆଜିଯାଏଁ
ଉତ୍ତର ମିଳନାହିଁ ଏ ପ୍ରଶ୍ନର
ସତରେ ଏ ପ୍ରଶ୍ନ କଣ ଅନେକ ଜଟିଳ
କେହି କହି ପାରୁନାହାନ୍ତି ଏହାର ଉତ୍ତର

ଏ ସମାଜ ବ୍ୟବସ୍ଥା, ଏ ଶିକ୍ଷା
କେବେ ଯଦି ସମସ୍ତଙ୍କୁ ମଣିଷପଣିଆ ଶିଖାଇ ପାରିବ
ବିଶ୍ୱରେ ମଣିଷ ବିଶ୍ୱାସ କରିପାରେ
ମଣିଷ ପରି ମଣିଷ ହୋଇ ସେ ଚଳିବ

୪୯/୫/ଏଚ୍, କାର୍ଲ ମାର୍କ୍ସ ସରଣୀ,
ଖିଦିରପୁର, କୋଲକତା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।
ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ |

# ଧାର୍



ସୁଲୋଚନା ପଟ୍ଟନାୟକ

ଆଜି କଲେଜ ଆରମ୍ଭ ହେବ । ଘରୁ ବସଷ୍ଟାଣ୍ଡ ଓ ସେଠୁ ଟାଉନ୍‌ବସ୍‌ଟିଏ ନେଇ କଲେଜଯିବା କଥା । କଲେଜ ଘରଠାରୁ ବିଶେଷ ଦୂର ନୁହେଁ । ଅଟୋରେ ଗଲେ ଟିକଏ ଶୀଘ୍ର ଯାଇ ହୁଅନ୍ତା । କନ୍ତୁ ଧାର୍‌ର ଆଜିକାଲି ଅକାରଣ ପଇସା ଖର୍ଚ୍ଚ କରିବାର ଇଛା ନାହିଁ। ତେଣୁ ଯେତେବେଳେ ଅଶୋକ ତାକୁ ସ୍କୁଟରରେ ଛାଡିଦେଇ ପାରିବେ କହୁଛନ୍ତି, ସେ ସୁବିଧାର ସୁଯୋଗ ଉଠାଉଛି ଧାର୍ । ନ କରିବ ବା କାହିଁକ ? ସିଏ ତ ନଜ ଆଡୁ ପଗ୍ଭରୁନ ? ପ୍ରାୟ ପ୍ରତିଦିନ ଅଶୋକ କାମକୁ ଯିବା ପୂର୍ବରୁ ପଗ୍ଭରନ୍ତି । କେବଳ କଲେଜ ନୁହେଁ, କୁଆଡେ ବି ଧାର୍ ଯିବାକୁ ଗ୍ଭହିଁଲେ ସିଏ ନେଇ ଯାଇ ପାରିବେ ବୋଲି କହୁଛନ୍ତି । ଅବଶ୍ୟ ଦରକାର ନଥିଲେ ଧାର୍ କାହାର ଫାଇଦା ଉଠାଇବାକୁ ଗ୍ଭହେଁନ ।

ଧାର୍ ଚଉଦ୍ୱାରରେ ରହିବାର ଦୁଇ ବର୍ଷ ହୋଇଗଲାଣି । ଏଠି ଗୋଟିଏ ଛୋଟ କଲେଜରେ ସିଏ ଗ୍ଭକରୀ କରେ । ତା ଛଡା ବିଜନେସ୍ ମ୍ୟାନେଜମେଣ୍ଟରେ କୋର୍ସକରେ । ଗ୍ଭକରୀ ଦରମାରେ ଘରଭଡା ସହ ନଜର ଛୋଟ ମୋଟ ଖର୍ଚ୍ଚ ଉଠିଯାଏ । କଲେଜ ପାଇଁ କାମରୁ ପଇସା ମିଳଥାଏ । ବହି କଣିବା ଛଡା ପାଠପଢାରେ ବିଶେଷ ଆଉ ଖର୍ଚ୍ଚ ନାହିଁ । ତେଣୁ ଗୌଟିଏ ଦରମାରେ ସବୁ ଚଳଯାଏ । କଲେଜଟା ଘରଠାରୁ ବିଶେଷ ଦୂର ନୁହେଁ । ସେଇ କଲେଜରୁ ସାନ ଭଉଣୀ ହାର୍ ଏବେ ବିଏ ପାସକଲ୍ । ଦୁଇ ଭଉଣୀ ଏକା ସଙ୍ଗେ ରହିବାର ବର୍ଷେ ହୋଇଗଲାଣି । କଲେଜ ପାସ କରିବାର ଦୁଇ ମାସ ଭିତରେ ହାର୍‌ର ବାହାଘର ଠିକ ହୋଇଥିଲ୍ । ବାହାଘର ଭଲରେ ଭଲରେ ବି ହୋଇଗଲ୍ । ବାହାଘର ପାଇଁ ଧାର୍‌କୁ କଛି ଖର୍ଚ୍ଚ କରିବାକୁ ପଡିଥିଲ୍ । ଏତେ ସ୍ୱଛଳ ପରିବାର ନୁହେଁ

ସେମାନଙ୍କର। ଧାରା ମା ଘରେ ରୁହନ୍ତି । ପରିବାର କଥା ବୁଝିବାରେ ତାଙ୍କର ଆନନ୍ଦ । ବାପା ନରହରି ସାମନ୍ତ ତାଙ୍କ ରୋଜଗାରରେ ଚଉଦ୍ୱାରରେ ଘରଟିଏ କଣିଥିଲେ । କଟକରେ ଘର କଣିବା ମୁସ୍କିଲର କଥା । ତାଛଡା ଚଉଦ୍ୱାରରୁ ଯିବାଆସିବା କରିବାରେ ବିଶେଷ ଅସୁବିଧା ହୁଏନ । ଧାରା ଘରର ବଡ ଝିଅ । ବାପାଙ୍କର ଭାରି ଗେହ୍ଲା । ପିଲାଦିନୁ ବାହାଘରରେ ତାର ଇଛା ନଥିଲା । ତେବେ ଅଶୋକ ଯେତେବେଳେ ଝିଅ ଦେଖିବାକୁ ଆସିଥିଲେ, ସେଦିନର କଥା ଅଲଗା ଥିଲା । ଧାରାମନେ ମନେ ହସିଲା । ଭାବିଲା, ଲୋକମାନେ ଜିନଷ ଦେଖିଲା ଭଳ ଝିଅ ଦେଖିବାକୁ ଆସନ୍ତି କେମିତି କେଜାଣି ? ପସନ୍ଦ ହେଲାନ କହି ନାହିଁ କରିବାକୁ କେମିତି ତାଙ୍କୁ ମାଡି ପଡେନ ? ଧାରା ବୋଉଠାରୁ ଶୁଣିଲା, ଅଶୋକ ସେଦିନ ତାଙ୍କ ବାପାମାଆଙ୍କ କଥା ମାନ ଝିଅ ଦେଖିବାକୁ ଆସିଥିଲେ । ପୂରା ପରିବାର ସହ ସମସ୍ତେ ଆସି ଖାଇ ପିଇ କଛି ସମୟ କଟାଇ ଗଲେ । ଅଶୋକ କଛି ସମୟ ଧାରା ସହ କଥା ମଧ ହୋଇଥିଲେ । ଲାଗିଲା ସମସ୍ତେ ଖୁସି । ପସନ୍ଦ ହୋଇଛି ଝିଅ । କନ୍ତୁ ଘରକୁ ଫେରିଯାଇ ସେମାନଙ୍କର ସାନ ଝିଅ ପସନ୍ଦ ବୋଲି କହିଲେ । ବାପା ବୋଉଙ୍କର ମନ ଖରାପ ହୋଇଗଲା । ବୋଉ ଲୁଗ୍ୱଇ ଲୁଗ୍ୱଇ କାନ୍ଦୁଥିଲା । ବାପା ନାହିଁ କରିଦେବେ ବୋଲି କହିଲେ । କନ୍ତୁ ବୋଉ ସେଥିରେ ରାଜି ହେଲା ନାହିଁ । କଛି ଦିନ ସେ ବିଷୟରେ ଚର୍ଚ୍ଚା ଓ କଛି ତର୍କ ବିତର୍କ ପରେ ଉଭୟେ ବରଘରର ପ୍ରସ୍ତାବରେ ରାଜି ହୋଇଗଲେ । ହାରାଖୁସି ଥାଏ । ସକ୍ଷମ ମତେ ଜାନ ଯାଉତୁକ ଦେଇ ନରହରି ସାମନ୍ତ ହାରାର ବାହାଘର ଶେଷକଲେ । ଝିଅ ବୋଝ ମୁଣ୍ଡରୁ ଗ୍ୱଲିଗଲା ବୋଲି ସାମାନ୍ୟ ଖୁସିଥିଲେ। ଧାରା ସହଜରେ ବାହାହେବାକୁ ରାଜି ନଥିଲା । ତେଣୁ ତାକୁ କଏ ପସନ୍ଦ ନକଲେ କଛି ଖରାପ ଲାଗେ ନାହିଁ । ବରଂ ତାକୁ ପରୋକ୍ଷରେ ଖୁସି ଲାଗେ । ଅଶୋକଙ୍କୁ ପ୍ରଥମ ଦିନ ଦେଖିଲାବେଳେ ତାର କଛି ନୁଆ ଅନୁଭବ ହୋଇଥିଲା । ନଜକୁ ନଜେ ଆଶ୍ଚର୍ଯ୍ୟ ହୋଇଥିଲା ସିଏ । ତାହା ହୁଏତ ବୟସର ପ୍ରଭାବ ଭାବି, ସେ ଅନୁଭବକୁ ସିଏ ମନରୁ କାଢି ଦୂରକୁ ଫୋପାଡି ଦେଇଥିଲା । ଅଜାଣତରେ କେତେ ଦିନ କଟିଗଲାଣି । ଅଶୋକ ଚଉଦ୍ୱାରରେ ରହିବା ଠିକ କଲା ପରେ, ଧାରା ତାଙ୍କୁ ନଜ ଘରକୁ ଆମନ୍ତ୍ରଣ କରିଥିଲା, ପିଲାଦିନ ପରି ଦୁଇ ଭଉଣୀ ଏକାଠି ରହିଲେ ଭଲଲାଗିବ ବୋଲି କହିଥିଲା । ସେ କଥା ଭାବିଲେ ମନ ଚହଲି ଯାଉଥିଲା । ପିଲାଦିନେ ଧାରା ଭଲ ପଢୁଥିଲା ଆଉ ହାରାର

ଭଲ-ଖରାପରେ ଫରକ ନଥିଲା । କାହା ଘରକୁ ଯାଇ ପିଜୁଳି, କରମଙ୍ଗା ତୋଳି ଖାଇବାରେ, ସାନଭାଇ ଗ୍ରେହିତର ସାଙ୍ଗ ମାନଙ୍କ ସହ ବଲ ଖେଳିବାରେ ତାର ଆନନ୍ଦ ଥିଲା। କେତେ ଯେ ବୋଉଠାରୁ ସିଏ ଗାଳି ଖାଉଥିଲା ଆଉ କାନ୍ଦିକାନ୍ଦି ଶୋଉଥିଲା ତା ମନେ ପଡିଯାଉଥିଲା ଧାରାର । ପୁଣି କେତେବେଳେ ବୋଉଗାଳିକୁ ଖାତିର ନକରି ସେଇ ଭୁଲକୁ ଦୋହରାଉଥିଲା ହାରା । ଧାରା ମନ ଖରାପ କରେ ଭଉଣୀ ପାଇଁ । ଦୁଇ ଭଉଣୀ ଦୁଇ ଦିଗରେ ଦୁଇ ରାସ୍ତା ଦେଇ ସମୟ କଟାନ୍ତି । ତଥାପି ପରସ୍ପରକୁ ଭଲ ପାଇବାରେ କିଛି କମିରହେନ ।

ଏବେ ମଧ୍ୟ ଦୁହେଁ ଦୁହିଁଙ୍କୁ ଭଲ ପାଆନ୍ତି । ଇଏ କିଛି ନୂଆ କଥା ନୁହେଁ । କିନ୍ତୁ ଏ ଭିତରେ ଦୁଇ ଭଉଣୀଙ୍କ ସହ ଅଶୋକ ଯୋଡି ହୋଇଗଲେଣି । ଧାରା ପାଖେ ହାରା ଓ ଅଶୋକ ଏକାଠି ମିଶି ରହୁଛନ୍ତି । ଭଉଣୀର ଘର ଥାଉ ଥାଉ ବାହାରେ ଘରଭଡା ନେଇ ରହିବାକୁ ହାରା ଚାହୁଁ ନଥିଲା । ଅପା ପାଖେ ରହିବାର ଇଚ୍ଛାକୁ ସିଏ ଏଡାଇ ପାରୁ ନ ଥିଲା । ସିଏ ଜାଣି ନଥିଲା ବାହାହେବା ପରେ ସବୁ କଥା ଅଲଗା ହୋଇଯାଏ । ଏକାଠି ରହିଲେ ଆଉ କିଛି ଖରାପ ହୋଇପାରେ ବୋଲି କେହି ଚିନ୍ତା କରିନଥିଲେ । ଏକାଠି ରହିବା ପରେ ଅଶୋକ ଧାରାସହ ସମୟ ଅଧିକା କଟାଇବା, ଅନେକ ରାତି ବସି ଗପିବା ଦିନକଆ ଘଟଣା ହୋଇଗଲା । ହାରା ରାତି ଅଧିକ ହେଲେ ସବୁବେଳେ ଶୋଇଯାଏ, କିନ୍ତୁ ଅଶୋକ ଓ ଧାରା ଅନେକ ରାତି ଯାଏ ବସିବସି ଗପନ୍ତି । ଆସ୍ତେ ସାଧାରଣ ସଂପର୍କ ଦୈହିକ ହୋଇଗଲା । ଦୁହିଁଙ୍କ ଭିତରେ ଏକ ନୂଆ ଅନୁଭବ, ନୂଆ ସଂପର୍କ ଗଢି ଉଠିଲା । ଧାରା ମାଆ ହେବ ବୋଲି ଜଣା ପଡିଲା । ବର୍ତ୍ତମାନ ଏକ ନୂଆ ପରିସ୍ଥିତିର ସୃଷ୍ଟି ହେଲା । ଧାରା ଠିକ କଲା ଆବର୍ଜନ କରାଇନେବ । କିନ୍ତୁ କଥା ଜାଣିବା ପରେ ହାରା ଜିଦ କଲା ସେ କଥା ସିଏ କରାଇ ଦେବନି । ତିନିହେଁ ମିଶି କିଛି ସ୍ଥିର କରିବେ, କିନ୍ତୁ ପିଲାକୁ ତାଙ୍କ ଜୀବନରୁ ବାଦ ଦେଇ ପାରିବେନି । ଧାରା, ହାରା ଏକାଠି ରହିବାର ନିଷ୍ପତି ନେଲେ, ଏକାଠି ପିଲାକୁ ବଢାଇବାକୁ ଠିକ କଲେ । ଘଟଣା ଏତେଦୂର ଗଡ଼ିଯିବ ବୋଲି କେହି ଚିନ୍ତା କରି ନଥିଲେ । ବାହା ନହୋଇ ମା ହୋଇ ଲୋକଙ୍କଠାରୁ ନିର୍ଯାତନା ଶୁଣି ଦିନ କଟାଇବ ବୋଲି ଧାରା ଚିନ୍ତା କରି ପାରୁନଥିଲା । ମା ହେବାର ଗର୍ବକୁ ସିଏ ଖୋଲାଖୋଲି କାହା ଆଗରେ ପ୍ରକାଶ ନ

କରିପାରୁଥିବାରୁ ଖୁବ ଦୁଃଖିତ ହେଉଥିଲା । ପିଲାସହ ପ୍ରତିଦିନ ଘଟୁଥିବା ନୂଆ ଅନୁଭୂତିକୁ କାହାକୁ କହି ଖୁସିହେବ, ସିଏ ଜାଣି ପାରୁନଥିଲା । ନିଜ ସାନ ଭଉଣୀର ସ୍ୱାମୀସହ କରିଥିବା ପିଲାକୁ ହୁଏତ ସଂସାର ଭଲରେ ଦେଖିବନି । ତେଣୁ ଧାରା୍ର ପିଲାହେବା ପର୍ଯ୍ୟନ୍ତ ଘଟଣାକୁ ସେମାନେ ଲୁଚାଇ ରଖିବେ ବୋଲି ସ୍ଥିର କଲେ । ପ୍ରାୟ ଛ/ସାତ ମାସ ବାହାରେ କେଉଠି ରହିବାକୁ ହେବ ଅବା ନିଜ ଘର ଭିତରେ ଲୁଚି ରହିବାକୁ ହେବ ବୋଲି ଭାବିଲେ । ହୁଏତ ତାହାହିଁ ଭଗବାନଙ୍କର ବର୍‌ଦ । ଏଭଳି ଭୁଲକୁ ସୁଧାରିବା ବହୁ କଷ୍ଟକର ବ୍ୟାପାର। ହାର୍‌ ସେଦିନ ସମସ୍ତଙ୍କୁ କହିଲା, ସମସ୍ତେ ସେଦିନ ରାତିଟା ଏ ବିଷୟରେ ଚିନ୍ତା କରିବେ । ପରଦିନ ଠିକ୍ କରିବେ କଅଣ କରିବାଟା ଠିକ୍ ହେବ ।

ସେଦିନ ରାତିଟା କଟିଗଲା । ଦୁଇ ଭଉଣୀ ଦୁଇ ରୁମ୍ ରେ ଶୋଇବାର ଚେଷ୍ଟା ଚଲାଇଥିଲେ। ଅଶୋକ ଦୋଷୀ ପିଲାଟିଏ ପରି ଚୁପ୍‌ଚାପ୍ ଶୋଇବାର ପ୍ରୟାସ କରୁଥିଲା । ବଡଭଉଣୀ ଓ ସ୍ୱାମୀ ଏତେ ବଡ ଭୁଲ କଲେବି ହାର୍‌ କଳି କଜିଆ କରିନି, ମାଡ ଗୋଡି କରିନି । ସମସ୍ତଙ୍କଠାରୁ ବଡହେବା ଭଳି ସବୁର ଦାୟିତ୍ୱ ନେଇ ଘଟଣାର ସମାଧାନ କରିବାର ଚେଷ୍ଟା କରିଛି । ଇଏ ହେଉଛି ଭଗବାନଙ୍କର ଇଚ୍ଛା । ପରଦିନ ହାର୍‌ ଚାହା ଜଳଖିଆ କରିସମସ୍ତଙ୍କୁ ଡାକିଲା । ଗରମଗରମ ପୁରୀ ଆଳୁଦମ୍ ଆଉ ଚାହା କରି ଟେବୁଲ୍ ଉପରେ ରଖିଲା । ଅପାକୁ ପାଣି ଆଣି ବସିବାକୁ କହିଲା । ଅଶୋକଙ୍କ ପାଟିରୁ କଥା ବାହାରୁ ନଥାଏ । ହାର୍‌କହିଲା, "ଅପା ତୁ ଓ ଅଶୋକ କଅଣ ଭାବୁଛ ମୁଁ ଜାଣିନି । ମୁଁ କିନ୍ତୁ ଖୁବ ଖୁସି । ମୁଁ ଜାଣିଛି, ଅପାର ପିଲା ଠିକ ଅପା ପରି ବୁଦ୍ଧିମାନ ହେବ, ସୁନ୍ଦର ହେବ ଓ ସର୍ବୋପରି ସିଏ ହେଉଛି ଆମରି ରକ୍ତ । ତା ଛଡା ଅଶୋକ ଜଣେ ଭଲମଣିଷ, ନିଶ୍ଚୟ ଜଣେ ଭଲ ବାପା ହେବେ । ଏତେ ଭଲ ଥାଉ ଥାଉ ଆମକୁ କିଛି ଲୁଚାଇବାକୁ ପଡିବନି । ମା ହେବାର ଗର୍ବ ନେଇ ମୁଣ୍ଡ ଉପରକୁ ଟେକି ତୁ ଚାଲ । ମୋ ଛଡା କେହିବି ଏ ବିଷୟରେ ଚିନ୍ତା କରିବା ଦରକାର ନାହିଁ । ମୁଁ ଆମର ପରିବାରର ଦାୟିତ୍ୱ ନେବାକୁ ପ୍ରସ୍ତୁତ । ଅପା ଯେତେ ଦିନ କାମ କରିବ କରୁ । ନିଜ ପିଲା, ନିଜ ପରିବାର ପାଇଁ ଆମେ ଠିଆ ହେବାନି ତ ଆମ ପାଇଁ କିଏ ଠିଆ ହେବ ? ଆମେ ଏକାଠି ହୋଇଗଲେ ଆଗରେ ହେଉ ବା ପଛରେ ହେଉ କିଏ କିଛି କହିଲେ ଆମେ ଭାଙ୍ଗି ପଡିବା ନାହିଁ । କଅଣ କହୁଛ

ସବୁ?" ଧାଙ୍ଗ୍ ଚନ୍ଦ୍ରା କଲ୍ ଟିକଏ । ଦେଖିଲ୍ ନଜ ସାନ ଭଉଣୀକୁ । ସତେ ଆଜି ସିଏ ସମସ୍ତଙ୍କଠାରୁ ବଡ ହୋଇଯାଇଛି । ମନେ ହେଉଛି ଯେମିତି ବୋଉ ବସିଛି ସାମାନାରେ । ସମାଧାନ କରି ଦେଉଛି ଅଡୁଆ ତଡୁଆ ଖିଅକୁ । ସଂପର୍କର ଅଡୁଆ ସୂତା ଖିଅ ଯେମିତି ହୁଗୁଳ ଯାଉଛି । ସାମାନା ସାମାନ ହୋଇ ତିନୋଟି ମଣିଷଙ୍କ ଭିତରୁ ସାନ ଭଉଣୀଟି ବଡ ହୋଇଯାଇଛି । ମୂହୁର୍ତ୍ତକ ମଧରେ ବୟସ ଦଶ ବର୍ଷ ବଢି ଯାଇଛି ହାଙ୍ଗ୍ର । ଏଯାଏଁ ମୁଣ୍ଡ ତଳକୁ ପୋତି ବସିଥିବା ଅଶୋକ କାନ୍ଦୁଛନ୍ତି, କ୍ଷମାଭିକ୍ଷା କରୁଛନ୍ତି । ଧାଙ୍ଗ୍ ଆସି କୋଳାଗ୍ରତ କରୁଛି ସାନ ଭଉଣୀକୁ । ଜଣା ପଡୁଛି ବୟସର କଛି ଅର୍ଥ ନାହିଁ । ଏ ଭଳ ଯେ ସମ୍ଭବ ଭାବି ପାରୁ ନାହାନ୍ତି ଅଶୋକ । ଏକ ନୂଆ ଆଶାର ସ୍ୱପ୍ନସତ ହୋଇ ଠିଆ ହୋଇଛି ସାମାନାରେ । ସ୍ୱପ୍ନିଳ ଭବିଷ୍ୟତ ଛୋଟ ପିଲ୍‌ଟିର କୁଆଁ କୁଆଁ ଶଦ ନେଇ ଘରକୁ ଫଟେଇ ଦେଉଛି ।

ଏଲକରିଜ, ମେରିଲଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଜାନୁୟାରୀ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ସଖୀ କଣ୍ଢେଇ



ଡ. ବିନୀତ ମହାପାତ୍ର

ମାଆ -
ଅନେକ ହଁ ନାହିଁର ଶବ୍ଦ ଭିତରେ
ମୁଁ ତ ପାଲଟିଗଲି
ସଖୀ କଣ୍ଢେଇ ଟେ
ତମେ ମୋତେ ଯେମିତି ଗଢ଼ିଲ
ସେମିତି ନାଚଲି ମୁଁ
ବିନା ଦ୍ୱିଧାରେ ବିନା ପ୍ରଶ୍ନରେ
ବିନା ପ୍ରତିବାଦରେ
ବାଧ୍ୟ ଶିଶୁଟିଏ ପରି
ମୁହଁରେ କସ୍ ମେଟିକ୍ ବୋଳି
ଦେହକୁ ସଜାଇ
ଯାତ୍ରା ପାର୍ଟୀର ରାଣୀ ଭଳି ।

ବରଘର ସାମ୍ନାରେ ନିଜକୁ
ପ୍ରଦର୍ଶିତ କରି
ଏଥର ବି ଫେଲ୍ ମାରିଗଲି
ସମସ୍ତ ଯୋଗ୍ୟତା ଥାଇ
ତମର ଶୁଆ ଭଳି ଘୋଷାଇ ଥିବା
ସମସ୍ତ ପ୍ରଶ୍ନର
ସଠିକ୍ ଜବାବ୍ ଦେଇ
ବାରମ୍ବାର ରଙ୍ଗ ବୋଳି

ନିଜକୁ ସଜାଇବାରେ
ଆଉ କଣ ସର୍ବ୍ବ ଅଛି
ନା ମନ ତଳେ ସେ ପ୍ରେମ ଅଛି
ନା ଅଛି ବୋହୁ ହେବାର ସ୍ୱପ୍ନ
ତଥାପି ଜାଣିନ –
ହଁ ନାହିଁର ପ୍ରଶ୍ନ ଭିତରେ
ତମେ ମୋତେ କେତେଦିନ
ବାନ୍ଧି ରଖିବ ଧର୍ମ ସଙ୍କଟରେ ।

ଅଧ୍ୟକ୍ଷ, ଏ.ପ.ସ. ମହାବିଦ୍ୟାଳୟ,
କଂସର ଦେବଗଡ, ଓଡିଶା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଶାନ୍ତି ଆଜି ସାତ ସପନ



ଗ୍ରଜକଶୋର ସାଇଁ

ବନ୍ଦେ ଜାତିର ଜନକ, ବନ୍ଦେ ଜାତିର ଜନକ, ବନ୍ଦେ ଜାତିର ଜନକ
ଚର ସ୍ମରଣୀୟ ଚର ସ୍ମରଣୀୟ, ଜନକ ଜନକ ଜନକ
ବନ୍ଦେ ଜାତିର ଜନକ ।୧।

ଦୁଃଖେ ହୋଇ ସନ୍ତାପିତ କଲ ବିଳାପ
ନରେଖି ପରାଧିନ ଭାରତ ରୂପ
ବିଦେଶୀ ତଡିବା ପାଇଁ ନେଲ ସଙ୍କଳ୍ପ ।
ଜନକ ଜନକଜନକ ..... ।୨।

ସ୍ୱାର୍ଥ ତେଜି ନର୍ଭୟରେ କଲ ଲଢେଇ
ସତ୍ୟ ଅହିଂସା ମୁକ୍ତିର ମନ୍ତ୍ର ଗାଇ
ବନ୍ଧନରୁ କଲ ମୁକ୍ତ ଜନମ ଭୂଇଁ ।
ଜନକ ଜନକ ଜନକ ..... ।୩।

ତୁମ୍ଭର ବିଚାରଧାରା ନୀତି ଦର୍ଶନ
ହିଂସା ମୋଚନେ ଏକମାତ୍ର ନଦାନ
ଏଥି ବିନୁ ଶାନ୍ତି ଆଜି ସାତ ସପନ ।
ଜନକ ଜନକ ଜନକ .... ।୪।

ତୁମ୍ଭ ସମ ପିତା ଆଉ କଏ ବା ହେବ
ଏତେ ଭଲ ପାଇବା ଆମକୁ ଦେବ
ମିଳେନାହିଁ ଆଜି ତୁମ୍ଭ ଆପଣା ଭାବ ।
ଜନକ ଜନକ ଜନକ .... ।୫।

ସାଜି ଭଗୀରଥ ମୁକ୍ତ କଲ ଭାରତ
ମୁକ୍ତିର ଗଙ୍ଗା କଲ ଦେଶେ ପ୍ଲାବିତ
ନେଲ ବିଦାୟ ଥିଲା ଯା କାଳ ଇଙ୍ଗିତ ।
ଜନକ ଜନକ ଜନକ .... ।୫।

ପାଳଲେ ତୁମ୍ଭ ନୀତି ହେବ ଉତ୍ଥାନ
ବିଶ୍ୱ ଗଗନୁ ଯୁଦ୍ଧ ଆତଙ୍କ ଘନ
ସାକାର ହେବ ତୁମ୍ଭର ଅଧୁରା ସ୍ୱପ୍ନ ।
ଜନକ ଜନକ ଜନକ .... ।୬।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ,
ନୂଆପଡା, ନୂଆବଜାର, କଟକ

# ନୂତନ ବର୍ଷ



ଖଗେଶ୍ୱର ବାଗ

ଅଜଣା ଆମକୁ ସମୟର ଜ୍ଞାନ ହିନ୍ଦୁ ନବ ବର୍ଷ କଥା
କାହାକୁ ଜାପାନୀ ଗ୍ୱଇନା ଗିଳଲ୍ କା'କୁ ଇଂରେଜ ସଭ୍ୟତା ॥
ମଦ ମାଂସ ଭେଜି ମାତାଲ କରିଲ୍ ଉପଭେଗ୍ୟେ ଯଉବନ
ଏ ତ ନୁହେଁ ହିନ୍ଦୁ ଜୀବନ ପଦ୍ଧତି ଏ ପଥେ କାହିଁ ଗମନ ?
ପାଶ୍ଚାତ୍ୟ ସଂସ୍କୃତି ପ୍ରତି କାହିଁ ରୁଚ ରଖ ସୁପ୍ତ ହିନ୍ଦୁଗଣ
ଆମ ନୀତିଗତି ମହାନ ଅଟଇ ହେଲ୍ କ ହୋ ବିସ୍ମରଣ ?
ଯା'ର ପରମ୍ପର୍ ସଂସ୍କୃତିର ଧାର୍ ପରକୁ ଆପଣା କରେ
ତା'କୁ ଛାଡି କାହିଁ ପରଦେଶୀ ପ୍ରତି ମନ ଅନୁଧାବନରେ ?
ଭୁଲି ନଜ ପର୍କ୍ରମ ବାୟ୍ହା ହୁଅ ଅନ୍ଧାନୁକରଣ କାହିଁ
ଚୈତ୍ର ଶୁକ୍ଳ ତିଥି ବର୍ଷ ପ୍ରତିପଦା ହେଜ ବାପ ଥରେ ତୁହି ॥
ଯେଉଁ ଦିନ ଠାରୁ ଆରମ୍ଭ ହୋଇଲ୍ ନବର୍ତ୍ରୀ ଜାଗରଣ
ସଂଘ ସଂସ୍ଥାପକ ଡକ୍ଟରଜୀଙ୍କ ସିନା ଜନମ ଯେ ସେହି ଦିନ ॥
କୌଶଲ୍ୟା ତନୟ୍ହା ର୍ଜ୍ୟ ଅଭିଷେକ ଆର୍ଯ୍ୟ ସମାଜ ସ୍ଥାପନ
ବିକ୍ରମ ସମ୍ବତ କଲେ ପ୍ରଚଳନ ବିକ୍ରମାଦିତ୍ୟ ସେ ଦିନ ॥
ସନ୍ଥ ଝୁଲେଲ୍ଲ ଅଙ୍ଗଦ ଦେବ ଯେ ଜନମିଲେ ଏହି ଦିନ
କଳ ଯୁଗ ଅଦ୍ଧ ଶାଲିବାହାନାଦ୍ଧ ପ୍ରାରମ୍ଭ ହେଲ୍ ହୋ ଜାଣ ॥

ସେଥିପାଇଁ ସିନା ହିନ୍ଦୁ ନବ ବର୍ଷ ବିଦିତ ଅଟଇ
ଏଇ ଜାନୁଆରୀ ଏକ କ ଗୁଣେ ମହତ କହିବ କ ଟିକେ ଭାଇ ?
ହିନ୍ଦୁ ହୋଇ ବିନ୍ଦୁ ନ ଜାଣି କମ୍ପାଇ ଲଂଘୁ ସିନ୍ଧୁ ପରବତ
ଏ ସିନ୍ଧୁ ଗରଭେ ଯେତେକ ପୂରିତ ବିଶ୍ୱକୁ କରେ ଆକୃଷ୍ଟ ॥
ତେଣୁ ବରଷର ସେ ପ୍ରଥମ ଦିବସ କରିବା ଅଭିନନ୍ଦନ
ଏ ନବ ବରଷେ ଏତିକ କାମନା ହେଉ ଜଗତ କଲ୍ୟାଣ ॥

ଖଗେଶ୍ୱର ବାଗ, ବୁଦ୍ଧିକୋମନା, ଜିଲ୍ଲା-ନୂଆପଡ଼ା

## "ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# ଅଭିମାନ



ଡକ୍ଟର ବିଜ୍ଞାନୀ ଦାସ

ଅନୁପମା ବସି ଭାବୁଛନ୍ତି । ସେଇ ସୋଫା ଉପରେ ବସିଛନ୍ତି ତ ବସିଛନ୍ତି । ସକାଳ ଏଗାରଟା ହେଲାଣି ବୋଲି ଖିଆଲ ପଶିନ । ଖିଆଲ ବା କେମିତି ପଶିବ ? ଘରେ କଏ ଅଛି ଯେ ତାଙ୍କୁ ଦରକାର କରିବ । ଆଦିତ୍ୟ ଥିଲେ ଏତେବେଳକୁ କେତେଥର ଡାକ ସାରନ୍ତେଣି - "ଟିକେ ଆଳୁ, ବାଇଗଣ, ବଡି ସହିତ ସଜନା ଛୁଇଁ ପକେଇ ତରକାରି କରିବ ତ । ଓଡିଆ ଖାଇବା ମନେ ପଡୁଛି ।" ନହେଲେ କହିଥାନ୍ତେ - "ତମେ ଏମିତି ଅଳସୁଆ କାହିଁକି ହେଉଛ ? ଦେଖୁଛ ତ ନିଜକୁ ? କଣ ଦେଖା ହେଉଥିଲ ଆଉ ଏବେ କଣ ଦିଶୁଛ ? ଗୋଟିଏ ବୋଇତାଳୁ ।"

ଆଦିତ୍ୟଙ୍କ କଥାରେ ଟିକେ ଚଡିଥାନ୍ତି ଅନୁପମା । ରାଗିକରି କହିଥାନ୍ତି, "ଯାଉନ ତା' ପାଖକୁ ଯିଏ ସରୁ କାକୁଡି ଭଳି ଦିଶୁଛି । ମୁଁ କଣ ମନା କରୁଛି । "

ସେମିତି ପୁଅ, ଝିଅ ଘରେ ଥିଲେ ସେମାନେ ବି ଅନୁପମାଙ୍କୁ ଲୋଡିଥାନ୍ତେ । ନ ଲୋଡିଲେ ବି ଅନୁପମା ଯାଇ କୁକୁର ଲାଞ୍ଜ ହଲେଇବା ଭଳି ପିଲାମାନଙ୍କୁ ପଚାରୁଥାନ୍ତେ, "ଆରେ କେତେ ସେ ଫୋନ୍‌ଟାକୁ ଦେଖୁଛୁ ମ ? କାକରା ପିଠା କରିଥିଲି ତୋ ପାଇଁ । ଗୋଟିଏ ବି ଖାଇଲୁନ ।"

ପୁଅ ରାଗିଥାନ୍ତା । "ତମେ ନା ମା, ମତେ ପୋଟଳ ନକରି ଛାଡିବନ । ଦେଖୁଛ ତ ମୋ ପେଟ କେମିତି ବାହାରି ଆସିଲାଣି । ମୁଁ ଏବେ ତେଲ, ମିଠା ଖାଇବା ନିୟନ୍ତ୍ରଣ କରୁଛି । ନହେଲେ ତମଭଳି ଡାଇବେଟିସ୍ ହୋଇଯିବ ।"

ଝିଅ ବି ସେମିତି କହିଥାନ୍ତା । "ହଁ ମା, ତମେ ଏବେ ସେ ଓଡିଆ ରନ୍ଧା ଭୁଲିଯାଅ । ବାବାରେ କେତେ ତେଲ, ମସଲା ପକାଉଛ ? ୟୁଟିୟୁବରେ ଏବେ କେତେ ନୂଆ ରନ୍ଧଣା ସବୁ ବାହାରୁଛି । ବିନା ତେଲ, ମସଲାରେ କେମିତି ସ୍ୱାଦିଷ୍ଟ ଖାଦ୍ୟ ତିଆରି କରିହେବ । ତମେ ସେମିତି ଶିଖ । ନହେଲେ ତମ ପାଇଁ ଆମର ବି ଚନ୍ତା ହେଉଛି ।"

ହେଲେ ଏବେ କେହି ପାଖରେ ନାହାନ୍ତି । ଏ ଘରର ଏକମାତ୍ର ଅଧୀଶ୍ୱରୀ ଅନୁପମା । ସିଏ ଶତକଡା ୧୦୦ ପ୍ରତିଶତ ସ୍ୱାଧୀନ । ଆଦିତ୍ୟ ମାସକ ପରେ ଫେରିବେ । ସିଏ ଓଡିଶାରେ ଘର ତିଆରି କରୁଛନ୍ତି । ସେଠି କଣ ଗୋଟିଏ ଆଦର୍ଶ ବିଦ୍ୟାଳୟ ଖୋଲିବେ ବୋଲି ତାଙ୍କର ଇଚ୍ଛା । ଆଉ ଏ ପୁଅ, ଝିଅ ଦୁଇଟିଙ୍କୁ ଏମିତି ବ୍ୟବହାର ଦେଖାଉଛନ୍ତି, ଯେମିତି ସେମାନେ ସାବତ ପିଲା । ଝିଅ ତ ଥରେ ମୁହଁମୁହେଁ କହିଦେଲା, "ତମେ ସତରେ ମୋର ନଜ ବାପା ବୋଲି ମୁଁ ବିଶ୍ୱାସ କରିପାରୁନ ।"

ଉତ୍ତରରେ ଆଦିତ୍ୟ ଏମିତି ନଷ୍ଠୁର ବାଣୀ ଶୁଣେଇଲେ ଯେ ଅନୁପମା ବି ଚମକ ପଡିଲେ । "କଏ ଜାଣେ ତୋ ମା ତତେ କେମିତି ଜନ୍ମ କରିଛି ? ନହେଲେ ମୋ ପିଲା ହୋଇ ତୁ ଏମିତି ନର୍ଣ୍ଣୟ ନେଉଛୁ ବୋଲି ମୁଁ ତ ବିଶ୍ୱାସ କରିପାରୁନ ।"

ଏଇତ ସାତଦିନ ତଳେ ଝିଅ ଝିଅ ଏଲିର ବାହାଘର ସରିଲା । ହେଲେ ଝିଅ ଗୋଟିଏ ଆମେରିକାନ୍ ପୁଅକୁ ବାହାହେଲା ବୋଲି ଅଭିମାନ କରି ଆଦିତ୍ୟ ଓଡିଶା ଚାଲିଗଲେ । ଝିଅର ବାହାଘରରେ ରହିବେନ କି ସେ ଝିଅର ମୁହଁ ଚାହିଁବେନ ବୋଲି କହି ସବୁ ଦାୟିତ୍ୱ ଅନୁପମାଙ୍କ ଉପରେ ଲଦିଦେଇ ଗଲେ । ଝିଅର ବି ଅଭିମାନ ବଢିଥିଲା । "ଏମିତି ବାପା କାହାକୁ ନମିଳୁ । ଏ ଦେଶରେ ଆସି ରହିବ, ଅର୍ଥ ରୋଜଗାର କରିବ, ସମ୍ମାନ ପାଇବ । ହେଲେ ଏ ଦେଶ ଲୋକଙ୍କୁ ଗ୍ରହଣ କରିବନ । ଏ ଦେଶର ଆଚାର, ବ୍ୟବହାର, ସଂସ୍କାରକୁ ବି ଗ୍ରହଣ କରିବନ । ଏତେ ସ୍ୱାର୍ଥପର । ସେଥିରେ କହିବେ କଣ ନା - ଆମେ ଧାର୍ମିକ ଲୋକ । ଆମେ ସବୁ ଲୋକଙ୍କୁ ସମାନ ଆଖିରେ ଦେଖୁଁ । ପୂରା ଛଳନା । ସେମିତି ଲୋକ ମୋ ବାହାଘରରେ ନ ରହିବା ହିଁ ଭଲ ।"

ଅନୁପମା କଣ କରିବେ ? ନା, ସ୍ୱାମୀଙ୍କୁ ବୁଝେଇ ପାରିବେ, ନା ଝିଅକୁ । ମଝିରେ ସିଏ ଯେ କେତେ ହଟାହଟା ହେଉଥିଲେ, ସେକଥା ନା ସ୍ୱାମୀ ବୁଝିଲେ, ନା ଝିଅ । ତଥାପି ମନକଥା ମନରେ ରଖି ସିଏ ଝିଅ ବାହାଘରର ସମସ୍ତ ଦାୟିତ୍ୱ ବୁଝିଥିଲେ । କମ୍ ସାଙ୍ଗସାଥୀଙ୍କୁ ନିମନ୍ତ୍ରଣ କରିଥିଲେ । ବରଘର ପକ୍ଷରୁ ୩୦ ଜଣ ଆସିଥିଲେ ଓ ସେମାନଙ୍କ ପକ୍ଷରୁ ଝିଅର ସାଙ୍ଗସାଥୀଙ୍କୁ ମିଶେଇ ଚାଳିଶି ଜଣ । ସେତିକରେ ବାହାଘର ସରିଲା । ବରଘର ପକ୍ଷରୁ ପଚାରିଥିଲେ, "ଝିଅର ବାପା କଣ ନାହାନ୍ତି ?"

ଅନୁପମା ଚଳେଇ କହିଥିଲେ, "ପରିବାରରେ କିଛି ଜରୁରୀ ପରିସ୍ଥିତି ଆସିଥିବାରୁ ତାଙ୍କୁ ଓଡିଶା ଯିବାକୁ ପଡିଲା ।"

ବାହାଘର ସରିଗଲା । ଝିଅ ଏଲି ଓ ତା' ସ୍ୱାମୀ ହନିମୁନରେ ଚାଲିଗଲେ ସୁଇଜର୍ଲାଣ୍ଡ । ପୁଅ ରାଜା ଫେରିଗଲା କାଲିଫର୍ଣ୍ଣିଆ, ତା ଚାକିରି ସ୍ଥାନକୁ । କେହି ତ ସେମିତି ସାଙ୍ଗସାଥୀ ଘରକୁ ଆସିନଥିଲେ । ତେଣୁ ଏକା, କେବଳ ଏକା ଘରକୁ ଫେରି ଆସିଥିଲେ ଅନୁପମା । ଶୂନ୍ୟ ଆଳୟ, ଶୂନ୍ୟ ହୃଦୟ, ଶୂନ୍ୟ ଭାବନାକୁ ନେଇ କବାଟ ଖୋଲି ଘରେ ପଶିଥିଲେ ସେ। ଏ ସମୟ କେମିତି କଟିବ ?

ଅନୁପମା କେବେ ବାହାରେ କାମ କରିନାହାନ୍ତି । ସେଇଟା ଥିଲା ଆଦିତ୍ୟଙ୍କର ଅଭିଳାଷ । ତାଙ୍କ ବାହାଘର ସମୟରେ ଅଲେଖା ଚୁକ୍ତି । ଆଦିତ୍ୟ ଯେବେ ଝିଅ ଦେଖି ଯାଇଥିଲେ, ତାଙ୍କୁ ଅନୁପମାଙ୍କ ବାପା, ମା ପଚାରିଥିଲେ ତାଙ୍କର ଇଚ୍ଛା, ଅନିଚ୍ଛା ବିଷୟରେ । ଉତ୍ତରରେ ଆଦିତ୍ୟ କହିଥିଲେ, "ମୋର ଦରକାର ଜଣେ ଜୀବନସାଥୀ ଯିଏ କି କେବେ ଚାକିରି କରିବାକୁ ଭାବିବନି । ବରଂ ମୁଁ କାମରୁ ଘରକୁ ଫେରିବାବେଳକୁ ମୋତେ ସ୍ୱାଗତ କରିବାକୁ ସୁସ୍ଥ ମନରେ, ସତେଜ ହୋଇ ମୋତେ ସ୍ୱାଗତ କରିବାକୁ ଘରେ ଚାହିଁ ରହିଥିବ ।"

ସେତେବେଳେ ଅନୁପମାଙ୍କର ବି ସେମିତି କିଛି ଅଭିଳାଷ ନଥିଲା । ଯଦିଓ ସିଏ ମନସ୍ତତ୍ତ୍ୱ ବିଜ୍ଞାନରେ ସ୍ନାତକୋତ୍ତର ପାସ୍ କରିଥିଲେ, ତେବେ ତାଙ୍କ ଅଭିଳାଷ କେବଳ ଜଣେ ଉଚ୍ଚଶିକ୍ଷିତ ଓ ସୁନ୍ଦର ସ୍ୱାମୀ ପାଇବାରେ ହିଁ ସୀମିତ ଥିଲା । ଆମେରିକାରେ କିଛିବର୍ଷ ରହିବାପରେ ତାଙ୍କର ବି ଇଚ୍ଛା ଥିଲା କିଛି କାମ କରନ୍ତେ, ହେଲେ ଆଦିତ୍ୟ ଚାହିଁନଥିଲେ ।

"କଣ ସେ ମଞ୍ଜୁଳା ଭାଉଜଙ୍କ ଭଳି ଜୀବନ ବଞ୍ଚିବ ? ପିଲା ଜନ୍ମ କରି ଛାଡିଦେଲେ ଓଡିଶାରେ । ସିଏ କେମିତି କା ମା' । କଣନା ୮ ଘଣ୍ଟା ଚାକରି କରି ଠିକ୍ ଭାବେ ପିଲା ସମ୍ଭାଳି ହେବନି । ମୁଁ ଏମିତି ହେବାକୁ କେବେବି ଦେଇପାରିବିନି ।" ଅନୁପମା ବି ସେମିତି ଅଡି ବସିନଥିଲେ । ସତରେ ଖାଲି ମଞ୍ଜୁଳା ଅପା କଣ, ଯେ କୌଣସି ଚାକରିଆ ମା' ମାନଙ୍କର ଅବସ୍ଥା ଦେଖିଲେ ସିଏ ଭାବନ୍ତି ହୁଏତ ଆଦିତ୍ୟଙ୍କ ନିର୍ଣ୍ଣୟ ଠିକ୍ ଥିଲା । ପିଲାମାନଙ୍କ ଦାୟିତ୍ୱ ଓ ସ୍ୱାମୀଙ୍କ ସେବାଯତ୍ନରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ହେଲେ କଣ ହେଲା ଫଳ ? ଝିଅଟାକୁ ଏତେ ଗୀତା, ଭାଗବତ ବୁଝେଇ, ଶେଷକୁ ସିଏ ଏତେ ଅଲଟ୍ରାମଡର୍ଣ୍ଣ ହୋଇ ବାହାରିଲା ଯେ, ଅନୁପମାଙ୍କୁ ମଧ୍ୟ ବେଳେବେଳେ ଝିଅ ଉପରେ ରାଗ, ଅଭିମାନ ହୋଇଥିଲା । ଶେଷକୁ ବାଛିଲା ଆମେରିକାନ୍ ସ୍ୱାମୀ ।

ଝିଅର ଏସବୁ ଚାଲିଚଳଣରେ ଆକ୍ଷେପ କରି ଆଦିତ୍ୟ ସବୁ ଦୋଷ ଅନୁପମାଙ୍କ ଉପରେ ଲଦିଦେଇଥିଲେ । "ଏତିକି କାମ ବି ତମେ କରିପାରିଲନି ? କେବଳ ଛୁଆ ଦୁଇଟିଙ୍କର ଦାୟିତ୍ୱ, ତାଙ୍କୁ ଭଲ ମଣିଷ କରି ଗଢିବା, ସେତିକି ବି କରିପାରିଲନି । ହେଲେ ଦେଖ ମଞ୍ଜୁଳା ଭାଉଜଙ୍କୁ, ଚାକରି କରି, ଘର ସମ୍ଭାଳି ତାଙ୍କ ପିଲାମାନଙ୍କୁ ରତ୍ନ ଭଳି କରି ଗଢିଛନ୍ତି। ଦୁଇଜଣ ଯାକ ଭାରତୀୟ ହିନ୍ଦୁ ପରିବାରରେ ହିଁ ବାହାହେଲେ । ଆଉ ତମେ, ଏମିତି ମୁହଁ ଏ ପିଲାମାନଙ୍କୁ ଦେଇଦେଇଛ ଯେ, ଛାଡ ।"

ଅନୁପମାଙ୍କର ଇଚ୍ଛା ହେଉଥିଲା କହନ୍ତେ, "ଆଗେ ତ ତମେ ମଞ୍ଜୁଳା ଭାଉଜଙ୍କୁ ଏତେ ସମାଲୋଚନା କରୁଥିଲ, ଆଉ ଏବେ ସେ ସବୁ ମନ୍ତବ୍ୟ ବଦଳେଇଦେଲେ ? ମୁଁ ବି ତ ସେମିତି କରିପାରିଥାନ୍ତି । ହେଲେ ତମ ଭଳି ସ୍ୱାମୀ ଯାହାର, ତା ସ୍ତ୍ରୀର ଭାଗ୍ୟରେ ଆଉ ଅଧିକ କଣ ଘଟିପାରିଥାନ୍ତା ?" ହେଲେ ସିଏ ଚୁପ୍ ରହିଲେ ଓ ଆଦିତ୍ୟଙ୍କର ସମସ୍ତ ତାଚ୍ଛଲ୍ୟକୁ ସହିଗଲେ ।

ଯେଉଁଦିନ ଝିଅ ତାର ପୁରୁଷବନ୍ଧୁ ବ୍ରାୟାନ୍ ହାନ୍ସେନକୁ ଧରି ଦେଢବର୍ଷ ତଳେ ପ୍ରଥମେ ଘରକୁ ଆସିଥିଲା, ସେଦିନ ଯେମିତି ଦୁନିଆ ଫାଟିପଡିଲା । ଆଦିତ୍ୟ ଫେଡେରାଲ୍ ଗଭର୍ଣ୍ଣମେଣ୍ଟରେ ଚାକରି କରୁଥିଲେ, ତେଣୁ ରକ୍ଷା ଯେ ସିଏ ସେ ବ୍ରାୟାନ୍ ସାମନାରେ କଛି କହିଲେନି । ହେଲେ ସେ ବ୍ରାୟାନ୍ ଯେତେବେଳେ ବିଦାୟନେଲା, ସେତେବେଳେ ତାଙ୍କର

ସମସ୍ତ କ୍ରୋଧ ଯେମିତି ମା', ଝିଅଙ୍କ ଉପରେ ବିସ୍ଫୋରିତ ହେଲା । "ତତେ ଏଇ ଶିକ୍ଷା, ଏଇ ସଂସ୍କାର ଦେଇଥିଲି ମୁଁ । ଶେଷରେ ତତେ କେହି ମିଳିଲେନି ଯେ, ତୁ ଏମିତି ଏକ ବାପା, ମା'ର ଠିକଣା ନଥିବା ପିଲା ସହିତ ବାନ୍ଧି ହୋଇପଡିଲୁ ?" - ଝିଅ ଉପରେ ବହେ ଗର୍ଜି ସାରି ଅନୁପମାଙ୍କ ଉପରେ ରାଗ ସୁଝେଇଲେ । "ଝିଅଟାକୁ ଏଇମିତି ବଢେଇଥିଲ ? ଶେଷରେ ଆମ ଓଡିଆ ସମାଜ ଭିତରେ ନାକ କଟେଇବ ।"

କଥାହେଲା କଣକି, ବ୍ରାୟାନ୍ ଜଣେ ଜାରଜ ସନ୍ତାନ । ତାର ବାପା, ମା' କିଏ ସିଏ ଜାଣେନି। ଅନାଥାଶ୍ରମରେ ବଡ ହୋଇଛି । ତାପରେ ତାକୁ ଜଣେ ଆମେରିକାନ୍ ଦଂପତି ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ଏକଥାଟା ଗ୍ରହଣୀୟ ହୋଇପାରୁ ନଥିଲା ଆଦିତ୍ୟଙ୍କର । କୋଉଠି ସେ ପୁରୁଷପୁରୁଷର ମିଶ୍ର ପରିବାର ଆଉ କୋଉଠି ଏ ଜାରଜ ବ୍ରାୟାନ୍ । ଝିଅକୁ ବହୁତ ଚାପ ପକେଇବାକୁ ପ୍ରଚେଷ୍ଟା ଜାରି ରଖିଲେ ଆଦିତ୍ୟ । "ଦେଖେ, ତାକୁ ଘରକୁ ନେଇ ଆସିଲୁ, ଆସିଲୁ, କିନ୍ତୁ ସଂପର୍କ ସେ ସାଙ୍ଗ ଭିତରେ ହିଁ ସୀମିତ ରହୁ । ମନେରଖିଥା, ଏମିତି ପିତାମାତା ପରିଚୟ ବିହୀନ ମଣିଷ ସହିତ ମୁଁ ତୋର କେବେ ବି ବାହାଘର କରେଇ ଦେବିନି ।"

ଝିଅର ବି ସେମିତି କୋପ ଚଢିଗଲା । "ତମେ କଣ କହୁଛ, ନିଜେ ବୁଝୁଛ ତ ବାପା ? ତମେ ସରକାରୀ ଚାକିରି କରି ଏମିତି କହିପାରୁଛ ? ତମ ସରକାର ଏକଥା ଶୁଣିଲେ ସିଧା କାମରୁ ବହିଷ୍କାର କରିଦେବ । ଜାଣିଛ ତ ମୁଁ ଜଣେ ପ୍ରାପ୍ତବୟସ୍କ ଝିଅ । ମୁଁ ଯାହାକୁ ଚାହିଁବି, ତାକୁ ବାହାହେବି । ତମେ ଯାହାକୁ ଚାହିଁବ, ତାକୁ ନୁହେଁ ।"

ଝିଅ ଏମିତି କହିଲା, ଯେମିତି ଆଦିତ୍ୟ ତାର ପୁଅ, ସିଏ ତାଙ୍କ ଝିଅ ନୁହେଁ । ଆଦିତ୍ୟଙ୍କର ମୁଣ୍ଡ ଉପରକୁ ପିତ୍ତ ଚଢିଗଲା । ଅନୁପମାକୁ ଦେଖେଇ କହିଲେ, "କୁହ, ତମ ଝିଅକୁ ମୁହଁ ସମ୍ଭାଳି କଥା କହୁ । ଆଉ ଏକଥା ମନେ ରଖୁ ଯେ, ସେ ବ୍ରାୟାନ୍ ସହିତ କେବେ ବି ମୁଁ ତାର ବାହାଘର କରେଇଦେବିନି ।"

"କଣ ତମେ କରିବ, କୁହ ତ କଣ ତମେ କରିବ ? କଣ ସେ ହିନ୍ଦି ସିନେମାର ବାପା ମାନଙ୍କ ଭଳ ଗୁଣ୍ଡା ଲଗେଇବ ତା' ପଛରେ ନା ଗୁଳ କରି ମାରିବ ?" - ଏଲିର ବି ସ୍ୱର ଚଢ଼ା ରହିଲା ।

"ହଁ, ହଁ, ଗୁଣ୍ଡା ଲଗେଇବି, ଗୁଳ କରି ମାରିବି । ହେଲେ ମୁଁ ଏ ବାହାଘର କେବେ ବି କରେଇଦେବିନ । ତତେ ତା' ସାଙ୍ଗ ଛାଡିବାକୁ ପଡିବ ।"

ଏଲି ଏତେ ରାଗିଲା ଯେ, ସାଙ୍ଗେସାଙ୍ଗେ ତା' ରୁମ୍‌କୁ ଗଲା । ବାକ୍ସରେ ତା' କପଡା କିଛି ପ୍ୟାକ୍ କରି, ବାକ୍ସ ସଜାଡି ଘରୁ ବାହାରିଗଲା । ଅନୁପମାକୁ କହିଲା, "ମା, ତମେ ଏଭଳ ମଣିଷ ସହିତ ଏତେଦିନ କେମିତି କାଟିପାରିଲ ? ମୁଁ ତାଙ୍କୁ ଘୃଣା କରେ ।"

ତାପରେ ଏଲି ଆଉ ବ୍ରାୟାନ୍‌କୁ ଧରି ଘରକୁ ଆସିଲାନ । ଛ ମାସ ପରେ ଅନୁପମାଙ୍କୁ ଫୋନ୍ କରି ଜଣେଇଲା ଯେ ବ୍ରାୟାନ୍ ତାକୁ ପ୍ରପୋଜ୍ କଲା ଓ ଏବେ ସେ ବାକ୍‌ଦତ୍ତା ହୋଇଗଲା । ଏକଥାଟିକୁ ଏଲି ଆଦିତ୍ୟଙ୍କୁ ଇମେଲରେ ଲେଖି ଜଣେଇଲା । ସେଦିନ ଅନୁପମା ଦେଖନ୍ତି ତ ଆଦିତ୍ୟ ବସି କାନ୍ଦୁଛନ୍ତି । "ସାତ ପୁରୁଷ ଆଉ ପାଣି ପାଇବେନ ଆମ ଘରୁ । କେମିତି ବାପା, ମା' ଓ ଘରେ ସମସ୍ତଙ୍କୁ ଜଣେଇବି ଏକଥା । ଖାନଦାନୀ ପୁରୁଷୋତ୍ତମ ମିଶ୍ରଙ୍କ ବଂଶର ଝିଅ ବାହାହେବ ଗୋଟିଏ ଜାରଜ ମଣିଷକୁ ? ଛି! ନାକ କାଟିଦେଲା ଏ ଝିଅଟା ।"

ପୁଣି ହଠାତ୍ ରାଗିଗଲେ ଆଦିତ୍ୟ । ଅନୁପମାଙ୍କୁ ଜଣେଇଦେଲେ, "ଦେଖ, ଏଲି ଯଦି ସେ ଜାରଜ ଟୋକାକୁ ବାହା ହୁଏ, ତେବେ ମୁଁ ସେ ବାହାଘରରେ ରହିବିନ । ତମ ଇଚ୍ଛା ହେଲେ ତମେ ଯିବ । କିନ୍ତୁ ମୁଁ ସେ କଳଙ୍କ କଥା ଦେଖି ପାରିବିନ କି ଦେଖି କରି ସହି ପାରିବିନ।" ସେଇଦିନରୁ ତାଙ୍କର ଡିପ୍ରେସନ୍ ବାହାରିଲା । ସେ ଡିପ୍ରେସନ୍‌ରୁ ମୁକ୍ତି ପାଇବା ପାଇଁ ଛୁଟି ନେଇ ବାରମ୍ବାର ଓଡିଶା ଗଲେ । ସେଠି ତାଙ୍କ ସ୍ୱପ୍ନର ବିଦ୍ୟାଳୟ ଗଢିବେ ବୋଲି କାମରେ ଲାଗିପଡିଲେ । ପ୍ରତିଜ୍ଞା କଲେ, ଏଲିର ବାହାଘରରେ ଗୋଟିଏ ପଇସା ବି ସିଏ ଖର୍ଚ୍ଚ କରିବେନ । ତା' ବାହାଘର ଧୂମ୍‌ଧାମରେ କରିବାକୁ ଯେଉଁ ସ୍ୱପ୍ନ ସେ ଦେଖିଆସିଥିଲେ,

ସେଥିପାଇଁ ଅର୍ଥ ସଞ୍ଚୟ କରି ଆସିଥିଲେ, ସେସବୁ ସିଏ ତାଙ୍କ ସ୍ୱପ୍ନର ବିଦ୍ୟାଳୟରେ ହିଁ ଖର୍ଚ୍ଚ କରିବେ ।

ଅନୁପମାଙ୍କର ଅନେକ ଅଭିମାନ ହେଉଥିଲା । ବାପ, ଝିଅଙ୍କର ଏ ସଂଘର୍ଷରେ ସିଏ ଦଳଚକଟି ହୋଇଯାଉଥିଲେ । ତାଙ୍କ ଆତ୍ମା କ୍ଷତବିକ୍ଷତ ହୋଇଯାଉଥିଲା । ମନ ଦୁର୍ବଳ ହୋଇଯାଉଥିଲା । ହେଲେ ଆଦିତ୍ୟଙ୍କର କଣ ଅନୁପମାଙ୍କ ପ୍ରତି ଟିକେ ବି ଭାବନା ନଥିଲା? ସିଏ ଅନୁପମାଙ୍କୁ ବୁଝିଲେନ କାହିଁକି ? ଝିଅଟା କଣ ଖାଲି ଅନୁପମାଙ୍କର ? ଦୁଃଖସୁଖର ସାଥୀ ହେବାପାଇଁ ତ ବେଦୀ ଉପରେ ହାତ ଧରିଥିଲେ । ଏବେ ଏମିତି ସଙ୍କଟ ସମୟରେ ହାତ ଛାଡିଦେଇ ପଳାୟନ ପନ୍ଥୀ ହେଲେ କେମିତି ଚଳବ ?

ଅଭିମାନ ବି ହେଉଥିଲା ଝିଅଟା ଉପରେ । ଟିକେ ବି ନିଜର ବଂଶମର୍ଯ୍ୟାଦା ବିଷୟରେ ଭାବିଲାନ । ଛୋଟବେଳେ ପ୍ରତିବର୍ଷ ତାକୁ ଓଡିଶା ନେଇ ଯାଉଥିଲେ ଏଥିପାଇଁ କି ପିଲା ନିଜ ବଂଶ, ପରିବାର ବିଷୟରେ ସଚେତନ ରହୁ । ଆମେରିକାରେ ଯେମିତି ଅସ୍ଥାୟୀ ସଂପର୍କରେ ହଜିଯାଇ ଏ ଯୁଗର ପିଲାମାନେ ଭୁଲ୍ କରି ବସୁଛନ୍ତି ସେମିତି ନକରୁ । ସାଙ୍ଗସାଥୀ, ଜୀବନସାଥୀ ନିରୂପଣ କରିବା ସମୟରେ ନିଜ ପରିବାରର ମାନମର୍ଯ୍ୟାଦାକୁ ମନରେ ରଖୁ । ହେଲେ ପିଲାଟା ହେଲା ପୂରା ଓଲଟା । କଲେଜ ଗଲାପରେ ସବୁ ଭୁଲିଗଲା। ନିଜ ମା'କୁ ବି ଭୁଲିଗଲା । ମନେ ରଖିଥିଲେ ସିଏ କଣ ବ୍ରାୟାନ୍ ଭଳି ଜୀବନସାଥୀଟିଏ ବାଛିଥାନ୍ତା ?

ଚିନ୍ତା ବି ହେଉଥିଲା ପୁଅ ରାଜା ବିଷୟରେ । ମହତେ ଯାହା ଆଚରିବେ, ଇତରେ ତାହାହିଁ କରିବେ । ଏବେ ପୁଅଟା ହୁଏତ ସେମିତି କରିବ । କୋଉ ଅଜାତିର ଝିଅକୁ ଆଣି ଘରେ ପୁରେଇବ । ସେତେବେଳେ କଛି ତ କହି ପାରିବେନ ଅନୁପମା ।

ଏଲି ତା ବାହାଘରର ଦିନ, ଘଡି, ନକ୍ଷତ୍ର ନିଜେନିଜେ ଠିକ୍ କରିଦେଲା । ବାହାଘର ଭର୍ଜିନିଆ ବିଚ୍ ସହରରେ ଚର୍ଚ୍ଚରେ ୨ଟା ବେଳେ ଅନୁଷ୍ଠିତ ହେବ । କକ୍‌ଟେଲ୍ ଓ ରିସେପ୍‌ସନ୍ ନର୍‌ଫୋକ୍ ସହରରେ ହେବ, ସ୍ଲୋଭର୍ ଲାଇବ୍ରେରୀରେ । ଅପରାହ୍ନ ୫ଟାରେ

ତୃତୀୟ ମହଲାରେ କକଟେଲ୍ ହେବ ଓ ଅଭ୍ୟର୍ଥନା ଉତ୍ସବ ତଳ ମହଲାର ଅଳନ୍ଦରେ ୬ଟାରେ ଆରମ୍ଭ ହେବ ।

ଅନୁପମା କଛି ବୁଝିପାରୁନଥିଲେ । "ଲାଇବ୍ରେରୀରେ ବାହାଘର" - ଏ କଥାଟା ତାଙ୍କୁ ଅଜବ ଲାଗୁଥିଲା । ସିଏ ଏପର୍ଯ୍ୟନ୍ତ ଯେତେ ସବୁ ବାହାଘରରେ ଯୋଗ ଦେଇଛନ୍ତି, ସବୁ ବଡବଡ ହୋଟେଲରେ ହୁଏ । ଏବେ ଏଲିର ବାହାଘର ହେବ ଲାଇବ୍ରେରୀରେ । ହେଲେ ସିଏ ବା କଣ କରିପାରିବେ ? ସିଏ ତ କେବଳ ଅନ୍ୟର ଇଶାରାରେ ନାଚବାକୁ ଜନ୍ମ ହୋଇଛନ୍ତି । ତିରିଶି ବର୍ଷ ଧରି ନାଚ ଆସୁଥିଲେ ଆଦିତ୍ୟଙ୍କର ଇଶାରାରେ, ଏବେ ନଚେଇବେ ପିଲାମାନେ । ଯିଏ ସବୁ ଆୟୋଜନ କରିଥାନ୍ତେ, ସିଏ ତ ଦୂରେଇଗଲେ । ଏବେ ଅନୁପମା ଅତିଥିଙ୍କ ଭଳ ଯିବେ, ଖାଇବେ, ପିଇବେ, ହସିବେ, କଥା କହିବେ ଓ ଫେରିଆସିବେ । ଏ ସନ୍ଧିକ୍ଷଣରେ ପୁଅ ରାଜା ହିଁ ତାଙ୍କୁ ସାହାଯ୍ୟ କଲା । ବାହାଘରର ଦୁଇଦିନ ପୂର୍ବରୁ ସିଏ ଓ ରାଜା ଯାଇ ସେ ଲାଇବ୍ରେରୀ ପାଖରେ ଥିବା ହିଲ୍ଟନ୍ ହୋଟେଲ୍‌ର ରହିଲେ । ତାଙ୍କ ପାଖରେ ଯାହା ସବୁ ସଞ୍ଚୟ ଥିଲା, ସେଥିରୁ ପନ୍ଦର ହଜାର ଡଲାର୍ ସିଏ ବାହାଘର ପାଇଁ ଦେଇଥିଲେ । ଅନ୍ୟ ସବୁ ଖର୍ଚ୍ଚ ଏଲି ଓ ବ୍ରାୟାନ୍ ବଣ୍ଟାବଣ୍ଟି କରି କଲେ । ବାହାଘରର ଫଟୋଗ୍ରାଫର୍ ଯେବେ ସେମାନଙ୍କ ପରିବାରର ଫଟୋନେବାକୁ ଡାକଥିଲା, ସେତେବେଳେ ଆଦିତ୍ୟଙ୍କୁ ମନେପକାଇ ଅନେକ ଦୁଃଖିତ ହୋଇଥିଲେ ଅନୁପମା। ବରଂ ପୋଷ୍ୟପୁତ୍ର ହୋଇଥାଉ, ବ୍ରାୟାନ୍‌ର ପିତାମାତା ଓ ସେମାନଙ୍କ ହିସାବର ସମସ୍ତ ସଂପର୍କୀୟ ଜନ୍ତୁ ବାହାଘରରେ ମହଜୁଦ ଥିଲେ ।

ଏବେ କଣ ହେବ ? ଆଦିତ୍ୟ ଓଡିଶାରୁ ଫେରି ଆସି କେମିତି ପ୍ରତିକ୍ରିୟା ଦେଖେଇବେ, ସେଇ ଚନ୍ତା ଅନୁପମାଙ୍କୁ ବେଶି ବିବ୍ରତ କରୁଥିଲା । ଭଲହେଇଛି ଯେ ଆଦିତ୍ୟ ତାଙ୍କ ସ୍ୱପ୍ନର ସ୍କୁଲ୍ ଉପରେ ମନୋନିବେଶ କରିଦେଇଛନ୍ତି । ମନସ୍ତତ୍ତ୍ୱ ବିଜ୍ଞାନ ଶିକ୍ଷାରୁ ସିଏ ଏତିକ ହିଁ ବୁଝିଛନ୍ତି ଯେ, ଯେଉଁ କଥା ମନ ଉପରେ ଚାପ ପକାଏ, ସେଥିରୁ ନିସ୍ତାର ପାଇବାର ସବୁଠାରୁ ଭଲ ଉପାୟ ହେଲା, କୌଣସି ଗୋଟିଏ ମନପସନ୍ଦର ସୁଖଦାୟକ କାର୍ଯ୍ୟରେ ମନୋନିବେଶ କରିଦେବା ।

ଅନୁପମା ସ୍ଥିରକଲେ ଯେ ତାଙ୍କର ବି ଓଡିଶା ଯିବା ଉଚତ । ଏବେ ତ ଏଲିର ବାହାଘର ସରିଗଲା । ଆଦିତ୍ୟ ସେଠି ଅଛନ୍ତି । ଏଠି ଏକା ରହି ସିଏ କଣ କରିବେ ? ସିଏ ଏବେ ଗଲେ ପୁଣି ଆଦିତ୍ୟଙ୍କ ସହିତ ଫେରିଆସିବେ ।

ଏମିତି ଭାବି ସୋଫାରୁ ଉଠି ଆଦିତ୍ୟଙ୍କୁ ଫୋନ୍ ଲଗେଇଲେ ଅନୁପମା । ଦୁଇତିନଥର ଡାକବା ପରେ ବି କେହି ଫୋନ୍ ନ ଧରିବାରୁ ମନକୁ ପାପ ଛୁଇଁଲା । ଝିଅ ବାହାଘର ପରେ ତାଙ୍କ ମନ ଉପରେ ବେଶି ଚାପ ପଡି ଯାଇନ ତ ? କଛି ଭୁଲ୍ କରିବସିନାହାନ୍ତି ତ ? ତାଙ୍କ ପ୍ରତିକ୍ରିୟାକୁ ଡରି ଏଲି ବାହାଘର ପରେ ସିଏ ତାଙ୍କୁ ଫୋନ୍ ବି କରିନାହାନ୍ତି କ ଆଦିତ୍ୟ ବି ନିଜ ତରଫରୁ ଫୋନ୍ କରି ପଚାରି ବୁଝିନାହାନ୍ତି ।

ଅନୁପମା ନଣନ୍ଦ ଆନଙ୍କୁ ଫୋନ୍ ଲଗେଇଲେ । ଆନ ଫୋନ୍ ଧରିଲେ । ଜଣାପଡୁଥିଲା ବାହାରେ କେଉଁଠି ପାର୍ଟିରେ ଅଛନ୍ତି । ସେପଟେ ସଂଗୀତ ଓ ଉତ୍ସବର ବାତାବରଣ ଥିବା ଭଳ ମନେ ହେଉଥିଲା ।

ଅନୁପମା ପଚାରିଲେ, "କଣ କେଉଁଠି କାହାର ବାହାଘର ଉତ୍ସବକୁ ଯାଇଛ ନା କଣ ? ତମ ଭାଇଙ୍କୁ ଫୋନ୍ ଲଗେଇ ସିଏ ଧରିଲେନ । ତେଣୁ ତମକୁ ଡାକଲି । ସବୁ ଠିକ୍ ଅଛି ତ?"
ଆନ ଅତି ଖୁସିରେ କହିଲେ, "କାହା ବାହାଘର କଣ? ଆମ ଏଲି ବାହାଘରର ଭୋଜି ଚାଲିଛି ପରା ?"

"ଏଲି ବାହାଘରର ଭୋଜି ? କଏ ଦେଉଛି ? ତମ ଭାଇ ?" - ଅନୁପମା ପଚାରିଲେ ।

"ଖାଲି ଭାଇ ନୁହଁନ୍ତି । ବାପା, ବୋଉ, ମୁଁ ସମସ୍ତେ । ଏଲିର ସ୍ୱାମୀ ବ୍ରାୟାନ୍, କେତେ ଗୋରା କ ଭାଉଜ ? ସିଏ ତ ପ୍ରଦର୍ଶନୀ ପାଲଟି ଯାଇଛି । ବହୁତ ବଢିଆ ପିଲା । ସମସ୍ତେ ତାକୁ ଦେଖି ବଡ ଖୁସି ।" - ଆନ ବହୁତ ଖୁସିରେ ଗଦଗଦ ହୋଇ କହିଲେ ।

ଅନୁପମା - "କଣ ତମେ କହୁଛ, ମୁଁ ବୁଝିପାରୁନ । ବ୍ରାୟାନ୍କୁ ସେଠି ସମସ୍ତେ କେମିତି ଦେଖିଲେ ? କଣ ଫେସ୍‌ବୁକ୍‌ରୁ ?"

ଆକାଶ - "ଭାଉଜ, ତମେ କଣ କହୁଛ, ମୁଁ ବି ବୁଝିପାରୁନ । ତମେ ଜାଣିନ କି ଏଲି ଓ ବ୍ରାୟାନ୍ ଓଡିଶା ଆସିଛନ୍ତି ବୋଲି ?"

ଅନୁପମା ଯେମିତି ସେଇଠି କଠଗୁଡି ହୋଇ ପଡିବେ । ଏଲି ଓ ବ୍ରାୟାନ୍ ଓଡିଶା ଯାଇଛନ୍ତି ? ତାଙ୍କୁ ତ କହିଥିଲେ ସୁଇଜର୍‌ଲାଣ୍ଡ ଯାଉଛନ୍ତି ବୋଲି । ହେଲେ ଓଡିଶା ପୁଣି କେଉଁଦିନ ଗଲେ ?

ଆକାଶ ସେପଟୁ କହିବାରେ ଲାଗିଥିଲେ, "ଏଲି ଓ ବ୍ରାୟାନ୍ ତ ଆମ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଲେ । ବିଶେଷ କରି ଭାଇଙ୍କୁ । ସିଧା ଯାଇଥିଲେ ସ୍କୁଲ୍‌କୁ । ସେଠି ଭାଇଙ୍କୁ ଦେଖାକରି ତାଙ୍କୁ ଧରି ଆସିଲେ ଭୁବନେଶ୍ୱର । ବାପା, ବୋଉ ସମସ୍ତେ ବହୁତ ଖୁସି । ବାପା ତ ସାଙ୍ଗେସାଙ୍ଗେ ଲୋକ ଲଗେଇ ପାର୍ଟିପାଇଁ ସବୁ ଆୟୋଜନରେ ଲାଗିଗଲେ । ଜମା, ଗୋଟିଏ ଦିନରେ ମ, ସବୁ ଠିକ୍ ହୋଇଗଲା । ହେଲେ ତମେ ବିଶ୍ୱାସ କରିବନି ଭାଉଜ, ଆମ ଘରର ସମସ୍ତେ ଏଠି ଉପସ୍ଥିତ । କେବଳ ତମକୁ ଓ ରାଜାକୁ ଛାଡି । କେମିତି ଯୋଗ ଦେଖୁନ ? ବଡବାପା, ବଡବୋଉ, ଦାଦା, ଖୁଡି, ବଡ ଅପା, ମଝି ଅପା, ରାମ ଭାଇ, ଦାମ ଭାଇ, ସେ ଭାଉଜମାନେ, ସମସ୍ତେ, ଘରର ସମସ୍ତେ ମହଜୁଦ ।

ଅନୁପମା କିଛି ବୁଝିପାରୁନଥିଲେ । ହଠାତ୍ ଏଲି ଓ ବ୍ରାୟାନ୍ କେମିତି ଓଡିଶା ଚାଲିଗଲେ ? ତାଙ୍କୁ କହିତ ପାରିଥାନ୍ତେ ଅନ୍ତତଃ ? ଆଉ ଆଦିତ୍ୟ, ସତରେ କଣ ଆଦିତ୍ୟ ସେମାନଙ୍କୁ ଗ୍ରହଣ କରି ଖୁସିରେ ଅଛନ୍ତି ? କି ବାପା, ବୋଉଙ୍କ ଉପସ୍ଥିତିରେ ଅଭିନୟ କରୁଛନ୍ତି ? ସିଏ ଯାହାବି ହେଉନା କାହିଁକି ଖବରଟା ଭଲ ଲାଗୁଥିଲା ଅନୁପମାଙ୍କୁ । ଯେଉଁ ବାପା, ବୋଉଙ୍କ ପ୍ରତିକ୍ରିୟାକୁ ଡରି ଆଦିତ୍ୟ ଏମିତି ପ୍ରତିକ୍ରିୟା ଦେଖାଉଥିଲେ, ସେମାନେ ଯେତେବେଳେ ଏମାନଙ୍କୁ ଗ୍ରହଣ କରିନେଲେଣି, ଆଦିତ୍ୟଙ୍କୁ ଗ୍ରହଣ କରିନେବାକୁ ଆଉ କେତେ ଡେରି ଲାଗିବ ?

ଆକାଶକୁ କହିଲେ ଅନୁପମା, "ବହୁତ ଭଲ ଖବର ଦେଲ ତମେ । ମୁଁ ସତରେ ଏସବୁ ଜାଣିନଥିଲି । ହେଉ, ଏବେ ତମେ ପାର୍ଟିର ମଜା ନିଅ । ମୁଁ ପରେ ଫୋନ୍ କରି ବୁଝିବି ।"

ବଡ ଅଭିମାନ ହେଲା ଅନୁପମାଙ୍କର । ଝିଅଟାର ମନରେ ଯଦି ଏମିତି ଥିଲା, ସିଏ ଅନୁପମାଙ୍କୁ ଜଣେଇଲାନି କାହିଁକି ? ତାହେଲେ ଅନୁପମା ମଧ୍ୟ ଓଡିଶା ଯାଇଥାନ୍ତେ ଓ ଏବେ ସମସ୍ତ ପରିବାରଙ୍କ ସହିତ ଖୁସି ମନାଉଥାଆନ୍ତେ । ହେଲେ ଯାହାବି ହେଉ, ଏଲି ଓ ବ୍ରାୟାନ୍‌ଙ୍କର ବିଗ୍ଧର, ବୁଦ୍ଧିକୁ ମନେମନେ ସେ ବହୁତ ତାରିଫ୍ କଲେ ।

ଏ ସବୁ ଖବର ତ ନିଶ୍ଚୟ ଭଲ । ଅନୁପମାଙ୍କ ମନରେ ତାଙ୍କ ସୁନ୍ଦର ଓ ସୁଖୀ ପରିବାରର ଦୃଶ୍ୟ ଭାସିଉଠିଲା । ସେଥିରେ ଆଦିତ୍ୟ ହସୁଥିଲେ । ଏଲି ଓ ବ୍ରାୟାନ୍ ଭାରତୀୟ ବେଶପୋଷାକରେ ଖୁବ୍ ସୁନ୍ଦର ଦିଶୁଥିଲେ । ଓଡିଶାରୁ ପରିବାରର ସମସ୍ତେ ଆମେରିକାକୁ ଆସିଥିଲେ, ଏଲି ଓ ବ୍ରାୟାନ୍‌ଙ୍କର ପ୍ରଥମ ବିବାହ ବାର୍ଷିକୀ ଉତ୍ସବ ପାଳନ କରିବା ପାଇଁ । ଘରେ କୋଳାହଳ ଜମି ଯାଉଥିଲା । ସମସ୍ତେ ଖୁସି, ସମସ୍ତେ ସୁଖୀ ।

ବାହାଘରରେ ନ ହୋଇପାରିଲା ନାହିଁ, ସେମାନଙ୍କ ବିବାହ ବାର୍ଷିକୀ ସିଏ ନିଶ୍ଚୟ ବଡ ଧୁମ୍‌ଧାମରେ ହୋଟେଲରେ କରିବେ । ଆଦିତ୍ୟ ନିଶ୍ଚୟ ସେ ଭିତରେ ସେମାନଙ୍କୁ ସଂପୂର୍ଣ୍ଣ ଭାବରେ ଗ୍ରହଣ କରିସାରିଥିବେ । ଏଲି ଓ ବ୍ରାୟାନ୍ ଏଥିରେ ପ୍ରତିବାଦ କରିବେନି । ଏମିତି ସବୁ ସୁଖର ଭାବନାରେ ଅନୁପମାଙ୍କ ମୁଖମଠଳରେ ଏକ ଆନନ୍ଦର ଜ୍ୟୋତି ପ୍ରକାଶିତ ହେଉଥିଲା ଓ ତାଙ୍କ ମୁଖମଣ୍ଡଳ ଝଲସୁଥିଲା ।

ରଦର୍‌ଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# କେମିତି ଗଲଯେ ଭୂଲି



ସଂଯୁକ୍ତା ମହାପାତ୍ର

ପ୍ରିୟତ୍ତମ ମୋର ପ୍ରିୟା ବୋଲି କହି
କେତେ ଯେ ପାଇଲ ଭଲ,
କୁଅଁରୀ ମନକୁ ଚହଲାଇ ଦେଲ
ଭଲ ପାଅ କହି ଦେଲ ।
କାହିଁକି କେଜାଣି ଏ ଜୀବନେ ଏତେ
ତୁମକୁ ପାଇଲି ଭଲ,
ଭଲ ପାଇ ଶେଷେ ଭୁଲିଗଲ ତୁମେ
ମନ ବନ ଜାଳ ଦେଲ,
କଥା ଦେଇ ଭୁଲି ଗଲ ।।

ତୁମେ ମୋର ପ୍ରାଣ ମୁଁ ତୁମ ନିଶ୍ୱାସ
କେମିତି ବଞ୍ଚିବି କୁହ,
ଦେହରୁ ନିଶ୍ୱାସ ହୋଇଗଲେ ଶେଷ
ରହିବ କି ଆଉ ପ୍ରାଣ,
ପ୍ରାଣ ବିନା ଦେହ ରହି କି କରିବ
ନଥିଲେ ନିଶ୍ୱାସ ଧନ ।
ନିଶ୍ୱାସ ନ ଥିଲେ ଦେହର କି ଲୋଡା
ଏକ ବିନା ଆନ ଶୂନ୍ୟ,
ତୁମ ବିନା ମୋର ଜୀବନ ବିଅର୍ଥ
ବାରୀ ବିନା ଘନ ସମ ।।

ପଟିଆ, ଭୁବନେଶ୍ୱର

# ଏଇ ଜନ୍ମ ମୋତେ ଦିଅ



ବୈଦ୍ୟନାଥ ପଣ୍ଡା.

ଯଦି ଜନ୍ମ ଦେବ    ସଂସାରରେ ମୋତେ
ପ୍ରଭୁ ଏଇ ଜନ୍ମ ମତେ ଦିଅ
ପର ହିତ ପାଇଁ    ଜୀବନ ଦେବାକୁ
ମୋତେ ସାହସ ଶକତି ଦିଅ

ସମ୍ପଦ ବେଳେ ମୁଁ    ଗୃତର ନହୋଇ
ତୁମ ପାଦ ସଦା ଚନ୍ତୁଥିବି
ବିପଦ ଆପଦେ    ପୀଡିତ ଲୋକର
ତାଙ୍କ ସେବା ନତୀ କରୁଥିବି

ଗଛଟିଏ ହୋଇ    ସେବା କରୁଥିବି
ମତେ ଗଛଟିଏ କରିଦିଅ
ଢେଲ୍‌ମାଢ଼ ଖାଇ    ମଣିଷ ଠାରୁ ମୁଁ
ଡାକିବି ଆସ ମୋ ଫଳ ଖାଅ
ଯଦି ଜନ୍ମ ଦେବ    ସଂସାରରେ ମୋତେ
ଏଇ ଜନ୍ମ ମୋତେ ଦିଅ

ନଦୀଟିଏ ସତେ ହୋଇଯାଇ ମୁହିଁ
ଝର ଝର ହୋଇ ବହୁଥିବି

ତୃଷାର୍ତ୍ତ ଜନର ତୃଷା ମୁଁ ମେଣ୍ଟାଇ
ଜଗତ ହିତରେ ଲାଗୁଥିବି

ସ୍ରୋତସ୍ୱିନୀ ହୋଇ ବହିଯାଏ ମୁହିଁ
ମୋତେ ସ୍ରୋତସ୍ୱିନୀ କରିଦିଅ
ଯଦି ଜନ୍ମ ଦେବ ସଂସାରରେ ମତେ
ପ୍ରଭୁ ଏଇ ଜନ୍ମ ମୋତେ ଦିଅ

ଧେନୁଟିଏ ମତେ କରିଦେବ ଯଦି
ପ୍ରଭୁ କରିଦିଅ ଧେନୁଟିଏ
ସନ୍ତାନ ପାଳିବି ସ୍ତନ୍ୟ କ୍ଷୀର ଦେଇ
ହୋଇବେ ମୋ ସନ୍ତାନ ସଭିଏଁ

ମାଆ ଟିଏ ହୋଇ ସନ୍ତାନ ପାଇଁ ମୁଁ
ଖଟାଇଦେବି ଏଇ ମୋର ଦେହ
ପରହିତ ପାଇଁ ବଞ୍ଚିବି ମୁଁ ପ୍ରଭୁ
ଏଇ ଶକ୍ତି ମତେ ପ୍ରଭୁ ଦିଅ ।

ଅବଦଲ ପୁର, ଯାଜପୁର

# ଶୀତ



ପ୍ରକାଶ ସାହୁ

ଶୀତ ମୋର ମିତ ଦେଖା ହୁଏ ଯେବେ
ଜାବୁଡି ଧରଇ ସେତ
ଶୀତଳ ପବନେ ନାଚ ବୁଲୁ ଥାଇ
ଛାଡି ଦିଏ ନାହିଁ ହାତ
ସବୁଜ ଶୋଭା ରେ ହସି ଉଠୁଥାଏ
ଚାଷୀ ଭାଇଙ୍କ ର କ୍ଷେତ
ନାନା ଜାତି ଫୁଲ ଫଳ ରେ ଭରତି
ଯାହା ଦେହ ପାଇଁ ହିତ
ଯେତେ ଘୋଡ଼ି ହେଲେ ଦେହକୁ ଥରାଏ
ଏ ତ ଶୀତ ର ଅଝଟପଣ
ଘୋଡ଼ ଲାଗି ହୁଏ ଶ୍ରୀଜଗନ୍ନାଥ ଙ୍କ
କଥା ଟି ବିଚାର ଜାଣ
ସୁସ୍ଥ ରହିଥାଏ ଦେହ ଆଉ ମନ
ଭାରି ଭଲ ଲାଗେ ଶୀତ
ଋତୁ ବଦଳଲେ ଶୀତ ଯିବ ଚାଲି
ଅଗ୍ନି ପୂର୍ଣ୍ଣିମା ରେ ହେବ ସତ

ନଭି ମୁମ୍ବାଇ, ମହାରାଷ୍ଟ୍ର

# ଗୁଲଯିବା ଶିରୀକ୍ଷେତ୍ର



ଶରତ ଚନ୍ଦ୍ର ଜାଲି

ଶୁଆଶାରୀ ଦୁହେଁ କଥା ହେଉଛନ୍ତି
ଗୁଲଯିବା ଶିରୀକ୍ଷେତ୍ର
ଶ୍ରୀଜିଉ ଦର୍ଶନେ ରତ୍ନ ସିଂହାସନେ
ପବିତ୍ର କରିବା ନେତ୍ର ॥
ଏଠି ସେଠି ଆଉ ଉଡି ବୁଲିବାରେ
ଜୀବନରେ ଲାଭ ନାହିଁ
ବେଳ ଥାଉଥାଉ ଜଗମୋହନରେ
ଜଗିଥିବା ଦୁହେଁ ଯାଇ ॥
ଭୋକ ହେଲେ ତୁଣ୍ଡେ କୈବଲ୍ୟ କଣିକା
ପରଶି ଦେବେ ସେ ହରି
ଶୋଷ ହେଲେ ଟଙ୍କ ତୋରାଣି ପିଇଲେ
ସବୁ ଦୁଃଖ ଯିବ ସରି ॥
ବାରମାସେ ତେର ଯାତରା ଦେଖିବା
ଭକତ ମେଳରେ ରହି
ମଙ୍ଗଳ ଆଳତୀ ସଂଜଧୂପ ବେଳେ
ତୁଣ୍ଡେ ରାମକୃଷ୍ଣ କହି ॥
କଳପବଟରେ ବସା ବାନ୍ଧି ଆଶା
ରଖି ଶ୍ରୀପୟରେ ଚଉ

ଆଶିଷ ମାଗିବା ଶେଷବେଳ ପାଇଁ
ମାଗିବାକ୍ନ କଛି ବିତ୍ତ ॥
ଆଉ ଯେତେକାଳ ବଞ୍ଚିବା ଲେ୍ ଶାରୀ
ଶ୍ରୀକ୍ଷେତ୍ରେ ଦେବା ବିତେଇ
କେତେ ମଠ କେତେ ମନ୍ଦିର ବେଢାରେ
ଦେଖିବା ଗୌର ନତେଇ ॥
ଅନ୍ତକାଳେ ଅନ୍ତରେ ସ୍ମରି ପ୍ରଭୁଙ୍କୁ
ଛାଡିବା ପିଣ୍ଡୁ ପରାଣ
ସରଗ ଦୁଆରେ ସ୍ୱର୍ଗପ୍ରାପ୍ତ ହୁଏ
ବଖାଣେ ବେଦ ପୁରାଣ ॥
ଆଉ ଡେରି ଜମା କରିବା ନାହିଁଲେ୍
ଯିବା ଗ୍ରୁଲ ଉଡିଉଡି
ବାଇଶି ପାହାଚେ ପଡି ରହିଥିବା
ଜନ୍ମେଜନ୍ମେ କର ଯୋଡି ॥

ପଥର୍, ଖଲିକୋଟ, ଗଂଜାମ

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ସୁନ୍ଦରବନରେ ଯାତ୍ରା (୪)



ଅଶୋକ ବିଶ୍ୱାଳ

ବାଙ୍କରେ ବୁଲି, ମୁଖ୍ୟ ନଦୀରେ ନଯାଇ ପରେ ପୁଣି ହରିଣଭଙ୍ଗା ନଦୀର ମୁହାଣକୁ ସେମାନେ ଆସିଲେ । ତଳଆଡକୁ ହରିଣଭଙ୍ଗା ନଦୀଟା ବହୁତ ଚଉଡା ହୋଇଯାଇଛି । ଭାରତପଟେ ଅନେକ ଦ୍ୱୀପର କୂଳ ଖାଉଛି । ବହୁତ ମାଟି ଧୋଇଗଲାଣି । ପ୍ରାୟ ୫୦ ମିଟର ଦୂରରେ ଜଙ୍ଗଲ । ସେପର୍ଯ୍ୟନ୍ତ କୂଳ ଏକଦମ ଖାଇଯାଇଛି । ଅନେକ ଗଛ ସେଠି ଉପୁଡି ପଡିଛି । ବଗଟିଏ କାଦୁଅରେ ଏକଧ୍ୟାନରେ ଠିଆ ହୋଇଥିଲା । କେଉଡା ଗଛର ଚେର ଗୁଡାରୁ ମାଟି ଏକଦମ ଛାଡିଯାଇଛି । ତାପରେ ଦ୍ୱୀପଟା ଏକଦମ ବୁଲିଯାଇଥିଲା । ତାପରେ ଖୋଲା ସମୁଦ୍ର ଭଳି ନଦୀଟା ଚଉଡା ହୋଇଯାଇଥିଲା । ସେଇ ବାଙ୍କରେ, ନଦୀ କୂଳରେ ଏକ ଛୋଟ ଡଙ୍ଗା ଠିଆ ହୋଇଥିଲା । ପତଳା ସରୁ ଡଙ୍ଗା । ବାଙ୍ଗଲାଦେଶର ଡଙ୍ଗାଗୁଡାକ ଦୂରରୁ ଏମିତି ଲାଗେ । ସୀମାଟା ଭାରତ ଭିତରେ । ନଦୀର ସେପଟେ କାହିଁ କେତେ ଦୂରରେ ବାଙ୍ଗଲାଦେଶ । ଏମିତିଆ କୂଳ ଖାଇଯାଇଥିବା ଦ୍ୱୀପର ପାଖକୁ ବୋଟ ଯାଇପାରିବନି । ତଳେ ଚଡା ବା ଗଛ ଥିବ । ଉପରକୁ କଛି ଦେଖାଯିବନି । ବାଡେଇହୋଇ ବୋଟର କ୍ଷତି ଘଟିବ ।

ଲୋକଗୁଡାକ କଳା କଳା ମୂର୍ତ୍ତିଭଳି ଲାଗୁଥିଲେ । ଏକ କଳାକାଠକୁ ଯେମିତି ରଙ୍ଗ କରିଦିଆଯାଇ ଠିଆ କରାଯାଏ ସେମିତି ଲୋକମାନେ ଲାଗୁଥିଲେ । ଦେହରେ ରଙ୍ଗୀନ ଗେଞ୍ଜି ଥିଲାଭଳି ଲାଗୁଥିଲା । କଳାମୂର୍ତ୍ତି ଉପରେ ଲାଲ ରଙ୍ଗର ଏକ ଘୋଷରା ଲାଲ ଚଉଡା ରେଖା । ସେମିତି ଏକ ମୂର୍ତ୍ତି ଆଗରେ କାତଧରି ସିଧାଠିଆ ହୋଇଥିଲା । ଆଗରେ କଛି ଚଡା ବା ଗଛ ଦେଖିଲେ ଡଙ୍ଗାକୁ ଦୂରକୁ ଠେଲିଦେବ । ଛୋଟ ଡଙ୍ଗା । ବେଶି ପାଣି

ଦରକାର ନାହିଁ । ତେଣୁ ଦେଖାଯାଉଥିବା କାଠ ବା ଗଛକୁ ଠେଲିଦେଲେ ଡଙ୍ଗା ଆଗକୁ ଗ୍ଲିଯିବ । ବୋଟ କନ୍ତୁ ଏତେ ପାଖକୁ ଆସିପାରିବନ । ତଳେଥିବା କାଠଗଣ୍ଡି ଦେଖା ଯିବନ । ଅଧିକାଂଶ ସୁନ୍ଦରବନର ଉପୁଡା ଗଛ ପାଣିରେ ଭ୍ସନ୍ତିନ ।
"କ୍ୟାପଟେନ ଜ୍ୟାକ ସ୍ପାରୋ ।"- ଦ୍ଳୟ କହିଉଠିଲ୍ ।

"ତା' ଠିଆହେବା ଭଙ୍ଗୀଟା ଦେଖୁନ । କ୍ୟାପଟେନ ଜ୍ୟାକ ସ୍ପାରୋ ଭଳ ଏମିତିଆ ହଲୁଥିବା ଡଙ୍ଗାରେ ସିଧାହୋଇ ଠିଆ ହୋଇଛି ।" –ଦ୍ଳୟ ଆଉଥରେ କହିଲ୍ । ପାଇରେଟସ୍ ଅଫ କାର୍‌ବିଆନ ଚଳଚ୍ଚିତ୍ରର ମୁଖ୍ୟ ନାୟକ କ୍ୟାପଟେନ ଜ୍ୟାକ ସ୍ପାରୋ ବିଶ୍ୱ ବିଖ୍ୟାତ । ଲ୍ୋକଟା ସତକୁ ସତ ଅତି ସିଧା ହୋଇ ଠିଆ ହୋଇଥିଲ୍ । ଡଙ୍ଗାଟା ଉଠୁଥିଲ୍ ପଡୁଥିଲ୍ । କନ୍ତୁ ଲ୍ୋକଟାର କଛି ହେଲ୍ ଭଳଆ ଲ୍ଗୁନଥିଲ୍ । ବହୁତ ଭଲ ସନ୍ତୁଳନ ବଜାଇ ରଖିପାରୁଥିଲ୍।

"କୌଶିକ, ତୁମକୁ କ୍ୟାପଟେନ ଜ୍ୟାକ ସ୍ପାରୋ ହେବାପାଇଁ ସୁବର୍ଣ୍ଣ ସୁଯୋଗ ।"- ଦ୍ଳୟ କହିଲ୍ ।

କୌଶିକ ଟିକେ ଅପ୍ରସ୍ତୁତ ହୋଇପଡିଲ୍ ।

"ତମେ ପାଞ୍ଚଦିନ ପର୍ଯ୍ୟନ୍ତ ନଗାଧୋଇ, ନଖିଅର ହୋଇ ଏମିତି ଠିଆହୋଇ ରହିବ । ତାହେଲେ କ୍ୟାପଟେନ ଜ୍ୟାକ ସ୍ପାରୋ ବନଯିବ । ଲ୍ୋକେ ତୁମର ନାମ ଜାଣିବେ ।"- ଦ୍ଳୟଡଙ୍ଗାର ଲ୍ୋକଟାକୁ ଅନାଇ କହୁଥିଲ୍ । ମଝିରେ ମଝିରେ ତା'ର ଆଖି କୌଶିକ ଉପରେ ବୁଲି ଆସୁଥିଲ୍ । କୌଶିକର ମୁହଁର ଭଙ୍ଗୀ ପରିବର୍ତ୍ତନ ହେଉଥିଲ୍ । ଯାହାହେଉ ଦ୍ଳୟତା'କୁ ଏକ ବଡ ପଦବୀ ଦେଉଛି । ତା'ର ଥଟ୍ଟାଟା କୌଶିକ ଭଲଭାବେ ବୁଝିପାରୁନଥିଲ୍ ।

କୌଶିକ ଟିକେ ହସି ଦେଲ୍ ।

ପାଓଲିଙ୍କୁ ଏମାନଙ୍କ କଥାବାର୍ତ୍ତା ମଜା ଲାଗୁଥିଲା । ଏମିତି ଏକ ଅଭାବନୀୟ ତୁଳନା ତାଙ୍କ ମନରେ ମଧ୍ୟ ଆସି ନଥିଲା । ତାଙ୍କ ମନରେ ମଣିଷ ଆଉ ଜଙ୍ଗଲ ଭିତରେ ଥିବା ସମ୍ବନ୍ଧ, ବାଘ ଆଉ ମଣିଷ ଭିତରେ ଲାଗି ରହିଥିବା ନିରନ୍ତର ସଂଘର୍ଷ ଉପରେ କେନ୍ଦ୍ରିତ ଥିଲା । ଏ ଭିତରେ ଏମିତି ଏକ ମଜାଳିଆ କଥା ତାଙ୍କୁ ହାଲୁକା କରିଦେଉଥିଲା । କଥାବାର୍ତ୍ତା ଭିତରେ ଏ ଡକାଏତମାନଙ୍କ ଡର ନଥିଲା ।

ସେ ଲୋକଟା ଏବେ ସ୍ପଷ୍ଟ ଦେଖାଗଲାଣି । ପତଳା ଲୋକଟିଏ । ଦେହଟା କଙ୍କାଳ, ହାଡ ଗଣିହେଇଯାଉଛି । ଲୋକଟା ଡଙ୍ଗାର ଏକଦମ ଆଗରେ ଠିଆହୋଇ କାତ ଧରିଥିଲା । ବୋଟର ମଝିରେ ଜଣେ ଲୋକ । ପଛକୁ ଆଉ ଜଣେ । ପଛ ଲୋକଟା ତଳକୁ ଜାଲ ଓହ୍ଲାଉଥିଲା । ପାଣିର ସୁଅ ବେଶ ଟାଣ ଥିଲା । ଏ ଯାଗାରେ  ପାଣି ସିଧା ଜମିରେ ମାଡ ହୁଏ । ଜୁଆର ସମୟରେ ଭଲ ମାଛ ମିଳିବେ । ଆଗର ସେ ଡଙ୍ଗାଟା ଜୋରରେ ହଲୁଥିଲା "କୂଳ ଆହୁରି ଖାଇବ ।"- ଗାୟନବାବୁ କହିଲେ ।

"ମାଛ ପାଇଁ ବେଶ ଭଲ ସ୍ଥାନ । ଏମିତିଆ ଯାଗାରେ ମାଛକୁ ଖାଇବାପାଇଁ ବେଶ ମିଳେ । ସେମାନେ ଯେମିତି ହାଉଯାଉ ହୁଅନ୍ତି ।"-ହାଲଦାରବାବୁ କହିଲେ ।

କୌଶିକ ଏକା ଲୟରେ ସେ ଲୋକଟାକୁ ଅନାଇଥିଲା । ଏତେ ପତଳା ଲୋକଟା କେମିତି ଏକଦମ ସିଧାହୋଇ ସରୁଆ ମଙ୍ଗରେ ଠିଆ ହୋଇଥିଲା? ତା' ହାତରେ ଏତେ ବଡ କାତ। ଲାଗୁଥିଲା ଯେମିତି ତା'ର ପାଦକୁ କିଏ ଡଙ୍ଗାସହ ବାନ୍ଧି ଦେଇଛି । ଏମିତିଆ ହଲୁଥିବା ପାଣିରେ ଅତି ଓସ୍ତାଦ ନହେଲେ ଏତେ ସିଧା ହୋଇ ଠିଆ ହୋଇ ପାରିବ ନାହିଁ । କୌଶିକର ମୁହଁରେ ହସ ଫୁଟି ଉଠିଲା ।

ଚେଷ୍ଟାକରି ବୋଟ କୂଳ ପାଖକୁ ଯାଇ ପାରିଲାନି । ପବନ ବହୁତ ଜୋର । ବାଙ୍ଗଲାଦେଶ ସୀମାନ୍ତ ଅଞ୍ଚଳ ରାଇମଙ୍ଗଳ ନଦୀର ସେପଟେ, ପ୍ରାୟ ତିନି କିଲୋମିଟର ଦୂର ହେବ । ତଳକୁ ରାଇମଙ୍ଗଳ ହରିଣଭଙ୍ଗାର ଧାର ସହ ମିଶିଯାଇଛି । ଏଠି ପାଣି ଏତେ ଚଉଡା ହୋଇପାରେ ବୋଲି ବିଶ୍ୱାସ ହେଉନଥିଲା । ସେପଟେ ବାଙ୍ଗଲାଦେଶର ସାତକ୍ଷୀ ରିଜର୍ଭ ଫରେଷ୍ଟ । ହରଣଭଙ୍ଗା ଆଉ ସେପଟର ରାଇମଙ୍ଗଳର ମଝିରେ । ଏପଟକୁ ଲୋକଙ୍କର

ଚଳାଚଳ କମ । ସାତକଗ୍ଚା ବାଙ୍ଗଲାଦେଶର ଏକ ଛୋଟ ଦ୍ୱୀପ । ସେପଟେ କଛି ଡଙ୍ଗା ନଥିଲା । ଅନ୍ୟଥା ବାଙ୍ଗଲାଦେଶର କୂଳରେ ଡଙ୍ଗାର ଢେର ଲାଗିଯାଇଥାଏ । ସେମାନେ ରାଇମଙ୍ଗଳ ଆଉ କାଳନ୍ଦୀ କୂଳରେ ବାଙ୍ଗଲାଦେଶ ପଟେ କେତେ ଡଙ୍ଗା ଦେଖିଥିଲେ । ଭାରତପଟେ କଛି ଡଙ୍ଗା ଭାସୁଥିଲା । ଡଙ୍ଗାଗୁଡାକରେ ପାଲ ଲଗାଯାଇଛି । ଲାଲ, ହଳଦିଆ, ଏମିତି ଅନେକ ରଙ୍ଗର ପାଲ । ପାଖରେ ଯେମିତି କପଡା ଅଛି ତା'କୁ ବାନ୍ଧି ପାଲ କରାଯାଇଛି । ଡଙ୍ଗା ମଝିରେ ସମସ୍ତଙ୍କର ରୋଷେଇ ଘର । ଡଙ୍ଗାଗୁଡିକ ଗଭୀରପାଣିରେ ଠିଆ ହୋଇଥିଲା । ସେଇଠି ସେମାନେ ଜାଲ ଓହ୍ଲାଇ ଦେଇଥିବେ । ମଣିଷ କେଉଁଠୁ ମାଛକୁ ଛାଣି ଆଣୁଛି?

"ଏ ଛୋଟ ଡଙ୍ଗାଗୁଡା ମାଛ ଧରିବାପାଇଁ ଏତେ ଦୂର ଆସୁଛନ୍ତି!"- ବଳୟର ସ୍ୱରରେ ବିସ୍ମୟ ଥିଲା । କୋଉ ପାଖରେ ଘର ଦ୍ୱାର ନାହିଁ । ଏଠି ପହଞ୍ଚିବାପାଇଁ ଦିନେରୁ ଦୁଇଦିନ ସମୟ ଲାଗିଯାଉଥିବ । ବେଶ ଛୋଟ ଦେଶୀ ଡଙ୍ଗା । ଏତେବାଟ ଆସୁଛନ୍ତି ।

ଜୋରରେ ପବନ ବୋହୁଥିଲା । ଡଙ୍ଗାଗୁଡା ଉଠି ପୁଣି କଗ୍ଡି ପଡୁଥିଲା । ବେଶ ଚଉଡା ଖୋଲା ନଦୀରେ ପବନର ବେଗ ସାଙ୍ଗେସାଙ୍ଗେ ଜଣାପଡେ । ସାମାନ୍ୟ ପାଗ ବଦଳଲେ ଜୋରରେ ଢେଉ ଆସେ । ବଡ ବୋଟ ବା ଜାହାଜକୁ ସେ ଢେଉ ଜଣାପଡେନା । ଛୋଟ ବୋଟ ପାଇଁ ଢେଉଗୁଡାକ ବିପଦଶଙ୍କୁଳ ହୋଇଥାଆନ୍ତି ।

"ଏମିତିଆ ଡଙ୍ଗାରେ ଆସି ଏ ପାଣିରେ ମାଛ ଧରିବା କଛି ସାଧାରଣ କଥା ନୁହେଁ ।"– କୌଶିକ କହିଲା । ତା'କୁ ସବୁକଥା ଅସମ୍ଭବ ଲାଗୁଥିଲା । ଯଦି କଏ ଆଗରୁ ଏତେ ପାଣି ନଦେଖିଛି ତା'କୁ ଡର ଲାଗିବ । ଏଠି ଡଙ୍ଗା ବୁଡିଗଲେ ଭାସିକରି କେଉଁ କୂଳରେ ଲାଗିବା କଥା ଭାବି ହେବନି । ଏ ଲୋକମାନେ କେଉଁ ଧାତୁରୁ ଗଢା କେଜାଣି ? ସେମାନଙ୍କୁ କଣ ମୋଟେ ଡର ଲାଗୁନି? ସାମାନ୍ୟ ସାଧନରେ ଏତେ ଦୂର ଆସି ଯାଉଛନ୍ତି ।

" ଏଠି ତ ପାଣି ମୋତେ ସମୁଦ୍ରଭଳି ଲାଗୁଛି ।"- ବଳୟ କହୁଥିଲା ।

"ଏମିତିଆ ରେଲିଙ୍ଗ ଆଉ ପିଚଙ୍ଗ ଭିତରେ ଲୋକଗୁଡା ଅସୁସ୍ଥ ହୋଇପଡୁଥିବେ ।"- କୌଶିକ କହିଲା । ସମୁଦ୍ରରେ ଢେଉଗୁଡା ଏକ ଗଡୁଥିବା କାଠଗର ଭଳ ଆସେ । ଜୋରରେ ଢେଉ ପାଣିଉପରେ ସିଲିଣ୍ଡର ଭଳ ଗଡୁଥାଏ । ସେଥିରେ ଜୋରରେ ଡଙ୍ଗା ଉପରକୁ ଉଠି ପୁଣି କଣ୍ଡି ହୋଇପଡେ । ଥରେ ଦୁଇଥର ଢେଉ ଆସିଲେ ବେଶି ଜଣାପଡେନା । କନ୍ତୁ କ୍ରମାଗତ ଢେଉ ଆସିଲେ ଆଉ ଏମିତି କଣ୍ଡି ହୋଇପଡିଲେ ଦେହଟା କେମିତି ଅଶକ୍ତ ଲାଗେ । ଲୋକାମାନେ ପ୍ରାୟ ବାନ୍ତି କରିଥାନ୍ତି । ବୋଟ ବା ଡଙ୍ଗା ଗ୍ଲୁଥିଲେ ଏ ରେଲିଙ୍ଗ ବା ପିଚଙ୍ଗ ବେଶି ଜଣାପଡେନା । କନ୍ତୁ ଡଙ୍ଗା ଗୋଟାଏ ଯାଗାରେ ସ୍ଥିର ହୋଇ ରହିଲେ ଏ ଉଠଙ୍ଗ ପଟଙ୍ଗ ବେଶ ଜଣାପଡେ ।

କୌଶିକର କଥାର କେହି କଛି ଉତ୍ତର ଦେଲେନାହିଁ । କୌଶିକ କଣ୍ଡି ହୋଇପଡୁଥିବା ଡଙ୍ଗାମାନଙ୍କୁ ଅନାଇ ରହିଲା । ଏଠାର କେଉଟ ଲୋକମାନେ ଏମିତିଆ ଢେଉରେ ବେଶ ଅଭ୍ୟସ୍ତ। ସେ ଏମିତି କଣ୍ଡି ହୋଇପଡୁଥିବା ଡଙ୍ଗାରେ ଜଣେ ପତଳା ଲୋକକୁ ସିଧା ହୋଇ ଠିଆ ହେବା ଦେଖିଥିଲା । ସେମାନଙ୍କ ବୋଟ ସେମିତି ଆଗକୁ ଗ୍ଲିଥିଲା । ଅନେକ ଦୂର ସେମାନେ ଏ ଭିତରେ ଗ୍ଲିଗଲେ । ଦିନର କାମସାରି ସେମାନେ ମୁଖ୍ୟ ନଦୀରୁ କଛି ଦୂରକୁ ଗ୍ଲିଗଲେ ଆଉ ରାତିରେ ବିଶ୍ରାମ ନେଲେ । ଆଜିକାଲି ଆଉ ରାତିରେ ବୋଟ ଗ୍ଲୁନ।

ପରଦିନ ସକାଳଟା ସେମିତି ଥଣ୍ଡା ଥିଲା । ସେମାନେ ଅନେକ ତଳକୁ ଆସିଥିଲେ । ସୂର୍ଯ୍ୟ ମୋଟେ ସକାଳେ ଆସେନା । କୁହୁଡି ଗ୍ଦରରେ ଢାଙ୍କିହୋଇ ରହେ । ଦିନ ପ୍ରାୟ ଅଧାହେଲେ ସୂର୍ଯ୍ୟର ନଦ ଭାଙ୍ଗେ । ଗ୍ଦର ଭିତରୁ ଜାଗିରହି ମୁଣ୍ଡ ଟୁଙ୍ଗାରୁଥାଏ । ଏମିତି ଟିକଏ ଟିକଏ ଆଲୁଅ କେତେବେଳେ କୁହୁଡି ଭିତରୁ ଝରିପଡୁଥିଲା । ପାଓଲି ଆଉ ଅନ୍ୟମାନେ ଜଙ୍ଗଲ କ୍ୟାମ୍ପକୁ ଆସିଥିଲେ ।

ଜଙ୍ଗଲ କ୍ୟାମ୍ପରେ କଛି ଲୋକ ଏତେ ସକାଳେ ବୁଲୁଥିଲେ । ସେମାନେ ଏକ ବାଲି ବୋହିବା ବୋଟରେ ଏତେ ଦୂର ଆସିଥିଲେ । ବାଲି ବୋହୁଥିବା ବଡ ଡଙ୍ଗାଗୁଡାକ ସାଧାରଣ ମାଛ ଧରୁଥିବା ଡଙ୍ଗାରୁ ଭିନ୍ନ । ବେଶ ବଡ, ମଝିଟା ଖାଲୁଆ ଆଉ ଚଉଡା । ଏଥିରେ ବାଲି ଛଡା ବହୁତ ପରିମାଣରେ ଭିନ୍ନଭିନ୍ନ ଜିନଷ ବୋହିହୁଏ ।

ଅନେକ ସମୟ ହେବଣି । ଥଣ୍ଡା ସକାଳ ଆଉ ବାୟୁରେ ଜଳୀୟ ବାଷ୍ପଥିଲେ ସବୁଆଡେ କୁହୁଡି ରହେ । ଶୀତ ଦିନରେ କୁହୁଡି ସୁନ୍ଦରବନକୁ ଘୋଡାଇ ପକାଏ । ଗଛଗୁଡା ମୋଟେ ବାରି ହୁଅନ୍ତି ନାହିଁ । ପାଣି ଆଉ ଜଙ୍ଗଲ ଭିତରେ ପ୍ରାୟ ପ୍ରଭେଦଟା ଲୋପ ପାଇଯାଏ । ସୂର୍ଯ୍ୟକରଣ କୁହୁଡି ଦେଇ ଟିକଏ ଟିକଏ ଝରି ଆସୁଥିଲା । ସୂର୍ଯ୍ୟ ଗଛର ଠିକ ଉପରେ ଉଙ୍କି ମାରୁଥିଲା । ଲାଲ କରଣରେ ପାଣି ତାଜା ରକ୍ତ ଭଳଆ ଲାଲ ଦେଖାଯାଉଥିଲା । ଏଇ ଯେମିତି ପାଣିରେ କଏ ଜନ୍ତୁଟିଏ ମାରି ରକ୍ତକୁ ପାଣିରେ ଧୋଇଦେଇଛି । କୂଳର ସବୁ ଅସ୍ପଷ୍ଟ କନ୍ତୁ ପାଣି ହାଲୁକା ଲାଲ । ବାଘ ବା କୁମ୍ଭୀର ଏକ ବଡ ଶିକାରକୁ ପାଣିରେ ଧରିଛି ଆଉ କ୍ଷତ ଦେଇ ଲାଲ ତାଜା ରକ୍ତ ପାଣି ଭିତରେ ମିଶି ଯାଉଛି । ଏକ ଧାର ହୋଇ ବୋହି ଯାଉଛି । ନଦୀକୂଳରେ କେହି ଶିକାରୀ ଜୀବ ଦେଖା ନଥିଲେ । ଏକ ଲମ୍ବା ଥଣ୍ଟଥିବା ପକ୍ଷୀ କାଦୁଆ କୂଳରୁ କଛି ଖୋଜୁଥିଲା ।

ସେମାନଙ୍କ ବୋଟ କ୍ୟାମ୍ପର ପାଖରେ ଥିଲା । କ୍ୟାମ୍ପକୁ ଯିବାପାଇଁ ନଦୀକୂଳରୁ ଏକ ରାସ୍ତା ତିଆରି ହୋଇଛି । ସିମେଣ୍ଟ ରାସ୍ତା । ବିନା ଜେଟି ଆଉ ରାସ୍ତାରେ ସୁବିଧାରେ କ୍ୟାମ୍ପକୁ ଯାଇ ହୁଏନା । ନଦୀକୂଳରେ ନରମ ପତଳା କାଦୁଅ ଯେ ବହୁତ ବେଶି । ରାସ୍ତାର ଦୁଇ କଡରେ ଆଠ ଦଶ ଫୁଟଉଚ୍ଚ ଲୁହା ତାରଜାଲି ଲାଗିଛି । ଜାଲିକୁ ସବୁଜ ରଙ୍ଗରେ ରଙ୍ଗାଇ ଦିଆଯାଇଛି । ଆଖପାଖର ପ୍ରକୃତି ସହ ମିଶିଯିବ, ପ୍ରାୟ ବାରି ହେବ ନାହିଁ । ସେ ଲୁହା ଫେନସିଙ୍ଗର କଛି ଦୂରରେ ଜଙ୍ଗଲ ଆଡକୁ ଆଉ ଥରେ ମୋଟା ପ୍ଲାଷ୍ଟିକର ଜାଲି ବାଉଁଶ ଖୁଣ୍ଟରେ ଲଗାଯାଇଛି । ବାଘ ହଠାତ୍ ପାଖକୁ ଆସି ପାରିବନାହିଁ । ଦୁଇଟା ଫେନସିଙ୍ଗକୁ ପାରିହେବାକୁ ତା'କୁ ସମୟ ଲାଗିବ । ଏ ଭିତରେ ଜେଟିରୁ କ୍ୟାମ୍ପ ଭିତରକୁ ଯାଉଥିବା ଲୋକମାନେ ସାବଧାନ ହୋଇଯିବେ । ନହେଲେ ଏମିତି ନଦୀକୂଳରୁ କ୍ୟାମ୍ପକୁ ଯିବା ବିପଦରେ ଭରା ।

"ଲୁହା ଜାଲିରେ ବାଘ ଚାରିଦିନ ତଳେ ଥାବା ମାରୁଥିଲା ।"- ନସିରୁଦ୍ଦିନ ହକ୍ କହିଲା । ହକ୍ କ୍ୟାମ୍ପର କର୍ମଚାରୀ । କ୍ୟାମ୍ପର ସୁରକ୍ଷା ଆଉ ଅନ୍ୟଲୋକଙ୍କର କାମର ତଦାରଖ ତା'ର ଦାୟିତ୍ୱ ।

"ଥାବା ମାରୁଥିଲା!"– ତପନ ଏତିକ କହି ଏକ ଲମ୍ବା ଲମ୍ଫ ଦେଲା । ଏତେ ମୋଟା ଜାଲିରେ ଥାବା ମାରିବା ଏକ ଯାଦୁକରୀ ବାଘର ଶକ୍ତି ହୋଇପାରେ । ସାଧାରଣ ବାଘ ଏତେ ପାଖକୁ ଆସିବାକୁ ସାହାସ କରିପାରିବନି ବୋଲି ତା'କୁ ଲାଗୁଥିଲା । ପ୍ଲାଷ୍ଟିକ ଜାଲି କାଟି ଏତେ ଭିତରକୁ ଆସିବା କିଛି ସାମାନ୍ୟ କଥା ନୁହେଁ । ବାଘ ପ୍ରାୟ ମଣିଷଠାରୁ ଦୂରରେ ରହେ । ଲୁଚ ରୁହେ କୁହାଯାଇପାରେ । ଯେଉଁସବୁ ଶିକାର କଥା ତପନ ଶୁଣିଛି, ସବୁଥିରେ ବାଘ ଲୁଚ ରହି ଆକ୍ରମଣ କରିଛି । ଏଠି ଇଏ କହୁଛନ୍ତି ବାଘ ଜାଲିରେ ଥାବା ମାରୁଥିଲା । ତା'କୁ ଡର ମାଡିଲା । ସେ ଜଲଦି କ୍ୟାମ୍ପ ଭିତରକୁ ପଳାଇବାକୁ ଚାହୁଁଥିଲା । ନହେଲେ ବୋଟ ଭିତରକୁ ଯାଇ ପାଣି ଭିତରେ ରହିବାକୁ ଭାବୁଥିଲା । ସେ ବନବିବିଙ୍କୁ ସୁମରଣା କଲା । ସୁନ୍ଦରବନ ଭିତରେ ଆଉ ତା'ର କେଉଁ ଦେବା ଦେବୀ ମନକୁ ଆସିଲେ ନାହିଁ । ଅନ୍ୟଥା ସେ କାଳୀ ଭକ୍ତ । ସବୁବେଳେ କାଳୀଙ୍କୁ ପୂଜାକରେ । ସେଇଟା ଅବଶ୍ୟ ତା'ର କଲିକତାର ଧର୍ମବନ୍ଧା କଥା । ଏଠି ସମସ୍ତେ ବନବିବିଙ୍କୁ ବିଶ୍ୱାସ କରନ୍ତି । ତା'ର ଚାଲି ବେଶ ଜୋର ହୋଇଗଲା । ଅନ୍ୟମାନଙ୍କ ଅପେକ୍ଷା ସେ ଦୁଇଗୁଣା ଗତିରେ ଯିବାକୁ ଲାଗିଲା । ପ୍ରଥମେ ପଛରେ ଥିଲା । ବାଘ ପଛରୁ ଆକ୍ରମଣକରି ବେକ ଧରିନିଏ । ଆଗରେ ରହିଲେ ଅନେକ ସୁରକ୍ଷା । ଜେଟିରୁ କ୍ୟାମ୍ପର ସୀମାଟା ଏଇ ୫୦-୧୦୦ ଫୁଟ ହେବ । ପାଣି ଭିତରକୁ ଅବଶ୍ୟ ପ୍ଲାଷ୍ଟିକ ଜାଳ ଲମ୍ବି ଆସିଛି । କିନ୍ତୁ ସେପଟୁ ଟିକଏ ପାଣିରେ ପଶି ବାଘ ଜେଟି ଆଡକୁ ମାଡି ଆସିପାରେ । ବେଳୁ ସାବଧାନ ହେବା ଭଲ ।

ସେମାନେ କ୍ୟାମ୍ପକୁ ଏମିତି ବୁଲିବାକୁ ଚାଲିଗଲେ । ବୋଟର କର୍ମଚାରୀମାନେ କାମରେ ଯିବାପାଇଁ ପ୍ରସ୍ତୁତ ହେଉଥିଲେ । କ୍ୟାମ୍ପର ଚାରିପାଖେ ଉଚ୍ଚ ବାଡ ଦିଆଯାଇଥିଲା । ତାପରେ ପ୍ଲାଷ୍ଟିକ ଦଉଡିର ଜାଲ । ମଝିରେ ଜଙ୍ଗଲ ସଫା କରାଯାଇଛି । ବାଘ ହଠାତ୍ ଜଙ୍ଗଲ ଭିତରୁ ବାହାରି ଆସିବନି । ଖୋଲା ଯାଗାରେ ତା'କୁ ଦେଖିହେବ । କ୍ୟାମ୍ପର ଲୋକାମନେ କିଛି ପ୍ରତିରକ୍ଷାମୂଳକ ପଦକ୍ଷେପ ନେଇପାରିବେ । ବାଘ ଆକ୍ରମଣଯେ ଆକସ୍ମିକ ହୋଇଯାଏ ।

କ୍ୟାମ୍ପର ଆରମ୍ଭରେ ଏକ ବନବିବିଙ୍କର ସିମେଣ୍ଟ ମନ୍ଦିର ଥିଲା । ସେଥିରେ ବନବିବି, ଦକ୍ଷିଣ ରାୟ, ଶାହା ଜଙ୍ଗଲୀ ଶୋଭା ପାଉଥିଲେ । କିଛି ପ୍ଲାଷ୍ଟିକ ଫୁଲର ମାଳା ସେମାନଙ୍କ ଗଳାରେ ଥିଲା । ମନ୍ଦିରରେ କିଛି ଧୂପ ଦୀପ ଜଳୁନଥିଲା । ସାଧାରଣ ମନ୍ଦିର । ଲୋକେ

ବାହାରକୁ ଗଲାବେଳେ ବନବିବିଙ୍କ ଆଗରେ ମଥାନତ କରନ୍ତି । ଭିତରେ ଲୋକମାନଙ୍କ ରହିବାପାଇଁ ଦୁଇମହଲାର କୋଠାଘର ଥିଲା । ତଳ ମହଲାରେ ରୋଷାଇହୁଏ ଆଉ ଆବଶ୍ୟକ ସରଞ୍ଜାମ ରଖାଯାଏ । ଉପର ଘରକୁ ଏକ ଶିଡି ଭିତରେ ଥିଲା । ଶିଡି ଆଗରେ ଆଉ ମୁଖ୍ୟ ଘର ଆଗରେ ଲୁହା ଜାଲି କବାଟ । ବାଘ କେମିତି କ୍ୟାମ୍ପ ଭିତରକୁ ଆସିଗଲେ ବି ଲୋକମାନେ ସୁରକ୍ଷା ପାଇବେ । ଘରକୁ ଜଙ୍ଗଲର ଛାପିଛାପିକା ଗାଢ ସବୁଜ ରଙ୍ଗରେ ରଙ୍ଗାଇ ଦିଆଯାଇଥିଲା । ଉପରେ ଘରେ ଶୋଇବାପାଇଁ ସାଧାରଣ ଖଟ । ସେଠି କ୍ୟାମ୍ପର ଅଧିକାରୀ ଆଉ ରକ୍ଷୀମାନେ ରୁହନ୍ତି ।

କ୍ୟାମ୍ପର ଭିତରେ ଏକ ଖେଳବାପାଇଁ ଭଲିବଲ କୋର୍ଟଥିଲା । ଲୋକମାନେ ଭଲିବଲ ଖେଳପାରିବେ । ପାଖରେ ଏକ ପୋଖରୀ । ବୋଧହୁଏ ମିଠାପାଣି ମିଳୁଥିବା ଜାଲିର ଭିତର ପଟେ ଚାରିଆଡକୁ ସରୁ ପାଦଚଲା ରାସ୍ତା ତିଆରି ହୋଇଛି । ଗାର୍ଡମାନେ ସେ ରାସ୍ତାରେ ଯିବା ଆସିବା କରିବେ । ରାସ୍ତାର ଧାରରେ ଭିତର ଆଡକୁ ନଡିଆ, କଦଳୀ, ଆମ୍ବ ଇତ୍ୟାଦି ଫଳ ଗଛ ଲଗାଇ ଦିଆଯାଇଛି । ନଡିଆ ଗଛରେ ଫଳ ଆସିଲାଣି । କ୍ୟାମ୍ପର ଲୋକମାନଙ୍କୁ କିଛି ଖାଇବାକୁ ମିଳବା ଏଠାରୁ ଲୋକାବସତି ପ୍ରାୟ ଦୁଇଦିନପରେ ଉପର ଆଡକୁ ପଡିବ । ତେଣୁ ବଞ୍ଚିବାପାଇଁ କିଛି ଫଳଗଛ ପରିବା ଗଛର ଆବଶ୍ୟକତା ଅଛି ।

ପାଓଲି ନସିରୁଦ୍ଦିନ ସହ କ୍ୟାମ୍ପ ଭିତରେ ଥିବା ଓ୍ୟାଚ ଟାଓ୍ୱାରକୁ ଚାଲିଗଲେ । କ୍ୟାମ୍ପର ଦୂରରେ ଏକ ଧାରରେ ଓ୍ୟାଚ ଟାଓ୍ୱାର । ସିମେଣ୍ଟରେ ତିଆରି । ମୁଖ୍ୟ କ୍ୟାମ୍ପକୁ ଆଉ ଏକ ଜାଲି ଦ୍ୱାରା ସୁରକ୍ଷିତ କରାଯାଇଛି । ସେପଟୁ ବାଘ ଲୋକ ରହୁଥିବା କ୍ୟାମ୍ପକୁ ଆସି ପାରିବା ନାହିଁ । ସିମେଣ୍ଟର ଶିଡି ଉପରକୁ ଚାଲିଯାଇଛି । ପତଳା ଶିଡି । ପ୍ରଥମରୁ ବାହାର ଆଡକୁ ଲୁହା ଗ୍ରୀଲ ଥିଲା । କିନ୍ତୁ ଉପର ଆଡକୁ ଗ୍ରୀଲ ନାହିଁ । ପାଓଲି ଉପରକୁ ଉଠୁ ଉଠୁ ତଳକୁ ଚାହିଁଲେ । ତାଙ୍କ ମୁଣ୍ଡ ବୁଲାଇ ଦେଉଥିଲା । ପ୍ରାୟ ୬୦- ୭୦ ଫୁଟ ଉଚ୍ଚ ହେବ । ବାହାର ପଟକୁ ଗ୍ରୀଲ ଦେଇଥିଲେ ଭଲ ହୋଇଥାନ୍ତା । ସବା ଉପରେ ଏକ ଖୋଲା ଛାତ । ଚାରିପଟେ ଚାରି ଫୁଟର ସିମେଣ୍ଟ ବାଡା ଦିଆଯାଇଛି । ସେଇଠୁ ଜୀବଜନ୍ତୁଙ୍କ ନିରୀକ୍ଷଣ କରିହେବ । ଆଗର ନଦୀ ଆଉ ଜଙ୍ଗଲ ବେଶ ଭଲ ଦିଶୁଥିଲା । ଓ୍ୟାଚଟାଓ୍ୱାର ଚାରିପଟେ ଥିବା ଫେନସିଙ୍ଗଠାରୁ ପ୍ରାୟ ୧୦୦ ଫୁଟ ଦୂରରେ ଏକ ଛୋଟ ପୋଖରୀ ଖୋଳି ଦିଆଯାଇଥିଲା । ସେଥିରେ ପାଣି ଝରିଆସି ବୋଝାଇ ହୋଇଥିଲା । ତେଣୁ ପାଣି ନଦୀର

ପାଣିଭଳ ଏତେ ଲୁଣା ହୋଇନଥିବ । ଫିଲଟ୍ରେସନ ଦ୍ୱାରା ଲୁଣା ବହୁତ କମି ଯାଉଥିବ । ପୋଖରୀର ଚାରିପଟେ କଛି ଦୂରଯାଏ ସଫା କରାଯାଇଥିଲା । ଜୀବଜନ୍ତୁଙ୍କୁ ସହଜରେ ଦେଖିହେବ ।

"ମୁଁ ଦୁଇଦିନ ତଳେ ଏଇଠି ବାଘ ଦେଖିଥିଲି ।"- ନାସିରୁଦ୍ଦିନ କହିଲା ।

ପାଓଲିଙ୍କର ଆଖି ସେ ପୋଖରୀ ଉପରେ ଥିଲା । ଏଠି ଜଙ୍ଗଲ ରକ୍ଷୀମାନେ ଏକ ଭଲ ପୋଖରୀ ଖୋଲିଦେଇଛନ୍ତି । ଜୀବଜନ୍ତୁଙ୍କୁ କଛି ଅପେକ୍ଷାକୃତ ମିଠା ପାଣି ମିଳବ । ଏଠି ପାଣି ସବୁଆଡେ । କନ୍ତୁ ପିଇବାପାଇଁ ମିଠା ପାଣି କାହିଁ ? ଏଠିକାର ଜୀବ ଲୁଣାପାଣି ପିଇ ବଞ୍ଚନ୍ତି । କନ୍ତୁ ସାମାନ୍ୟ କମ ଲୁଣାପାଣି ସେମାନଙ୍କ ସ୍ୱାସ୍ଥ୍ୟପାଇଁ ଭଲ ।

"ବାଘ ଦେଖିବାକୁ ଏଇଟା ବେଶ ଭଲ ଯାଗ।।"- ପାଓଲି କହିଲେ ।

ତାଙ୍କର ଆଖି ଏପଟ ସେପଟ ବୁଲୁଥିଲା । ପାଓଲି ଖୁବ ଉତ୍ସାହିତ ଥିଲେ । ଏତେ ଉପରୁ ସବୁକଛି ଭଲ ଦିଶୁଥିଲା । । କ୍ୟାମ୍ପର ପଛରେ ସାମାନ୍ୟ ଜଙ୍ଗଲ । ତାପରେ ନଦୀ ଆରମ୍ଭ ହୋଇଛି । ଡାହାଣପଟେ ମଧ୍ୟ ଆଉ ଏକ ନଦୀ । କେବଳ ମୁହଁପଟକୁ ଜଙ୍ଗଲ ଲମ୍ବା ଲାଗୁଥିଲା । ଓ୍ୟାଚଟାଓ୍ୱାରକୁ ଲାଗି ଆଉ ଏକ ଜାଲିବାଲା ରାସ୍ତା ପଛପଟ ନଦୀକୁ ଚାଲିଯାଇଥିଲା । ସେପଟେ ଆଉ ଏକ ଜେଟି ତିଆରି ହେଉଛି ।

"ବାଘ କେତେବେଳେ ଆସିଥିଲା?"- ପାଓଲି ପଚାରିଲେ ।

"ଅପରାହ୍ନରେ । ପୋଖରୀ କୂଳରେ ପେଟେଇପଡି ପାଣି ପିଇଲା ।"- ନସିରୁଦ୍ଦିନ କହିଲା ।

"ଅନ୍ୟ ଜନ୍ତୁ ।"-

"ହରିଣ ଆଉ ମାଙ୍କଡ ବହୁତ । ବାରହା ମଧ୍ୟ ଅଛନ୍ତି ।"- ନସିରୁଦ୍ଦିନ କହିଲା । ସେ ଜଙ୍ଗଲ ଆଡକୁ ଉପରୁ ଅନାଇଥିଲା । ଜଙ୍ଗଲରେ ସେମିତି କଛି ହଲଚଲ ନଥିଲା ।

ଗୋଟାଏ ଗଛରେ ଏକ ମାଙ୍କଡ ଥିଲାପରି ଜଣା ପଡୁଥିଲା । ହରିଣ କମ୍ବା ବାରହା ଦେଖା ନଥିଲେ । ଏବେ ସକାଳଟା ଚଢ଼ିବେଳ । ସେମାନେ ଏବେ ପାଣି ପିଇବାକୁ ଆସିବେ ନାହିଁ। ଅପରାହ୍ନ ଏ ଜୀବଜନ୍ତୁଙ୍କୁ ଦେଖିବାର ସମୟ ।

"ହରିଣମାନେ ଦଳହୋଇ ଆସନ୍ତି । ଦଳରେ ପାଞ୍ଚ ଛଅଟା ହରିଣ ଥାଆନ୍ତି । ବାରହାମାନେ ଦଳହୋଇ ବେଶି ଆସନ୍ତି ନାହିଁ । ଗୋଟାଏ ଦୁଇଟା ହୋଇ ଆସନ୍ତି ।"- ନାସିରୁଦ୍ଦିନ କହିଲା ।

ସକାଳର ଖରା ନରମ ଥିଲା । ସାମାନ୍ୟ ଗରମ ଥଣ୍ଡା ସକାଳରେ । ଖରାରେ ଠିଆ ହେବାକୁ ଭଲ ଲାଗୁଥିଲା । ପାଓଲି ଖରାରେ ଠିଆ ହୋଇ ସକାଳର ମଜା ନେଉଥିଲା । ସେ ମୁଣ୍ଡରେ ନୁଆଁଣିଆ ଜଙ୍ଗଲ କ୍ୟାପ ଆଉ କଳା ଚଷମା ପିନ୍ଧିଥିଲେ । ତାଙ୍କୁ ବେଶ ମାନୁଥିଲା। ଏକ ସୁନ୍ଦରୀ ତରୁଣୀ ଜଙ୍ଗଲର ପ୍ରଚ୍ଛଦପଟ୍ଟରେ ଚଳଚ୍ଚିତ୍ରର ନାୟିକା ଭଳି ଲାଗୁଥିଲେ । ଏମିତି ତ ପାଓଲି ଦେଖିବାକୁ ବେଶ ସୁନ୍ଦରୀ ।

କ୍ରମଶଃ.........

ସେକ୍ଟର-୩, ସଲ୍ଟଲେକ, କଲିକତା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com



# ବ୍ରତ

ମୂଳ ରଚନା (ବଙ୍ଗଳା): ନୀତି ଦ୍ୱିବେଦୀ
ଓଡିଆ ଭାଷାନ୍ତର: ସନାତନ ମହାକୁଡ

ସନାତନ ମହାକୁଡ

ଦିନେ ବର୍ଷା ଆସି ଧୋଇ ଦେବ ସବୁ,
ଦିନେ ବର୍ଷା ଆସି ଆମ ହାତେ
ଫେରାଇ ଦେବ ଆମର ଶୈଶବ;
କଥା ଥିଲା
ଦିନେ ବର୍ଷା ଆସି ପାପୁଲିରେ ପାରିଜାତ ଦେଇଯିବ ।

ବର୍ଷା କିନ୍ତୁ ସେ କଥା ରଖିନ,
ସେ ଖାଲି ଦୌଡି ଯାଇଛି ଆକାଶୁ ଆକାଶ
ଆଉ ନଦୀକୁ ଭସେଇ ନେଇଛି
କହି ଯାଇଛି – ନିଜକୁ ପ୍ରକାଶ କର,
ଫୁଲି ଉଠ, ଫୁଲ ପରି,
ଯେମିତି ବୃଷ୍ଟିମୟ ଆଉ କିଛି ବିଷୟ ନାହିଁ,
ମଗ୍ନ ଭଲ ପାଇବା ଖାଲି.....
ଏବେ ଅଞ୍ଜଳି ଦିଅ
ବ୍ରତ ଭଙ୍ଗ ହେଉ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ଶବ୍ଦର କୋଣାର୍କ



ସୀତାରାମ ଦାଶ

ତୁମ ପାଇଁ ଆଜି କୋଣାର୍କ ଗଢିବି,
ଶବ୍ଦକୁ ସ୍ତୁପ କରି।
ଯୁଗ ଯୁଗ ପାଇଁ ଅମର ରହିବ,
କେହି ହେବେନ ତା ସରି।

ନହାଣ ରୂପକ ଲେଖନୀକୁ ଧରି,
ସଦା କାଳ ଗଢୁଥିବି।
କ୍ଳାନ୍ତ ଶ୍ରାନ୍ତ ହୋଇ ଥକ ମୁଁ ପଡିଲେ,
ତୁମରି ସାହାଯ୍ୟ ନେବି।

କଳାର ସେ ସୌଧ ଚର ଅମଳନ,
ଯୁଗ ଯୁଗାନ୍ତର ପାଇଁ।
ସ୍ମୃତି ର ଫର୍ଦ୍ଦରେ ଉଙ୍କି ମାରୁଥିବ
ଶାଶ୍ୱତ ପ୍ରେମ ହୋଇ।

ତୁମେ ହିଁ ହୋଇବ ଶେଷ୍ଠ କଳା କୃତି,
ମୁଁ ତାର କାରିଗର।
ମୁଁ ତୁମ ଶିଳ୍ପୀ ତୁମେ ମୋର ଶିଳ୍ପ,
ଗୃହିଁଥିବା ପରସ୍ପର।

ମନରେ ବି ତୁମେ ପ୍ରାଣରେ ବି ତୁମେ,
ଭାବନାରେ ଥିବ ତୁମେ।
ଅଜଣା ରାଇଜେ ଅଜଣା ପୁଲକେ,
ହଜି ଯାଉଥିବା ଆମେ।

ସାନମୂଳେଇ, କଟକ

# ଓଡ଼ିଶାର ପ୍ରଖ୍ୟାତ ତବଲା ବାଦକ
# [ √ ରାଧାକାନ୍ତ ନନ୍ଦ ]
# ସ୍ମରଣେ....



କାର୍ତ୍ତିକ ପାଣିଗ୍ରାହି

ଆଉ ଶୁଭିବନି ଟେରେ କେଟେ ର ମୂର୍ଚ୍ଛନା ଅବା ବାଇଁଆ ର ଲୟକାରୀ । କାରଣ ଶବ୍ଦର ଇଲାକାରେ ଛାଇ ହେଇଗଲା ନିସ୍ତବ୍ଧତାର କଳା ବାଦଲ ୩୦ ନଭେମ୍ବର ୨୦୧୯ ଏକ ଅଶୁଭ ବେଳରେ । ସବୁଦିନ ପାଇଁ ନିରବି ଗଲା ତାଙ୍କ ତବଲାର ସ୍ୱର । ଗୁରୁ ଶ୍ରୀ ରାଧାକାନ୍ତ ନନ୍ଦ କେବଳ ଜଣେ ବ୍ୟକ୍ତି ନଥିଲେ, ଥିଲେ ଏକ ଆଶାର ଅନୁଷ୍ଠାନ । ଓଡ଼ିଶା ତଥା ଓଡିଶା ବାହାରେ ବି ସେ ସୃଷ୍ଟି କରିଥିଲେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ।

ସଙ୍ଗୀତର ସାତଟି ରଙ୍ଗକୁ ସ୍ୱରକୁ ନେଇ ସେ ଶତାଧିକ ଇନ୍ଦ୍ରଧନୁ ସଜାଇ ଦେଇଥିଲେ ସଂଗୀତ ପ୍ରେମୀଙ୍କ ଆଖି ଆଗରେ । ସବୁବେଳେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଆସୁଥିବା ତାଙ୍କ ଯାଦୁକରୀ ହାତ ଆଜି ନିରବି ଯାଇଛି ସତ କିନ୍ତୁ ସେ ହାତ ଧରି ଚାଲି ଶିଖିଥିବା ଅନେକ କଳାକାର ମାନଙ୍କ ଶବ୍ଦର ଶୂନ୍ୟତା ତାଙ୍କ ଅନୁପସ୍ଥିତି କୁ ସୁଚାଇ ଦେଉଛି ଅନେକ ଜଣାଶୁଣା ଭଜନ ଓ ଗୀତରେ ଚମତ୍କାର ତବଲା ବାଦ୍ୟ କରି ଦର୍ଶକଙ୍କ ହୃଦୟକୁ ଜିତି ପାରିଥିବା ଲୋକପ୍ରିୟ ରାଧାକାନ୍ତ ନନ୍ଦ ଆଜି ହାରି ଯାଇଛନ୍ତି। ଜୀବନ ନାଟକର ପ୍ରତିଟି ଦୃଶ୍ୟକୁ ସଙ୍ଗୀତର ସୁରରେ ବାନ୍ଧୁ ବାନ୍ଧୁ କେତେବେଳେ ଯେ ଶେଷ ଦୃଶ୍ୟ ଆସିଗଲା ସେ ନିଜେ ହିଁ ଜାଣିପାରିଲେନି, ଆଉ ଜାଣିଲା ବେଳକୁ ଶେଷ ଯବନିକା ପଡିଯାଇଥିଲା, ଆଲୋକ ଲିଭିଯାଇ ଥିଲା, ସାରା ଜୀବନ ପ୍ରଶଂସକ ମାନଙ୍କ କରତାଳି ସାଉଁଟୁ ଥିବା ସମସ୍ତଙ୍କର ପ୍ରିୟ ହରିବୋଲ ଭାଇ ହରି ବୋଲ ହରିବୋଲ ଭିତରେ ହଜିଯାଇଥିଲେ । ମାତ୍ର ୫୮ବର୍ଷ ବୟସରେ ତାଙ୍କ ଭିତରେ ଉଙ୍କି ମାରୁଥିଲା ସଂଗୀତ ଜଗତର **85** ବର୍ଷର ପରିପକ୍ୱତା ।

ବୟସ ତାଙ୍କ ପାଇଁ କେବଳ ଗୋଟିଏ ଅଙ୍କ ହିଁ ଥିଲା । ଯେତେ ଯେତେ ତାଙ୍କ ସହ ଦେଖା ହେଉଥିଲା ସେତେ ସେତେ ତାଙ୍କ ହସ ଟା ଜୀବନ୍ତ ଲାଗୁଥିଲା । ଲାଗୁଥିଲା ସେ ବୟସ ସହ ତାଳଦେଇ ଗତି କରୁନାହାନ୍ତି ବରଂ ବୟସ ତାଙ୍କ ସହ ଗତିକରୁଛି ।

ରାଧାକାନ୍ତ ଭାଇ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡିତ ଥିଲେ ଆଉ ଏକଥା ବି ସତ ଯେ ସେ ଜାଣିଲା ବେଳକୁ ବହୁତ ଡେରି ହୋଇଯାଇଥିଲା ତଥାପି ରାଧାକାନ୍ତ ଭାଇ ରୋଗ ନିକଟରେ ହାରିଯାଇ ନଥିଲେ ବରଂ ସମସ୍ତଙ୍କୁ କହୁଥିଲେ ଆଜି ନହେଲେ ବି କାଲି ନଷ୍ଟୟ ମାରିବା ତାହେଲେ ମରିବା ଆଗରୁ କାହିଁ ମୃତ୍ୟୁ କୁ ଡରିବା**...?**

ଆଜି ସମସ୍ତେ ତାଙ୍କ ଅମାୟିକ ପଣିଆକୁ ଝୁରୁଛନ୍ତି, ଓଡ଼ିଶାର ପ୍ରମୁଖ ବାଦକମାନଙ୍କ ମଧ୍ୟରେ ବାଦକ ରାଧାକାନ୍ତ ଥିଲେ ଜଣେ ଅନନ୍ୟ ପ୍ରତିଭା । ତାଙ୍କର ବାଦନ ଶୈଳୀ ଥିଲା ଖୁବ୍ ଚମତ୍କାର । ସେ ଶତାଧିକ ଓଡ଼ିଆ କ୍ୟାସେଟ୍‌ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ନିକଟରେ ଅତୀତରେ ତାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମି ପୁରସ୍କାର ପ୍ରଦାନ କରାଯାଇଥିଲା।

ଶୁଣିଲି କେହି ଜଣେ କହୁଥିଲେ ଇହଲୀଳା ଶେଷ କରିବାର
କିଛିଦିନ ପୂର୍ବରୁ ତମେ କୁଆଡେ କହୁଥିଲ
"ଆଉ ମଣିଷ ଜନ୍ମ ନେବିନି "
ସତରେ ହରିବୋଲ ଭାଇ ତମେ କଣ ଆଉ ସତରେ ଆସିବନି **....!!**
ପ୍ଲିଜ**....** ଫେରିଆସ ନା
ପୁଣିଥରେ ତୁମ
ବାଇଁଆର ଲୟକାରୀରେ ଆମକୁ ହଜାଇବା ପାଇଁ **.......**ତୁମ
ଟେରେ କେଟେ ର ମୂର୍ଚ୍ଛନା ରେ ଆମକୁ ଭିଜାଇବା ପାଇଁ**....**
ପ୍ଲିଜ ଫେରିଆସ**......**

ବ୍ରହ୍ମପୁର

# ଶୀତ; ଦରଚହ୍ଲା ଝିଅ



ସତ୍ୟବ୍ରତ ସାହୁ

ଶୀତ ଲାଗେ ଦରଚହ୍ଲା ଝିଅଟିଏ ପରି,
ତା ପରଶେ ତନୁ, ମନ ଉଠେ ମୋ ଶିହରି ।୦ ।
ଦରଚହ୍ଲା ଝିଅଟିର ହସ ମିଶା ଲାଜ
ମନକଥା ବୁଝିବା ତା ନୁହଁଇ ସହଜ
ସେମିତି ଏ ଶୀତ ଆସି ଜଡାଇ ଧରିଛି ମୋତେ
କଛି ନ ପଗ୍ଭରି ।୧ ।
ଦରଚହ୍ଲା ଝିଅଟିଏ ଛୁଇଁଦିଏ ଯେବେ
ତାକୁ ନେଇ କେତେ କଥା ମନ ବସି ଭାବେ
ସେମିତି ଏ ଶୀତ ଆଜି ଭାବନାରେ ବୁଡାଇଛି
ତା କଥା ସୁମରି ।୨ ।
ଦରଚହ୍ଲା ଝିଅଟିକୁ ମନ ଖୋଜୁଥାଏ
ପୀରତିରେ ବାନ୍ଧିବାକୁ ଗ୍ଭହିଁ ରହିଥାଏ
ସେମିତି ଏ ଶୀତ ଆଜି ପଣତେ ରଖିଛି ବାନ୍ଧି
ପାରୁନ ମୁଁ ଫେରି ।୩ ।
ଶୀତ ଲାଗେ ଦରଚହ୍ଲା ଝିଅଟିଏ ପରି
ତା ପରଶେ ତନୁ, ମନ ଉଠେ ମୋ ଶିହରି ।୪ ।

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# କାର୍ତ୍ତିକ ପୁନେଇ



ରାଜଶେଖର ସି "ଚମା"

ମନେ ପଡୁଛି ଭୁବନେଶ୍ୱର ନୂଆପଲ୍ଲୀର ଗଳି ଗଳି,
ପିଲାଳିଆ ପିଲାଦିନ ବିତେଇଲୁ ଏଇଠି ଖେଳି ଖେଳି,
ସୁନ୍ଦର ହଜା ପୋଖରୀ ଯାଉଥିଲୁ ଯେ ଉଛୁଳି ଉଛୁଳି,
ପର୍ବ ଦିନେ ବଢି ବଢି ଯାଏ ଯେଉଁଠି ଭକ୍ତଙ୍କର ଗହଳି |୧|

କାର୍ତ୍ତିକ ପୁନେଇ ଦିନେ ଡଙ୍ଗା ଯେଭସାଉ ଥିଲୁ କରିକରି ପାଳି,
ତାଳଫୋଟକା ଜଳେଇ ଫୁଟେଇ ମାରୁଥିଲୁ ପ୍ରତିଧ୍ୱନିତ ତାଳି,
ସୁନ୍ଦର ଭାବେ ସଜଡା ହୋଇ ଥାଏ ଭଗବାନଙ୍କର ପୂଜା ଥାଳି,
ଶୁଣିବାକୁ ଭଲ ଲାଗୁଥାଏ ବୋଉଙ୍କର ମାଉସୀଙ୍କର ହୁଳହୁଳି |୨|

ପୋଖରୀରେ ଆସ୍ତେ ଆସ୍ତେ ବଢିଲାଣି ଜନଙ୍କର ଗହଳି,
ଭିଡ଼ ଭିତରୁ କୂଳକୁ ଯାଉଛନ୍ତି ସର୍ବଜନ ସମ୍ଭାଳି ସମ୍ଭାଳି,
ଉତ୍କଳୀୟଙ୍କର ପାରମ୍ପରିକ ପୂଜା ପାର୍ବଣ ଅଛି ଭଳିଭଳି,
ନାହିଁ କୌଣସି ଐତିହାସିକ ପରବ ବୋଇତ ବନ୍ଦାଣ ଭଳି ।୩।

ବାଲିଯାତ୍ରା ଲାଗି ସମୁଦ୍ର ଲଙ୍ଘନକୁ ସାଧବ-ପୁଅ କରୁଥିଲେ କଭଳି,
ସାଧବ ବୋହୂ ସ୍ୱାମୀଙ୍କର ସଫଳ ପ୍ରୟାଣ ହେତୁ କରୁଥିଲେ ଅଞ୍ଜଳି,
କରୁଥିଲେ ଜଗାବଳିଆଙ୍କୁ କେତେଯେ ଆସକ୍ତିକର ଆବେଦନ ଅଳି,
ଜନମାନସକୁ ଅନୁରାଗ ଆଶୀର୍ବାଦ ଦିଅନ୍ତୁ ଆମ ବନ୍ଦନୀୟ ବନମାଳୀ ।୪।

chvrajasekhar@gmail.com

# ପିଲାବେଳ



ବନଲତା ମିଶ୍ର

ନଥିଲା ମୋହ, ନଥିଲା ମାୟା
ନ ଥିଲା ଛନ୍ଦ କପଟ...
ନଥିଲା ଯହିଁ ସଂସାର କଷ୍ଟ
ନଥିଲା କାହା ଆକଟ....
ମନେ ପଡେ ଯେବେ ଭାରି କଷ୍ଟ ଲାଗେ,
ମନ ଝୁରେ....ପିଲାବେଳ ॥
କେତେ ପୁଚ ଖେଳ, କେତେ ଲୁଚକାଳି,
ସାଙ୍ଗସାଥି ମେଳେ ଖେଳୁଥିଲେ ଦୋଳି,
ଘୋ ଘୋ ରାଣୀ; କହେ କେତେ ଯେ କାହାଣୀ
ଫେରି ଆସନ୍ତା କ ସେହି ପିଲାବେଳ ପୁଣି.....
ବୋଉର ଆକଟ, ନନାଙ୍କର ନାଲିଆଖି,
ଡରି ଡରି ଦିନ ଯାଉଥିଲା ସିନା,
ସ୍ନେହ ଥିଲା ଭାରି ସେଠି ॥
ଅଝଟ ପଣେ ସେ ବୁଝି ନ ପାରଇ,
ସମୟର ମତିଗତି

ସମୟ ଯେ କେବେ ପଛକୁ ଗ୍ଦହେଁନ,
ଫାଟିଯାଉ ପଛେ ଛାତି ॥
ହସ ଝରଣାରେ କେତେ ଯେ ପାଗଳ,
ମେଣ୍ଟାଇବା ପାଇଁ ଶୋଷ,
ମନେ ମନେ ଖାଲି ସଜେଇ ଦିଅନ୍ତି,
ତୋହରି କୁଆଁରୀ ଭେଶ ॥
ନରୀହ ଆଖୀର ନରମ ଗ୍ଦହାଁଣି,
ସରମିଲତା କଅଁଳ,
ଭରମ କରଇ, ମରମ ମାରଇ,
ସତେ!! କେତେ ମିଠା ପିଲ୍ବେଳ ॥

ହସ୍ପିଟାଲ ସ୍କୋୟାର, ପୁରୀ

ବେଦାନ୍ତୀର ଆଗାମୀ ସଂଖ୍ୟା ଫେବୃୟାରୀ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଜାନୁୟାରୀ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

(ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ରଚନା। ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ (ସତ୍ୟର ସନ୍ଧାନ) ମାଧ୍ୟମରେ।)

## ପ୍ରଶ୍ନ - ୧୭ : ଆଜିକାଲି ଅସତ୍ ଉପାୟରେ ଖୋସାମତ କରି ଶୀଘ୍ର କାର୍ଯ୍ୟ ହାସଲ ହୋଇଥାଏ ବୋଲି ମତ ପ୍ରକାଶ ପାଉଛି । ଏହାର କାରଣ କ'ଣ ମନେ କରନ୍ତି?

## -ଉତ୍ତର-

- ଏହା ସାମାଜିକ ଜୀବନର ଏକ ମାରାତ୍ମକ ରୋଗ, ତେଣୁ ଯଥାଶୀଘ୍ର ଏହାର ନିରାକରଣ ବ୍ୟବସ୍ଥା ହେବା ଆବଶ୍ୟକ ।

[ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ଏହାର ଲକ୍ଷଣ ଅନେକ ହୋଇପାରେ । ତନ୍ମଧ୍ୟରୁ କେତୋଟିର ସୂଚନା ଦିଆଯାଉଛି।

(କ) ଭାରତୀୟ ପରମ୍ପରା ଓ ମାନବିକ ମୂଲ୍ୟବୋଧର ଘୋର ଅବକ୍ଷୟ ଘଟୁଛି ।

(ଖ) ଜଡ଼ବାଦ ଚିନ୍ତା, ଉପଭୋକ୍ତାବାଦ ଓ ବିଷୟ ବାସନାର ତୃପ୍ତି ପାଇଁ ଝୁଙ୍କ ଆମକୁ କବଳିତ କରିଛି ।

(ଗ) କର୍ମଫଳରେ ଆସ୍ଥା ଓ ବିଶ୍ୱାସ ଦୁର୍ବଳ ହୋଇଯାଉଛି ।

(ଘ) ଯାହା କଲେ ଆତ୍ମଶାନ୍ତି, ସଂଯମ, ଆତ୍ମନିୟନ୍ତ୍ରଣ, ଇହ ଓ ପର ଜୀବନରେ କୈବଲ୍ୟ ମିଳନ୍ତା ସେଥିରେ ଗ୍ଳାନି ଘଟୁଛି ।

(ଙ) ବ୍ରହ୍ମ ସମର୍ପିତ ଜୀବନ ଓ କର୍ତ୍ତବ୍ୟ ସମ୍ପାଦନ ଗୌଣ ହୋଇଯାଉଛି ।

[ପ୍ରଫେସର ଶତ୍ରୁଘ୍ନ ନାଥ]

- ଦେଶରେ ଦୁର୍ନୀତି ଦ୍ରୁତଗତିରେ ପ୍ରସାରଲାଭ କରୁଛି ।

[ଡ. ସଚ୍ଚି ରାଉତରାୟ]

- ଆଧୁନିକ ମଣିଷ ଅତ୍ୟନ୍ତ ସ୍ୱାର୍ଥ ପର । ଦେଶପ୍ରୀତି ନାହିଁ କହିଲେ ଚଳେ । ଯେନତେନ ପ୍ରକାରେ ସମସ୍ତେ ସ୍ୱାର୍ଥସିଦ୍ଧି ଲାଗି ବ୍ୟାକୁଳତା ପ୍ରଦର୍ଶନ କରୁଛନ୍ତି । ତା'ର କାରଣ ସରକାର ଓ ସମାଜର ନିୟନ୍ତାମାନେ ପଥଭ୍ରଷ୍ଟ ଓ ଚରିତ୍ରହୀନ । ତାହାରି ସୁବିଧା ନେଇ ଖୋସାମତକାରୀମାନେ ନିଜ କର୍ତ୍ତବ୍ୟରେ ହେଳା କରନ୍ତି ।

[ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଏହା ହେଉଛି କଳିଯୁଗର ଧର୍ମ । ଅଧର୍ମ ଆଚରଣ ଏ ଯୁଗର ପ୍ରଧାନ ଲକ୍ଷଣ । ଈଶ୍ୱର ଚିନ୍ତା ଏବଂ ପରଲୋକର ଧାରଣା କମିଯିବା ଫଳରେ ଏଭଳି ମନ୍ଦ ପ୍ରବୃତ୍ତି ଜନମାନସକୁ ଦୂଷିତ ଓ ବିଭ୍ରଷ୍ଟ କରୁଅଛି ।

[ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- କାରଣ ତଥାକଥିତ ରାଜନୀତିଜ୍ଞ, ଯେଉଁମାନେ ଶାସନ ଚଳାଉଛନ୍ତି ଓ ସେମାନଙ୍କର ଅସତ୍ କାର୍ଯ୍ୟ ଓ ତାହାର ସୁବିଧା ନେଇ ପ୍ରଶାସନିକ ଅଫିସର (ଅବଶ୍ୟ ସମସ୍ତେ ନୁହନ୍ତି) ଏହାର ନିକଟବର୍ତ୍ତୀ ହେଉଛନ୍ତି ଓ ଲୋକ-ସମ୍ପର୍କ ଲାଭ କରୁଛନ୍ତି । ଏହା ଶାସନ କ୍ଷେତ୍ରରେ ଓ ରାଜନୀତି କ୍ଷେତ୍ରରେ ପୂର୍ଣ୍ଣ ରୂପେ ବ୍ୟାପିଯାଇଛି ।

[ଜଷ୍ଟିସ୍ ନବକୁମାର ଦାସ]

- ଏହି ଉପାୟରେ ବହୁ କାର୍ଯ୍ୟ ହୋଇପାରୁଛି ସତ, କିନ୍ତୁ ଏହା ବ୍ୟକ୍ତି ଓ ସମାଜ ପକ୍ଷରେ ଭୟଙ୍କର ଭାବରେ ଅନିଷ୍ଟ କରେ । ବ୍ୟକ୍ତିର ବିବେକ ତାଡ଼ନା ଫଳରେ ତା'ର ବହୁତ ରୋଗ ହୁଏ ।

[ପ୍ରଫେସର ରାଧାନାଥ ରଥ]

- ଅନେକ କାରଣ ଅଛି, ମୁଖ୍ୟ କାରଣ ହେଉଛି ସବୁ ସ୍ତରରେ ନୈତିକତାର ହ୍ରାସ । ନୈତିକତାର ରକ୍ଷକ ଯେଉଁମାନେ ହେବା କଥା ସ୍ଖଳନର ଜୀବନ୍ତ ପ୍ରତିମୂର୍ତ୍ତି

ହୋଇଛନ୍ତି ସେଇମାନେ । ତେଣୁ ଦୁର୍ନୀତି ଓ ନୈତିକ ଅଧଃପତନର ସାହଣ ମେଲ୍ ହୋଇଯାଇଛି ।

[ନାଟ୍ୟକାର ମନୋରଞ୍ଜନ ଦାସ]

- ମୁଁ ଏହାକୁ ପସନ୍ଦ କରେନା, ଏହାର ପରିଣାମ ଭଲ ନୁହେଁ ।

[ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ଅସତ୍ ମଣିଷମାନେ ହିଁ ଅସତ୍ ଉପାୟ ଉପରେ ଭରସା ରଖନ୍ତି । ସତ୍ ପାଇଁ ସେମାନଙ୍କର ସାହସ ନ ଥାଏ ।

[ଅଧ୍ୟାପକ ଚିତ୍ତରଞ୍ଜନ ଦାସ]

- ଆମର ମୂଲ୍ୟବୋଧ ପୂରାପୂରି ଭୁଷୁଡ଼ି ଗଲାଣି ବୋଲି ମୁଁ କହିବି ନାହିଁ । ମୋ ମତରେ ଏହାର କାରଣ ଏହି ଯେ ବସ୍ତୁବାଦ (materialism) ର ଆଧିପତ୍ୟ ଆମକୁ ବାଧ କରୁଛି ଯେନତେନ ପ୍ରକାରେଣ 'ଉପରକୁ' ଉଠି ଆର୍ଥନୀତିକ ଏବଂ ଆନୁଷଙ୍ଗିକ କ୍ଷମତା ହାସଲ କରିବା ପାଇଁ । ଫଳରେ ଆମେ ଅଧିକାଂଶ ଲୋକ ଆମର ନୈତିକ ମୂଲ୍ୟବୋଧ ସାଙ୍ଗରେ ସାଲିସ୍ କରିଗଲିଛୁ ଏବଂ ନିଜକୁ ଫୁସୁଲାଉଛୁ ଯେ ଆମେ କିଛି ଭୁଲ୍ କରୁନାହୁଁ ।

[କିଶୋରୀ ଚରଣ ଦାସ]

- ଏହାର ମୁଖ୍ୟ କାରଣ ହେଉଛି ସାମାଜିକ ମୂଲ୍ୟବୋଧର ଅବକ୍ଷୟ । ସ୍ୱାର୍ଥସର୍ବସ୍ୱ ବ୍ୟକ୍ତି ଆଜି ଯେକୌଣସି ଉପାୟରେ ନିଜର କାର୍ଯ୍ୟ ସାଧନ ଲାଗି ବ୍ୟସ୍ତ ଓ ବ୍ୟଗ୍ର । ନ୍ୟାୟ ଓ ଅନ୍ୟାୟ, ପାପ ଓ ପୁଣ୍ୟ, ସତ୍ ଓ ଅସତ୍ ଏସବୁ ମଧ୍ୟରେ ପାର୍ଥକ୍ୟ ବିବେଚନା ଲାଗି ମନୁଷ୍ୟର ମନ ଆଜି ଉଦାସୀନ ।

[ଡ. ମନ୍ମଥ ନାଥ ଦାସ]

- ଖୋସାମତି ବୋଧହୁଏ ଯଥେଷ୍ଟ ନୁହେଁ । ଆଉ କିଛିର ମଧ୍ୟ ଆବଶ୍ୟକ ପଡୁଛି ବୋଲି ଶୁଣାଯାଉଛି ।

[ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ଅସତ୍ ଉପାୟରେ ହିଁ ସବୁ କାର୍ଯ୍ୟ ହାସଲ ହୁଏ ବୋଲି ମୁଁ ଭାବେନା ।

[ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ପରିବାର, ସାମାଜିକ ଓ ସରକାରୀ ଅନୁଷ୍ଠାନ, ସାଧାରଣ କ୍ଷେତ୍ରରେ ନେତୃତ୍ୱ ଆଜି କଳୁଷିତ, ଅଧଃପତିତ ଏବଂ ଦୁର୍ନୀତିଗ୍ରସ୍ତ । ଆଦର୍ଶ ନାହିଁ । ଅବକ୍ଷୟର ରାଜତ୍ୱ । ତେଣୁ ପରିଣତି ଆଉ ଭିନ୍ନ କ'ଣ ହେବ?

[ପ୍ରଫେସର ପଠାଣି ପଟ୍ଟନାୟକ]

- ନୈତିକତାର ଅଭାବ ।

[ଡ. ଲଡୁକେଶ୍ୱର ଶତପଥୀ]

- ନୈତିକ ମୂଲ୍ୟବୋଧର ଦାରୁଣ ଅବକ୍ଷୟ ହିଁ ଏହାର କାରଣ ।

[ହରିହର ବାହିନୀପତି]

- ଏହାର କାରଣ - ଆଜିକାଲି ଲୋକେ ସତ୍ ଅପେକ୍ଷା ଅସତ୍ କୁ ଅଧିକ ଫଳପ୍ରଦ ମନେ କରୁଛନ୍ତି । ଏହା ସାମାଜିକ ସ୍ତରରେ ନୈତିକ ଅଧଃପତନ ମାତ୍ର । ଏହା ହେଉଛି ଉପଯୁକ୍ତ ଶିକ୍ଷାର ଅଭାବରୁ । ଆଜିକାଲି ପ୍ରଚଳିତ ଶିକ୍ଷା କେବଳ ଜୀବିକା ନିର୍ବାହରେ ସହାୟକ । ଚରିତ୍ର ଗଠନ ଦିଗରେ ଶିକ୍ଷାର କୌଣସି ଭୂମିକା ନାହିଁ ।

[ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ନିଜର ସ୍ୱାର୍ଥ, ଅବିଚାରିତ ଧାରଣା, ବୃଥା ହୀନମ୍ମନ୍ୟଭାବବୋଧ ଓ ଶେଷରେ ବୃଥା ଜୀବନକୁ ଏହି ମାର୍ଗ ହେଉଛି ପାହାଚ । ଖୋସାମତଠାରୁ ହୀନବୃତ୍ତି ନାହିଁ । ଫଳ ଆଶା ରଖି ଖୋସାମତ କରିବାଠାରୁ ହୀନବୃତ୍ତି ନାହିଁ । ହୀନବୃତ୍ତିର ହୀନଫଳ, ଦୀନ ବୃତ୍ତର ଦୀନଫଳ ।

[ପ୍ରଫେସର ହୃଦାନନ୍ଦ ରାୟ]

- ବେଶୀ ଭାଗ ଲୋକ ଏ ମାର୍ଗ ଅବଲମ୍ବନ କରନ୍ତି ନାହିଁ । ଅଳ୍ପ କେତେ ଭାଗ ଲୋକ ଅସତ୍ ଉପାୟରେ କାର୍ଯ୍ୟ ହାସଲ କରନ୍ତି ।

[ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- କାର୍ଯ୍ୟ ହାସଲ ।

[ଗିରିଜା ଭୂଷଣ ପଟ୍ଟନାୟକ]

- ଅସତ୍ ଉପାୟ ଓ ଅସତ୍ କାର୍ଯ୍ୟର କୁଫଳ ଅବଶ୍ୟମ୍ଭାବୀ । ଏହାର ବିକଳ୍ପ ନାହିଁ । କର୍ମଫଳ ସିଦ୍ଧାନ୍ତରେ ଖୋସାମତ, କପଟ, ଛଳନା, କାର୍ଯ୍ୟ କରନ୍ତି ନାହିଁ । ପରମେଶ୍ୱରୀୟ ବିଧାନ ଅଲଙ୍ଘ୍ୟ ।

[ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ସୁଖ ପାଇଁ ଧନ ଓ ସୁଯୋଗର ଅନ୍ୱେଷଣ । ବୃହତ୍ତର ଆଦର୍ଶ ପାଳନ କଷ୍ଟସାଧ୍ୟ । ଏହାର ସାମାଜିକ କାରଣ ବି ରହିଛି । ଯେଉଁ ସମାଜରେ ନେତୃବୃନ୍ଦ ଦୁର୍ନୀତିଗ୍ରସ୍ତ, ସେ ସମାଜରେ ଖୋସାମତି ଦ୍ୱାରା ଧନ ଓ ସୁଯୋଗ ଅର୍ଜନ ଏକମାତ୍ର ପନ୍ଥା । ଦୁର୍ବଳ ନୈତିକତା ଖୋସାମତିର ମୂଳ କାରଣ ।

[ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ମଣିଷ ପ୍ରଶଂସାକାମୀ । ଆତ୍ମଶଂସାରେ ସେ ବିଗଳିତ ଓ ଉତଫୁଲ୍ଲିତ ହୋଇଥାଏ । ତେଣୁ ସତ୍ ପଥ ଛାଡ଼ି ଅସତ୍ ପଥରେ କେହି ଖୋସାମତ୍ କରିଲେ ଉଦ୍ଦେଶ୍ୟ ସହଜରେ ସିଦ୍ଧ ହୁଏ । ରାଜାମାନଙ୍କର ପ୍ରଶସ୍ତି ଗାନ କରି ଭାଟମାନେ ଅନେକ ଜିନଷ ପାଉଥିଲେ ।

[ଡ. ରେଖା ମହାନ୍ତି]

- ଏହା ଆଜିର କଥା ନୁହେଁ, ଏବେ କେବଳ ଟିକେ ମାତ୍ରା ବୃଦ୍ଧି ଘଟିଛି । ଖୋସାମତ କରି କାର୍ଯ୍ୟ ହାସଲ ଏକ ନତିଦିନଆ କଥା ।

[ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ଜାତୀୟ-ଜୀବନ ଓ ସାମାଜିକ ମୂଲ୍ୟବୋଧର ଅବକ୍ଷୟ ଏବଂ ଘୋର ଅବନତି ଏଥିପାଇଁ ଦାୟୀ । ସମସ୍ତ ଶିକ୍ଷାନୁଷ୍ଠାନ ଓ କର୍ମଶାଳାମାନଙ୍କରେ ପ୍ରକୃତ ଆଧ୍ୟାତ୍ମିକ ଶିକ୍ଷା ଏବଂ ନେତୃବୃନ୍ଦଙ୍କ ଆଦର୍ଶ ଜୀବନଯାପନ ହିଁ ଏହି ବିପଦରୁ ଉଦ୍ଧାର ପାଇବାର ପଥ ସୁଗମ କରିପାରେ ।

[ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ଚରିତ୍ର, ସଚ୍ଚୋଟତାରେ ହାନୀ, ଧାର୍ମିକ ଭାବରେ ଅବିଶ୍ୱାସ ଓ ଅବନତି । ଏହାଛଡ଼ା ଆଜିକାଲିର ପରିସ୍ଥିତିରେ 'ଆବଶ୍ୟକତା' ଅନୁଯାୟୀ ବସ୍ତୁ ଅପ୍ରାପ୍ୟ ଥିବାରୁ ଏପରି ଘଟୁଛି । (supply less than demand) |

[ଡାକ୍ତର କବି ପ୍ରସାଦ ମିଶ୍ର]

- ସାରା ସମାଜ ଆଜି କଳୁଷିତ । ସେଥିଲାଗି ଏପରି ହେଉଅଛି ।

[ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ଆଜିକାଲି ଊଣାଅଧିକେ ସମସ୍ତେ ଅସତ୍ ଉପାୟର ଆଶ୍ରୟ ନେଇ କାର୍ଯ୍ୟସାଧନ କରିବାରେ ପ୍ରବୃତ୍ତ । ଖୋସାମତ, ଉଚ୍ଛ୍ୱସିତ ପ୍ରଶଂସା କମ୍ବା କୌଣସି କାରଣ ନ

ଥାଇ ଆନୁଗତ୍ୟ ସ୍ୱୀକାର କରିବା ସାମ୍ପ୍ରତିକ ଲୋକମାନଙ୍କର ଧର୍ମ ହୋଇପଡ଼ିଛି । ଏହାଦ୍ୱାରା ଅନେକ ସମୟରେ ବ୍ୟକ୍ତି ତା'ର ସ୍ୱାର୍ଥସାଧନ କରିଥାଏ ସତ, ତା'ର ପଦମର୍ଯ୍ୟାଦା, ଆତ୍ମସମ୍ମାନ ତଥା ସୁଖ୍ୟାତିରେ ଆଞ୍ଚ ଆସେ । ସମାଜରେ ସେ ଅତି ଇତର ବା ନୀଚ ବ୍ୟକ୍ତି ବୋଲି ପରିଚିତ ହୋଇ ଘୃଣିତ ହୁଏ । ଏହାର ଏକମାତ୍ର କାରଣ ହେଉଛି ଆତ୍ମସ୍ୱାର୍ଥସାଧନ ଏବଂ ଲୋଭଖୋର ମନୋବୃତ୍ତି । ଏ ଦୁର୍ଗୁଣ ଯେପର୍ଯ୍ୟନ୍ତ ସମାଜରୁ ଦୂର ହୋଇପାରିନାହିଁ, ସମାଜ ଜୀବନ ଉନ୍ନତ ହେବା ଅସମ୍ଭବ ।

[ଡ. ରତ୍ନାକର ସାହୁ]

- ସବୁ ଯୁଗରେ ଖୋସାମତ ରହିଛି ।

[ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ଏହା ସବୁ ଯୁଗରେ ଅଛି । ଇତିହାସ ଏହାର ବଳିଷ୍ଠ ଉଦାହରଣ ।

[ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ଆଜିକାଲି ଲୋକମାନଙ୍କର ଆତ୍ମବିଶ୍ୱାସ କମିଯାଉଛି, ତାହା ସହିତ ଭଗବତ୍ ବିଶ୍ୱାସ ମଧ୍ୟ ।

[ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ଅସତ୍ ସଦାସର୍ବଦା ଅସତ୍ । ଅସତ୍ ଉପାୟରେ କାର୍ଯ୍ୟ ହାସଲକୁ ମୁଁ ସାଙ୍ଘାତିକ ଭାବରେ ବିରୋଧ କରେ । ଅସତ୍ର ଗୋଟେ କାରଣ କ'ଣ ଥାଏ? ଅସତ୍ର କାରଣ ବି ଅସତ୍ ।

[ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ଜାତୀୟ ଚରିତ୍ରର ଅବକ୍ଷୟ, ଧୈର୍ଯ୍ୟ ଓ ସହନଶୀଳତାର ଅଭାବ ବ୍ୟକ୍ତିତ୍ୱର ଲାଞ୍ଛନା ହେତୁ । ଏହି ସହଜ ଉପାୟ ଅନେକେ ଅବଲମ୍ବନ କରୁଛନ୍ତି । ଏହା ଏକ ସୁସ୍ଥ ଜାତୀୟ ଜୀବନର ଅଭାବରୁ ହେଉଛି ।

[ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ସବୁ ଧର୍ମର ନୀତିଶିକ୍ଷା ସମାନ ହୋଇପାରେ । କିନ୍ତୁ ପ୍ରତି ଧର୍ମବିଶ୍ୱାସରେ ମୌଳିକତା ବା ସ୍ୱାତନ୍ତ୍ର୍ୟରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ ।

[ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ଏହାର ପ୍ରକୃତ କାରଣ ଅଟେ ଆମ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ନୈତିକ ଶିକ୍ଷାର ଅଭାବ । ସୁତରାଂ ସାମଜରେ ନୀତି, ନିୟମ, ଶୃଙ୍ଖଳା ପ୍ରାୟ ଦେଖାଯାଏ ନାହିଁ । ସମାଜରେ ନୈତିକତାର ଅଧୋଗତି ହୋଇଛି । ଏହାର ମୂଳରେ ରହିଛି - ଈଶ୍ୱର ବିଶ୍ୱାସ ଓ ଭକ୍ତି ଆମ ସମାଜରେ ସେତେ ଦୃଢ଼ ନାହିଁ ।

[ଡ. ଲୁଇ ସଭସୁନ୍ଦର, କାଥଲିକ୍]

- ଏହା ଅପ୍ରିୟ ସତ୍ୟ - ରାଜନୀତିକ ନେତାମାନଙ୍କର ନୀତି-ବିହୀନ ଚରିତ୍ରରୁ ଜାତ ହୋଇଛି ।

[ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ଶ୍ରୀ ପଠାଣି ପଟ୍ଟନାୟକଙ୍କ ମତରେ ଅବକ୍ଷୟର ରାଜତ୍ୱ ଚାଲିଛି । ଅସତ୍ ଉପାୟରେ କାର୍ଯ୍ୟସାଧନ ରାଜନୀତିକ ନେତାମାନଙ୍କର ନୀତି-ବିହୀନ ଚରିତ୍ରରୁ ଜାତ ହୋଇଛି ବୋଲି ସ୍ୱର୍ଗତ ମଇନୁଦ୍ଦିନ ଅହମଦ ପ୍ରକାଶ କରିଛନ୍ତି । ଏହାର ଅନ୍ୟ ଏକ କାରଣ ସରକାର ଓ ସମାଜର ନିୟନ୍ତାମାନେ ପଥଭ୍ରଷ୍ଟ ଓ ଚରିତ୍ରହୀନ । ତା'ର ସୁବିଧା ନେଇ ଖୋସାମତକାରୀମାନେ ନିଜ କର୍ତ୍ତବ୍ୟରେ ହେଳା କରନ୍ତି ବୋଲି ସ୍ୱର୍ଗତ ଶ୍ରୀରାମଚନ୍ଦ୍ର ଦାଶ ମତ ଦେଇଛନ୍ତି । ଅଧ୍ୟାପକ ଗୌରୀକୁମାର ବ୍ରହ୍ମାଙ୍କ ମତରେ- ଏହା ହେଉଛି କଳିଯୁଗର ଧର୍ମ । ଅଧର୍ମ ଆଚରଣ ଏ ଯୁଗର ପ୍ରଧାନ ଲକ୍ଷଣ । ବେଶୀ ଭାଗ ଲୋକ ଏ ମାର୍ଗ ଅବଲମ୍ବନ କରନ୍ତି ନାହିଁ, ଅଳ୍ପ କେତେଭାଗ ଲୋକ ଅସତ୍ ଉପାୟରେ କାର୍ଯ୍ୟ ହାସଲ କରନ୍ତି ବୋଲି ଅବସରପ୍ରାପ୍ତ ପୁଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଶ୍ୟାମସୁନ୍ଦର ପାଢ଼ୀ ମତ ଦେଇଛନ୍ତି । ଖୋସାମତ ସବୁ ଯୁଗରେ ରହିଛି, ମାତ୍ର ଏବେ ତା'ର ମାତ୍ରା ବୃଦ୍ଧି ପାଇଛି । ଶିକ୍ଷାନୁଷ୍ଠାନମାନଙ୍କରେ ନୈତିକ ଶିକ୍ଷାର ଅଭାବ ଯୋଗୁଁ ଏପରି ଘଟୁଥାଇପାରେ । ଈଶ୍ୱର ବିଶ୍ୱାସ ପାଇଁ ଶିକ୍ଷାର ଆବଶ୍ୟକତା ଅନୁଭବ ଜରୁରୀ ହୋଇପଡ଼ିଛି । ବିଶେଷତଃ ସମାଜରେ ବ୍ୟକ୍ତି ଚରିତ୍ରର ଅଧୋଗତି ଏହାର ମୁଖ୍ୟ କାରଣ ।

(ଲେଖକ)

ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ –9861145687

# ହାରିବା ଜାଣିନ



ଅନାମ ଚରଣ ସାହୁ

ବିନା ବିରାମରେ କରମ ଯେ କରେ
ସେହି ସିନା ଏକା ସୁଖୀ
ବସିକ ଖାଇଲେ ନଇବାଲି ସରେ
ଜୀବନେ ହୁଅଇ ଦୁଃଖୀ।

ଆଜି ଯେଉଁ ଜାତି ସଂସାରେ ବଞ୍ଚିଛି
ସଂଘରଷ କରି ସିନା
ବିନା ସଂଘରଷେ କିଛିବି ନ ମିଳେ
ଜୀଇଁବା ତା ପାଇଁ ମନା।

କେତେ ବଳଶାଳୀ ଜୀବଜନ୍ତୁ ପୁଣି
ଧରାକୁ ଦେଇ ବିଦାୟ
ନିଶ୍ଚିହ୍ନ ଜାତିରେ ନାମ ଲେଖିଗଲେ
ଏଥିପାଇଁ ନିଜେ ଦାୟ।

ଚାରିଧାମ ନାଥ ପ୍ରଭୁ ଜଗନ୍ନାଥ
ଯବନଙ୍କ ଭୟ ପାଇ
କେବେ ସେ ପାତାଳୀ କେବେ ଦୃଶ୍ୟ ପୁଣି
ସର୍ବ ଶକ୍ତିମାନ ହୋଇ।

ଓଡ଼ିଆ ଜାତିର ଜୀବନ ସଂଗ୍ରାମ
ନ' ଅଙ୍କ ଦୁର୍ଭିକ୍ଷରେ
କେତେ ବନ୍ୟା ବାତ୍ୟା ଆସଇ ଅଗତ୍ୟା
ତଥାପି ଠିଆ ମହୀରେ।

ହାରିବା ଜାଣିନ ଏ ଓଡ଼ିଆ ଜାତି
ଲକ୍ଷ୍ମୀ ନାର୍ୟ୍ୟଣ ସାହା
କଳା ପରମ୍ପର୍ ସଂସ୍କୃତି ସାହାର୍
ସବୁଠୁ ସୁନ୍ଦର ଗାଆଁ।

ବିଭୁତିପୁର, କାକଟପୁର, ପୁରୀ

ବେଦାନ୍ତୀର ଆଗାମୀ ସଂଖ୍ୟା ଫେବୃୟାରୀ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଜାନୁୟାରୀ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

# ପିଆଜ ଶପଥ



ଆରତୀ ସାହୁ (ଆଶା)

ବାଡ଼ିରେ ଦେଖିଣ ପିଆଜ ଗୃେପା ।
ସୁପୁନ ଗେରସ୍ତ ହୋଇଲ୍ ଖପା ।
ପିଆଜ ଦର କ ଜାଣି ପାରୁନୁ ।
ତୁଣରେ ଅଳପ କରି ଦେଉନୁ ।
ସୁପୁନ କହିଲ୍ ଖାଇବ ସ୍ୱାଦ ।
ପିଆଜ ସାରିଲେ କରିବ ବାଦ ।
କେନାଲରେ ଯାଇ ଧରୁଛ ମାଛ ।
ଭଲକ ର୍ନ୍ଧିବୁ ଆସି କହୁଛ ।
ପିଆଜ ବିନା ଯେ ମାଛ ତିଅଣ ।
ସୁଆଦ ହବନ ଦେବି ଲେଖିଣ ।
ମାଗଣା ଗୃଉଳ ତୁମେ ଖାଇଣ ।
ତାସ ବାଡ଼ଉଛ ସବୁ ମିଶିଣ ।
ଗାଁରେ ସମସ୍ତେ ବୁଢ଼ା କ ଟୋକା ।
ରେ୍ଜଗାର ନାହିଁ ଗୋଟାଏ ଟଙ୍କା ।
ବସି ଖାଇବାର ଅଭ୍ୟାସ ହେଲ୍ ।
ଜାଗା ଜମି ତ ପଡ଼ିଆ ହୋଇଲ୍ ।
କରିଥାନ୍ତ ଯଦି ଜମିରେ ଗୃଷ ।

ଦରଦାମ ସବୁ ହୁଅନ୍ତେ ବଶ ।
ସୁପୁନ କଥାକୁ ଯହୁଁ ଶୁଣିଲା ।
ଗେରସ୍ତ ତାର ତ ଧସି ଆଇଲା ।
ଭୂଷଣ ଦେବାକୁ କଏ କହିଲା ।
ଜାଣିଥା ଆମେ ତ ମରଦ ପିଲା ।
ଝାଡୁରେ ପାହାରେ ଦେବି ଲୋ ଝିଅ ।
ମୋର କଥା ଶୁଣି ଧରିବୁ ଥୟ ।
ସୁପୁନ ତହୁଁ ଶପଥ କରିଲା ।
ବାଡ଼ି ଭିତରକୁ ଗ୍ଭଲି ଅଇଲା ।
କରି ଦେଖେଇବ ପିଆଜ ଗ୍ଭଷ ।
ଦରକାର ତାର ଦୁଇଟି ମାସ ।
ନଡ଼ିଆ ବାଡ଼ିଟା ଖାଲି ପଡ଼ିଛି ।
ଅନାବନା ଘାସ ତହିଁ ଉଠିଛି ।
ସୁପୁନ ଧଇଲା ଗୋଟେ କୋଦାଳ ।
ଜମିକୁ ହାଣି କଲା ସମତଳ ।
ନଡ଼ିଆ କତା ନଡ଼ିଆ ସଢେଇ ।
ଖତ କଲା ତାକୁ ନଆଁ ଲଗେଇ ।
ପିଆଜର ଗ୍ଭର ଆଣି ରୋପିଲା ।
ଦିନ ଗ୍ଭତି ତାଙ୍କ ଯତନ ନେଲା ।
ତାହାକୁ ଦେଖିଣ ଗାଁ ମାଇପେ ।
ଗ୍ଭଷ କରିବାକୁ ଗ୍ଭଲିଲେ ଆପେ ।
ଗାଁ ମୁଣ୍ଡେ ଥିଲା ବାଙ୍କ ପଡ଼ିଆ ।
ଖେଳୁଥିଲେ ସେଠି ଯେତେ ଖୋଡ଼ିଆ ।

ହଣା ମର୍‌ କରି ଗ୍ବଷ କରିଲେ ।
ଗାଁ ପୁରୁଷଙ୍କୁ ଦେଖାଇ ଦେଲେ ।
କେତେ କେତେ ଏମିତି ଜମି ଥିଲ୍‌ ।
ଅନାବାଦି ହୋଇ ରହିଣ ଥିଲ୍‌ ।
ସବୁ ଜମିରେ ଲ୍‌ଗିଲ୍‌ ପିଆଜ ।
ଅଳସୁଆ ଲ୍ଲୋକେ ମନରେ ହେଜ ।
ସେହି ବର୍ଷରୁ ସୁପୁନ ଗ୍ରାମରେ ।
ଲ୍‌ଗି ଥାନ୍ତି ସବୁ ଗ୍ବଷ କାମରେ ।
ଦରଦାମ ତାର ବାଟରେ ଯାଏ ।
କଡ଼ାକର ମାନ ସେଠି ନ ପାଏ ।
ସୁପୁନ ସଭିଙ୍କୁ ଦେଲ୍‌ ଶିଖାଇ ।
କର ଗ୍ବଷ ବାବୁ ମନ ଲଗାଇ ।

ବସନ୍ତ ବିହାର, ନୂଆ ଦିଲ୍ଲୀ

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଦାରିଦ୍ର୍ୟତାର ଯନ୍ତ୍ରଣା



ନୂତନ କୁମାର ବେହେରା

ଦାରିଦ୍ର୍ୟତା ଏକ ସାମାଜିକ ପ୍ରତିବନ୍ଧକ
ଯା' ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତିରେ
ସୃଷ୍ଟି କରେ ଅନ୍ତରାୟ,
ଆର୍ଥିକ ଅସ୍ୱଚ୍ଛଳତା ନେଇ ଆସେ
ବ୍ୟକ୍ତି ଜୀବନରେ ଅଭାବ ଅନାଟନ
ହୋଇପଡେ ସେ ଗୋଟାପଣେ ନିରୁପାୟ ।
ଖାଦ୍ୟ ବସ୍ତ୍ର ପାନୀୟ ବାସଗୃହଠାରୁ
ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ
ମର୍ମେ ମର୍ମେ ଅନୁଭବ କରେ ତାର ଅଭାବ,
ଅତ୍ୟାବଶ୍ୟକ ଅଭାବ ନ ହେବା ଯାଏଁ
ଦୈନନ୍ଦିନ ଜୀବନରେ ପୂରଣ
ବଦଳେ ନାହିଁ ମାନସିକତାର ସ୍ୱଭାବ ।
ଦାରିଦ୍ରତା ନୁହେଁ ମାନବର ସହଜାତ ଗୁଣ
ନିଜ ଉଦ୍ୟମ ଚେଷ୍ଟା ପରିଶ୍ରମ ବଳେ
କରିପାରେ ତା' ଅଚିରେ ଦୂର,
ନିରବଚ୍ଛିନ୍ନ ଭାବେ ଶ୍ରମ ସାଧନା କରି
ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ କରେ ଅଧିକାର ।
ସଫଳତା ପାଇ ହୁଏ ଆନନ୍ଦିତ
ଆତ୍ମତୃପ୍ତିରେ ଜୀବନକୁ ମଣେ ସାର୍ଥକ,
ଏ ସଂସାରର ବନ୍ଧା ନିୟମରେ ପ୍ରାପ୍ତି

ପରିଶ୍ରମରେ ନହିତ ଥାଏ ସଦା
ଅନ୍ୟ କଛିରେ ନାହିଁ ଏହା ବ୍ୟତିରେକ ।
ଆଜି ମଣିଷର ଅର୍ଥ ସମ୍ବଳ ଅପେକ୍ଷା
ମାନସିକତାରେ ଏତେ ଦରିଦ୍ର ଦୁର୍ବଳ,
ଧୈର୍ଯ୍ୟ ସାହସ ହରାଇ ଭୋଗେ ଦୁଃଖ
ହନ୍ତସନ୍ତ ହୁଏ ଚରକାଳ ।
ସୁବିଧା ଓ ସହଜରେ ପାଇବାକୁ ଖୋଜେ
ପାର୍ଥିବ ଜଗତର ସମସ୍ତ ସୁଖ,
ହେଲେ ଆଳସ୍ୟତାର ବଶ ହୋଇ
ଉଦ୍ୟମ ବିନା ଗୁଣ ନ ଚହ୍ନି
ଖୁଣ ବାଛି ହୁଏ ବିମୁଖ ।
ଦାରିଦ୍ର୍ୟତା ଯୋଗୁଁ ଭୋଗେ ନାନା ଯନ୍ତ୍ରଣା,
ଶୁଭ ଚନ୍ତନ ନ କରି କରୁଥାଏ କୁମନ୍ତ୍ରଣା ।
ମନ ଉଚ୍ଚ ସାଥେ ସତକର୍ମ କରି ଗ୍ଲଲିଥିଲେ
ଆଶା ଆକାଂକ୍ଷା ପୂରଣ ହୁଏ ଭଲେ ।
ଆତ୍ମବିଶ୍ୱାସ ରଖି କରେ ଯିଏ ସୁକର୍ମ,
ଜୀବନେ ପଳଇ ସିଏ ମାନବ ଧର୍ମ ।

କୋହି, ଗଡ଼ିଆ, ମୟୂରଭଞ୍ଜ

# ରଘୁଆ ସାନ୍ତା କ୍ଲଜ



ବିଜୟ କୁମାର ପଣ୍ଡା

ସପିଙ୍ଗ ମଲରେ କେଉଁଦିନ ବାଘ, କେଉଁଦିନ ଭାଲୁ ଆଉ ବଡ଼ ଦିନ ପାଇଁ ସାନ୍ତା କ୍ଲଜ ଏମିତି ଭେଳିକ ଭେଳ ବେଶଭୂଷା ହେଇ ମିଳୁଥିବା ମଜୁରୀ ରେ ଘର ଚଳୁଥିଲା ରଘୁଆର । ସ୍ତ୍ରୀ, ପୁଅ, ଝିଅ କୁ ନେଇ ଚାରି ପ୍ରାଣୀର ସଂସାର । ଆମ ଗାଁ ପାଖ ଗାଁରେ ତାର ଘର ବୋଲି ଜାଣିଥିଲି ଏଇ ସହରକୁ ଆସିଲା ପରେ । କେବେଥରେ ଦେଖାହେଇ ପରିଚୟ ଦେଇଥିଲା ଆଉ ଫୋନ ନମ୍ବରଟା ଦେଇ କହିଥିଲା,

: "ସାର୍ ମୋ ଫୋନରେ ବାଲାନ୍ସ ନଥାଏ । କେବେ ଦରକାର ପଡ଼ିଲେ ମୁଁ ମିସ୍ କଲ ଦେବି ଆପଣ ଫୋନ କରିବେ ।"

: "ହଁ କିଛି ବି ଦରକାର ହେଲେ, ନିଶ୍ଚିତ ଫୋନ କରିବ କହିଥିଲି।"

ମୁଁ ନିୟମିତ ସପିଙ୍ଗ ମଲ ଯିବା ଲୋକ ନୁହଁ, ତଥାପି କେବେ କେମିତି ସପିଙ୍ଗ ମଲରେ ଦେଖା ହୁଏ ବାଘ ଅବା ଭାଲୁ ବେଶରେ ଥିବା ବେଳେ କିନ୍ତୁ କଥା ହେବା କି ସମ୍ଭବ ! ମାଲିକ୍ ର ହୁକୁମ ଟିକେବି ବସି ହବନି, ସପିଙ୍ଗ ପାଇଁ ଆସୁଥିବା ସମସ୍ତଙ୍କୁ ଖାସ୍ କରିକି ପିଲାମାନଙ୍କୁ ଭଳିକି ଭଳି ଅଙ୍ଗଭଙ୍ଗି ଦେଖେଇ ମନୋରଞ୍ଜନ କରିବାକୁ ପଡ଼ିବ।

କ୍ରିଷ୍ଟମାସ୍ ପୂର୍ବ ଦିନ ପିଲାଦୁହେଁ ସାନ୍ତାକ୍ଲଜ ଡ୍ରେସ୍ ଆଣିବାକୁ ଅଳି କରିଥିଲେ । ଦେହରେ ଜ୍ୱର ଜ୍ୱର ଭଳି ଲାଗୁଥିଲା, ହେଲେ ବି ଟିକେ ଡେରିରେ ମଧ୍ୟାହ୍ନ ପରେ ଯାଇଥିଲା, ମଜୁରୀ ମିଳିଲେ ପିଲାଙ୍କ ପାଇଁ ସାନ୍ତାକ୍ଲଜ ଡ୍ରେସ୍ ଆଣିବ। ହେଲେ ମାଲିକଙ୍କ ଠାରୁ ଗାଳି ଶୁଣିବାକୁ ମିଳିଥିଲା ।

: "ରାତି ପାହିଲେ କ୍ରିଷ୍ଟମାସ୍, କେତେ ଲୋକ ମାର୍କେଟିଂ କରିବାକୁ ଆସୁଛନ୍ତି । ତୁ ଏଇ ସମୟରେ ବାହାନା କରି ଡେରିରେ ଆସୁଛୁ ? ଚାକରୀ କରିବାକୁ ଇଚ୍ଛା ନାହିଁ କି ତୋର ?

ଆଜି ଦରମା ତୋର ଅଧା କାଟିଦେବି। ଇରେସ୍ପନସିବଲ.. ଇଡ଼ିଅଟ.." ମାଲିକ ଗାଳ କରି କହିଦେଇଥିଲେ ଆଉ ମିଳଥିଲା ଅଧା ଦରମା ।

ପିଲା ଦୁହେଁ ଡେରି ରାତି ଯାଏଁ ଜଗିଥିଲେ ସାନ୍ତାକ୍ଲଜ ଡ୍ରେସ୍ ପାଇଁ କିନ୍ତୁ ଅଧା ମଜୁରିରେ ଡ୍ରେସ୍ ତ ଦୂରର ସେଦିନ ପେଟ ପୁରା ଖାଦ୍ୟ ବି ମିଳିଲାନି ପରିବାରକୁ । କାଲି ନିଶ୍ଚିତ ସାନ୍ତା କ୍ଲଜ ଡ୍ରେସ୍ ଆଣିଦେବ ବୋଲି କଥା ଦେଲା ପିଲାଙ୍କୁ ରଘୁଆ ଆଉ ସପିଙ୍ଗ ମଲ ରୁ ଖାଇକି ଆସଛି କହି ଖାଲି ପେଟରେ ଶୋଇ ପଡିଲା ।

ପରଦିନ ଥିଲା କ୍ରିଷ୍ଟମାସ୍ ବଡ଼ ଦିନ । ଦେହଟା ବିଲକୁଲ ଭଲ ଲାଗୁନଥିଲା, ଦେହହାତ ପ୍ରବଳ ବିନ୍ଧୁ ଥାଏ ।

: "ଡାକ୍ତର ପାଖକୁ ଯାଇ ଔଷଧ ଆଣିଦିଅ, ଦେହ ଟିକେ ଭଲ ହେଲେ ଯିବ ଉପରଓଳି କୁ" ରଘୁଆର ସ୍ତ୍ରୀ କହିଲେ ।

: "ଆଜି ବଡ଼ ଦିନ ବହୁତ ଲୋକ ମାର୍କେଟିଂ କରିବାକୁ ଆସିବେ ପିଲାପିଲି ଆଉ ପରିବାର କୁ ଧରି, ମୁଁ ଡେରିକଲେ ଚାକରୀ ଯିବ ଜାଣ । ଆଜି ପିଲାଙ୍କ ପାଇଁ ସାନ୍ତା କ୍ଲଜ ଡ୍ରେସ୍ ବି ଆଣିବାକୁ ହେବ, ଡେରି ନକରି ଚା ଟିକେ ଦେ ମୁଁ ବାହାରି ଯିବି।"

ରଘୁଆ ପହଞ୍ଚି ଯାଇଥିଲା ସପିଙ୍ଗ ମଲ ରେ । ଦିନରେ କଣ ଖାଇଛି କି ନାହିଁ କାହାକୁ ଜଣା ନାହିଁ । ମୁଁ ପୁଅକୁ ଧରି ପ୍ରାୟ ସନ୍ଧ୍ୟା ସାତଟା ହେବ ଯାଇଥାଏ । ସପିଙ୍ଗ ମଲ ରେ ପଶିଲା ବେଳେ ଦେଖିଲି ସେ ସାନ୍ତା କ୍ଲଜ ବେଶ ହେଇ ଠିଆ ହୋଇଥିଲା । କେତେ ଝିଅ, ପୁଅ କୁନି ପିଲାମାନେ ସେଲ୍ଫି ନେଉଥିଲେ ତା' ସହ । ମୋ ପୁଅ ବି ଜିଦ୍ କରୁଥିଲା ଚାଲ ବାପା ଗୋଟେ ଫଟୋ ନେବା । ଏତେ ଭିଡ଼ ଦେଖି ମୁଁ ପୁଅକୁ ବୁଝେଇ କହିଲି ଏବେ କେବଳ ତା ସହ ହେଣ୍ଡ ସେକ୍ କରି ପଳେଇବା । ସେ ତ ଏଇଠି ଅଛି, ସପିଙ୍ଗ କରି ଫେରିଲା ବେଳେ ସେଲ୍ଫି ନେବା । ପୁଅ ପାଇଁ ସାନ୍ତା କ୍ଲଜ ଟୋପି କିଣିଲା ବେଳେ ରଘୁଆ ର ଛୁଆଙ୍କ ପାଇଁ ବି ଦୁଇଟି ଟୋପି ଆଉ ଦୁଇ ଟା ଗିଫ୍ଟ ମୁଁ କିଣିଥିଲି, ପୁଅ କହୁଥିଲା ଏ ସବୁ ମୁଁ ସେ ସାନ୍ତା କ୍ଲଜ ଅଙ୍କଲ କୁ ଦେବି ।

ପ୍ରାୟ ରାତି ନ'ଟା ବାଜିବାକୁ କିଛି ସମୟ ବାକି ଥାଏ, ମୁଁ କଣାକିଣି ସାରି ସାନ୍ତା କ୍ଲଜ (ରଘୁଆ) ଆଡ଼କୁ ଫେରୁଥାଏ । ସାନ୍ତା କ୍ଲଜ ଯେମିତି ନିର୍ଜୀବ ପାଷାଣ ଭଳି ଠିଆ ହେଇଥିବା ଭଳି ଲାଗୁଥିଲା। ଜ୍ୱରରେ ପୀଡ଼ିତ କ୍ଲାନ୍ତ ଦେହଟା ଦିନସାରା ଉଭକି ଭଳି

ଲୋକଙ୍କର ମନୋରଞ୍ଜନ କରାଇ ନସ୍ତେଜ ହେଇଯାଇଥାଏ। ଜୁଳୁ ଜୁଳୁ ଆଖି ଦୁଇଟା ଛଡ଼ା ଆଉ କଣ ଦେଖାଯାଉଛି ଯେ କଏ ଜାଣିବ ତା ଭିତରର ଦୁଃଖ !

ମୁଁ ତାକୁ ହାତ ମିଶାଇ ଆଲିଙ୍ଗନ କରିବାକୁ ଗଲାବେଳେ ସେ ଲଥ କନା ବସି ପଡ଼ିଲା ତଳେ। ପାଖରେ ଥିବା ଲୋକମାନେ କଛି ଧ୍ୟାନ ଦେଇ ନଥିଲେ ।

: "ଏ ମଲ ର ମ୍ୟାନେଜର୍ କଏ ?" ମୁଁ ପାଟି କରି ଡାକଲି ।

ତା ଭିତରେ ମୋ ହାତରେ ଥିବା ପାଣି ବୋତଲଟା ଖୋଲି ପାଣି ପିଇବାକୁ ଦେଲି । ସେତେବେଳେ ଦେହରେ ପ୍ରବଳ ତାତି, ଦେହ ଥରୁ ଥାଏ। ତାର ଜଣେ ସହ କର୍ମୀ ଙ୍କ ସହାୟତାରେ ପାଖ କ୍ଲିନକ୍ କୁ ନେଇଗଲୁ ।

: "ଭାଇରାଲ ଫିବର ଭଳ ଜଣାଯାଉଛି । ମୁଁ ରକ୍ତ ପରୀକ୍ଷା ପାଇଁ ଦେଇଦେଉଛି, ସେ ପର୍ଯ୍ୟନ୍ତ ଏଇ ଔଷଧ ଖାଇବାକୁ ଦିଅ" ଡାକ୍ତର କହିଲେ ।

ପ୍ରାୟ ରାତି ଦଶଟା ତିରିଶ ହେବ ଘରେ ପହଞ୍ଚିଲା ସାନ୍ତା କ୍ଲଜ ସାଥିରେ ମୁଁ ବି ଥିଲି ଅସୁସ୍ଥ ସାନ୍ତା କ୍ଲଜ କୁ ଘରେ ପହଞ୍ଚାଇ ତା'ର ପିଲାମାନଙ୍କୁ ଗିଫ୍ଟ ଆଉ ଖାଦ୍ୟ ପୁଡ଼ିଆ ଦେବାକୁ।

ରଘୁଆ ର ଦେହ ଅସୁସ୍ଥ ତଥା ଡାକ୍ତର ଖାନା କଥା ସବୁ ଜଣେଇ, ଠିକ ସମୟରେ ଔଷଧ ଖାଇବାକୁ ଡାକ୍ତର କହିଥିବା କଥାଟା ଜୋର ଦେଇ କହିଲି ।

: "ବାବୁ ଆପଣ ହିଁ ଆମ ପାଇଁ ପ୍ରକୃତ ସାନ୍ତା କ୍ଲଜ" ରଘୁଆ ର ସ୍ତ୍ରୀ ଲୁହ ଛଳ ଛଳ ଆଖିରେ କହିଲେ"।

: "ସାରା ଦୁନଆ କେବଳ ସାନ୍ତା କ୍ଲଜ ର ଲାଲ ରଙ୍ଗର ବାହ୍ୟ ପୋଷାକରେ ଆବୃତ ବଳଷ୍ଠ ଶରୀର, ଧଳା ରଙ୍ଗର ମୋଟା ମୋଟା ନଶ ଦେଖି ଖୁସି ମନାଏ । ଦୁନଆକୁ ରଘୁଆ ଭଳ ଅନେକ ସାନ୍ତା କ୍ଲଜ ର ପୋଷାକରେ ଆଭ୍ୟନ୍ତରୀଣ ମଣିଷଟିର ଦୁଃଖ କେବେ ଦିଶେନ ବାବୁ।" ଏକଥା କହି ରଘୁଆ ର ସ୍ତ୍ରୀ କାନ୍ଦି ପକେଇଲା ବେଳେ ମୁଁ ସାନ୍ତ୍ୱନା ଦେଇ ଘରକୁ ଫେରିଲି ।

ସମ୍ପାଦକ "କନକପ୍ରଭା", ସବଙ୍ଗ, ସିମୁଳିଆ, ବାଲେଶ୍ୱର

# ଗେଣ୍ଡୁ ଗଛ ଆଉ ଆମ ପ୍ରେମ



ସିଦ୍ଧେଶ୍ୱର ତ୍ରିପାଠୀ

ମୋର ଠିକ ମନେ ଅଛି
ଯେତେବେଳେ ଆମ ବାଡ଼ିରେ
ଗେଣ୍ଡୁଗଛ ଉଠୁଥିଲା
ସେତେବେଳେ ହୋଇଥିଲା
ତୁମ ସହ ନୂଆ ପରିଚୟ
ସେଇ ଅଶିଣର ଶେଷ ଆଉ
କାର୍ତ୍ତିକର ଆରମ୍ଭ ଭିତରେ ।

ଧିରେ ଧିରେ ବଢୁଥିଲା ଗଛ
କଥାରେ କଥାରେ ଆମେ ଦୁହେଁ
ହେଉଥିଲେ ଟିକେ ଆଗ ପଛ ।

ଗଛମୂଳେ ଦିଆହୁଏ ସାର
ଧିରେ ଧିରେ ଲାଗୁଥିଲ
ତୁମେ ଆପଣାର
ଗଛ ବଡ଼ହେଲା
ସବୁଜ ପତର ସାଥେ
ମନ ହଜିଗଲା
ଦୁନଆଟା ରଙ୍ଗୀନ ଲାଗିଲା ।

ବେଳେ ବେଳେ ପତ୍ର ଯାଏ ଛିଡି
ତୁମେ ଟିକେ ଯାଅ ମୁହଁ ମୋଡି
ଦିଶିଲାରୁ ନୂଆ ନୂଆ କଢ଼
ସମ୍ପର୍କଟା ଲାଗିଲା ସୁଦୃଢ ।

ଗେଣ୍ଡୁ ଫୁଲ ଫୁଟିଲା ବେଳକୁ
ଦୁହେଁ ଗୁହୁଁଥିଲେ ଆମେ
ଅତି ନିକଟକୁ
ମହକିବା ସେ ଯେଉଁ ସମୟ
ଦୁଇମନ ହେଲାବି ଅଥୟ ।

କଛି ଫୁଲ ମୁଁ ତୋଳଥିଲି
ଅବସର ଥରେ ପାଇଥିଲି
ସେ ମୁହୁର୍ତ୍ତ ମଧୁ ଝରଝର
ସମାୟଟା ସାରା ମଗୁଶୁର ।

ପୁଷକୁ ମୋ ବଢିଥିଲା ଶୋଷ
ଜାଣିଲି ମୁଁ ତୁମେ ଅବଶୋଷ
ମୋ ବାଡିର ଗେଣ୍ଡୁ ଗଛ
ପତରେ ପତରେ
ପଡିଥିଲା ଧଳା ଧଳା ଗାର
ଗଛ ପାଇଁ ବିଷ ।

ଶୀତର ଶୀତଳତା ଗଲା
ଗ୍ରୀଷ୍ମର ପ୍ରବେଶ ବେଳକୁ
ଗଛ ପତ୍ର ସବୁ ଶେଷ

ନାହିଁବି ତା ଅବଶେଷ
ମୋ ବାଡ଼ି ଟା ଯେବେ ଫୁଲ ହୀନ

ତୁମେ ଥିଲ ବହୁଦୁରେ
ନୂଆ ଗୋଟେ ଠିକଣାରେ ।

ଆଉ କାହା ଓଠଧାରେ
ଢାଳୁଥିଲ ଅଧର ଅମୃତ
ତୁମେ ଥିଲ କାହା ଅର୍ଦ୍ଧାଙ୍ଗିନୀ
ମୋ ଜୀବନ ର ବଡ଼ ଅବଶୋ ।

ଗେଣ୍ଡୁଫୁଲ ନଥିଲା ବାଡ଼ିରେ
ସେଇବାଟେ ଯିବା ସମୟରେ
ଲାଗୁଥିଲା ଶ୍ମଶାନର ପଥ ।

କୁଣ୍ଡିଳୋ କେରଙ୍ଗ ଖୋର୍ଦ୍ଧା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ଵାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଏଇ ମନ



ନବ କୁମାର ଦାସ

ମନ ଅଟେ ଏକ ବାଇଆ ର ବସା
ଉପରେ ଉପରେ ଥିବ
ପବନେ ଦୋହଲି ସବୁ କଥା ଭୁଲି
ତଳରେ କଚାଡି ହେବ

ଏଇ ମନ ପୁଣି ଛଳ ଛଳ ଶବ୍ଦେ
ଚଞ୍ଚଳ ନଈର ଧାରା
ଗହନ କଥାକୁ ଭସାଇ ନେଏ ସେ
ଦୁଃଖ ସାଗରରେ ଭରା

ନିରବ ମୁହୂର୍ତ୍ତେ ଏଇ ମନ ପରା
କେତେବେଳେ ଚେଇଁ ଉଠେ
ପୁଲକଆ କଥା ବସା ବାନ୍ଧିଗଲେ
ଅମୃତ ର ସୁଅ ଫିଟେ

ଛଳନା ର ଛାଇ ଜମାଟ ବାନ୍ଧିଲେ
ଭାଙ୍ଗିଯାଏ ଏଇ ମନ
ବେଦନା ଉଖାରି ସ୍ମୃତି ଛାତି ଚିରି
କାନ୍ଦୁଥାଏ ରାତି ଦିନ

କରାୟତ ମନ ସ୍ୱଚ୍ଛ ଓ ସୁଢଳ
ଜୀବନ୍ତ ସ୍ୱପ୍ନ ଦେଖାଏ
ଏଇ ମନ ଯଦି ବ୍ୟଭିଚାରି ହୁଏ
ନରକ କୁ ରାସ୍ତା ଦିଏ

ଶିକ୍ଷକ,
ବାଲିଆପାଳ, ବାଲେଶ୍ୱର

# ଗ୍ଲ ପଳେଇବା ଆଜି



ଶିଶିର କୁମାର ପଣ୍ଡା

ବୋହୂ ଆମପାଖେ ରହିବନ କୁହେ
ଝାମେଲ୍ ହେଉଛି ଭାରି
ପୁଅକୁ କହୁଛି ଅଲଗା ନହେଲେ
ଜୀବନ ଦେବି ମୁଁ ହାରୀ ।
ଝିଅଟା ମୋହର ପଢ଼ି ପାରୁନାହିଁ
ବୁଢ଼ା ବୁଢ଼ୀଙ୍କର ପାଖେ
ଯେତେବେଳେ ଖୋଜ "ଶ୍ରେୟା"କୁ ଆମର
ପାଇବ ବୁଢ଼ୀମା' କାଖେ ।
ବୁଢ଼ାଟାର କାଶ ବଢ଼ିବଢ଼ି ଯାଏ
ବୟସ ହେଲାଣି ଅଶୀ
ଶୋଇବି କ ଅବା ଶାନ୍ତିରେ, ଜାଣିବ
ଘରେ ମୁଁ ପାରୁନ ପଶି ।

ଲାଗିଲାଣି ଅଣନଶ୍ୱାସୀ ନଜକୁ
କରୁ କରୁ ତାଙ୍କ ସେବା
ଅଲଗା ଜାଗାରେ ରହିଲେ ଅନ୍ତତଃ
ରିଲାକ୍ସ ଟିକଏ ହେବା ।
ମରିଗଲେ ପଛେ ଏଠାକୁ ଆସିକ
ହୋଇବା ତାହାଙ୍କୁ ଶୁଦ୍ଧି
ଏବେ କନ୍ତୁ ଯାହା ଅସୁବିଧା ଘଟେ
ହଜି ମୋ ଗଲାଣି ବୁଦ୍ଧି ।
ବାପାଙ୍କୁ ମୋହର କହିଛି ଏ କଥା
ସିଏ ବି ଅଛନ୍ତି ରାଜି
ଅଘଟଣ କଛି ଘଟିବା ଆଗରୁ
ଗ୍ଲ ପଳେଇବା ଆଜି ।

କୁଆଁସ, ମେରଦା କାଟିଆ, ଯାଜପୁର

# ବାପାଙ୍କ ସ୍କୁଟର୍...



ସୁବଳ ମହାପାତ୍ର

ବାପାଙ୍କ ପୁରୁଣା ଚେତକ ସ୍କୁଟର ଟା କଥା ଆଜି ଭାରି ମନେ ପଡୁଥିଲା, ଯାହାକୁ ମୋ ସ୍ତ୍ରୀ ର ରାଗରୁ ବଞ୍ଚିବା ପାଇଁ ଏଇ କିଛିଦିନ ତଳେ ମାତ୍ର ପାଞ୍ଚଶହ ଟଙ୍କାରେ ମୁଁ କବାଡି ବାଲାକୁ ବିକ୍ରି କରିଦେଇଥିଲି। ଏମିତି ନୁହେଁ ଯେ ସେଇଟା ଖରାପ ହୋଇଥିଲା ବା ଅଚଳ ଅବସ୍ଥା ରେ ଥିଲା। ସେ ଚାଲୁଥିଲା, ଖାଲି ତେଲ ଟିକେ ଯାହା ଅଧିକ ଟାଣୁଥିଲା। ମାଇଲେଜ କହିଲେ ଲିଟରେ ପେଟ୍ରୋଲ ରେ ୨୫ କମି ଯାଉଥିଲା। ଏଇଟା କୁଆଡେ ତାଙ୍କ ବାପା (ମୋ ଜେଜେ) କିଣିଥିଲେ। ବାପାଙ୍କ ପାଖରେ ରାଜଦୂତ ଟିଏ ଥିଲା। କିଛିଦିନ ପରେ ବାପାଙ୍କ ସାନଭାଇ(କାକା) ରାଜଦୂତ ଟି ନେଇଯିବାରୁ ବାପାଙ୍କର କେବଳ ମାତ୍ର ସାଧନ ସେଇ ସ୍କୁଟର ଟି ହିଁ ଥିଲା।

ସବୁଦିନ ସକାଳୁ ଉଠି ସ୍କୁଟର ପୋଛିବା ବାପାଙ୍କର ଦୈନନ୍ଦିନ କାମ ଭିତରୁ ଗୋଟିଏ ଥିଲା। ସେ ସ୍କୁଟର ପୋଛିଲା ବେଳେ ମୁଁ ଓ ମୋ ବଡ଼ଭାଇ ଆମ ସାଇକେଲ ପୋଛୁଥିଲୁ। ଏଇ ସ୍କୁଟର ରେ ଆଗରେ ଠିଆ ହେବାପାଇଁ ମୁଁ ଓ ଭାଇ ମାଡ଼ ହେଉ। କାରଣ ଟି ଅବଶ୍ୟ ସମସ୍ତଙ୍କୁ ଜଣା ଥିବ। ତଥାପି ଆମେ ଏଇଥିପାଇଁ ମାଡ଼ ହେଉ ଯେ, ଆଗରେ ଠିଆ ହେଲେ ସମସ୍ତଙ୍କୁ ଦେଖି ଦେଖି ଯାଇହେବ ନଚେତ ବାପା ଆଉ ମା ଙ୍କ ମଝିରେ ବସି କେବଳ ଗୋଟିଏ ସାଇଡ ହିଁ ଦେଖିହେବ (ମୁହଁ ଯେଉଁ ପଟକୁ ରହିଲା) । ଆଉ ଯେତେବେଳେ ଦରକାର, ବାପାଙ୍କ ନିର୍ଦ୍ଦେଶ କ୍ରମେ ଙ୍କ ଙ୍କ କରି ହର୍ଣ୍ଣ ବଜେଇବାକୁ ମିଳବ। ଆଉ ଏକ କାରଣ ବି ଥିଲା। ସେତେବେଳ ର ସ୍କୁଟର ରେ ଦୁଇ ଟିକିଆ ସିଟ ଥାଏ ଓ ଆଗ ସ୍ପ୍ରିଂଗ ସିଟ ଓ ପଛ ସିଟ ର ମଝିରେ ହିଁ ବସିବାକୁ ପଡେ ଯାହାକି କଷ୍ଟଦାୟକ ଥିଲା।

ବହୁତଦିନ ପରେ ବାପା ସ୍କୁଟର ଆଗରେ ଛୋଟିଆ ସିଟ ଖଣ୍ଡେ ଲଗେଇ କ ଆଣିଲେ। ସେଦିନ ଖୁସି ଅପେକ୍ଷା ଭାଇର ମୋର ମାଡଗୋଳ ଅଧିକ ଲାଗିଥିଲୁ। ମୁଁ ସାନ ହିସାବରେ ମୋ ଭାଗ ସବୁବେଳେ ପଛରେ। ମୋ ପାଇଁ ସ୍କୁଲ ବ୍ୟାଗ ଆସିଲେ, ସେ ଆଗ ଦୁଇଦିନ ନେଇ ସ୍କୁଲ ଯିବ, ତାପରେ ମୁଁ ନେବି। ନୂଆ ସାଇକେଲ ଆସିଲେ ସେ ଆଗ ନେଇ ସ୍କୁଲ ଓ ଟିଉସନ ଯିବ। ପରେ ମୁଁ ଚଢିବି। ନୂଆ ଚପଲ ଆସିଲେ ସେ ଆଗ ପିନ୍ଧିବ, ତାପରେ ମୁଁ। ଏଥର କନ୍ତୁ ମୁଁ ଛାଡିବା ଜନ୍ତୁ ନଥିଲି। ମୁଁ ଆଗ ସିଟ ରେ ବସିବି ହିଁ ବସିବି। ଏଇୟା କୁ ନେଇ ଆମ ଭିତରେ ଗଣ୍ଡଗୋଳ ର ସୂତ୍ରପାତ ହୋଇଥିଲା ଓ ସବୁଥର କୁଆଡେ ଗୋଟେ ଗଲାବେଳେ ମୋ ର ସବୁଠୁ ବଡ ଅସ୍ତ୍ର ଥିଲା ମା ଓ ମୋ କାନ୍ଦ।

ବାପା ବହୁତ ରାଗି। ଟିକେ ଟିକେ କଥାରେ ରାଗି ଯାଆନ୍ତି। ଭାଇ, ବାପାଙ୍କୁ ବହୁତ ଡରେ। ସେଥିପାଇଁ ମା ଯଦି କହେ, "ରହ, ବାପା ଆସନ୍ତୁ ସେ ଫାଇନାଲ କରିବେ" ସେତିକ ରେ ଭାଇ ଯାଇ ମଝି ସିଟ ରେ ବସି ଯାଉଥିଲା ଓ ଏଇଟା ହିଁ ଥିଲା ମୋ ପାଇଁ ସୁବର୍ଣ୍ଣ ସୁଯୋଗ। ପରେ ଅବଶ୍ୟ ଏ ଧୃଷ୍ଟତା ପାଇଁ ମୋତେ ଘରେ, ବାହାରେ, ପଢି ବସିବା ବେଳେ କମ୍ବା ଘରେ କେହି ନଥିଲା ବେଳେ ବିଧେ, ଖୁନ୍ଦେ କମ୍ବା ଚଟକଣି ଟିଏ ଖାଇବାକୁ ପଡୁଥିଲା।

ସେଇ ସ୍କୁଟର ହିଁ ଥିଲା, ଭାଇ ର ଗାଡି ଶିଖିବାର ପ୍ରଥମ ବାହନ। ଓଜନ ଏତେ ଯେ ଗୋଟେ ଅଷ୍ଟମ ଶ୍ରେଣୀର ପିଲା ତାକୁ ଟେକ ଷ୍ଟାଣ୍ଡ ମାରିବା କାଠିକର ପାଠ ଥିଲା। ତଥାପି ଆମେ ଦି ଭାଇ ବଡି ଭୋର ରୁ ଉଠି ତାକୁ ଆସ୍ତେ ମେନ ଷ୍ଟାଣ୍ଡ ରୁ ଖସେଇ ବିନା ଷ୍ଟାର୍ଟ ରେ ଗଡେଇ ଗଡେଇ କଛି ବାଟ ନେଇକ ଯାଉ। ସେଇଠି ମୁଁ ପଛରୁ ଠେଲି ଠେଲି ଦଉଡେ ଆଉ ଭାଇ ହ୍ୟାଣ୍ଡେଲ ସମ୍ଭାଳେ। ବିନା ଷ୍ଟାର୍ଟ ରେ ଖାଲି ହ୍ୟାଣ୍ଡେଲ ସମ୍ଭାଳବାକୁ ତାକୁ କୋଡିଏ ଦିନ ଲାଗିଯାଇଥିଲା। ସେତକ ଦିନ ମୋ ଅବସ୍ଥା ବେହାଲ। କଛିଦିନ ପରେ ସେ ଷ୍ଟାର୍ଟ କରି ଚଳେଇବାକୁ ଲାଗିଲା। ଏଥର ବାପା ଓ ମା ଉଠିବା ପୂର୍ବରୁ ଆମେ ସ୍କୁଟର ନେଇ ବାହାରି ଯାଉଥିଲୁ ଆଉ ମାତ୍ର ପନ୍ଦର କ କୋଡିଏ ମିନଟ ପରେ ପୁଣି ଆଣି ଠିକ ସେଇ ଜାଗାରେ ରଖି ଦେଉଥିଲୁ ଯେମିତି କଛି ଜଣା ନ ପଡିବ। କହିବା ବାହୁଲ୍ୟ, ଯିବା ଓ ଆସିଲା ବେଳକୁ ପ୍ରାୟ ଦୁଇଶହ ମିଟର ଦୂରରୁ ଓ ଦୁରଯାଏଁ ଷ୍ଟାର୍ଟ ବନ୍ଦ କରି ଗଡେଇ ଗଡେଇ ନେଉଥିଲୁ। ମୁଁ ଏତେବାଟ ପଛରୁ ପେଲି ପେଲି ନେବା ବେଳକୁ ଭାଇ ର କାମ

ଥିଲା ସିଟ ରେ ବସି ହ୍ୟାଣ୍ଡଲ ସମ୍ଭାଳିବା। ପରେ ଅବଶ୍ୟ ଷ୍ଟାର୍ଟ ହୋଇ ସାରିଲା ପରେ ପଛ ସିଟଟି ମୁଁ ଅକ୍ତିଆର କରୁଥିଲି।

ସେ ଯାହାହେଉ, ଆସ୍ତେ ଆସ୍ତେ ଆମେ ବଡ ହେଉଥିଲୁ ଓ ଚାରିଜଣ ସେ ସ୍କୁଟର ରେ ବସିବା ଅବସ୍ଥାରେ ନଥିଲୁ। ତେଣୁ ଏବେ କେହି ଜଣେ ଅଥବା ବାପା ସବୁଆଡେ ଏକା ଯାଉଥିଲେ ସେ ସ୍କୁଟର କୁ ନେଇ। ଆସ୍ତେ ଆସ୍ତେ ମୁଁ ଓ ଭାଇ ଘର ଛାଡ଼ି ଦୂରକୁ ପଢିବା ପାଇଁ ଗଲୁ ଓ ତାପରେ ଚାକରୀ। ଚାକରୀ ପରେ ପଇସା ମିଳିବା ପରେ ଏବେ ଆମ ପାଖରେ ଦୁଇ ଚକିଆ, ଚାରି ଚକିଆ ମିଶି ପ୍ରାୟ ପାଞ୍ଚଟି ଗାଡି ଥିଲା। ଭାଇ ଓ ମୁଁ ପ୍ରାୟ ବାହାରେ ରହୁଥିବାରୁ ଦୁଇ ଜଣଙ୍କ ପାଖେ ଦୁଇଟି କାର, ଗୋଟିଏ ମୋଟର ସାଇକେଲ ଓ ଦୁଇଟି ଆକ୍ଟିଭା ଥିଲା। ଘରେ ବହୁତ ଦିନ ଧରି ସ୍କୁଟର ଟି ପଡି ରହିଲା। କେହି କେହି ସ୍କୁଟର ଟି ବିକ୍ରି କରିଦେବା ପାଇଁ କହିଥିଲେ ବି ମୁଁ ଶୁଣି ନଥିଲି କାରଣ, କେତେ ପଇସା ସେଥିରୁ ମିଳିବ ଯେ ତାକୁ ବିକ୍ରି କରିବୁ? ତାପରେ ବି ସେ ସ୍କୁଟର ସହ ଯେଉଁ ସ୍ମୃତି ସବୁ ଜଡିତ ଥିଲେ ତାହା କେବଳ ମୋ ପାଇଁ ନୁହେଁ, ଛୋଟ ବେଳେ ମୋ ପୁଅ ଝିଅ ଓ ପୁତୁରା ଝିଆରୀଙ୍କ ପାଇଁ ମଧ୍ୟ ଗୋଟିଏ ଗୋଟିଏ ଭଲ ଗଳ୍ପ ହେବାର ଖୋରାକ ଯୋଗାଉଥିଲେ। ତେଣୁ ମୁଁ ତ ତାକୁ ବିକ୍ରି କରିବା ମନରେ ନଥିଲି, ବରଂ ମୋ ରାଗ ପାଇଁ ତାକୁ ବିକ୍ରି କରିବା କଥା କେହି ମନକୁ ବି ଆଣୁ ନଥିଲେ।

ସ୍କୁଟର ଟି ସେମିତି ଗ୍ୟାରେଜ ରେ ଗୋଟିଏ କୋଣ ରେ ରହୁଥିଲା। ଟାୟାର ଓ ଇଞ୍ଜିନ ଭଲ ଥିଲେ ବି କିକ ଷ୍ଟାର୍ଟ ମାରିବା ଓ ଅଧିକ ପେଟ୍ରୋଲ ପୋଡିବା ଯୋଗୁଁ ତାକୁ କେହି ବ୍ୟବହାର କରୁ ନଥିଲେ। କେତେବେଳେ କେମିତି ଅଧିକ ଦରକାର ପଡ଼ିଲେ ବା ଆମେ କେହି ଘରେ ନଥିଲେ, ମକର (ଆମ କୋଠିଆ) ତାକୁ ନେଇ ବଜାର ବା ଦୋକାନ ରୁ ସଉଦା ଆଣିବାରେ ବ୍ୟବହାର କରୁଥିଲା।

କାହିଁକି କେଜାଣି କିଛିଦିନ ପୂର୍ବରୁ ଆମ ଶ୍ରୀମତୀ ଙ୍କୁ ସେ ସ୍କୁଟର ଟି ଅଡୁଆ ଅଡୁଆ ଲାଗୁଥିଲା। ଗୁଇନ୍ଦା ବିଭାଗ ରୁ ଜଣା ପଡିଲା ଯେ ନୂଆ ଆସିଥିବା ପଡୋଶୀ ସିଂ ବାବୁଙ୍କ ସ୍ତ୍ରୀ ସେ ପୁରୁଣା ସ୍କୁଟର ଦେଖି ନାକ ଟେକିଥିଲେ ଆଉ ତାକୁ ଗୋଟେ ଅଳିହା ବୋଲି ଆଖ୍ୟା ଦେବାକୁ ପଛେଇ ନଥିଲେ। ତା ପରଠୁ ସ୍କୁଟର ଟି ଯେମିତି ନିଜ ଦେହତ୍ୟାଗ କରିବ ବୋଲି

ସୂଚନା ଦେଉଥିଲା । ଅଫିସ ଯିବା ପୂର୍ବରୁ ଓ ଫେରିଲା ପରେ ଅଧଘଣ୍ଟେ ଲେଖାଏଁ ସେ ସ୍କୁଟର ବିରୁଦ୍ଧ ରେ ଶୁଣିବାକୁ ମିଳୁଥିଲା। ଯେମିତି ଗୋଟେ ଆଦିବାସୀ ଜନଜାତି ର ଲୋକ ଗଛ କାଟନ୍ତି ନାହିଁ, କନ୍ତୁ ତାକୁ ମାରିବାକୁ ତା ପାଖରେ ଯାଇ ପ୍ରାୟ ମାସେ କାଳ ତାକୁ ଗାଳ ଦେବାକୁ ଲାଗନ୍ତି। କଛି ଦିନ ପରେ ସେ ଗଛଟି ଶୁଖି ଶୁଖି ମରିଯାଏ। ସେଇ ନ୍ୟାୟ ରେ ମୋ ଶ୍ରୀମତୀ ମୋ ପଛରେ ପଡି ଯାଇଥିଲେ ସ୍କୁଟର କୁ ବିକ୍ରି କରିବା ପାଇଁ ଅଥବା କାହାକୁ ଦାନ ସୂତ୍ର ରେ ଦେଇ ଦେବାପାଇଁ। ଆଉ ସବୁ ଧର୍ଯ୍ୟ ର ବନ୍ଧ ଭାଙ୍ଗି ମୁଁ ଶେଷ ନଷ୍ପତ୍ତି ନେଲି କବାଡି ବାଲା କୁ ବିକ୍ରି କରିବା ପାଇଁ। କାରଣ ଆଜିକାଲି ତ ସମସ୍ତଙ୍କ ପାଖରେ ଗାଡି। ତାକୁ କଏ କଅାଁ କଣିବ? ମୋତେ କେହି ମନା କରିବାକୁ ନଥିଲେ, କାରଣ ଘରର ସବୁ ସଦସ୍ୟ ତାକୁ ବାୟ ବାୟ କରିବାକୁ ଗ୍ଭହୁଁଥିଲେ ବି ମୋ ଡର ରେ କେହି କଛି କହୁନଥିଲେ ।

ଏବେ ସମସ୍ତଙ୍କ ମନରୁ ସେ ବୋଝ ହଟି ଯାଇଥିଲା ଆଉ ସମସ୍ତେ ଖୁସି ଥିଲେ। କବାଡି ବାଲା ମାତ୍ର ପାଞ୍ଚଶହ ଟଙ୍କା ଦେଇ ନେବାବେଳେ ମୋ ଆଖି ରୁ ଦୁଇଟୋପା ମାତ୍ର ଲୁହ ଖସିଥିବା ବେଳେ ସ୍କୁଟର ଟି କନ୍ତୁ ଆନନ୍ଦ ମନରେ ଷ୍ଟାର୍ଟ ହୋଇ ପଟ ପଟ ଶବ୍ଦ କରି ଆଗକୁ ମାଡି ଯାଉଥିଲା। କେଉଁଠି ଅନାଦର ଓ ହତାଦର ରେ ବଞ୍ଚିବା ଅପେକ୍ଷା କେଉଁଠି ଆଦର ର ସହ ବଞ୍ଚିବାକୁ ବୋଧହୁଏ ସେ ଶ୍ରେୟ ବୋଲି ଭାବୁଥିଲା।

ତେବେ ଏତେଦିନ ପରେ ଆଜି ତାକୁ ଏତେ ମନେ ପକେଇ ଦୁଃଖୀ ହେବାର କାରଣ ବି ବହୁତ ତାଗଡା ଥିଲା ଓ ମୋ ଡିସିଜନ ସବୁବେଳେ ଠିକ ଥାଏ ବୋଲି ମୁଁ ବର୍ଷୁଥିଲି ମୋ ସ୍ତ୍ରୀ, ଓ ପିଲାଙ୍କ ଉପରେ। ସ୍କୁଟର ଟି ବିକ୍ରି କରିବା ଯେ ମୋ ପାଇଁ କେତେ ଦୁର୍ଭାଗ୍ୟ ଜନକ ଥିଲା ଏକଥା କହୁ କହୁ ମୁଁ ଗାଳ ଦେଉଥିଲି ମୋ ସ୍ତ୍ରୀ, ପିଲା ଓ ସେ ପଡୋଶୀ ସିଂ ବାବୁଙ୍କ ସ୍ତ୍ରୀ କୁ। ଆଜି ଗୋଟିଏ ପୁରୁଣା ସ୍କୁଟର ମୋତେ ଚେତେଇ ଦେଇଥିଲା ଘରେ ବୁଢା ମାନେ ରହିଲେ ଲାଭ କଣ ହୁଏ। ମୁଁ ବହୁତ ପୂର୍ବରୁ ଶୁଣିଥିବା ଗୋଟେ ଗପ ମୋ ପରିବାର କୁ ଶୁଣାଉଥିଲି...

****

ଗୋଟେ ରାଜ୍ୟ ରେ ଜଣେ ରାଜା ଥିଲେ। ରାଜା ତ ଗୋଜା, ଯାହା ବୁଝିଥିବେ ଫାଳେ। ଥରେ ତାଙ୍କ ମୁଣ୍ଡରେ ପଶିଲା ଯେ ଯେତେକ ବୃଦ୍ଧ ଏ ରାଜ୍ୟ ରେ ଅଛନ୍ତି, ସେମାନେ କେବଳ ଅନ୍ନ

ଧ୍ୱଂସ କରିବା ବ୍ୟତୀତ ଆଉ କଛି କରୁ ନାହାନ୍ତି। ସେମାନଙ୍କର ଆଉ ଦରକାର ତ କଛି ନାହିଁ, ତେଣୁ ତାଙ୍କୁ ଏ ରାଜ୍ୟ ରୁ ବାହାର କରି ଦିଆଯାଉ। ଯାହା ଫଳରେ ସେମାନେ ରାଜ୍ୟ ବାହାରେ ଥିବା ଜଙ୍ଗଲ ରେ ଥିବା ହିଂସ୍ରଜନ୍ତୁ ଙ୍କ ଖାଦ୍ୟ ହେବେ। ଯିଏ ଏ ଆଦେଶ ଅମାନ୍ୟ କରିବ ବୃଦ୍ଧ, ବୃଦ୍ଧା ଙ୍କ ସହ ସେମାନଙ୍କ ପରିବାର କୁ ରାଜ୍ୟ ରୁ ବିତାଡିତ କରାଯିବ ନଚେତ ମୃତ୍ୟୁଦଣ୍ଡ।

ରାଜାଙ୍କ କଥାକୁ ଅମାନ୍ୟ କରିବ କିଏ? ଅତଏବ, ରାଜ୍ୟ ବୃଦ୍ଧ ବୃଦ୍ଧା ଶୂନ୍ୟ ହୋଇଗଲା। ଯେଉଁମାନେ ସତୁରୀ ପାର କରୁଥିଲେ, ସେମାନଙ୍କୁ ଯିବାକୁ ହେଲା। ପୁରା ରାଜ୍ୟ ରେ କେବଳ ଯବାନ ମାନେ ହିଁ ରହିଲେ। କଛି ବର୍ଷ ପରେ ହଠାତ ବର୍ଷା ବନ୍ଦ ହୋଇଗଲା। ବହୁତ ଦିନ ଧରି ବର୍ଷା ନ ହେବାରୁ ଜମିବାଡ଼ି ପଡିଆ ପଡିଲା। ଘୋର ଦୁର୍ଭିକ୍ଷ। ଗଛ ପତ୍ର ସବୁ ଶୁଖି ଖରା ଧାସ ରେ ପୋଡିବାକୁ ଲାଗିଲେ। ମଣିଷ ତ ମଣିଷ, ଜୀବ ଜନ୍ତୁ ବି ହା ହା କାର ରେ ଦିନ ବିତେଇଲେ। ଆସ୍ତେ ଆସ୍ତେ ରାଜକୋଷ ରେ ଥିବା ଶସ୍ୟ ଓ ଖାଦ୍ୟ ଦ୍ରବ୍ୟ ବି ସରିଗଲା। ରାଜା ଏବେ କଣ କରିବେ? ପଡୋଶୀ ଓ ବନ୍ଧୁ ରାଜ୍ୟ ମାନଙ୍କ ଠାରୁ ମଧ ଧାର ଉଧାର ରେ ଆଣିଥିବା ଶସ୍ୟ ସରିବା ଉପରେ। ଏମିତି ଜଣେ ବି କେହି ନାହାନ୍ତି ଯାହାଠୁ ଧାର ଆସିବ। ଆସ୍ତେ ଆସ୍ତେ ସେସବୁ ବି ସରିବାକୁ ବସିଲା। ଏବେ ଉପାୟ କଣ??

ହଠାତ ରାଜ୍ୟ ରେ ବର୍ଷା ହେବାକୁ ଲାଗିଲା। ସମସ୍ତଙ୍କ ମନ ଖୁସି। କନ୍ତୁ ବିହନ ଆଉ କାଇଁ? ଫସଲ କେମିତି କରିବେ? ସବୁ ତ ଖାଇ ସାରିଛନ୍ତି। ଏବେ? ରାଜା ଘୋଷଣା କଲେ, "ଯିଏ ଏହାର ସମାଧାନ ଖୋଜି ଆଣି ଦେବ" ତାକୁ ଏ ରାଜ୍ୟ ର ମୁଖ୍ୟ ମନ୍ତ୍ରୀ ହିସାବ ରେ ଅଧିଷ୍ଠିତ କରାଯିବ। କନ୍ତୁ ସମାଧାନ କଣ? କିଏ କରିବ?

ଗରିବ ଲୋକଟିଏ। ବୟସ ତିରିଶ ଭିତରେ। ରାଜାଙ୍କ ପାଖରେ ହାଜର ହେଲା। କହିଲା, "ଯା ର ସମାଧାନ ମୁଁ କରି ପାରିବି। କନ୍ତୁ ଗୋଟେ ସର୍ତ୍ତ ରେ, ମୁଁ ଯାହାକୁ କହିବି ସେ ମନ୍ତ୍ରୀ ହେବ"। ଦିନକୁ ଦିନ ଲୋକ ଖାଦ୍ୟ ବିନା ଓ ବର୍ଷା ପରେ ମହାମାରୀ ରେ ମାରୁଛନ୍ତି। ରାଜା ରାଜି ହେବା ବ୍ୟତୀତ ଅନ୍ୟ ରାସ୍ତା ନାହିଁ। ଅଭୟ ଦେଲେ। କହିଲେ ଶୀଘ୍ର କୁହ, କଣ କରାଯାଇ ପାରିବ?

ଲୋକଟି କହିଲା, "ରାଜ୍ୟ ରେ ଯେତେ ଜମି ଅଛି, ସେ ସବୁ ଜମିରେ ମୂଷା ଗାତ କରି ରହିଥିବେ। ସେମାନେ ବହୁତ ଧାନ ଗାତ ଭିତରେ ଲୁଚେଇ କି ରଖନ୍ତି। ଯଦି ସେ ଗାତ ଗୁଡିକୁ ଖୋଳା ଯାଇ ପାରନ୍ତା ତେବେ ଚାଷ ସହ ବିହନ ବି ମିଳି ଯାଆନ୍ତା। ଗାତ ଖୋଳା ହେବା ଦ୍ଵାରା ଉର୍ବର ମାଟି ସବୁ ତଳୁ ଉପରକୁ ଆସିବ, ତା ସହ ଗାତରେ ଥିବା ଧାନ ବି ବିହନ ଭାବେ କାମରେ ଲାଗି ପାରିବ। ଯାହା ଫଳରେ ଆମେ ଥରେ ଚାଷ ରେ ପୁରା ରାଜ୍ୟ ର ଭୋକ ମେଣ୍ଟେଇବା ପାଇଁ ଯଥେଷ୍ଟ ଭାବରେ ଖାଦ୍ୟ ପାଇ ପାରିବା।

ରାଜା ଖୁସି ରେ ଡେଇଁ ପଡିଲେ। ଏବେ ସର୍ତ୍ତ ଅନୁସାରେ ଲୋକଟି ଜଣେ ବୃଦ୍ଧ ଙ୍କୁ ଆଣି ରାଜାଙ୍କ ଆଗରେ ଠିଆ କରେଇଲା ଓ କହିଲା, "ୟେ ମୋ ବାପା । ୟାଙ୍କୁ ମୁଁ ମାଟିତଳେ ଲୁଚେଇ କି ରଖିଥିଲି। ୟେ ହିଁ ଏ ବୁଦ୍ଧି ଦେଇଛନ୍ତି। ତେଣୁ ତାଙ୍କୁ ହିଁ ମହାମନ୍ତ୍ରୀ ଭାବେ ନିଯୁକ୍ତି ଦିଆଯାଉ ଓ ରାଜ୍ୟ ରୁ ବୃଦ୍ଧ ମାନଙ୍କୁ ବିତାଡିତ କରିବା ନିୟମ କୁ ବନ୍ଦ କରାଯାଉ। ରାଜା ଏବେ ନିଜର ଭୁଲ ବୁଝିପାରିଲେ ଓ ଯଥାଶୀଘ୍ର ସବୁ ଜିନିଷ କାର୍ଯ୍ୟକାରୀ କରିବାକୁ ଅନୁମତି ଦେଲେ।

***

କଥାଟି କହିସାରି ମୁଁ ମୋ ସ୍ତ୍ରୀ ଓ ପିଲାଙ୍କ ମୁହଁକୁ ଚାହିଁଲି ଓ କହିଲି, "ଏବେ ବୁଝିପାରିଲ? ପୁରୁଣା ଜିନିଷ ଓ ପୁରୁଣା ଲୋକ ସବୁବେଳେ କାମରେ ଆସନ୍ତି। ସେମାନେ କିଛି କରି ପାରିବେନି ସିନା, ଯେଉଁ ବୁଦ୍ଧି ଦେବେ ତାହା ତାଙ୍କ ନିଜ ଅନୁଭୂତି। ତେଣୁ ତାଙ୍କୁ ହତାଦର କରିବା ଅନୁଚିତ। ବେଳେବେଳେ ସେମାନେ ଏମିତି କିଛି କାମ କରି ଯାଆନ୍ତି ଯେଉଁଠି ଯବାନ ମାନେ ବି ହାର ମାନି ନଅନ୍ତି....

ଏଇ ଦେଖୁନ ଯେମିତି କି, ଆଜି ଟ୍ରାଫିକ ପୋଲିସ ପାଖରେ ପୁଅ ପାଇଁ କିଣାଯାଇଥିବା ନୂଆ ମାଷ୍ଟ୍ରୋ ଆଉ ବାପାଙ୍କ ସେ ପୁରୁଣା ସ୍କୁଟର (ଯାହାକୁ ସେ କବାଡିବାଲା ଚଳାଇଛି) ଦି ଜଣ ଯାକ ଧରା ପଡ଼ିଲୁ। ହେଲମେଟ ଓ ଗାଡି କାଗଜ ନଥିବାରୁ ମୋତେ ସାତ ହଜାର ଟଙ୍କା ଗଣିବାକୁ ପଡିଲା। କିନ୍ତୁ ସେ କବାଡି ବାଲା କୁ ଚାଲାଣ ଧରେଇଲା ବେଳକୁ ସେ ସ୍କୁଟର ଖଣ୍ଡିକ ଥୋଇ ଯିବାକୁ ବାହାରିଲା। କହିଲା, ମୁଁ ଫାଇନ ଦେବିନି। ଯଦି ପାରୁଛ ସ୍କୁଟର ଟି

ରଖ, ଟଙ୍କା ପାଞ୍ଚଶହ ଦେଇ କଣିଥିଲି। ପୋଲିସ ବାଲା ତାକୁ ବାପ ଧନ କହି ବିନା ଫାଇନ ରେ, ସ୍କୁଟର ନେଇ କ ଯିବାକୁ କହିଲେ। କ ତୋଡ ତାର?? ମୁଁ ପଇସା ଦେଇ ଲାଙ୍ଗୁଳ ଜାକ ଘରକୁ ଆସିଲି।


ଆସିଲା ବାଟରେ ସ୍କୁଟର ଟି ଫେରେଇବାକୁ କହିଲି ଯେ ମୋତେ କହିଲା, "ଆଜ୍ଞା, ଏବେ ପୁରୁଣା ଗାଡି ର ଡିମାଣ୍ଡ ବହୁତ। ଆପଣଙ୍କ ଗାଡି ତେଣୁ ମନା କରି ପାରୁନ। ଟଙ୍କା ଲକ୍ଷେ ଦେଇ ନେଇ ଯାଆନ୍ତୁ। ଫାଇଦା ରେ ରହିବେ।

ଟ୍ରାଫିକ ନୟମ ଅନୁସାରେ ଫାଇନ ଯାହା ହେଲାଣି, ଧରା ପଡିଲେ ପୁରୁଣା ସ୍କୁଟର ଟି ସେଇଠି ଥୋଇ ଦେଇ ଆସିବେ। ପୋଲିସ ବାଲା ବାପ ଧନ କହି ଗାଡି ଆଣି ଆପଣଙ୍କ ଘରେ ଦେଇକ ଯିବ। ଫାଇନ ରୁ ମୁକ୍ତି ଜୀବନ ସାରା ପାଇଁ....

ମୋ ସ୍ତ୍ରୀ ଓ ପିଲା ମୋ ମୁହଁକୁ ହାଁ କରି ଗ୍ରହିଁଥିଲେ....

---ସମାପ୍ତ---

ପୁରୁଣା ଜିନଷ ଓ ପୁରୁଣା ମଣିଷଙ୍କୁ ଆଦର କରିବା ଶିଖନ୍ତୁ। କେଜାଣି କେତେବେଳେ ଆପଣ ହରଡ଼ଘଣାରେ ପଡିଯିବେ ଆଉ ଆପଣଙ୍କୁ କେବଳ ସେ ହିଁ ବିପଦରୁ ମୁକୁଳେଇ ପାରିବେ....



--X--

ଖଲାରୀ, ଅନୁଗୁଳ, ଓଡିଶା

# ଶେଷ ଅନୁରୋଧ



ମନୋଜ କୁମାର ପଣ୍ଡା

ଏକାନ୍ତେ ନୀରବରେ ମୋ କଥା ଭାବି
ନୟନୁ ଲୋତକକ ଆସୁଛି ସ୍ରବି ।

ବନ ପୋଡିଲେ ସିନା ଜାଣନ୍ତି ଜନ
ମନ ପୋଡିଲେ ଦଗ୍ଧ ବିଶ୍ୱ ଭୁବନ ।

ମନ ବେଦନା ଆନେ ନୁହଁଇ କହି
ମନ ମଣିଷ ଯଦି ପାଶରେ ନାହିଁ ।

ଧିକ ପଦବୀ ଧିକ ଧନ ଜୀବନ
ତୁମ ବିନୁ ଏ ପ୍ରାଣ ଜୀର୍ଣ୍ଣ କାନନ ।

ଗୋଟିଏ ଜନ୍ମ ସହି ହବା ମାତର
କୋଟିଏ ଜନମ କୁ ନାହିଁ ମୋ ଡର ।

ଥରକୁ ଥର ଏହି ଧରଣୀ ଛୁଇଁ
ଜନମ ନେଉଥିବି ତୁମରି ପାଇଁ ।

କପାଳ ଲିଖନ କେ କରିବ ଆନ
ଭୋଗତ ହେବ ନଷ୍ଟେ ଦୈବ ବିଧାନ ।

ଜୀବନେ ଯଦି କେବେ ହୁଏ ସମ୍ଭବ
ଶ୍ମଶାନ ପାଶେ ମୋର ଥରେ ଆସିବ।

ମୋ ଚତା ଭସ୍ମ ଟିକେ ହାତରେ ନେଇ
ଅଙ୍ଗରେ ପ୍ରେୟସୀ ଗୋ ଦେବ ଲଗାଇ |

ଆତ୍ମା ପାଇବ ଶାନ୍ତି ଶମନ ପୁରେ
ଏ ଅନୁରୋଧ ତୁମରି ଠାରେ ।

ଅଡା, ବାଲେଶ୍ୱର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହଯୋଗ ଦିଅନ୍ତୁ ।

# ମା' ଦଶଭୂଜା



ନରେନ୍ଦ୍ର ପ୍ରସାଦ ବେହେରା

ମାଆ ଦଶଭୂଜା    ଆସିଥିଲ ତୁମେ
ଏ ଧରାଧାମକୁ ବୁଲି
ବୁଲି ଦେଖିଗଲ    ତୁମ ସଂସାରକୁ
ପାରିବକି କେବେ ଭୁଲି ?

ସଂସାରର ଦୁଃଖ    ଦୂର କରିବାକୁ
ହେଲ ତୁମେ ମହାମାୟା
ସୃଷ୍ଟି ରକ୍ଷା ପାଇଁ    ହେଲ ଆଗଭର
ବିସ୍ତାର କରିଣ କାୟା ।।

ଦୁର୍ଗମ ନାମକ    ଦୈତ୍ୟକୁ ମାରିଣ
ଦେବକୁଳ ରକ୍ଷା କଲ
ସେଥିପାଇଁ ତୁମେ  ମାଆ ଦୁର୍ଗା ନାମେ
ସଂସାରେ ବିଖ୍ୟାତ ହେଲ ।।

ତୁମ ଆଗମନେ    ଆଜି ଏହି ଧରା
ହୋଇଅଛି ଉତଫୁଲ୍ଲିତ
ଦରଶନେ ତୁମ    ପିଲାଛୁଆ ଆଜି
ହେଲେ କେତେ ଆନନ୍ଦିତ ।।

ବିଭିନ୍ନ ପୀଠରେ ପୂଜା ପାଉଅଛ
(ହେ) ଜଗତ ଜନନୀ ମାତା
ଢାଳଦେଇ ଯାଅ ଆଶୀଷ ତୁମର
ଖୋଲି ଯାଉ ମୋର ଛତା ।।

ଜଗତ କଲ୍ଯାଣେ ମାଆ ଦୁର୍ଗା ନାମେ
ଆସିଛ ମର୍ତ୍ତ୍ଯେ ଓହ୍ଲାଇ
ତୀକ୍ଷ୍ଣ ଦୃଷ୍ଟି ଦିଅ ଏ ଦୁଷ୍ଟ ଜନଙ୍କୁ
ଭୟରେ ଯା'ନ୍ତୁ ପଳାଇ ।।

ଯୋଡ ହସ୍ତେ ମୁହିଁ କରେ ନିବେଦନ
ସଂସାର ବାସୀଙ୍କ ପାଇଁ
ଏ ଧରା ଧାମରୁ ଦୁଃଖ ଦୂରକର
ଆସିଛ ଯେବେହେଁ ଧାଇଁ ।।

କରୁଣା ତୁମର ବାଣ୍ଟିଦେଇ ଯାଅ
ସଭିଙ୍କର ସୁଖ ପାଇଁ
ଭୁଲି ଯିବ ନାହିଁ ଆର ବରଷକୁ
ଚଞ୍ଚଳ ଆସିବ ଧାଇଁ ।।

ଆଳଦା, ଖଇରା, ବାଲେଶ୍ଵର

# ମୋ ସହର ଅଭିମାନୀ



ଅନଙ୍ଗ ମଞ୍ଜରୀ

ଆଜି ଲାଗୁନ ସେ ଖୁସି ମୋ ଯିବାର
ଭାବନାରେ ସେ ଆସୁନ ନା ଅପେକ୍ଷା ରହିନ
ଦୀନ ଥିଲା କେବେ ତୁ ଆସିବୁ ଇଙ୍ଗିତରେ ଦର୍ଶାଉ ଥିଲା
ମନ ଭରି ହସ ହସ ମୁଖ ରେ ଆସି ମୋ ମନରେ
କହୁଥିଲା=====
ମୁଚୁକ ମୁଚୁକ ହସିଦେଇ ମନକୁ ଯେ ମୋହୁଥିଲ
ଭଲ ବି ଲାଗୁନାହିଁ, ଖୁସି ବି ଶୋଇଯାଇଛି
ଯାର ଲାଗି ସେ ସହର ମତେ ଭଲ ଲାଗୁଥିଲା
ମୋ ଆଖିରେ ଆଖି ମିଳାଇ ମୋ ରାଗ ରୁଷା କୁ
ସହୁଥିଲ=====
ଦୂର ପାହାଡ଼ ପର୍ବତ ସୁନ୍ଦର ପରି ସେବି ଆଜି
ପଥର ହୋଇଗଲା
ମନ ରେ ଯେ କେତେ ରାଗ କେତେ ଅଭିମାନ
ରଖିଅଛି=====
ଭାବନାକୁ ବୁଝାଇ କହିଥିଲେ ସିନା କଏ ବୁଝିବ
ଖାଲି ଖାଲି ଚୁପ୍ ହୋଇ ଗଲେ କଏ ବୁଝିବ
ତୋର ମହିମା ର ଗନ୍ତା ଘରେ କେହି ଯଦି ଥାଏ
ମନ ଖୋଲି ଦେ======

ତୁ ତ ଜଳୁ ନଥିବୁ ସେ ରୌଦ୍ର ତାପରେ
ଶରୀର ତମର ମୋଟା ଚମଡା ରେ
କେତେ ଦିନ ଜଳାଇବୁ ସେ ଉତ୍ତାପ ରେ
ମନ ଭରି ଗଲେ କହିଦବୁ=======
ତୋଫାନ ର ସେ ଘଡି ଅଙ୍ଗେ ଆଉ ଦୋଉଡୁ ନାହିଁ
ଆଖି ମିଛ କାନ୍ଦିବାର ମନ ବି ମରିଲାଣି
ହେଲେ ବି ଆଜି ସେ ସ୍ଵପ୍ନ ର ତୁଫାନ ରେ ତୁହି ତୁହି
କେବେ ଥମିବୁ ତୁହି=======
କେତେ ସ୍ଵପ୍ନ ବାନ୍ଧି କହୁଥିଲି କାନେ କାନେ
ବାନ୍ଧିବା ଘର ଦ୍ଵାର ପାଶେ ପାଶେ
ତୁ ହବୁ ମୋର ସଖା ମୁଁ ତୋର ସାଥୀ ରେ
ସୁଖ ଦୁଃଖ ବାଣ୍ଟି ନବା ହୋଇ ପ୍ରେମ ପ୍ରୀତି ରେ
ବଧିର ହେଲା ଆଜି ତୋ ଶ୍ରବଣ କରେ
ଶୁଖି ଗଲେ କେବେ କହିବୁ ରେ======
ପର କୁ ଆଶ୍ରା କରି ଭାବକୁ ପ୍ରକାଶିବୁ କେତେ
ସତ ମିଛ ର ଲୁଚକାଳି  ଖେଳୁଥିଲେ ଯେବେ ଛୋଟ ଥିଲେ
ବାର୍ଦ୍ଧକ୍ୟ ପ୍ରବେଶିଲାଣି ଦ୍ଵାରେ  ପୁଣି ବି ଲୁଚକାଳି ଖେଳୁଛୁ ମନେ ମନେ
ଆଜି ନୁହଁ ତ କାଲି ପରି  ଲାଗୁଛି ତୋର ମୋର ସେହି ଭାବ =======
ବାନ୍ଧି ଥିଲେ ପରସ୍ପର  କରି ଆପଣାର
ମୋ ମନରୁ ଅଦୃଶ୍ୟ ହୋଇ ନାହିଁ ତୋର ସେଇ  ପିଲାଳିଆ ଢଙ୍ଗ ରଙ୍ଗ=====
କେବେ କହିଥିଲୁ କେତେ କଥା ଆଲୋଚନା ରେ
ପାଶୋରି ଯାଉଛୁ ===
କହିଦବୁ ସତରେ ରାତ୍ରି ର ସ୍ଵପ୍ନ ରେ
ସ୍ଵପ୍ନ ରେ ମୁଁ ଚାଲି ଆସିବି ମୋ ସହରକୁ====

ହାଇଦରାବାଦ

# ବାଲି ଯାତ୍ରାରେ ବନ୍ଧୁମିଳନ: ମୋ ଅନୁଭୂତିରୁ ଦୁଇଧାଡ଼ି

ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ

ଏହା ଓଡ଼ିଶା କମ୍ବା ଭାରତରେ କାର୍ତିକ ପୂର୍ଣ୍ଣିମିରେ ପାଳନ କରାଯାଉଥିବା ବାଲିଯାତ୍ରା ଉତ୍ସବ କଥା ନୁହେଁ, ବାଲିରେ ତିନ ସପ୍ତାହ କଟେଇ ଘରକୁ ଫେରିବା ବେଳର କଥା ।

ବାଲିରୁ କାଲିଫର୍ଣ୍ଣିଆ ଫେରୁଥାଏ । ୩ ସପ୍ତାହ ଧରି ରିସର୍ଚ୍ଚ ଏବଂ କିଛି ମଜା କରି ଘରକୁ ଫେରିବାରେ ମନଟା ବଡ଼ ଖୁସି । ଉଡାଜାହାଜ ବାଲିର ରାଜଧାନୀ ଡେନପସାରରୁ ତାଇପେଇ ଏବଂ ଦୁଇ ଘଂଟା ପରେ ତାଇପେଇରୁ ସାନଫ୍ରାନ୍ସିସ୍କୋ । କେମିତି ଘରେ ପହଁଚବି ଏବଂ ମୋର ଦୈନନ୍ଦିନ କାମ ଆରମ୍ଭ କରିବି ଭାବି କେତେ କଳ୍ପନା ଜଳ୍ପନା ।

ଡେନପସାର ଏୟାରପୋର୍ଟରେ ଉଡାଜାହାଜ ବସି ରହିଥାଏ । ଦ୍ୱିପହର ଘ୩.୪୦ମି. ରେ ଉଡାଜାହାଜ ଛାଡିବା କଥା କିନ୍ତୁ ଦିର୍ଘ ୨ଘଂଟା ପରେ ମଧ୍ୟ ଉଡାଜାହାଜ ଛାଡିବାର ନାଁ ନାହିଁ। ଇଣ୍ଡୋନେସିଆ ରାଷ୍ଟ୍ରପତି ଏୟାରପୋର୍ଟକୁ ଆସିବାକୁ ଥାଏ । ଶୁଣିଲି ସେଥିପାଇଁ କୌଣସି ଉଡାଜାହାଜ ନିର୍ଦ୍ଧାରିତ ସମୟରେ ଉଡିପାରିବ ନାହିଁ । ଉଡାଜାହଜଟି ଦିର୍ଘ ପ୍ରତିକ୍ଷା ପରେ ୩ ଘଂଟା ଡେରିରେ ଛାଡିଲା । ମନଟା ମୋର ବଡ଼ ଦୁଃଖ । ଆଉ ସଂଯୋଗ ଉଡାଜାହାଜଟି ମିଳବ ନାହିଁ । ମଝିରେ ବି ବେଶି ସମୟ ନାହିଁ ।

ତାଇପେଇରେ ପହଁଚ ପରିବର୍ତନ ବେଂଚରୁ ବୁଝିଲି ଯେ ମୋ ଯିବା ଉଡାଜାହଜଟି ନିର୍ଦ୍ଧାରିତ ସମୟ ପୂର୍ବରୁ ଛାଡି ଦେଇଛି । ତାଇପେଇ ଏବଂ ଆଖପାଖ ଅଂଚଳରେ ବଡ 'ଟାଇଫୁନ'। ସେଥିପାଇଁ ଉଡାଜାହାଜକୁ ଶିଘ୍ର ଛାଡିବାକୁ ପଡିଲା ।

ବର୍ତ୍ତମାନ କ'ଣ ହେବ? ତାଇପେଇରେ ରାତି ଘ୧୧.୩୦ମି. । ଗୋଟିଏ ହୋଟେଲ୍ ଭାଉଚର ଦେଇ ଏୟାରପୋର୍ଟ ଅଫିସର ଜଣକ ଇମିଗ୍ରେସନ ଆଡକୁ ହାତ ଦେଖେଇ ଦେଲେ ।

କହିଲେ ଇମିଗ୍ରେସନ କ୍ଲିୟର କରି ଆପଣଙ୍କ ଜିନଷ ନେଇ ତଳେ ଅପେକ୍ଷା କରନ୍ତୁ । ହୋଟେଲରେ ୨୬ ଘଂଟା ରହିବାକୁ ପଡ଼ିବ । ତା ପର ଉଡାଣ ପରଦିନ ରାତିରେ । ମତେ ଅନ୍ଧାର ଦିସିଗଲା । କ ଦୁଃଖ ! ଗତ ୩ ସପ୍ତାହ ଧରି ବାଲି ଏବଂ ଯାକର୍ତାର ସବୁ ସୁନ୍ଦର ଅନୁଭୁତି ପାଣି ଫାଟିଗଲା । ଲାଗିଲା ଯେମିତି ଏ ସମୟ ସରିବନ ଆଉ ମୁଁ ଘରକୁ ଫେରି ପାରିବିନ । ପାଠକେ ସେହିଭଳ ଅଭିଜ୍ଞତା କଛି ମାତ୍ରାରେ ଆପଣ ମାନଙ୍କର ଥିବ ନଶ୍ଚୟ । ଆପଣମାନେ ମୋ ମନର ବେଦନା ବୁଝି ପାରୁଥିବେ । ହୋଟେଲ ଯିବା ପାଇଁ ଏକ ବସ୍ ନେବାକୁ ପଡିଲା । ଏୟାରପୋର୍ଟରୁ ଏକ ଘଂଟାର ବାଟ । ଦୁଇ ଜଣ ଉଡାଜାହାଜ କର୍ମକର୍ତା ଏକ ବାଡି ଧରି ଆମ ସମସ୍ତଙ୍କ ଏକାଠି କରୁଥାନ୍ତି । ଶହ ଶହ ଯାତ୍ରୀ ଏୟାରପୋର୍ଟରେ ଠୁଳ ହୋଇଥାନ୍ତି। ସମସ୍ତଙ୍କର ସେହି ଅବସ୍ଥା । କଏ ଭାନ୍କୁଭର ଯିବ ବା କଏ ଆମଷ୍ଟରଡମ, ଭିଏନା, ପ୍ୟାରିସ, ଲସଆଞ୍ଜେଲେସ, ସାନଫ୍ରାନ୍ସିସ୍କୋ ଏବଂ ଆହୁରି ଅନେକ ସହର । ସମସ୍ତଙ୍କର ମୁହଁରେ ତୀବ୍ର ଉକ୍ତଣ୍ଠା ।

ଏହି ୨୬ ଘଂଟା ହୋଟେଲ ରହଣିରେ ମୋର ଗ୍ଭରିଜଣ ସ୍ତ୍ରୀ ଲୋକଙ୍କ ସାଙ୍ଗରେ ପରିଚୟ ହେଲା । ଆମେ ଶିଘ୍ର ପରସ୍ପର ସହିତ ବନ୍ଧୁତା ସମ୍ପର୍କ ବଢ଼ାଇଲୁ । ମୁଁ ସେମାନଙ୍କ ବିଷୟରେ ଆପଣମାନଙ୍କୁ କଛି ଶୁଣାଇବି । ଏହି ସ୍ତ୍ରୀ ଲୋକଙ୍କଠୁ ମୁଁ କ'ଣ ଶିଖିଲି, ଆପଣଙ୍କ ପାଖେ ଉପସ୍ଥାପନା କରିବି ।

ଆଲମିରା ଜଣେ ୩୫ ବର୍ଷିୟା ମହିଳା । ମୋ ପଛରେ ହୋଟେଲ ପାଇଁ ଲାଇନରେ ଛିଡା ହୋଇଥାନ୍ତି। ସାଂଗେ ସାଂଗେ ମୋ ସାଂଗେ କଥାବାର୍ତା ଆରମ୍ଭ କରିଦେଲେ । ସେ ନଜକୁ ଭାରତୀୟ ମାନନ୍ତି ଓ ତାଙ୍କ ପରିବାର ପ୍ରଥମରୁ ଭାରତରୁ ଆସିଛନ୍ତି । ୧୮୩୦ ମସିହା । ଦାଦନ ଶ୍ରମିକ ଭାବରେ ତାଙ୍କ ବଂଶଧର ଯାଇ ନାଇରୋବିରେ ବସବାସ କରିଥିଲେ । ତାଙ୍କ ବାପା ମା' ନାଇରୋବିରୁ ସ୍ପେନ ଏବଂ ସ୍ପେନରୁ ବର୍ତମାନ ଭ୍ୟାନକୁଭର, କାନାଡାରେ

ବସବାସ କରିଛନ୍ତି । ବାପା ଜଣେ ମୋଟର ମିସ୍ତ୍ରୀ, ମା କାନାଡାର କାଲଗୁରି ସହରରେ ବସ୍ ଚାଳକ । ବାପା, ମା ଅଲଗା ହୋଇଯାଇଛନ୍ତି । ସାବତ ମା କାଜିକସ୍ତାନର । ଆଲମିର୍ ବର୍ତ୍ତମାନ କାନାଡାର ଓ୍ୱେଷ୍ଟଜେଟ ଏୟାରଲାଇନ ପାଇଁ କାମ କରନ୍ତି । ସେ ହେଲେ ଇସମାଇଲ୍ ମୁସଲିମ୍ । ଟଙ୍କର ପୁଅ ସାଙ୍ଗ ମଧ ଇସମାଇଲ୍ । ସେମାନେ ସୁଫି ପରମ୍ପର୍ ଏବଂ ହିନ୍ଦୁ ପରମ୍ପର୍‌ରେ ଅନୁପ୍ରାଣିତ ।

ଆଲ୍‌ମିର୍ ଜଣେ ସମ୍ପତି ବ୍ୟବସାୟୀ, ତାଙ୍କର ବାନ୍ଧବି ମଧ ଭାରତୀୟ । ସେ ଭାରତରୁ ଯାଇ ତାଙ୍କ ମା'ଙ୍କ ସହତି କାନାଡାରେ ବସବାସ କରନ୍ତି । ବର୍ତ୍ତମାନ ସେ କାନାଡାରେ ଗ୍ରୀନ୍ କାର୍ଡ (ସ୍ଥାୟୀ ଅଧିବାସୀ) ହେବା ପାଇଁ ଦରଖାସ୍ତ ଦାଖଲ୍ କରିଛନ୍ତି । ଆଲମିର୍ ନଜେ ଗୋଟିଏ ଘର କଣି ଏକୁଟିଆ ରୁହନ୍ତି । ତାଙ୍କ ଦୂର ସମ୍ପର୍କୀୟର ବାହାଘର ପାଇଁ ସେ ବାଲି ଆସିଥିଲେ । ଏକୁଟିଆ ଯାତ୍ରା କରିବାରେ ସେ ନଜେ ତାଙ୍କ ଅସ୍ତିତ୍ୱ ଖୋଜିଥାନ୍ତି । ନଜର ଘର କଣି ସ୍ୱାଧିନ ଭାବରେ ରହିବାର ଏକ ଗର୍ବ ତାଙ୍କର । ବାହାତ ହେବେ ନଶ୍ଚୟ, କନ୍ତୁ ତା ବୋଲି ତାଙ୍କ ନଜର ସ୍ୱାଧିନତାକୁ କେବେ ନ ହରାଇବା ପାଇଁ ସେ ବଦ୍ଧପରିକର । ତାଙ୍କ ଚାକରି ଛଡା ସେ ସପ୍ତାହ ଶେଷ ଶନବାର ଏବଂ ରବିବାରରେ ଯୋଗ ଶିଖାନ୍ତି ଏବଂ ବଡି ବିଲ୍ଡିଙ୍ଗ (କୁସ୍ତି) କରନ୍ତି ।

କ୍ରିଷ୍ଟିନାଙ୍କ ବୟସ ୪୭ । ଆମେ ଦୁଇ ଜଣ ଡେନପସାରରୁ ତାଇପେଇ ଉଡାଣରେ ପାଖାପାଖି ବସିଥିଲୁ । କନ୍ତୁ ପରସ୍ପରକୁ ଦେଖିବା ଏବଂ ସ୍ମିତହାସ୍ୟର ଆଦାନ ପ୍ରଦାନ ଛଡା କଛି ବାର୍ତାଳାପ ହୋଇନଥିଲା । ହୋଟେଲ୍‌ରେ ବ୍ରେକଫାଷ୍ଟ ଖାଇବାବେଳେ ପରସ୍ପରକୁ ଖୋଜି ବାହାର କରିଦେଲୁ । ଆମେ ପାଖାପାଖି ବସିଥିଲୁ ସତେ ଯେମିତି ବହୁତ ଦିନ ହେଲା ପରସ୍ପରକୁ ଜାଣିଛୁ । ତାପରେ ଲଂଚ୍, ବାହାରକୁ ଟିକେ ବୁଲିବାକୁ ଯିବା ଏବଂ ଏକାଠି ସମୟ କଟାଇବା ଦ୍ୱାରା ବନ୍ଧୁତ୍ୱ ହୋଇଗଲା । ସେ ତାଙ୍କ ବିଷୟରେ କୁହନ୍ତି ଯେ ସେ ବାହା ହୋଇଥିଲେ, କନ୍ତୁ ତାଙ୍କର ଛାଡପତ୍ର ହୋଇଯାଇଛି । ୨୦ ବର୍ଷର ଗୋଟଏ ପୁଅ । ହାଇସ୍କୁଲ ରୁ ପାସ୍ କରିବା ପରେ ପୁଅ ତାଙ୍କ ପାଖେ ରହି ସ୍ଥାନୀୟ କଲେଜରେ ପଢୁଥିଲା । ଏଇ ବର୍ଷ ତାଙ୍କ ପାଖରୁ ଯାଇ ନଜେ ଘର ଭଡା ନେଇ ରହୁଛି । କ୍ରିଷ୍ଟିନା ନଜକୁ ଜଣେ

ଯୋଗ୍ୟ ଶିକ୍ଷୟତ୍ରୀ ବୋଲି ପରିଚୟ ଦିଅନ୍ତି । ସେ ଆଦିବାସୀ ମାନଙ୍କର ପାରମ୍ପରିକ ଜ୍ଞାନ, ବିକଳ୍ପ ରେକ ଔଷଧ, ଧ୍ୟାନ, ଯୋଗ, ପ୍ରାଣାୟାମ ଏବଂ ପୌଷ୍ଟିକ ଖାଦ୍ୟ ଖାଇବାର ଅଭ୍ୟାସକୁ ନେଇ ଶିକ୍ଷା ଦିଅନ୍ତି । ଏକୁଟିଆ କ୍ରିଷ୍ଟିନା ଗୋଟେ ମାସ ପାଇଁ ବାଲି ଆସିଥିଲେ । ତାଙ୍କର ସଂଗମାନଙ୍କ ପାଖରେ ରହି ସେ ନଜର ରୋଗ ଭଲ କରିବା (ହିଲିଙ୍ଗ) ଜ୍ଞାନକୁ ସୁଦୃଢ଼ କଲେ । ତାଙ୍କ ପାଇଁ ଗୋଟେ ମାସ ନଜ ଇଚ୍ଛା ଅନୁଯାୟୀ ବାଲିରେ ଆସି ରହିବାଟା ଗୋଟେ ଆତ୍ମ ଆବିଷ୍କାର । ଏହି ଅଂଚଳରେ ସେ ନଜର ଅସ୍ତୀତ୍ୱକୁ ଖୋଜି ପାଇଛନ୍ତି ଏବଂ ନଜର ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହୋଇଛନ୍ତି । ସେଥିପାଇଁ ସେ ବଡ ତୃପ୍ତି ଅନୁଭବ କରୁଛନ୍ତି ।

ଆମଣ୍ଡା ଜଣେ ହସ ଖୁସିଆ ୨୯ ବର୍ଷର ମହିଳା । ସେ ମଧ୍ୟ ଆମର ଗୋଷ୍ଠୀ ସହିତ ଏତେ କମ୍ ସମୟରେ ସାମିଲ୍ ହୋଇଗଲେ । ସେ ଗୋଟିଏ ଖୁଚୁରା ଦୋକାନର ପରିଚାଳକ । ତାଙ୍କର ବଦଳ ହେଇଛି ହାୱାଇ ଦ୍ୱୀପର ମାଉଇକୁ । ତାଙ୍କ ମା ରୁହନ୍ତି ଦକ୍ଷିଣ କାଲିଫର୍ଣ୍ଣିଆର ପାଲ୍ମ ସ୍ପ୍ରିଙ୍ଗରେ । ପୂର୍ବରୁ ସେ ଲସ୍ଆଞ୍ଜେଲେସରେ କାମ କରୁଥିଲେ । ନୂଆ କାମ ନୂଆ ଜାଗାରେ ଯୋଗ ଦେବା ପୂର୍ବରୁ ସେ ବାଲିରେ ଟିକେ ଛୁଟି କଟାଇବାକୁ ଚାହିଁଲେ । ତାଙ୍କର ବାପା, ମା ଅଲଗା ରୁହନ୍ତି । ସେ ତାଙ୍କର ମାଙ୍କ ସହିତ ବେଶ୍ ଅନ୍ତରଙ୍ଗ । ତାଙ୍କ ମା ଦୁଇ ଘଂଟା ଡ୍ରାଇଭ କରି ରାତି ବାରଟା ପରେ ତାଙ୍କୁ ଏୟାରପୋର୍ଟ୍ରୁ ଘରକୁ ନେବେ । ସେ ତାଙ୍କ ସାଙ୍ଗରେ ଦୁଇ ସପ୍ତାହ ରହି ତାଙ୍କ କର୍ମକ୍ଷେତ୍ର ମାଉଇକୁ ଫେରିଯିବେ । ସେ ମଧ୍ୟ ବାଲିରେ ଗୋଟେ ମାସ ରହି ଘରକୁ ଫେରୁଛନ୍ତି । ଏହି ଭ୍ରମଣ ସମୟଟି ତାଙ୍କ ପାଇଁ ବଡ ମହତ୍ୱପୂର୍ଣ୍ଣ । ଗତ ଦେଢ଼ ବର୍ଷ ହେଲା ସେ ତାଙ୍କ ସ୍ୱାମୀଙ୍କ ଠାରୁ ଅଲଗା ହୋଇଛନ୍ତି ।  ଦେଖିବାକୁ ଖୁବ୍ ସୁନ୍ଦରୀ, ସ୍ମାର୍ଟ ଏବଂ ବୁଦ୍ଧିଆ ସ୍ତ୍ରୀ ଲୋକ । ତାଙ୍କର ଛାଡପତ୍ର ପାଇଁ ପ୍ରସ୍ତୁତି ଚାଲିଛି । ତାଙ୍କ ସ୍ୱାମୀ ଇଂଲଣ୍ଡର ଏବଂ ବ୍ରିଟିଶ ପାସପୋର୍ଟ ଧାରୀ । ସେ ତାଙ୍କୁ ଆମେରିକା ନାଗରିକ ହେବା ପାଇଁ ପ୍ରସ୍ତାବ କରିଥିଲେ । ଆମଣ୍ଡାଙ୍କୁ ଜଣେ ମଜାରେ ପଚାରିଲା, କଏ ଜାଣେ, ବାଲିରେ କେହି ଜଣେ ସାଙ୍ଗ ପାଇଥିବେ । ଆମଣ୍ଡା କହିଲେ, ନାହିଁ ନାହିଁ ମୋର ସାଙ୍ଗର ଆବଶ୍ୟକତା ନାହିଁ । ମୋ ସ୍ୱାମୀ ମୋର ସବୁଠୁ ଭଲ

ସାଙ୍ଗ ସହିତ ଖରାପ ସମ୍ପର୍କ ରଖିଲେ ଏବଂ ଧରା ପଡିଲେ । ଭଲ ସାଙ୍ଗର ସ୍ୱାମୀ ଏହି କଥା ଆମଣ୍ଡାକୁ ଜଣାଇଲେ । ଆମଣ୍ଡା ବଡ ମର୍ମାହତ ଥିଲେ ସ୍ୱାମୀଙ୍କର ଏହି ପ୍ରତାରଣାରେ। ଛାଡପତ୍ର ଫାଇଲ କରିଛନ୍ତି ଏବଂ ତାଙ୍କର ଦୃଢ଼ ବିଶ୍ୱାସ ଯେ ସେ କେଉଁ ସହଭାଗିତା ବିନା ଚଳ ପାରିବେ । ସ୍ୱାମୀଙ୍କର ଏହି ମିଛ ପ୍ରତାରଣା ତାଙ୍କୁ ସହ୍ୟ ହେଲାନ । ବର୍ତମାନ ସେ କୌଣସି ସହଭାଗିରେ ମନ ଦେବାକୁ ଚାହୁଁନାହାନ୍ତି । ମୁଁ ପଚାରିଲି, 'ବାଲି କ'ଣ ମନ ଭୁଲାଇବା ପାଇଁ ଆସିଥିଲ**?'** ସେ କହିଲେ ନା ନା, ମୁଁ ଗତ ୫ ମାସ ହେଲା ଏହି ଭ୍ରମଣ ଯୋଜନା କରୁଛି । ଜୀବନରେ ପ୍ରଥମ ଥର ପାଇଁ ଏହି ବାଲି ଯାତ୍ରା ମୋର ସ୍ୱତନ୍ତ୍ର ନିଜର । ମୁଁ ମୋର ଟିକେଟ୍ କିଣିଛି ଏବଂ ଗୋଟିଏ ମାସ ବାଲିରେ ରହିବା ପାଇଁ ଯୋଜନା କରିଛି । ଏଇଟା ମୋର ପୁରାପୁରି ସ୍ୱାଧୀନ ଯାତ୍ରା । ମୋ ପାଇଁ ବାଲି ରହଣି ନିଜ ଉପରେ ଆସ୍ଥା ଆଣିଦେଲା । ମୁଁ ନିଜକୁ ସ୍ୱାଧିନ ପରିଚୟ ଦେବାଟା ଫେରି ପାଇଲି ଏବଂ ମୋର ନଜି ଉପରେ ବିଶ୍ୱାସ ମୁଁ ଫେରି ପାଇଛି ।

ଜେସିକାଙ୍କ ବୟସ ୨୬ । ଆମ ସମସ୍ତଙ୍କ ମଧ୍ୟରେ ସେ ସବୁଠାରୁ ସାନ । କାଲିଫର୍ଣ୍ଣିଆ, ସାଣ୍ଡିଆଗୋ ବିଶ୍ୱବିଦ୍ୟାଳୟରେ ଫାଇନାନସିଆଲ୍ ଆନାଲିଷ୍ଟ ଭାବରେ କାମ କରନ୍ତି । ତାଙ୍କର ଜଣେ ସାଂଗ ଏବଂ ତାର ମାଙ୍କ ସାଙ୍ଗରେ ସେ ବାଲି ଆସିଥିଲେ । ସେ ନିଜର ଆତ୍ମ ବିଷୟରେ ଖୁବ୍ ଚୁପଚାପ୍ । ବର୍ତମାନ ଦୁଇ ସପ୍ତାହ ବାଲିର ରହଣି ପରେ ସେ ନିଜ କାମକୁ ଫେରୁଛନ୍ତି । ଆସନ୍ତା ବର୍ଷ ସେ ଏମ୍.ବି.ଏ ରେ ସାମିଲ ହେବେ । ସେ ତାଙ୍କ ପାଠପଢ଼ା ପାଇଁ କାହାରି ସାହାଯ୍ୟ ନନେଇ ନିଜ ଚେଷ୍ଟାରେ ପଢନ୍ତି । ସେଥିରେ ତାଙ୍କର ଗୋଟେ ବଡ ଆତ୍ମ ସମ୍ମାନ ଅଛି ।

ଏହି ଚାରିଜଣ ଭଦ୍ର ମହିଳା ସ୍ତ୍ରୀ ମାନଙ୍କର ସ୍ୱାଧିନତା ଏବଂ ନିଜର ଆତ୍ମନିର୍ଭରତାର ଏକ ସୁନ୍ଦର ଉଦାହରଣ । ସମସ୍ତେ ଜୀବନରେ ଝଡଝଞ୍ଜା ଦେଇ ଗତି କରିଛନ୍ତି । କିନ୍ତୁ ତାଙ୍କ ଜୀବନର ଏହି ଦୁଃଖ କଷ୍ଟରେ ସେମାନେ ଭାଙ୍ଗିପଡିନାହାନ୍ତି ବରଂ ନିଜ ଉପରେ ଆତ୍ମବିଶ୍ୱାସର ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି । ଚାରିଜଣଯାକ ଚାକରି କରନ୍ତି ଏବଂ ନିଜର ସ୍ୱାଧୀନତାକୁ ନେଇ ଗର୍ବ କରନ୍ତି । ପ୍ରତ୍ୟେକଟି ମହିଳାଙ୍କ ପାଇଁ ତାଙ୍କ ପରିବାର ବଡ

ନିଜର । ଆମେରିକାରେ ପରିବାର ସମ୍ପର୍କ ନାହିଁ କିମ୍ବା କମ୍ ବୋଲି କହିବା ଉଚିତ୍ ହେବନି, କିନ୍ତୁ ପରିବାରର ସମ୍ପର୍କଟା ଭିନ୍ନ । ସ୍ୱାଧିନତା ଏବଂ ପରିବାର ସହିତ ସମ୍ପର୍କ ପରସ୍ପରର ପରିପୂରକ । ମା, ବାପା, ଭାଇ, ଭଉଣୀ, ପୁଅ ଝିଅ ସମସ୍ତେ ନିଜ ନିଜର ସ୍ୱାଧିନତାକୁ ପ୍ରଶ୍ରୟ ଦିଅନ୍ତି । ତା ବୋଲି ପରିବାର ବିଚ୍ଛିନ୍ନ କହିବା ଯୁକ୍ତିଯୁକ୍ତ ନୁହେଁ । ସେମାନେ ନିଜର ବ୍ୟକ୍ତିଗତ ସମ୍ପର୍କକୁ ବଡ ଆଦର କରନ୍ତି, କିନ୍ତୁ ତାଙ୍କର ସ୍ୱାଧିନତାକୁ ବଳି ଦେବାକୁ ଚାହାନ୍ତିନାହିଁ କିମ୍ବା ଦୁଃଖରେ ମିୟମ୍ରାଣ ହୋଇ ନିଜ ପାଖରେ ହାର ମାନିବାକୁ ଚାହାନ୍ତି ନାହିଁ। ମୋ ପାଇଁ ନାରୀ ସ୍ୱାଧିନତା ଏବଂ ଆତ୍ମ ନିର୍ଭରଶୀଳତାରେ ଆଲମିତ୍ର, ଜେସିକା, ଆମଣ୍ଡା ଏବଂ କ୍ରିଷ୍ଟିନା ହେଲେ ବଡ ଉଦାହରଣ। ଆପଣମାନେ କଣ ଭାବୁଛନ୍ତି?

ପ୍ରଫେସର, କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ୟୁଏସଏ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ। ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଯାଉଛ ପୁରୁଣା, ଆସୁଛ ନୂଆ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଗ୍ଲିଗଲ ତୁମେ ଅନେକ ଦୂର
କହିଗଲ ଜମା ଦୁଃଖ ନ କର
ଯାଉଛି ଛାଡି ମୁହିଁ ଯେ ମିତ
ଆସିବ ପୁଣି ନୂଆ ସଙ୍ଗାତ (ନବବର୍ଷ)
ପାହିବ ଯେବେ ଏ ରଜନୀ
ଆସିବ ସୁଖ ନେଇ ନୂଆ ସଜନୀ (ନୂଆବର୍ଷ)
ନୂଆ ସକାଳର ନାଲି କରଣ
ଆନନ୍ଦେ ଭରିବ ସଭିଁଙ୍କ ପ୍ରାଣ
ଦିଅ ବିଦାୟ ପୁରୁଣା ବରଷକୁ
କର ସ୍ୱାଗତ ନୂଆ ବରଷକୁ

ମଠସାହି, ତୁଳସିପୁର

# ଲଜ୍ୟା



ପ୍ରକାଶ ଚନ୍ଦ୍ର ପଣ୍ଡା

ବଦଳ ଯାଇଛି ତୋର ପରିଭାଷା
ଲାଗୁଛି କାହିଁକି ମୋତେ
ସମୟ ଶ୍ରୋତରେ କେତେ ଅସହାୟ
ଏବେରେ ଲଜ୍ୟାତୁ ସତେ ।
ପଲ୍ଲୀଠାରୁ ଦିଲ୍ଲୀ କେଉଁଠାରେ ତୋର
ନାହିଁରେ ଏବେ ତୋ ସ୍ଥାନ
ସମାଜ ଆଖିରେ ଅବହେଳତ ତୁ
ତୁ ଆଜି ସାତ ସପନ ।
ଭୂଷଣ ଥିଲୁ ତୁ ନାରୀ ଜାତିଙ୍କର
ଆଜି ସେ ତୋଠାରୁ ଦୂରେ
ଦିନ ଥିଲା ତୁଇ ସର୍ବାଙ୍ଗ ଶରୀରେ
ଓଢଣି ହୋଇ କା ଶିରେ ।

ସ୍ୱାଧିନତାର ବେଗୁଲ ବଜାଇ ରେ
ସଭିଏଁ ସମାନ ଏଠି
ଶିକ୍ଷାର ନାଆଁରେ ପାର ହୋଇ ସବୁ
ନଜର ରଖନ୍ତି ଦାବି ।
କ୍ଷମା କରିବୁରେ ଆଜିର ନାରୀ
ନିଜ ପଥ ନିଜେ ହୁଡେ
ଶିକ୍ଷାର ନାଁରେ ଡିଣ୍ଡିମ ବଜାଇ ସେ
ସ୍ୱାଧୀନ ର ବେଶେ ଉଡେ ।
କିଛି ଦିନ ପରେ ଭାଷାକୋଷରେ ତୋ
ନଥିବ ଆଉରେ ସ୍ଥାନ
ସୁରୁଜ ଉଇଁବ ପୁରୁବ ଦିଗରେ
ଆଣି ଏକ ନୂଆ ଦିନ ।

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ନୂଆ ବରଷ



ଶୈଳବାଳା ଷଡଙ୍ଗୀ

ପ୍ରତିବର୍ଷ ଆସିଥାଏ ଏ ନୂଆ ବରଷ
ଭରିଯାଏ ସଭିଙ୍କ ମୁଖେ କେତେ ସୁଖ ହରସ ॥

ନୂଆ ଭାବନା ଧରି ଆସିଥାଏ ସିଏ,
କେତେ ଆଶା, ଭରଷା ମନେ ସେ ଜଗାଏ ॥

କରିଯିବା ଭଲକାମ ଆମେ ସଭିଙ୍କର ହୋଇ,
ମନରେ ରଖିବାନ କେବେ ଈର୍ଷା କାହା ପାଇଁ ॥

ନିଜର ପର ଭାବନା ମନରୁ ପୋଛି ଦେବା,
କେବଳ ନିଜର କର ଦୁଃଖ ବାଣ୍ଟି ନେବା ॥

ଭୁଲିଯିବା ପୁରୁଣା ଦିନର ବେଦନା,
ଈଶ୍ୱରଙ୍କ ନିକଟରେ କରିବା ପ୍ରାର୍ଥନା ॥

ଲେଖିକା ଓ ସମାଜସେବୀ,
ରାଉରକେଲା, ଓଡିଶା

# ନୂଆବର୍ଷର ଉତ୍ସବ



ସୁଧାଂଶୁ ଶେଖର ଦ୍ୱିବେଦୀ

ନୂଆବର୍ଷ ପାଳନ କରିବା ପରମ୍ପରା ପ୍ରାୟଃ ୪୦୦୦ ବର୍ଷ ପୁରୁଣା । ମେସୋପଟାମିଆ, ପ୍ରାଚୀନ ଇରାନ-ଇରାକ୍, ସିରିଆ ଆଦି ଦେଶରେ ୨୦୦୦ ବର୍ଷ ପୂର୍ବେ ମାର୍ଚ୍ଚ ମାସର ମଧ୍ୟ ଭାଗରେ ନୂଆବର୍ଷ ପାଳନ କରୁଥିଲେ । ଭାରତରେ ମଧ୍ୟ ଏହିଭଳି କ୍ୟାଲେଣ୍ଡର ଅଛି । ଆନୁମାନିକ ତାହା ୨୦୦୦ ବର୍ଷ ପୁରୁଣା ବୋଲି ଜଣାଯାଏ । ଆଜି ସାରା ସଂସାରରେ ଆଧୁନିକ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ୧ ତାରିଖକୁ ନୂଆବର୍ଷ ରୂପେ ପାଳନ କରାହେଉଛି । ହେଲେ ଆଜି ବି ଅନେକ ଦେଶ ପୁରୁଣା କ୍ୟାଲେଣ୍ଡର ଆଧାରରେ ନୂଆବର୍ଷର ଉତ୍ସବକୁ ବଡ ଧୂମ୍ ଧାମରେ ପାଳନ କରୁଛନ୍ତି ।

ଜାନୁଆରୀ ୧ ତାରିଖରେ ପାଳନ କରାହେଉଥିବା ନୂଆବର୍ଷ ଗ୍ରେଗୋରିୟନ କ୍ୟାଲେଣ୍ଡର ଅନୁସାରେ ଆଧାରିତ । ଏହାର ଆରମ୍ଭ ରୋମ୍ କ୍ୟାଲେଣ୍ଡରରୁ ସୃଷ୍ଟି ହୋଇଛି । ପ୍ରକୃତରେ ରୋମ୍ ର ପୁରୁଣା କ୍ୟାଲେଣ୍ଡର ମାର୍ଚ୍ଚ ୧ ତାରିଖରୁ ଆରମ୍ଭ ହେଉଥିଲା । ସେଥିରେ ପ୍ରଥମେ ୧୦ ମାସ ଥିଲା । ପ୍ରସିଦ୍ଧ ସମ୍ରାଟ ଜୁଲିଅସ ସିଜର ଇଶାର ୪୭ ବର୍ଷର ପୂର୍ବେ ଏହି କ୍ୟାଲେଣ୍ଡରରେ ଅଳ୍ପକିଛି ପରିବର୍ତ୍ତନ କରି ଜୁଲାଇ ମାସ ଯୋଡି ଦେଇଥିଲେ । ତାପରେ ତାଙ୍କ ପୁରୁରା ଅଗଷ୍ଟସଙ୍କ ନାମାନୁସାରେ ପୁଣି ସେଥିରେ ଅଗଷ୍ଟ ମାସ ଯୋଡା ହେଲା । ଆଜି ଦୁନିଆସାରା ଯେଉଁ କ୍ୟାଲେଣ୍ଡର ପ୍ରଚଳିତହେଉଛି ତାହା "ପୋପ୍ ଗ୍ରେଗେରୀ-୮", ୧୫୮୨ ମସିହାରେ ପ୍ରଚଳନ କରାଇଥିଲେ ।

ଇରାନ କ୍ୟାଲେଣ୍ଡରରେ ପାର୍ସୀ ନବବର୍ଷକୁ "ନଭରୋଜ୍" କୁହନ୍ତି । ଇରାନ କ୍ୟାଲେଣ୍ଡର ଅନୁସାରେ ଏହା ବସନ୍ତ ଋତୁର ପ୍ରଥମ ଦିନ ପାଳନ କରାହୋଇଥାଏ । ସାଧାରଣତଃ ଏହି ଉତ୍ସବକୁ ସେମାନେ ମାର୍ଚ୍ଚ ମାସ ୨୧ ତାରିଖ ପାଳନ୍ତି । ପ୍ରାୟତଃ ୩୦୦୦ ବର୍ଷ ଧରି

ଏହିପରି ଉତ୍ସବକୁ ସେମାନେ ପାଳନ କରୁଛନ୍ତି । ମା  ୨୧ ତାରିଖ ଦିନ ସେଣ୍ଟ୍ରାଲ ଏସିଆ, ନର୍ଥୱେଷ୍ଟ ଚୀନ୍, କ୍ରିମିଆ ଏବଂ ଭାରତୀୟ ଉପମହାଦ୍ୱୀପରେ ମଧ୍ୟ ଏହି ନୂଆବର୍ଷ ଉତ୍ସବ ପାଳିତ ହୋଇଥାଏ ।

ଭାରତର ବିଭିନ୍ନ ପ୍ରାନ୍ତରେ ନୂଆବର୍ଷକୁ ଅଲଗା ଅଲଗା ଦିନରେ ଏକ ଉତ୍ସବ ରୂପେ ପାଳନ କରାଯାଏ । ସେଥିମଧ୍ୟରୁ ବିକ୍ରମ ଶକ, ହିଜରୀ, ମାଳୟାଲମ, ବଙ୍ଗଳା, ବୌଦ୍ଧ, ଜୈନ, ଖାଲସା, ତାମିଲ, ତେଲଗୁ ବର୍ଷଗଣନା ମୁଖ୍ୟତଃ ପ୍ରଚଳିତ । ଏହି ବର୍ଷ ଗଣନା ଅନୁସାରେ ବିଭିନ୍ନ ପ୍ରକାର ନବବର୍ଷର ଉତ୍ସବ ପାଳନ କରାଯାଏ । ଆସାମ, ଓଡିଶା, କେରଳ, ପଶ୍ଚିମବଙ୍ଗ, ପଞ୍ଜାବ ଏବଂ ତାମିଲନାଡୁ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ କଲେ ନୂଆବର୍ଷ ପାଳନ କରିଥାନ୍ତି । ତାହା ୧୪ କମ୍ବା ୧୫ ଅପ୍ରିଲ ହୋଇଥାଏ । ଯାହା ଲିପ୍ ଇଅର ଉପରେ ନିର୍ଭର କରେ ।

ଭାରତରେ ସବୁଠୁ ଅଧିକ ପ୍ରଚଳିତ ବିକ୍ରମ ଓ ଶକ ବର୍ଷଗଣନା ହୋଇଥାଏ । ବିକ୍ରମ ବର୍ଷଗଣନା ଗୁପ୍ତ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏବଂ ଉଜ୍ଜୈନରେ ବିକ୍ରମାଦିତ୍ୟ ଶକମାନଙ୍କ ଉପରେ ବିଜୟ ହାସଲ କରି ଥିବାରୁ ଆରମ୍ଭ କରିଥିଲେ । ଏହି ବର୍ଷ ଗଣନା ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦଠାରୁ ଆରମ୍ଭ ହୋଇଥାଏ । ଏହିଦିନ ନବବର୍ଷ ଉପଲକ୍ଷେ ଉତ୍ତର ଓ ମଧ୍ୟ ଭାରତରେ ବଡ ଧରଣର ଉତ୍ସବ ପାଳିତ ହୁଏ । ମହାରାଷ୍ଟ୍ରରେ ଏହାକୁ "ଗୁଡି ପଡବା" ତଥା ଆନ୍ଧ୍ର ପ୍ରଦେଶ ଓ କର୍ଣ୍ଣାଟକରେ "ଉଗାଡି" ରୂପେ ୨୪  ୨୫ ମାର୍ଚ୍ଚରେ ପାଳନ କରାଯାଏ ।

ଭାରତ ସ୍ୱାଧୀନତା ହେବାପରେ ଶକ ବର୍ଷ ଗଣନାକୁ ରାଷ୍ଟ୍ରୀୟ ଗଣନା ରୂପେ ମାନ୍ୟତା ଦିଆହୋଇଛି । ଏହି ରାଷ୍ଟ୍ରୀୟ ବର୍ଷଗଣନାର ନବବର୍ଷ ମାର୍ଚ୍ଚ ୨୨ ତାରିଖ ରଖାହୋଇଛି । ଲିପ ଇଅର ମାନେ ୪ ବର୍ଷ ପରେ ଏହା ମାର୍ଚ୍ଚ ୨୧ ତାରିଖରେ ପାଳନ କରାହୁଏ । ଭାରତୀୟ ପରମ୍ପରାର ପର୍ବ-ପର୍ବାଣୀ ଗୁଡିକ ମଧ୍ୟ ଏହି କ୍ୟାଲେଣ୍ଡର ଅନୁସାରେ ରାଷ୍ଟ୍ରୀୟ ଛୁଟି ଘୋଷଣା କରାଯାଏ ।

ଯୋଗ ଫର ଲାଇଫ, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# କହିଲେ ଶୁଣୁଛି କଏ?



ଅବିନାଶ ବେହେରା

ଅଜବ ଲାଗୁଛି ଆଜି ସବୁ
କହିଲେ ଶୁଣୁଛି କଏ ?
ବାପା କହିଲେ,
ପୁଅ ନ ଶୁଣିଲା ପରି ହେଉଛି,
ମାଆ କହିଲେ,
ଝିଅ ମୁହଁ ମୋଡି ଦେଉଛି,
ଆଉ ସ୍ୱାମୀ କହିଲେ,
ସ୍ତ୍ରୀ ସବୁ ଶୁଣି ଅବୁଝା ହେଉଛି ।
ଅଜବ ଲାଗୁଛି ଆଜି ସବୁ
କହିଲେ ଶୁଣୁଛି କଏ ?
ଶିକ୍ଷକ କହିଲେ,
ପିଲା ଶୁଣି ହଁ ମାରୁଛି,
ପୁଣି କହୁଛି ସେ ମୋତେ କହୁଛି,
ଅଫିସର କହିଲେ,
ଅଜ୍ଞା ବୋଲି ତଳ କର୍ମଚାରୀ କହୁଛି,
ପାଖରୁ ହଟିଲେ ଅଖାଡୁଆ ଶୋଧୁଛି,
ଯାହା ଦେଖାଯାଉଛି,
ଯାହାର ଯା ପାସେ ସ୍ୱାର୍ଥ ରହିଛି
ତା କଥା ସେ ଶୁଣୁଛି,
ଆଉ ଯେଉଁଠି ପର ଚର୍ଚ୍ଚା ହେଉଛି,
ସେଠାରେ ନ ଶୁଣିବା ଲୋକ ଶୁଣୁଛି,
ଅଜବ ଲାଗୁଛି ଆଜି ସବୁ,
କହିଲେ କାହିଁକି କଏ ଶୁଣୁଛି ।

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ,
ମୟୂରଭଞ୍ଜ

# ବୁଝିବ କଏ ସେ କାହିଁ



ଅଜୟ କୁମାର ବେହେର୍

ତାର୍ ଭର୍ ଆକାଶକୁ
ମାଗିଲି ମୁଠାଏ ହସ
ଜ୍ୟୋସ୍ନାଭର୍ ଆକାଶଠୁ
ମୁଁ ଯେ ହୋଇଲି ନର୍ସ ।୧।

ଭାଗ୍ୟେ ମୋର କେତେ ଦୁଃଖ
ବୁଝିବ କଏ ସେ କାହିଁ
ବଞ୍ଚିଛି ଦୁଃଖରେ ମୁହିଁ
ଆଖ୍ ଲୁହ ପିଇ ପିଇ ।୨।

ଭଲ କର୍ମ କଲେ ଏଠି
ମିଳେ ନାହିଁ ତାର ଫଳ
ଅପକର୍ମ କଲେ ଭାଇ
ଜୀବନ ହୁଏ ସଫଳ ।୩।

କୁଟ, କପଟୀ ଯେତେ ତ
ସମାଜର ବଡ଼ ଲୋ୍କ
ଗରୀବ ଜନତାଙ୍କର
ବୁଝେ କଏ କାହିଁ ଦୁଃଖ ।୪।

ଦୁଃଖରେ ରହୁଛି ଯିଏ
ଲୁହ ପିଇ ଦିନ ଯାଏ
ସମାଜରେ ତାକୁ ପର୍‌
କୁ ନଜରେ ଦେଖା ଯାଏ।୫।

ଗରୀବର ସ୍ତ୍ରୀ ଯିଏ ତ
ସିଏ ପର୍‌ ସବୁରି ଶାଳୀ
ବିନା କାରଣେ ସିଏ ଯେ
ବିପଦେ ପଡ଼ନ୍ତି ବଳ।୬।

ଇଏ କ ସଂସ୍କାର ଏଠି
ଭଲମନ୍ଦ କଛି ନାହିଁ
ଧନୀ ଯିଏ ସିଏ ପର୍‌
ଇନ୍ଦ୍ର ଚନ୍ଦ୍ର ମାନେ ନାହିଁ।୭।

ଥାଇ ଶହେ ପାପ ତାର
ସିଏ ହୁଏ ଶ୍ରେଷ୍ଠ ନର
ବିଚର୍‌ ଦରୀହ ଏଠି
ଦୋଷେ ହୁଏ ବାର ଦ୍ୱାର।୮।

ବାଃ ବାଃ ରେ ଏ ସମାଜ
ଏଠି ଯେ ନ୍ୟାୟ ଅନ୍ୟାନ୍ୟ
ସବୁ ତ ପୁର୍‌ ସମାନ
କେ ବୁଝିବ କାହା ମନ।୯।

ମୋରଡ଼ା, ମୟୂରଭଞ୍ଜ

# ନୂଆ ଠିକଣା



ନବକଶୋର ଦୀପ

ଦେଖିଛ କି ମୋର ଝିଅକୁ ?
ଆଜି ଖାଇ ସାରି
ସ୍କୁଲ ଯାଇଥିଲା
ଏଯାଏଁ ଫେରିନି,
ଭୁଲିଗଲା କି ସେ ବାଟକୁ ?

ଖୋଜିଛ କି ଯାଇ ?
ଅନ୍ଧାର ଗଳିରେ..
କ୍ୱାଟର୍ସ ଭିତରେ
ରାସ୍ତାକଡ଼ର ନିର୍ଜନ ସ୍ଥାନରେ
ପରିତ୍ୟକ୍ତ କୋଠା ଚଟାଣ ଉପରେ,
ଘଞ୍ଚ ଜଙ୍ଗଲର ପଥର କୋରଡ଼େ,
ମଠ ମନ୍ଦିରର ନିବୁଜ କକ୍ଷରେ
ଆଜି କାଲି ତା'ର
ନୂଆ ଠିକଣାରେ ...

ଦେଖିଛ କି ମୋର ଝିଅକୁ ?
ଆଜି ଖାଇପିଇ ସିଏ
ଅଫିସକୁ ଗଲା
ରାତି ଏତେ ହେଲା
ଘର ନଫେରିଲା
ଗଲା କି ସେ ଭୁଲି ବାଟକୁ ?

ଖୋଜିଛ କ ଯାଇ ?
ପାଉଁଶ ଗଦାରେ
ପେଟ୍ରୋଲ ନଆଁର
ଉତ୍ତୁଙ୍ଗ ଶିଖାରେ..
କାର ବସ ଟ୍ରକ
ବନ୍ଦ ଡ଼ାଲାରେ
ଗେଷ୍ଟ ହାଉସର ରଙ୍ଗଶାଳାରେ
ରକ୍ତ ଜୁଡୁବୁଡୁ ବେଡ଼ସିଟ୍ ଉପରେ
ଆଜିକାଲି ତା'ର
ନୂଆ ଠିକଣାରେ ...

ଦେଖିଛ କ ମୋର ଝିଅକୁ ?
ଧାର କରଜ କରି
ଦୁଇ ମାସ ତଳେ ବାହା ଦେଇଥିଲି
ଏଯାଏଁ ଆସିନ ବୁଲି ,
ଗଲା କ ସେ ବାଟ ଭୁଲି ?

ଖୋଜିଛ କ ଯାଇ ?
ରୋଷେଇ ଘରର ଗ୍ୟାସ ଗନ୍ଧରେ
ବେଡ୍ ରୁମର ପଙ୍ଖା ଦେହରେ
ମଧ୍ୟପ୍ରଦେଶର ଦଲାଲ ପାଖରେ,
ଗଣିକାର କେଉଁ ବଦନାମ୍ ଗଳିରେ,
ଗାଁ ମୁଣ୍ଡ କୁଅ
ଗଭୀର ଜଳରେ
ଆଜିକାଲି ତା'ର
ନୂଆ ଠିକଣାରେ, ଆଜିକାଲି ତା'ର
ନୂଆ ଠିକଣାରେ ...

ବୌଦ୍ଧ

# ବନ ନିବାସକୁ ଶ୍ରୀ ଅରବିନ୍ଦଙ୍କ ଆଗମନ

ପ୍ରିୟବ୍ରତ ପାଣ୍ଡ

"Ben Nevis" କୁ ସେଦିନ ଜଣେ ବିଶିଷ୍ଟ ବ୍ୟକ୍ତି ନିମନ୍ତ୍ରିତ ହୋଇ ଆସୁଥିଲେ । ଶ୍ରୀ ଅରବିନ୍ଦ ଘୋଷ ତାଙ୍କ ପତ୍ନୀ ମୃଣାଳିନୀ ଓ ଭଗିନୀ ସରୋଜିନୀଙ୍କୁ ସାଥିରେ ନେଇ ବରୋଦାର ମହାରାଜା ଗାଏକୱାଡ ଚାଲିଥିଲେ Ben Nevis ଦିଗେ । ତାହା ଥିଲା ନେପାଳ ନରେଶଙ୍କ ନୈନୀତାଲ ସ୍ଥିତ ଗ୍ରୀଷ୍ମ କାଳୀନ ବିଶ୍ରାମ ନିବାସ । ଏ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ନେପାଳ ନରେଶଙ୍କ ନିମନ୍ତ୍ରଣ ରହିଥିଲା । ନୈନୀତାଲ ସହରଠୁ ପାଖାପାଖି ଆହୁରି ହଜାରେ ଫୁଟ ଉଚ୍ଚରେ ଏକ ଅଦଭୁତ ନୀରବ ବାତାବରଣ ଭିତରେ ଏହି ଗ୍ରୀଷ୍ମ ନିବାସ "Ben Nevis" ର ଭାଗ୍ୟରେ ସେଦିନ ଏକ ମହତ୍ତମ ଘଟଣା ଘଟିବାକୁ ଯାଉଥିଲା । ମୁଖ୍ୟ ରାସ୍ତାଠୁ ପାଦରେ ବା ଘୋଡାରେ ବସି ନିମନ୍ତ୍ରିତ ମାନଙ୍କ ରାସ୍ତା ଅତିକ୍ରାନ୍ତ ପରେ, ନେପାଳ ରାଜ ପରିବାର ଏ ସମସ୍ତଙ୍କୁ ସହାସ୍ୟ ବଦନରେ ପାଛୋଟି ନେଲେ । ବିଲାତ ଫେରନ୍ତା ଶ୍ରୀ ଅରବିନ୍ଦ ସେ ସମୟରେ ଭାରତରେ କତିପୟ ମହାବିଦ୍ୱାନଙ୍କ ମଧ୍ୟରେ ଜଣେ ଥିଲେ ଏବଂ ଭାରତ ବର୍ଷର ଭାଗ୍ୟ ଏହି ମହାନ ଯୁବକଙ୍କ ପଦାଙ୍କ ଅନୁସରଣ କରିବ ବୋଲି ମହାରାଜା ଗାଏକୱାର୍ଡ ନିଜ ସ୍ଥୂଳମନରେ ଦୃଢ ନିଶ୍ଚିତ ଥିଲେ । "Ben Nevis" ହେଉଛି ଇଂଲଣ୍ଡର ସବୁଠୁ ଉଚ୍ଚତ୍ତମ ପର୍ବତ ଶୃଙ୍ଗର ନାମ । ଯଦିଓ ନୈନୀତାଲ ତା ଠାରୁ ଅଧିକ ଉଚ୍ଚରେ ଅବସ୍ଥିତ, ସେକାଳରେ ଇଂରେଜମାନଙ୍କୁ ବିଶ୍ୱନିୟନ୍ତା ବୋଲି ଧରି ନେଇଥିବା ନେପାଳର ରାଜା ଅଭ୍ୟାସଗତ ଅନୁକରଣ କ୍ରମେ ନିଜ ଗ୍ରୀଷ୍ମ ନିବାସକୁ ଏହି ନାମଟି ଦେଇଥିଲେ । ଶ୍ରୀ ଅରବିନ୍ଦ ୧୯୦୧ ମସିହା ମେ ମାସର ଶେଷ ସପ୍ତାହରେ ନିଜ ନବବିବାହୀତ ପତ୍ନୀ ଓ ଭଉଣୀଙ୍କୁ ନେଇ ବରୋଦା ରାଜାଙ୍କ ବନ୍ଦୋବସ୍ତ କ୍ରମେ ନୈନୀତାଲର ବୁକ୍ ହିଲ୍ ନିବାସକୁ ଆସିଯାଇଥିଲେ । ନୈନାପିକ୍ ବା ଚାଇନାପିକ୍ କୁ ଯିବା ରାସ୍ତାରେ ଏକ ନିକାଞ୍ଚନ ଜାଗାରେ ଏହି ବୁକହିଲ୍ ନିବାସଟି ଅବସ୍ଥିତ । ସେଦିନ ନେପାଳ ନରେଶଙ୍କ ସଂନ୍ଧ୍ୟାକାଳୀନ ଅତିଥି-ଆପ୍ୟାୟନ କକ୍ଷଟି ସହସ୍ର ମହମବତୀ ଓ ପ୍ରତିବିମ୍ବ ସୃଷ୍ଟିକାରୀ ଝୁମରରେ ଝଲସି ଉଠୁଥିଲା । ରାଣୀ

ଭୋଜନ ସମୟରେ ରାଜକୀୟ ଟେବୁଲ୍ ଚାରିପାଖେ ଶ୍ରୀ ଅରବିନ୍ଦଙ୍କୁ କେନ୍ଦ୍ରକରି କ କଥାବାର୍ତ୍ତା ହୋଇଥିଲା କେଜାଣି – ତାର କୌଣସି ଲିଖିତ ବିବରଣୀ ନାହିଁ । କିନ୍ତୁ ତାର ଶହେବର୍ଷ ପରେ ସେଇ କକ୍ଷଟିକୁ ପୁନଶ୍ଚ ଶ୍ରୀ ଅରବିନ୍ଦଙ୍କ ଦେହାବଶେଷର ଆଗମନ ଘଟିଥିଲା । ସମୟର ଅବଲୀଳାକ୍ରମେ "Ben Nevis" ନାମଟି ବନ ନିବାସ ରେ ପରିଣତ ହେଲା ଏବଂ ପ୍ରଥମ ତାଲାର ସେହି ଅତିଥି-ଆପାୟନ କକ୍ଷଟି ଆଜି ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାବଶେଷ କକ୍ଷ ବା "RELICS CENTRE" ରେ ପରିଣତ ହୋଇଛି । ଏହି କକ୍ଷଟିର କେନ୍ଦ୍ରରେ, ସୁନ୍ଦର ଗୋଲାପି ରଙ୍ଗର ମାର୍ବଲ ସମାଧିଭିତରେ ସୁନାଫରୁଆ ଓ ତା ଭିତରେ ଶ୍ରୀ ଅରବିନ୍ଦଙ୍କ ନଖ ବା ବାଳର କିଛି ଅଂଶ ଯତ୍ନର ସହିତ ସଂରକ୍ଷିତ ରହିଛି । ଦର୍ଶନାର୍ଥୀମାନେ ଧ୍ୟାନସ୍ଥ ହୋଇ ସେଠାରେ ବସନ୍ତି । ଶ୍ରୀ ଅରବିନ୍ଦଙ୍କ ବନନିବାସକୁ ଆଗମନ ବିଷୟରେ କୌଣସି ଲିଖିତ ପ୍ରମାଣ ନାହିଁ, ଯାହା ଅଛି କେବଳ ଜନଶ୍ରୁତି ଓ ସମ୍ଭାବ୍ୟ କଳ୍ପନା । ଏହି ଆଗମନକୁ ବହୁଲୋକ ଭୁଲି ଯାଇଥିଲେ, ଏପରିକି ଶ୍ରୀ ଅରବିନ୍ଦ ତାଙ୍କ ଜୀବିତାବସ୍ଥାରେ ଏ ବିଷୟରେ କେବେ ସ୍ମୃତି ଚାରଣ କରିନଥିଲେ ।

ନୈନୀତାଲର ଚନ୍ଦ୍ରଲାଲ ଶାହାଙ୍କୁ ତାଙ୍କ ବାପାଙ୍କ ସାଙ୍ଗ ତୁଳାରାମ ଶାହା ଦିନେ କହିଲେ ଯେ ସେ ନିଜର ଆଖିରେ ଶ୍ରୀ ଅରବିନ୍ଦଙ୍କୁ ବୁକହିଲ୍ ନିବାସରେ ଦେଖିଥିଲେ । ତା ପରଠୁ ଅନେକ ଅନୁସନ୍ଧାନ କରାଯାଇଥିଲା ଏବଂ ଜଣାପଡିଥିଲା ଯେ, ଶ୍ରୀ ଅରବିନ୍ଦ ନୈନୀତାଲ ଅବସ୍ଥାନ କାଳରେ ବାଙ୍କେଲାଲ ଚୌଧୁରୀଜୀଙ୍କ ଷ୍ଟୁଡିଓରେ ଏବଂ ଇଣ୍ଡିଆ କ୍ଲବ୍ ରେ ଜନସମାଗମକୁ ଭାଷଣ ଦେଇଥିଲେ । ଦିଲ୍ଲୀର ଶିଳ୍ପପତି ଓ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥ ଜୋହର୍ ଦିଲ୍ଲୀ ଆଶ୍ରମ ତରଫରୁ ପୁରୁଣା ରାଜ ଉଆସ "Ben Nevis" କୁ କ୍ରୟ କରିନେଲେ । ନେପାଳର ରାଣା ମୋହନ୍ ସାମସେର୍ ଜଙ୍ଗ ବାହାଦୁର ଙ୍କ ଠାରୁ ଏହି ଉଆସ କ୍ରୟ କରିବା ଦିଗରେ ଚଂଦ୍ରଲାଲ ଶାହାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୭୧ ମସିହାରେ ସୁରେନ୍ଦ୍ରନାଥଙ୍କ ସୁକନ୍ୟା ତାରାଦିଦି ବୁକହିଲ୍ ର ଏକ ଫଟୋ ନେଇ ପଣ୍ଡିଚେରୀ ଆଶ୍ରମରେ ଶ୍ରୀମାଙ୍କୁ ପଚାରିଥିଲେ ଯେ, ସତରେ ସେଠାରେ ଶ୍ରୀ ଅରବିନ୍ଦ ଅବସ୍ଥାନ କରିଥିଲେ କି?

ଶ୍ରୀମା ଫଟୋଟିକୁ ଚାହିଁ ଧ୍ୟାନସ୍ଥ ହୋଇଥିଲେ ଏବଂ ଟେରାସ୍ କୁ ଚାଲିଯାଇଥିଲେ । ସେଠାରୁ ଫେରିଆସି କହିଲେ – ଏଇଟି ସେଇ ଘର ଯେଉଁଠି ଶ୍ରୀ ଅରବିନ୍ଦ ରହିଥିଲେ ।

ବର୍ତ୍ତମାନର ବନନବାସର ମୁଖ୍ୟ ବିନ୍ଧାଣି ଥିଲେ ସୁରେନ୍ଦ୍ରନାଥ ଜୋହର, ଯିଏକ ପ୍ରକୃତ ପକ୍ଷେ ଜଣେ କର୍ମଯୋଗୀ ଥିଲେ । ପିଲାବେଳୁ ପୃଥିବୀର ଅନ୍ୟାନ୍ୟ ଦେଶ ବୁଲିବାର ଅଭିଳାଷ ଥିଲା । ଗୋଟିଏ ଆମ୍ବ ବୋଝେଇ ଜାହାଜରେ ସେ ଆମେରିକା ଚାଲିଯାଇଥିଲେ ଏବଂ ଢେର ବୁଲିଥିଲେ । ତା ପରେ ସେହି ଦୁଃସାହସୀ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଏବଂ ଦିଲ୍ଲୀର ମେହେରୁଲି ରୋଡ୍ ସ୍ଥିତ କେତେ ଶହ ଏକର ଜାଗାରେ ଶ୍ରୀ ଅରବିନ୍ଦ ଆଶ୍ରମ ଗଢିଥିଲେ । ତାଙ୍କୁ ଲୋକେ ଚାଚାଜୀ ବା ଫକୀର ବୋଲି ସମ୍ବୋଧନ କରୁଥିଲେ । ସେ କୁଟୀରଟିଏ ନିର୍ମାଣ କରି ସେଥିରେ ଖୁବ୍ ନିରାଡମ୍ବର ଜୀବନ ଯାପନ କରୁଥିଲେ । ବନନବାସ ର ପୁନର୍ଗଠନ ଜୀବନର ଶେଷ ଦୁଃସାହସ ଥିଲା । ଅଶୀତପର ଚାଚାଜୀ ବଜ୍ର ଶପଥ ନେଲେ ଯେ ବନନବାସକୁ ଶ୍ରୀ ଅରବିନ୍ଦଙ୍କ ଦେହାବଶେଷ ନିଷ୍ଟୟ ଆସିବ, ନବ ଆଲୋକର ଧାରା ପ୍ରବାହିତ ହେବ । ବୟସାଧିକ୍ୟ ଯୋଗୁଁ କୌଣସି ଶାରୀରିକ ଅସୁସ୍ଥତା ତାଙ୍କୁ ରୋକି ପାରିନଥିଲା । ୭୪୦୦ ଫୁଟ ଉପରେ ଥିବା ବହୁ ପ୍ରାଚୀନ ନେପାଳୀ ରାଜ ଉଆସକୁ ପୁନର୍ଗଠନ କରିବା ଏକ ଭୟଙ୍କର ଦୁଷ୍କର କାର୍ଯ୍ୟ ଥିଲା । ସେଠାକୁ ଯିବାପାଇଁ ମୁଖ୍ୟରାସ୍ତାରୁ କୌଣସି ମଟର ରାସ୍ତା ନଥିଲା । ଘୋଡା ବା ଖଚର ପିଠିରେ ଇଟାପଥର ବୁହା ଚାଲିଲା ଏବଂ ଇଞ୍ଚ ଇଞ୍ଚ କରି ପାର୍ବତ୍ୟରାସ୍ତା ତିଆରି ଚାଲିଲା । ସେଠାକୁ ରାସ୍ତା ନିର୍ମାଣ ଓ ଘରନିର୍ମାଣରେ ଅନେକ ଆଇନଗତ ସମସ୍ୟା ଥିଲା, ଯୋଜନା ଭଣ୍ଡୁର କରିବା ପାଇଁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଷଡଯନ୍ତ୍ର ଚାଲିଥିଲା । କିନ୍ତୁ ଏସବୁ ପ୍ରତିବନ୍ଧ ଚାଚାଜୀଙ୍କୁ ଆହୁରି ଦୃଢ କରି ତୋଳୁଥିଲା । ଅନବରତ ବର୍ଷା ଓ ଘନ କୁହୁଡି ସାଙ୍ଗକୁ ବରଫପାତ ଓ ହାଡଭଙ୍ଗା ଶୀତ ସବୁକିଛି ଚାଚାଜୀଙ୍କ ମନୋବଳକୁ ପରୀକ୍ଷା କରି ପରାଜିତ ହୋଇଥିଲେ ଏବଂ ପରିଶେଷରେ ବାଟ ଛାଡି ଦେଇଥିଲେ । ଚାଚାଜୀ ଦୂର ଭବିଷ୍ୟତ ଉପରେ ଆଖି ରଖି ହିମାଳୟ ଆକୃତିର ବୃହତ୍ତର ଦାୟିତ୍ୱକୁ ବିନା ପୂର୍ବାନୁମାନ, ବିନା କୁଶଳୀ ପରାମର୍ଶଦାତାଙ୍କ ତତ୍ତ୍ୱାବଧାନରେ ଆଗେଇ ନେଇଥିଲେ । ଏଣେ ଯେତେବେଳେ ଦିଲ୍ଲୀ ଆଶ୍ରମ ପରିଚାଳନା

ବୋର୍ଡର ବୈଠକ ବସୁଥିଲା, ଏକ ତୀବ୍ର ହତାଶାବୋଧରେ ଶୁଭକାଙ୍କ୍ଷୀ ମାନେ ବନନିବାସର ପୁନର୍ଗଠନକୁ ଅନାବଶ୍ୟକ ବୋଲି କହୁଥିଲେ । ପୁରୁଣା ଘରକୁ ପୁନର୍ଗଠନ କରିବା ଅପେକ୍ଷା, ତାଠୁ ଢେର ଶସ୍ତାରେ ସୁନ୍ଦର ଭଆସକୁ କିଣିବା ପାଇଁ ପ୍ରସ୍ତାବ ମଧ୍ୟ ଆସୁଥିଲା । ଆଶ୍ରମ ଖର୍ଚ୍ଚରେ ହଜାରେ ଫୁଟ ଉପରକୁ ପକ୍କା ରାସ୍ତା ନିର୍ମାଣ କରିବା କଳ୍ପନାତୀତ ଭାବେ ବ୍ୟୟବହୁଳ ଥିଲା । ତା ସତ୍ତ୍ୱେ ଦୁର୍ବଳ ଗୁରୁଜୀ କେବଳ ଗୋଟିଏ କଥା କହୁଥିଲେ – ଅନ୍ୟ କୌଣସି ନଅର ବନନିବାସ ସହ ତୁଳନୀୟ ନୁହେଁ, କାରଣ ଅନ୍ୟ ସବୁଠାରେ ଶ୍ରୀ ଅରବିନ୍ଦଙ୍କ ପାଦ ପଡି ନଥିଲା । ଦିବ୍ୟ କର୍ମ ପାଇଁ ଦିବ୍ୟ ପ୍ରକୋଷ୍ଠ ନିର୍ମିତ ହେବ ଏହା ଯେମିତି ନିୟତି ନିର୍ଦ୍ଧାରିତ ଥିଲା ଏବଂ ଗୁରୁଜୀ ଏକ ଅଭିପ୍ରେରିତ କର୍ମୀ ଥିଲେ । ସମସ୍ତେ କହୁଥିଲେ ଜୀବନର ଅପରାହ୍ନରେ ଗୁରୁଜୀଙ୍କ କ୍ଲାନ୍ତ ଶରୀରକୁ ତାଙ୍କ ପରିଶ୍ରମ ବଳିଯାଉଛି । କିନ୍ତୁ ଅସଲ କଥା ହେଲା ଏହି ଦୁର୍ବାର ଅଭିଳାଷ ହିଁ ତାଙ୍କ ଜୀବନୀ ଶକ୍ତିରେ ଦୀପ୍ତିମନ୍ତ କରୁଥିଲା । ତାଙ୍କରି ସୁକନ୍ୟା ତାରାଦିଦି ନିଜର ଅଭିନବ ଯୋଜନାରେ ଏଠାରେ ସଂଖ୍ୟାରେ ଶିବିରାର୍ଥୀମାନେ ଆସି ଏଠାରେ ରୁଣ୍ଡ ହେଲେ । ଏଣେ ବନନିବାସର ପୁନର୍ଗଠନ ଚାଲୁ ରହୁଥିଲା ।

ବିଭିନ୍ନ ଇଲାକାରୁ ଚିତ୍ରଶିଳ୍ପୀ, ନର୍ତ୍ତକ, ନୃତ୍ୟାଙ୍ଗନା, ବଂଶୀବାଦକ ଓ ଗାୟକମାନେ ଆସିଥିଲେ, ନିଜନିଜର ଅପୂର୍ବ ମୂର୍ଚ୍ଛନାରେ ବନନିବାସକୁ ଝଙ୍କାରିତ କଲେ । ବର୍ଷା ଶବ୍ଦ, ଘଡଘଡି ଶବ୍ଦ, ସାଇଁସାଇଁ ପବନ ତରଙ୍ଗ, ତରୁଲତାର ଦୋଳାୟ ଶବ୍ଦ ତଥା ଜଙ୍ଗଲୀ ପକ୍ଷୀ, ମଧୁମକ୍ଷୀ ଓ ଝିଙ୍କାରୀଙ୍କ କେବେ ସରୁନଥିବା ସଙ୍ଗୀତରେ କେଉଁ ଅନାଦିକାଳରୁ ଜାଗାଟି ସଙ୍ଗୀତମୟ ଥିଲା । ତା ସାଙ୍ଗରେ ଯୁକ୍ତ ହେଲା ମାନବର ଉଚ୍ଚଚେତନାରୁ ନିଃସୃତ ସଙ୍ଗୀତ । ଭଙ୍ଗା ଗଡ଼ାରେ କିହାଣ ହାତୁଡିର ଅନବରତ ଶବ୍ଦ, ସଙ୍ଗୀତ ମୂର୍ଚ୍ଛନାଠୁ କିଛି କମ୍ ନଥିଲା । ସେପ୍ଟେମ୍ବରରୁ ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ବରଫପାତ ଯୋଗୁଁ ସେଠାରେ କୌଣସି ଦର୍ଶନାର୍ଥୀ, ଶିବିରାର୍ଥୀ ବା ଶ୍ରମିକଶିଳ୍ପୀ ରହୁନଥିଲେ । ନଳିନୀ ଢୋଲକିଆ ନାମକ ଅନୁଗୃହିତ ସାଧକ ଜଣେ ଆସି ସେହିସବୁ ଦିନରେ ସେଠାରେ ଏକୁଟିଆ ରହିବାକୁ ସମ୍ମତି ପ୍ରଦାନ କଲେ । ପରେ ପରେ କହିବାକୁ ଗଲେ ଏହି ଏକ ହିଁ ବ୍ୟକ୍ତି ସାରା ବନନିବାସର

ମାଳ, ରକ୍ଷକ ଓ ମାର୍ଗଦର୍ଶକ ହୋଇ ରହିଗଲେ । ପ୍ରଚଣ୍ଡ ଶୀତରେ ଗୁରିଆଡେ ଯେବେ ଜନମାନବ ଶୂନ୍ୟ ହୋଇଯାଏ, ଏପରିକି ପକ୍ଷୀକୁଳ ଓ କୀଟ ପତଙ୍ଗ ଦୂରକୁ ଗୁଲିଯାଆନ୍ତି, ସେତେବେଳେ ନଳୀନୀଦାଙ୍କ ଡୁବିତାବଲ୍, ବଂଶୀ ଓ ବିଣା ସ୍ୱର ପ୍ରକୃତିର ସଙ୍ଗୀତକୁ ପୁନଶ୍ଚ ଆଗେଇ ନଏ । ହିମାଳୟର ଗିରିକନ୍ଦରେ ହିଲ୍ଲୋଳ ସୃଷ୍ଟି ହୁଏ ଏବଂ ପ୍ରତିଧ୍ୱନି ସବୁ ମହାଶୂନ୍ୟରେ ମିଳେଇଯାଏ । ସେତେବେଳେ ମହାକାଳ ହିଁ ଏକମାତ୍ର ଶ୍ରୋତା ହୋଇ ରହିଯାଏ ।

୧୯୮୬ ମସିହାରେ ଶ୍ରୀମାଙ୍କ ସିଂହ ସାଧକ ଚମ୍ପକଲାଲ ଏହି ବନନିବାସକୁ ଆସିଥିଲେ ଏବଂ ଜୀର୍ଣ୍ଣଶୀର୍ଣ୍ଣ ଗୁଗୁଜୀଙ୍କୁ କହିଥିଲେ – ମୁଁ ଶ୍ରୀ ଅରବିନ୍ଦଙ୍କ ଦେହାବଶେଷକୁ ଯତ୍ନରେ ରଖିଛି, ନିଶ୍ଚିତରୂପେ ତାହା ଏଠାକୁ ଆସିବ । ଏହି ପ୍ରତିଶ୍ରୁତି ହିଁ ଗୁଗୁଜୀଙ୍କୁ ଦାୟିତ୍ୱ ଶେଷର ଅନୁଭବ ଆଣି ଦେଇଥିଲା । ତା ପର ବର୍ଷ ଗୁଗୁଜୀଙ୍କ ଦେହାନ୍ତ ଘଟିଥିଲା । ତାର ତିନିବର୍ଷ ପରେ ସ୍ୱୟଂସମ୍ପୂର୍ଣ୍ଣ ବନନିବାସକୁ ଦେହାବଶେଷ ଆସିଥିଲା । ତାଗ୍ ଦିଦି ପ୍ରଥମେ ତାକୁ ଗ୍ରହଣ କରିଥିଲେ ଏବଂ ନୈନୀତାଲର ସି.ଏସ୍.ଆର.ଟି. କଲେଜରେ ନାଗରିକ କମିଟି ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବା ପରେ ତାହା ବନନିବାସକୁ ଅଣାଯାଇଥିଲା । ସେଦିନ ସାଗ୍ ବିଶ୍ୱରୁ ଆସିଥିବା ଅନେକ ମାନ୍ୟଗଣ୍ୟ ଓ ଶ୍ରଦ୍ଧାଳୁଙ୍କ ଗହଣରେ ଦେହାବଶେଷକୁ ସମାଧିରେ ରଖାଯାଇଥିଲା । ଗୁଗୁଜୀ ସମ୍ଭବତଃ ଆକାଶର ତାଗ୍ ହି ଏହି ଅପୂର୍ବ ମୁହୂର୍ତ୍ତକୁ ଅବଲୋକନ କରିଥିବେ । ଏଥରର ଶ୍ରୀ ଅରବିନ୍ଦଙ୍କ ଆଗମନ ସୂକ୍ଷ୍ମ ସ୍ତରର ଥିଲା କିନ୍ତୁ ଅଧିକ ବ୍ୟାପକ ଓ ଗୁରୁତପୂର୍ଣ୍ଣ ଥିଲା ।

ଅଦଭୁତ ନୀରବତା ଗ୍ରଜ କରୁଥିବା ସମାଧି କକ୍ଷଟିରେ ପ୍ରବେଶ କଲା ମାତ୍ରେ ମନପ୍ରାଣର ଚଞ୍ଚଳତା ସ୍ୱତଃସ୍ଥିର ହୋଇଯାଏ । ବଡବଡ କାଚ ଝରକା ଦେଇ ଦୂରର ପାଇନ୍ ଜଙ୍ଗଲ, ଗିରିଶିଖର, ତା ଉପରେ ମେଘ, ବିଜୁଳି, ଖଗ୍ ଓ ହାଲୁକା ପବନର ଲୁଚକାଳି ଖେଳ ସବୁକିଛି ଦେଖାଯାଏ । କୋଠରୀଟିକୁ ଶବ୍ଦ ପ୍ରତିଧ୍ୱନିରୁ ମୁକ୍ତ ରଖିବା ପାଇଁ କାନ୍ଥସବୁରେ କାଠ କାମ, ତଳେ ଗଦି ଆଦିର ସାମ୍ଭାବ୍ୟ ବ୍ୟବସ୍ଥା । କାନ୍ଥ ଉପରେ ଶ୍ରୀଅରବିନ୍ଦ ଓ ପତ୍ନୀ ମୃଣାଳିନୀଙ୍କ ଯୁଗ୍ମ କଳାଧଳା ଫଟୋଟିଏ ରହିଛି । ପତିପତ୍ନୀଙ୍କ ଏହା ହେଉଛି ଏକମାତ୍ର

ଯୁଗ୍ମ ଫଟୋ ଯାହାକ ନୈନୀତାଲ ରହଣି ସମୟରେ ଉଠାଯାଇଥିଲା । ମୃଣାଳନୀ ଦେବୀଙ୍କ ଉପରେ ଭାରତ ଇତିହାସରେ କ୍ୱଚତ ଆଲୋଚନା କରାଯାଇଥାଏ । ଭାରତ ସ୍ୱାଧୀନତା ପାଇଁ ତ୍ୟାଗ, ସମର୍ପଣ ଓ ସ୍ୱାମୀଙ୍କୁ ସହଯୋଗିତାରେ କସ୍ତୁରବାଙ୍କ ଭଳ ଥିଲେ ମଧ ବଡ ଅଦଭୁତ ଭାବେ ସେହି ମହୀୟସୀଙ୍କ ବିଷୟ ଅଣଆଲୋଚତ ହୋଇ ରହିଯାଇଛି । ସେହି ମୁହଁଟିକୁ ଗୁହିଁଦେବା ମାନେ ତାଙ୍କ ବ୍ୟକ୍ତିଗତ ଓ ପାରିବାରିକ ଜୀବନର ଅନେକ କଥା ମନକୁ ଆସିଯାଏ ।

ଇଂଲଣ୍ଡରୁ ଫେରିବା ପରେ ଶ୍ରୀ ଅରବିନ୍ଦ କଲିକତାର ଏକ ଖବରକାଗଜରେ ବିଜ୍ଞାପନ ଦେଇଥିଲେ ଯେ, ସେ ହିନ୍ଦୁରୀତି ଅନୁସାରେ ଏକ ହିନ୍ଦୁ ପରିବାରର ଝିଅକୁ ବାହାହେବାକୁ ଗୁହାଁନ୍ତି । ତଦନୁସାରେ ଏକ ମଧ୍ୟବିତ୍ତ ପରିବାରର ବଙ୍ଗାଳ ଝିଅ ମୃଣାଳନୀ (୧୪ ବର୍ଷ) ସାଥିରେ ଜାତୀୟ କଂଗ୍ରେସର ଅପ୍ରତିଦ୍ୱନ୍ଦୀ ନେତା ଶ୍ରୀ ଅରବିନ୍ଦ (୨୯ ବର୍ଷ) ବିବାହ ହୋଇଗଲା । ଚରମପନ୍ଥୀ ଦଳର ନେତୃତ୍ୱ ନେତୃତ୍ୱ ନେଉଥିବା ଶ୍ରୀ ଅରବିନ୍ଦଙ୍କ ସହ ୧୮ ବର୍ଷର ବୈବାହିକ ଜୀବନ ସାଧାରଣ ସ୍ଥୂଳ ଦୃଷ୍ଟିରୁ ଆଦୌ ସୁଖକର ଓ ପୂର୍ଣ୍ଣାଙ୍ଗ ନଥିଲା । ବିବାହ ପରେ ମୃଣାଳନୀ ଦେବୀ ଅଧିକାଂଶ ସମୟ ବାପାଘରେ, କକାଘରେ ବା ମାମୁଁଘରେ ରହୁଥିଲେ । କଲିକତା, ଦେଉଘର ବା ସିଲଂରେ ସବୁ ସମୟ କଟିଯାଉଥିଲା । ଶିବଙ୍କୁ ଝୁରିଝୁରି ସତୀ ଯୁଗେଯୁଗେ ଏମିତି ହିଁ ଉପେକ୍ଷିତ ହୋଇଥାନ୍ତି । ଅନ୍ୟପଟେ ଶ୍ରୀ ଅରବିନ୍ଦ ବନ୍ଧୁକ ଧରି ସେନା ପରିଗ୍ଳନା କରୁଥିଲେ, ଆତ୍ମଗୋପନ କରୁଥିଲେ ବା ଜେଲ୍ ରେ ଜୀବନ କାଟୁଥିଲେ । ଭାରତ ସ୍ୱାଧୀନତାର ସେହି ସନ୍ଧିକ୍ଷଣ ମୂହୁର୍ତ୍ତରେ ସମଗ୍ର ଦେଶ ଯେବେ ଏକ ବାରୁଦଗଦା ଉପରେ ବସିଥିଲା, ସେତେବେଳେ ପାରିବାରିକ ସୁଖର ଭୂମିକା ନଥିଲା । ନୈନୀତାଲ ରହଣି ମୃଣାଳନୀଙ୍କ ପାଇଁ ସବୁଠୁ ସୁଖକର ଦାମ୍ପତ୍ୟ ଜୀବନ ଥିଲା । ପଣ୍ଡିଚେରୀରେ ଯୋଗୀ ଶ୍ରୀ ଅରବିନ୍ଦ ସିଦ୍ଧିଲାଭ କଲାପରେ ମୃଣାଳନୀଙ୍କୁ ଆଶ୍ରମ ଆସି ଜଣେ ସାଧିକା ଭାବେ ଯୋଗ ଜୀବନରେ ସହଯୋଗ କରିବାକୁ ନିମନ୍ତ୍ରଣ କଲେ । ମୃଣାଳନୀ ଅତ୍ୟନ୍ତ ଖୁସିହୋଇ ପଣ୍ଡିଚେରୀ ଆସିବାକୁ ପ୍ରସ୍ତୁତ ହେଲେ । କନ୍ତୁ ହଠାତ୍ ପ୍ରଚଣ୍ଡ ଜ୍ୱର ଆକ୍ରମଣରେ ପ୍ରସ୍ତୁତି ସବୁଦିନ ପାଇଁ ଅଟକ ଗଲା । ମୃଣାଳନୀଙ୍କ ମୃତ୍ୟୁ ଖବର ପାଇ ଶ୍ରୀ

ଅରବିନ୍ଦଙ୍କ ଆଖିରୁ ଜୀବନରେ ସମ୍ଭବତଃ ପ୍ରଥମ ଓ ଶେଷଥର ପାଇଁ ଦୁଇଟୋପା ଅଶ୍ରୁ ବୋହି ଯାଇଥିଲା ।

ବର୍ତ୍ତମାନର ବନନିବାସ ସମ୍ପୂର୍ଣ୍ଣରୂପେ ଦିଲ୍ଲୀସ୍ଥିତ ଅରବିନ୍ଦ ଆଶ୍ରମ ଦ୍ୱାରା ପରିଚାଳିତ । ପ୍ରତି ବର୍ଷ ଏଠାରେ ଯୁବଶିବିର, ଜାତୀୟ ସଂହତି ଶିବିର ତଥା ସ୍ୱାଧ୍ୟାୟ ଶିବିର ସବୁ ଅନୁଷ୍ଠିତ ହୋଇଥାଏ । ପ୍ରତିବର୍ଷ ସବୁ ବର୍ଗର ତିନି ଚାରିହଜାର ଶିବିରାର୍ଥୀ ଏଠାକୁ ଆସିଥାନ୍ତି ଓ ସୁନ୍ଦର ପ୍ରାକୃତିକ ପରିବେଶରେ ସୁନ୍ଦରତମ ଦିନସବୁ କଟେଇ ଥାନ୍ତି । ଜୀବନ ଗଠନ ତଥା ଆଧ୍ୟାତ୍ମିକ ଅଗ୍ରଗତି ପାଇଁ ଏହି ନିବାସଟି ଅତ୍ୟନ୍ତ ସହାୟକ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସୁକନ୍ୟା ଫେରିଲା

ନନ୍ଦିନୀ ରାଉତ

ମଙ୍ଗଳ କାରିଣୀ ଅଟେ ସ୍ରୋତସ୍ୱିନୀ
ସଭିଙ୍କ ମଙ୍ଗଳ କରେ,
ଅଭାଗୀ ଝିଅକୁ ଭସାଇଣ ନେଇ
ଲଗାଇଦେଲା କୂଳରେ ।୧।

ମହିୟସୀ ଜଣେ ମଙ୍ଗଳମୟୀ ଯେ
ପ୍ରାତଃ ଭ୍ରମଣରେ ଆସି,
ଶ୍ରମ ଦୂରେଇବା ପାଇଁ ନଦୀ ତୀରେ
କ୍ଲାନ୍ତି ଦୂର କରେ ବସି ।୨।

ଦେଖିଲେ ଝିଅଟି ଲାଗିରହିଅଛି
ଏକ ଆମ୍ର ତରୁ ମୂଳେ,
ଧାଇଁ ଯାଇ ନାଡ଼ି ଦେଖିଲେ ତାହାର
ନିଶ୍ୱାସ ଯାଉଛି ଧୀରେ ।୩।

ସାହାଯ୍ୟ ମାଗିଲେ ନିକଟ ଯେଥିଲେ
ସଭିଏଁ ଆସିଲେ ଧାଇଁ,
ଏବେବି ସମାଜୁ ସଭିଙ୍କ ହୃଦରୁ
ମାନବତା ମରିନାହିଁ ।୪।

ଚକସ୍ୱାଳୟକୁ ଘେନଗଲେ ତାକୁ
ସୁକନ୍ୟା ପାଇଲା ଚେତା,
ସବୁକଥା ସେ ତ ବୁଝାଇଣ ଦେଲା
ଶୁଣିଲେ ସେ ଦେବୀମାତା ।୫।

ଘରକୁ ଫେରିବା ପାଇଁ ବୁଝାଇଲେ
ସୁକନ୍ୟା କରିଲା ମନା,
ସାହିପଡ଼ିଶାର ଆଉ ସମାଜର
ସହିବ ନାହିଁ ଯାତନା ।୬।

ମମତାର ମୂର୍ତ୍ତୀ ନାରୀ ମହାଶକ୍ତି
ନାରୀ ଦୟାମୟୀପୁଣି,
କୋଳକୁ ତାହାକୁ ଆଉଜାଇ ନେଲେ
ଦୟାକରି ସେ ସେକ୍ଷଣି ।୭।

ସହଜେ ତାଙ୍କର ନଥିଲା ସନ୍ତାନ
ଥିଲେ ଏକା ରହି ସେହି,
ସମାଜ ସେବାକୁ ଜୀବନର ବ୍ରତ
ରହିଥିଲେ ପ୍ରଭୁ ଧାୟୀ ।୮।

ସୁକନ୍ୟାକୁ କନ୍ୟା କରିଣ ରଖିଲେ
ଉତ୍ତମ ଶିକ୍ଷାକୁ ଦେଲେ,
ପାଖ ବିଦ୍ୟାଳୟେ ନେଇଣ ତାହାର
ନାମକୁ ଯେ ଲେଖାଇଲେ ।୯।

ଉତ୍ସାହ ଭରିଲେ      ମନରେ ତାହାର
ହୃଦରେ ସାହସ ଭରି,
ସମାଜର ସ୍ରୋତ      ଆଗେଇ ଯାଉଛି
କଏ ବା ତାହାକୁ ପାରି ।୧୦।

ମେଧାବୀ ଛାତ୍ରୀଟି   ହୋଇଣ ସୁକନ୍ୟା
ସବୁଥିରେ ନାଆଁ କଲା,
ମାଆଙ୍କର ମୁହଁ        ନଜର କଷଣ
ସବୁ ତା'ର ମନେ ଥିଲା ।୧୧।

ବିଭିନ୍ନ ପରୀକ୍ଷା    ନିରୀକ୍ଷା ସେ ଦେଇ
ପୋଲିସ ଚାକରୀ କଲା,
ଦୟାମୟୀ ମାତା   ଆଗେଇଣ ନେଲେ
ସେତ ଜଗଜ୍ଜିତା ହେଲା ।୧୨।

ଗଡ଼ିଗଲା ଦିନ      ଗଡ଼ିଗଲା ମାସ
ଗଡ଼ି ଯାଇଥିଲା ବର୍ଷ,
ପୂରୁବ କଥାକୁ     ଭାବିଲା ସୁକନ୍ୟା
ମନ ଯେ ହେଲା ବିମର୍ଷ ।୧୩।

ନ୍ୟାୟ ପାଇଁ ତା'ର    ମନ ଛଟପଟ
ହୋଇଣ ଉଠିଲା ଭାରି,
ସେହି ଅଞ୍ଚଳକୁ     ଗଲା ପୁଣି ସିଏ
ନଜର ବଦଳ କରି ।୧୪।

ଖୋଜିଲା ବନସ୍ତେ ଖୋଜେ ଜନପଦେ
ଖୋଜିଲା ସହର ସାରା,
ସେହି ରାକ୍ଷସଙ୍କୁ ଧରିଲା ସେ ଦିନେ
ଲଗାଇ ତା'ର ପହରା ।୧୫।

ବିଗ୍ଭର ବିମର୍ଷ ସବୁ ହେଲା ଶେଷ
ଦୋଷୀଏ ପାଇଲେ କାରା,
ହସିଲା ସୁକନ୍ୟା ନ୍ୟାୟ ପାଇ ଆଜି
ଧନ୍ୟ ତା'ଜୀବନ ପରା ।୧୬।

ସେଯାଏ ମାଆ ତା' ଗୃହିଁ ରହିଥିଲା
ପାଗଳନୀ ପ୍ରାୟ ହୋଇ,
ସୁକନ୍ୟାକୁ ପାଇ ଅମୂଲ୍ୟ ରତନ
ସତେ ଅବା ଗଲା ପାଇ ।୧୭।

ଯେଉଁ ପଡ଼ିଶାଏ ଘୃଣା କରୁଥିଲେ
ନିକଟେ ଆସିଲେ ଧାଇଁ,
ବଡ଼ ଅଫିସର ହୋଇଛି ସୁକନ୍ୟା
ଦୋଷ ଅବା ଗଲାଧୋଇ ।୧୮।

କ୍ଷମା ଭିକ୍ଷା କରି ଶରଣ ପଶିଲେ
ସୁକନ୍ୟା କରିଲା କ୍ଷମା,
ମାନବ ଜୀବନ ନୁହଁଇରେ ଭାଇ
ମରୁ ମରୀଚକା ଜମା ।୧୯।

ସାହାସ ଧରିଣ ଲକ୍ଷ୍ୟ ସ୍ଥିର କରି
ସୁକନ୍ୟା ଆସିଲା ଫେରି,
ଦୋଷୀଙ୍କୁ ସେ ଦଣ୍ଡ ଦେଇଣ ଆନନ୍ଦ
ସତେ କ ସରଗପରି ।୨୦।

ପଲ୍ଲୀ ଗାଁଆ ଟିରେ ହସ ଭରିଦେଲା
ସଭିଙ୍କୁ ବିଶ୍ୱାସ ଦେଲା,
ଗାଁ ର ଉନ୍ନତି ପାଇଁ ସେ ଜୀବନ
ଯାକ ତା'ର ଖଟାଇଲା ।୨୧।

ଧନ୍ୟ ଧନ୍ୟ ତାକୁ କରିଲେ ସଭିଏଁ
ସୁକନ୍ୟା ଯେ ସୁନାଝିଅ,
ସଭିଙ୍କ ମୁହଁରେ ହସ ଫୁଟାଇଲା
ନଥିଲା କାହାର କୋହ ।୨୨।

ବାଲିପଟ୍ଟା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ରେବତୀ ର କ୍ଷୋଭ

ଜ୍ୟୋତିର୍ମୟୀ ବେହେରା

ଶିକ୍ଷା ଆଉ ପ୍ରଗତିର ପଥେ ପଥେ
ଆଜିର ମଣିଷ ଗ୍ଲିଛି ।

ନାରୀ ଶିକ୍ଷାର ଯେ ପ୍ରସାର ହୋଇଛି
ନାରୀଟିଏ ଶିକ୍ଷିତ ହୋଇଛି ।

ଲୋ ରେବ, ଲୋ ନଆଁ, ଲୋ ଚୁଲି ବୋଲି
କେହି ରେବତୀ ଗାଳତ ଶୁଣୁନ ।

ଜେଜି 'ମା'ର କଡା ସ୍ୱର ନରମି ଯାଇଛି
କେତେଯେ ରେବତୀ ପଢନ୍ତି ଲେଖନ୍ତି ।

ନଜ ସ୍ୱପ୍ନ ପୂର୍ଣଦେଖି ବ୍ୟାସ କବି
ସ୍ୱର୍ଗେ ଅଶେଷ ଆନନ୍ଦ ଲଭନ୍ତି ।

ସବୁ ହସ ଖୁସି ଏଠି ହୋଇଯାଏ ଫିକା
ଯେବେ ଶୁଭେ ଲଜ୍ୟା ଆଉ ଲଜ୍ୟା ।

ଗୁମୁରି ଗୁମୁରି କାନ୍ଦି କହଇ ରେବତୀ
ଜେଜି 'ମା' ମୁଁ ଆଉ ପଢିବିନ ।

ଜେଜି' ମା' ମୁଁ ଆଉ ଆଗକୁ ବଢ଼ିବିନ
ମୁଁ ଆଉ ରାସ୍ତାରେ ଜିଅନ୍ତା ଜଳିବିନ ।

ମୁଁ ଭଲଥିଲି ଯେବେ ତୋ ଅନ୍ଧବିଶ୍ୱାସ ର
ପଣତ ତଳେ ଥିଲି ।

ଭଲ ଥିଲି ଯେବେ ଘର କୋଣ ହାଣ୍ଡିଶାଳେ
ନତି ବସି ଚୁଲି ଫୁଙ୍କୁ ଥିଲି ।

ହଁ ମୁଁ ଭଲ ଥିଲି ଯେବେ ମୁଁ
ନିରକ୍ଷରତାର ଅନ୍ଧାରେ ଥିଲି ।

ବହଦଲପୁର, ବିଦୁ, ବାଲେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢ଼ିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ସନ୍ତାନ ର ମୋହ

ଚିନ୍ମୟୀ ସାହୁ

ମନେ ଅଗଣିତ  ସ୍ୱପ୍ନ ଆଶା ଭରି
 ଚପଳାମୀ କରିକରି
ପିଲ୍ମାନେ ଯେବେ ଯାଆନ୍ତି ଖୁସିରେ
 ଏଣୁତେଣୁ ଗପିକରି।
ଭବିଷ୍ୟତ ତାଙ୍କ ଗଢ଼ିବା ପାଇଁ କ
 ମାଆର ପଣତ ଭୁଲି
ରାସ୍ତା ଘାଟ ଯାନ ପାରି ହୋଇଯାନ୍ତି
 ସାଙ୍ଗଙ୍କୁ ଭେଟିବେ ବୋଲି।
ପରମୁହୂର୍ତ ରେ କ କଥା ଘଟିବ
 ନ ଥାଏ ତାଙ୍କର ଚନ୍ତା
ସେଇ ମୁହୁର୍ତ ର ଆନନ୍ଦ ରେ ଭେଳ
 ଚନ୍ତା ଗ୍ରସ୍ତେ ପିତାମାତା।
ନୟନମଣି କୁ ଦୂରେ ପଠାଅନ୍ତି
 ସୁମଣିଷ ହେବାପାଇଁ
ବିଦ୍ୟାଳୟ ରୁ ତ ନଫେରିବା ଯାଏ
 ବାଟକୁ ରହନ୍ତି ଗ୍ଚହିଁ।
ଗଣବେଶ ଧାରୀ ବିଦ୍ୟାଳୟ ଗାମୀ
 ପିଲ୍ଙ୍କୁ ଦେଖି ଲେ ମୁହିଁ
ମାଆ ମନ ମୋର ବ୍ୟଥିତ କରଇ
 ଈଶ୍ୱର ମନେ ଚନ୍ତଇ।

ହେ ବିଘ୍ନନାଶକ ମଙ୍ଗଳ କାରକ
ସବୁରି କର ମଙ୍ଗଳ
ନର୍ବିଘ୍ନରେ ସର୍ବେ ଶିକ୍ଷା ଲଭ କରି
ଫେରନ୍ତୁ ମାତାଙ୍କ କୋଳ ।
ମାତୃତ୍ୱ ଭବ ମୋ ସଦା ବ୍ୟାକୁଳତ
ନର୍ବୋଧ ଶୈଶବ ଦେଖୀ
ମାଆପାଇଁ ଶିଶୁ ଚପଳାମୀ ସିନା
କରଏ ମାତାଙ୍କୁ ସୁଖୀ ।
ତଥାପି ଅଜଣା ଅହେତୁକ ଚନ୍ତା
ସଙ୍କା ରେ ମା'ଥାଏ ସଦା
ଜୀବନଠୁ ବଳ ସନ୍ତାନର ମୋହ
ବ୍ୟସ୍ତ କରଏ ସର୍ବଦା ।

ମୂଳସିଂ, ଜଗତସିଂହପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।



# ମଶାଣୀ ଗଙ୍ଗା

କରଣ ବାଳା ଦାଶ

ଫଗୁଣର ପ୍ରିତୀ ପୁଲକରେ ମତୁଆଲା ହୋଇ, କୋଇଲିଟି କୁହୁ କୁହୁ ଗୀତ ଗାଇ ମୋତେ ବୋଧହୁଏ ପରିହାସ କରୁଛି । ସେ ଭୁଲି ଯାଉଛି ଯେ, ସଞ୍ଜ ଯାଇ ରାତି ହେଲାଣି । ଆକାଶର ଜହ୍ନଟା ବି ମୋତେ ଖତେଇ ହେଲାପରି ଲାଗୁଛି । ଚାରିପାଖର ବାଦଲମାନେ ଘେରି ଆସି ତାଙ୍କୁ ଲୁଚାଇ ଦେବାକୁ ଚେଷ୍ଟା କରୁଛନ୍ତି । ବସନ୍ତର ଶୀତୁଆ ପବନଟା ବି ମୋତେ ଛୁଇଁ ମୋ ମନର ଯନ୍ତ୍ରଣାକୁ ଦ୍ୱିଗୁଣିତ କରି, ମୋତେ ଉପହାସ କଲାପରି ଲାଗୁଛି । ମଳୟର ରିମ୍ ଝିମ୍ ସ୍ୱରଟା ମୋ କାନେ କାନେ କହୁଯାଉଛି ତୁ ଭୁଲ୍ କରିଛୁ । ଏ ସ୍ୱାର୍ଥପର ଦୁନିଆଁ କଣ ତୋ ତ୍ୟାଗର ମହତ୍ୱ ବୁଝିବ । ନିଜକୁ ଦେଖି ତୁ କଣ ଥିଲେ କଣ ହେଲୁଣି । ମାଆ ମାଆ ତୁମେ କେଉଁଠି ମାଆ..........

ହଠାତ୍ ମୋ ଦେହରେ ଏକ ଶିହରଣ ଖେଳିଗଲା, ସେ ଡାକରେ । ଆଃ, କି ମଧୁର ସେ ଡାକ ! ମାଆ! ସଂସାରରେ ଏହାଠାରୁ ମିଠା, ଏହାଠାରୁ ଅଧିକ ସୁଖ କଣ ଅଛି । ଯାହା ଅଛି ଏହି ଗୋଟିଏ ଶବ୍ଦ ମଧ୍ୟରେ ! ମାଆ ! ତୁମେ ଏଇଠି । ମୋ କାନ୍ଧରେ ମୁହଁ ରଖି ମୋ ଗଳାକୁ ଦୁଇହାତରେ ଛନ୍ଦିଦେଇ, ମୋର ଦୁଇ ଗାଲରେ ଚୁମା ପରେ ଚୁମା ଦେଇ ଚାଲିଥିଲା ସେ । ଏତେ ବଡ ହେଲାଣି ହେଲେ ତାର ସେହି ଶିଶୁସୁଲଭ ଚପଳତା ଯାଇନି । କୋଳକୁ ଟାଣି ଆଣି ମୁଁ ତାକୁ ପଚାରିଲି ମାଆରେ ତୁ ତ ଆଉ ଛୋଟ ପିଲା ନୋହୁ । ତୁ ପରା ବଡ ହୋଇଗଲୁଣି । ଆଇ.ଏ.ଏସ୍. ପରେ ଏବେ ଏବେ ତୁ ଗୋଟିଏ ଜିଲ୍ଲାର ପଦସ୍ତ ଅଧିକାରୀ "ଜିଲ୍ଲାପାଳ" ହୋଇସାରିଛୁ । ତୁ ଏତେ ସରଳ ହେଲେ ଚଳିବ ମା । ଆଉ ଦୁଇଦିନ ପରେ ତୋର ବାହାଘର, ତୁ ମୋତେ ଛାଡି ଶାଶୁଘରର ସଂସାର ସମ୍ଭାଳିବୁ । ଜଣେ ପୁରୁଷର ଜୀବନସାଥି ହୋଇ ତୁ ତାର ସମସ୍ତ ସ୍ୱପ୍ନକୁ ସାକାର କରିବୁ । ତାହେଲେ ସିନା ମୁଁ ଜିତି

ଯାଇଛି ବୋଲି ସମସ୍ତଙ୍କୁ କହିବିରେ ମା । ତୁ ମୋର ଝିଅ ନୁହେଁ ଏକ କଠୋର ତପସ୍ୟାରେ ମା । ତୋତେ ନେଇ ମୋର କାହିଁ କେତେ ସ୍ୱପ୍ନ । ଏ ସମାଜକୁ ଜିତି ପାରିଥିବାର ସ୍ୱପ୍ନ । ଭଲ କାମରେ ଯୁଗେ ଯୁଗେ ଭଲ ଫଳ ମିଳଥିବାର ସ୍ୱପ୍ନ । ତୁ ତାକୁ ବାସ୍ତବତାର ରୂପ ଦେବୁରେ ମା । ନହେଲେ ମୁଁ ମରିଯିବି । ସମସ୍ତେ ମୋତେ ଆଙ୍ଗୁଳ ଦେଖାଇ ଉପହାସ କରିବେ । ତୋତେ ମଣିଷ କରିବାଟା ମୋର ଏ ଅସୁସ୍ଥ ସମାଜ ଓ ରୁଗଣ ମନୋଭାବପୂର୍ଣ୍ଣ ମଣିଷ ମାନଙ୍କ ପାଇଁ ଗାଲ ଉପରେ ଏକ ଶକ୍ତ ଚାପୁଡା ପରେରେ ମା । ସମସ୍ତେ ଝୁରି ମରୁଛନ୍ତି, ସଭା ସମିତିରେ ଭାଷଣ ମାଧ୍ୟମରେ "କେବେ ଫେରିବ ସେ ରାମ ରାଜ୍ୟ" ।

କିନ୍ତୁ ଏ ସମାଜ ଏମିତି ପାପ ପଙ୍କରେ ବୁଡି ମଣିଷର ମଣିଷ ପଣିଆ ଭାବନାକୁ ମାରି ଦେଲାଣି ଯେ, ତା ଚକ୍ଷୁରେ କେବଳ ଘୃଣ୍ୟ ବର୍ବରତାର ଭାଷା ଫୁଟି ଉଠୁଛି । କେବଳ ପାପହିଁ ପାପ ଘାରୁଛି ତାକୁ । କୁନ କୁନ ଶିଶୁମାନଙ୍କୁ ମଧ୍ୟ ନିଜର କାମନା ଚରିତାର୍ଥ କରିବାରେ ବ୍ୟବହାର କରି ତାଙ୍କୁ ମୃତ୍ୟୁ କୋଳକୁ ଠେଲି ଦେଉଛନ୍ତି । ଏ ସମାଜ ବର୍ତ୍ତମାନ ବିକାରଗ୍ରସ୍ତରେ ମା । ତୁ ମୋ ପାଇଁ ଏକ ପୂଜାଫୁଲରେ ମା । ତୁ ମୋତେକଥା ଦେଇଛୁ, ଏ ସବୁ ବିରୁଦ୍ଧରେ ତୁ ସଂଗ୍ରାମ କରିବୁ । ଏ ସମାଜକୁ ସୁସ୍ଥ ବାତାବରଣ ଦେଇ ନିରିହ କନ୍ୟା ଶିଶୁମାନଙ୍କୁ ସୁରକ୍ଷା ଦେବୁ । ଏସବୁ କହି ଭେ ଭେ ହୋଇ କାନ୍ଦ ପକାଇଥିଲେ ରୂପାଲୀ ଦେବୀ । ତାଙ୍କ ଆଖିରୁ ଲୁହ ପୋଛି ଦେଇ ଗମ୍ଭୀରତାର ସହିତ ମାଆର ଆଖିରେ ଆଖି ମିଶାଇ ସାନ୍ତ୍ୱନା ଦେଇଥିଲେ ରତୁପର୍ଣ୍ଣା । ମାଆ ମୋ ଉପରେ ତୁମେ ଭରଷା ରଖ ମାଆ । ମୁଁ ତୁମ ନୀତି ଆଦର୍ଶରେ ଗଢା, ମୁଁ କେବେବି ତୁମର ଏହି ମହାନ ତ୍ୟାଗର ଅମର୍ଯ୍ୟାଦା କରିବିନି ମାଆ । ଲୁହ ପୋଛି ଝିଅକୁ କୋଳେଇ ନେଇ କେତେ କଣ କହି ଚାଲିଥିଲେ ସେ । ଅବୁଝା ମନର ଅବ୍ୟକ୍ତ ଭାବନାକୁ ଖାଲି କୋହ ଆଉ କୋହ । ବାହା ବେଦୀ ଉପରେ ରତୁପର୍ଣ୍ଣା ଓ ସ୍ୱାଗତ ବାବୁ ବସିଛନ୍ତି । ଅତିଥି ମାନଙ୍କ ଗହଣରେ ବରପକ୍ଷ ଓ କନ୍ୟାପକ୍ଷ ସମସ୍ତେ ଖୁସିରେ ମଜଗୁଲ୍ । ବିବାହ ମନ୍ତ୍ର ମଝିରେ ପୁରୋହିତ ବର ପିତା ଓ କନ୍ୟା ପିତାଙ୍କୁ କନ୍ୟାଦାନ ପାଇଁ ବେଦୀଙ୍କୁ ଡାକଥିଲେ । ରୂପାଲି ଚମକି ମାନସଙ୍କୁ ଚାହିଁଲେ, ପତ୍ରକାର ମାନସ ବାବୁ ଇଙ୍ଗିତ କଲେ, ତୁମେ ଯାଇ କନ୍ୟାଦାନ କର । ତାହେଲେ ଏ ସମାଜ ଗୋଟେ

ନୂଆ ଶିକ୍ଷା ପାଇବ । ରୂପାଲୀ ଦେବୀ ବେଦୀ ନିକଟକୁ ଗଲେ । ତାଙ୍କ ଆଖିରେ ଚକମକ୍ କରୁଥିଲା ଝରି ଆସୁଥିବା ଲୁହ ବିନ୍ଦୁ ଗୁଡିକ । ଏହା ଦେଖି ବର ପିତା ପ୍ରଶ୍ନ କରିଥିଲେ, ଏ ଝିଅର ବାପା କଣ କନ୍ୟାଦାନ କରିବେ ନାହିଁ? ନାଁ – ସେ କନ୍ୟାଦାନ କରିବାପାଇଁ ଅଯୋଗ୍ୟ । ମୁଁ କନ୍ୟାଦାନ କରିବି । ଦେଖନ୍ତୁ ମୁଁ ଝିଅଟିର ରୂପଗୁଣ ଯୋଗ୍ୟତାରେ ବହୁତ ଖୁସି, ମୋ ପୁଅର ପସନ୍ଦ ମୋର ପସନ୍ଦ । ତେବେ ମୁଁ ବଂଶ ପରମ୍ପରା ସମ୍ପର୍କରେ କିଛି ପଚାରି ନଥିଲି । ତେବେ ତାଙ୍କ ବାପା କି ପ୍ରକାର ଅଯୋଗ୍ୟ ମୁଁ ଜାଣିବାକୁ ଚାହେଁ । ନିରବରେ ଆଖିରୁ ଲୁହ ପୋଛିଲେ ରୂପାଲୀ ଦେବୀ । ସମସ୍ତେ ଆଶ୍ଚର୍ଯ୍ୟ ଆଉ ସ୍ତବ୍ଧ । ଋତୁପର୍ଣ୍ଣା ମାଆର ଏପରି ଅସହାୟ ଅବସ୍ଥାକୁ ସହି ପାରିନଥିଲେ । ବେଦୀରୁ ଉଠିଯାଇ ମାଆ ଆଖିରୁ ଲୁହ ନିଜ ପଣତରେ ପୋଛି ଦେଇଥିଲେ । କାନ୍ଦ ନାହିଁ ମା, ତୁମେ ଯେ ସାକ୍ଷାତ ବସୁନ୍ଧରା । ଏକଥା ମୁଁ ସମସ୍ତଙ୍କୁ ବୁଝାଇ ଦେଉଛି ମାଆ, ତୁମେ ମୋତେ କ୍ଷମା କର ମା ।

ଆଜକୁ ୨୫ ବର୍ଷ ତଳର ଘଟଣା । ଏଠାରୁ ମାତ୍ର କେତେ କିଲୋମିଟର ବ୍ୟବଧାନରେ ଏକ ସହର ଅବସ୍ଥିତ । ସେ ସହରର ବିଶିଷ୍ଟ ଶିଳ୍ପପତି ଦିବ୍ୟପ୍ରକାଶ ଚୌଧୁରୀଙ୍କର ଏକ ମାତ୍ର ଅଲିଅଳ କନ୍ୟା ରୂପାଲି ଚୌଧୁରୀ । ଉଡନ୍ତା ବିହଙ୍ଗମ ପରି ନିଜ ଦୁନିଆରେ ଉଡି ବୁଲୁଥିଲେ । କଲେଜରେ ଜଣେ ମେଧାବୀ ଛାତ୍ରୀ ଭାବରେ ନାଁ ଥିଲା ତାଙ୍କର । ତାଙ୍କୁ ପାଇବାକୁ କେତେ ଯୁବକ ସ୍ୱପ୍ନ ଦେଖୁଥିଲେ । ସଂସ୍କାରୀ ପରିବାରର ଝିଅ ସେ । ତାଙ୍କୁ ହରିବା ଏତେ ସହଜ ନଥିଲା । ଅଳକା ନଦୀର ତୀର ତାଙ୍କର ତି ପ୍ରିୟ ଥିଲା । ତାର ସୁଲୁ ସୁଲିଆ ପବନ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ତାଙ୍କୁ ଆକର୍ଷିତ କରି ନେଇଥିଲା ତାର ପଠାକୁ । ସବୁଦିନ ପରି ନଦୀ ବନ୍ଧ ଉପରେ ସ୍କୁଟି ରଖି ସେ ନଦୀପଠାର ସିମେଟ ବେଞ୍ଚ ଉପରେ ବସି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଚାହିଁ ରହିଥିଲେ । କିଛି ଦୂରରେ କୁକୁର ମାନଙ୍କର କାମୁଡା କାମୁଡି ସହିତ ଗୋଟେ କଅଁଳ ଶିଶୁର ଆର୍ତ୍ତଚିତ୍କାର ତାଙ୍କୁ ଶୁଭିଥିଲା । ସଦ୍ୟଜାତ ଗୋଟେ କଅଁଳ ଶିଶୁର କୁଆଁ କୁଆଁ କାଳରେ ସେ ଚମକି ପଡିଥିଲେ । କଣ କୌଣସି ମଣିଷ ପିଲାକୁ କୁକୁର ମାନେ ଛଡାଛଡି ହୋଇ ଖାଇଯାଉଛନ୍ତି । ପାଖରେ ପଡିଥିବା ଖଣ୍ଡେ ଦରପୋଡା

କାଠକୁ ହାତରେ ଧରି ସେ କୁକୁରମାନଙ୍କୁ ଗୋଡାଇବାକୁ ଲାଗିଲେ । ତା ପରେ ଛୁଆଟା କେଉଁଠି ବୋଲି ଗ୍ଧରିଆଡେ ନଜର ପକାଇଲେ । କାନ୍ଦ ଆଉ ଶୁଭୁନ ତେବେ କଣ ପିଲାଟାକୁ କୁକୁରମାନେ ମାରି ଦେଲେ । ତାର ତଣ୍ଟି କଣା କରି ରକ୍ତ ପିଇଗଲେ । ସେ କୋହ ସମ୍ଭାଳ ନପାରି ଖୁବ୍ ଯୋରରେ ଚତ୍କାର କଲେ ନାଁଆଁ.... । ହଠାତ୍ ଶିଶୁଟିର କାନ୍ଦ ପୁଣି ଶୁଭିଲା କୁଆଁ କୁଆଁ.... । ହଠାତ୍ ନଦୀ କୂଳକୁ ଗ୍ଧହିଁ ଦେଲେ ରୂପାଲି, ଦେଖିଲେ ଗୋଟେ ପେଟି ଧିରେ ଧିରେ ନଦୀ ଜଳରେ ଭ୍ସି ଭ୍ସି ଯାଉଛି । ସେ ଧାଇଁ ଯାଇ ପେଟିଟିକୁ କୂଳକୁ ଟାଣି ଆଣିଲେ । ଦେଖିଲେ ସଦ୍ୟଜାତ ଶିଶୁକନ୍ୟାଟିଏ ତାଙ୍କୁ ମିଟିମିଟି କରି ଗ୍ଧହିଁଛି । ଯେମିତି କହୁଛି ମୋତେ ବଞ୍ଚାଅ ମା । ସେ ଚଟ୍ କରି ତାଙ୍କୁ ସେଥିରେ ବାହାର କରି ଆଣିଲେ, ତା ଦେହ ସାର୍ ପାଣି ଓ ବାଲିରେ ଲଟପଟ । ତାକୁ ନଜ ରୁମାଲରେ ପୋଛି ପାଛି ଦେଇ ଚୁନୁରିରେ ଗୁଡାଇ ଗୁଡାଇ ଧରି ଛାତିରେ ଗ୍ଧପି ଧରିଥିଲେ । କୁକୁର ମାନଙ୍କର ଆକ୍ରମଣର ସୂଚନା ପାଇ ସେ ତାକୁ ଚୁନୁରୀରେ ନଜ ପିଠିରେ ବାନ୍ଧି ଦେଇ ତଳୁ ସେ କାଠ ଖଣ୍ଡିକୁ ଉଠାଇ କୁକୁରମାନଙ୍କୁ ଘଉଡାଇ ଏଇ ନଜ ସ୍କୁଟି ଧରି ସେ ସେଠାରୁ ଗ୍ଧଲିଆସିଥିଲେ । ମନେ ମନେ ଭ୍ବିଥିଲେ ତାଙ୍କର ଏପରି ଭଲ କାମ ପାଇଁ ତାଙ୍କ ଘର ଲୋକେ ତାଙ୍କୁ ପ୍ରଶଂସା କରିବେ । ମାତ୍ର ଫଳ ଓଲଟା ହୋଇଥିଲା । ସେଥିପାଇଁ ତାଙ୍କୁ ସମସ୍ତେ ଧିକ୍କାର କରି ଗଙ୍ଗା ଜଳ ପିଇ ଗାଧୋଇବା ସହିତ ପିଲାଟିକୁ ଯେଉଁଠୁ ଆଣିଛୁ ସେହିଠାରେ ଛାଡି ଦେଇଆ ବୋଲି କହିଥିଲେ, ନହେଲେ ତୋର ବିବାହ ହୋଇ ପାରିବନ । ମାନସର ବାପା ତୋତେ ଗ୍ରହଣ କରିବେନ, ତୁ ବାସନ୍ଦ ହୋଇଯିବୁ । ସେଦିନ ତାଙ୍କ ଆଖିଲୁହ ପାଦ ଛୁଇଁଥିଲା । ଶିଶୁଟିର କରୁଣ ଗ୍ଧହାଣିରେ ତାଙ୍କର ହୃଦୟ କାନ୍ଦିଉଠିଥିଲା । ସେ ତାକୁ ଛାତିରେ ଗ୍ଧପି ଧରି, ମନେ ମନେ ଏକ କଠୋର ନଷ୍ପତି ନେଇନେଲେ । ସବୁଦିନ ପାଇଁ ଘର, ପରିବାର, ସମାଜ, ନନ୍ଦା, ପ୍ରଶଂସାକୁ ଖାତିର ନକରି ସେ ଦୂରକୁ ଗ୍ଧଲି ଆସିଥିଲେ । ତାଙ୍କର କୁଆଁରୀ ବକ୍ଷରୁ ଯେଉଁ ଅମୃତର ଆସ୍ବାଦନ ଚଖାଇଥିଲେ ସେହି ଅନାଥ ଅବହେଳତ ଶିଶୁ କନ୍ୟାଟିକୁ । ମଣିଷ କରି ଗଢି ତୋଳବାର ଯେଉଁ ଦୃଢ ସଂକଳ୍ପ ନେଇ ଆଗେଇ ଆସିଥିଲେ ସେ, ଆଜି ମୁଁ ହିଁ ତାର ପ୍ରତିରୂପ ଭ୍ବରେ ଆପଣଙ୍କ ସାମ୍ନାରେ । ସେ ମୋର ମାଆ ବାପା ସବୁକଛି । ମଶାଣିରୁ ଆଣି ଶ୍ବାନ, ଶୃଗାଳଙ୍କର ଆହାର ହେବାକୁ ନଦେଇ ମୋତେ ବଞ୍ଚାଇ ରଖିଲେ ।

ଆଜିର ସମାଜରେ ଗୋଟିଏ ଛୋଟ ଶିଶୁକନ୍ୟା ବି ପୁରୁଷର ଭୟଙ୍କର କାମାଗ୍ନିରେ ଜଳ ପାଉଁଶ ହୋଇଯାଉଛି । ପୁଣି ନିଜର କୁତ୍ସିତ କାମନା ଚରିତାର୍ଥ କରିବାକୁ ଯାଇ ଏ ସମାଜର ବିଶୃଙ୍ଖଳତ ନାରୀ ପୁରୁଷମାନେ ସୃଷ୍ଟି କରୁଛନ୍ତି ଏମିତି ଅଗଣିତ ଅବୈଧ ସନ୍ତାନମାନଙ୍କୁ । କରୁଛନ୍ତି ଭ୍ରୁଣ ହତ୍ୟା ନହେଲେ କନ୍ୟାଶିଶୁ ମାନଙ୍କୁ ଫିଙ୍ଗି ଦେଉଛନ୍ତି ଅଳଆ ଗଦାକୁ । କେତେଜଣ ମୋ ମାଆ ପରି ନିଜର ପରମ୍ପରା, ପରିବାର, ପ୍ରେମ ସବୁକୁ ତୁଚ୍ଛ କରି ଏମିତି ଗୋଟେ ଅନାଥ  ପାଇଁ ତା ଛାତିରୁ ଝରାଇ ପାରିଛି ଗଙ୍ଗୋତ୍ରୀର ଅମୃତ ଧାରାଟିଏ । ଯେଉଁଥିପାଇଁ ମୁଁ ଆଜି ଏ ସମାଜର କଳନତ ଭାବନାର ଊର୍ଦ୍ଧ୍ୱରେ । ମୋ ପାଇଁ ସେ ପବିତ୍ର "ମଶାଣୀ ଗଙ୍ଗା" ଯଦି ଏ ସମାଜକୁ ନିଷ୍କଳଙ୍କ, ନିଶା, ଦୁଷ୍କର୍ମ, ଯୌତୁକ, ନାରୀ ନିର୍ଯ୍ୟାତନ ପରି ବ୍ୟାଭିଚାର ମୁକ୍ତ କରି ସୁସ୍ଥ ସମାଜଟିଏ କରି ଗଢି ତୋଳି ପାରିବା ତାହେଲେ ଏପରି ମାଆ ମାନଙ୍କର ଆବଶ୍ୟକତା ଜରୁରୀ ଅଟେ । ବାପୁଙ୍କର ସ୍ୱପ୍ନକୁ ସାକାର କରି ପୁଣି ଆମେ ଫେରାଇ ଆଣିବା ସ୍ୱପ୍ନର ରାମ ରାଜ୍ୟକୁ, ଏଥିପାଇଁ ଆମକୁ ସାଜିବାକୁ ପଡିବ ଜଣେ ଜଣେ "ମଶାଣୀ ଗଙ୍ଗା" ହୋଇ ।

ଏନ୍-୪/୨୨, ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ଅଯୋଗ୍ୟ ଭାରତୀୟ



କବି ପ୍ରସାଦ

ହଁ
ମୁଁ ଭାରତୀୟ
କିନ୍ତୁ,
ଆଜି ଭାରତୀୟ କହି
ପରିଚୟ ଦେବାକୁ ଭୟଲାଗେ
ଭୟ ଏଇଥିପାଇଁ ଲାଗେ ଯେ
କାଳେ ମୋ ପୂର୍ବଜ ମତେ ଧିକ୍କାର କରି କହିବେ
"ରେ ମୂର୍ଖ
ତୁ ଭାରତୀୟ ହେବାର ଯୋଗ୍ୟ ନୁହେଁ" ।

ତୋ'ର ଯଦି
ଶ୍ରୀରାମଙ୍କୁ ଆଦର୍ଶ ରୂପେ ଦେଖିବାର ଅଛି
ତାହେଲେ
ତତେ ଶ୍ରୀରାମଙ୍କ ପାଇଁ
ଗଢିବାକୁ ହେବ ମନ୍ଦିର
ଆରେଆରେ......
ତୁ ବୁଝିବାରେ ଭୁଲ୍ କରୁଛୁ
ପଥର କୀର୍ତ୍ତିରାଜିରେ ପରିପୂର୍ଣ୍ଣ ଭବ୍ୟ ମନ୍ଦିର ନୁହେଁ
ତତେ ତୋଳିବାକୁ ହେବ
ତୋ' ହୃଦୟ  ଅଯୋଧ୍ୟାରେ ଗୋଟେ ବିଶାଳ ସୁଦୃଢ଼ ପ୍ରାସାଦ ।

ଦେଖିବୁ ତା' ପରେ ପରେ
ତୋ'ର ବେଦିରେ ଅଧିଷ୍ଠିତ ହେବେ ସେ
ଆସି ଆପେ ଆପେ,
ପଥର ତିଆରି ମୂର୍ତ୍ତି କ ପ୍ରୟୋଜନ
ଯଦି ସେ ତୋ'ର ହୃଦୟ ବେଦିରେ
ବିରାଜିତ ହୋଇ ନ ଥିବେ ।

ଆରେ ତୁମେତ ପ୍ରତିବର୍ଷ ରାବଣପୁଡି କର
କିନ୍ତୁ,
ଭାବିଛ କ ଥରେ ?
ଯେ ତୁମ ଭିତରେ ଥିବା ରାବଣକୁ
ଜଳେଇ ଦେଲେ କେମିତି ହୁଅନ୍ତା ?
କଳ୍ପନା କର,
ରାବଣର ଅନ୍ତେ
ତମେ ରାମମୟ ହୋଇଯିବ
ଆପେଆପେ...... ଆପେଆପେ....... ଆପେଆପେ......
ତା' ପରେ ଦେଖିବ
ଗୋଟେ ଯୁଗର ଅବସାନଘଟି
ପ୍ରାରମ୍ଭ ହୋଇଯିବ ନୂତନ ଯୁଗ ।

ଆମେତ ନାରୀକୁ
ନାରାୟଣୀର ଆସନରେ ଅଧିଷ୍ଠିତ କରିଥିଲୁ
ଶକ୍ତି ବିନା ଶିବଙ୍କୁ ଶବ ସମ ମଣିଥିଲୁ
କାରଣ ନାରୀ ହିଁ ଅଟେ ମୂଳ
ସେ ମାଆ
ସେ ଭଗିନୀ
ସେ ସହସଙ୍ଗିନୀ

ସେ ଦୁହିତା
ତା' ବିନା ସୃଷ୍ଟି ସମ୍ଭବ ନୁହେଁ
ତେଣୁକରି ତ
ନାରୀର ଅସମ୍ମାନରେ
ହୋଇଗଲା ମହାସମର ମାନ
ଯଥା,
ବୈଭବମୟ ଲଙ୍କାର ଦହନ
ଆଉ ମହାବିଭୀଷିକା ଭରା ମହାଭାରତ ।

ତୁମେ ତ ଆଜି
ଏଇ ପବିତ୍ର ଧରାକୁ ଦୂଷିତ କରି ଚାଲିଛ
ଦିନଥିଲା
ଜଗତ ଯା'ର ମହିମା, ବୈଭବ, କଳାସଂସ୍କୃତି
ଭାଇଚାରା, ଐତିହ୍ୟ ଦେଖି
ଈର୍ଷା କରୁଥିଲା
କିନ୍ତୁ ଆଜି ସବୁ ଧୂଳିସାତ୍ ହେବାକୁ ବସିଲାଣି
ଯେଉଁମାନେ ଦିନେ ଜଗତକୁ ଆଲୋକିତ କରିବା ପାଇଁ
ତପସ୍ୟାରତ ରହି ସଫଳ ହୋଇଥିଲେ
ତାଙ୍କର ସନ୍ତାନ ହୋଇ
ଏତେ ହୀନ ହେଲ କେମିତି ?
ମାନବ ହୋଇ ଦାନବ ପ୍ରବୃତ୍ତି କର କେମିତି ?

ସର୍ଗିଗୁଡା, ମଣ୍ଡଲ୍, ବେଲପଡା, ବଲାଙ୍ଗୀର

# ତୁମ ପାଇଁ.......



ପ୍ରଦେଶ କୁମାର ପ୍ରଧାନ

ସଳତା ଟି ଜଳେ ଦୀପ ଶିଖା ତଳେ
ଜଳ ଜଳ ଯାଏ,
ପ୍ରତିକ୍ଷଣ ସରେ ଜୀବନ ଆୟୁଷ
ଏହି କଥା କହୁଥାଏ ।

ଧନ ଜନ ଖେଳ ସାରୁ ପନ୍ତେ ଜଳ
ସବୁବେଳେ ଢଳ ଢଳ,
ମଶାଣି ଜୁଇରେ ସରିଯାଏ ସବୁ
ହେଉ ପଛେ କୁରୁବଳ ।

ରାଗ ହିଂସା ଦ୍ୱେଶ ମନରେ ଯେ ବାସ
ହୃଦୟରେ ଥାଏ ପ୍ରେମ,
ଶବ ଶିବ ହୁଏ ଧର୍ମଧାମେ ସିନା
କରୁଥିଲେ ସତ୍ କର୍ମ ।

ଅତୀତ ଭବିଷ୍ୟ ସବୁ ହୁଏ ଦୃଶ୍ୟ
ମନ ପ୍ରାଣ ଥିଲେ ସ୍ୱଚ୍ଛ,
ଜଗତ କଲ୍ୟାଣ ହୋଇଥାଏ ବି
ନିଜ ବାଡିରେ ପୋତିଲେ ଗଛ ।

ଭାବରେ ଭାବ ଯୋଡିଦେଲେ ସିନା
ମିଶିଯାଏ ଦୁଇ ପ୍ରାଣ,
ନରବେ ନରବେ ସାଧନାରେ ଥିଲେ
ଶୁଭେ ମୋହନ ବଂଶୀର ସ୍ୱନ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ଫୋନ



ପୁଷ୍ପିତା ଭୂୟାଁ

ଗାଁ ଠୁ ସହର ଗ୍ଭରିଆଡେ ହୁଲୁସ୍ଥୁଲୁ, ବାତ୍ୟା ମାଡ଼ିଆସୁଛି । ଟିଭି ରେଡ଼ିଓ ମାଧ୍ୟମରେ ଘଡିକ ଘଡି ସତର୍କ ସୂଚନା ଗ୍ଭଲିଛି। ଖବର ଟି ଖବରକାଗଜର ପ୍ରଥମ ପୃଷ୍ଠାରେ ମଧ୍ୟ ସ୍ଥାନ ପାଉଛି କଛିଦିନ ହେଲାଣି। "ପବନର ବେଗ ୨୦୦ଶହ କଲୋମିଟର ରୁ ଅଧିକ ହେବ, ସମସ୍ତେ ତା ପୂର୍ବରୁ ଘରଦ୍ୱାର ଛାଡି ବାତ୍ୟା ଆଶ୍ରୟସ୍ଥଳୀ କୁ ଗ୍ଭଲିଯାଅ" ମାଇକରେ ମଧ୍ୟ ପ୍ରଗ୍ଭର ଗ୍ଭଲିଛି । ହେଲେ ଗାଁ ଗଣ୍ଡା ର ବସ୍ତିର ଲୋକ କ'ଣ କରିବେ, ଛୋଟ ଘର ଖଣ୍ଡେ ହେଲେବି ସେଇଟା ତାଙ୍କର ଜୀବନ ସାର୍ ପାଣ୍ଠି । ଜୀବନ ବଞ୍ଚେଇବା ପାଇଁ ଗ୍ଭଲିଯିବେ ସିନା, ହେଲେ ଘରର ଆସବାସ ପତ୍ର ତାକୁ କ'ଣ କରିବେ, ନଜ ନଜ ର ଗୃହପାଳତ ପଶୁଙ୍କୁ ବି ନେବାକୁ ପଡିବ, ଘର ଯଦି ଭାଙ୍ଗିଯାଏ ତାହେଲେ ସେମାନେ ରହିବେ କେଉଁଠି ବଞ୍ଚିବେ କେମିତି। ସରକାର ସେମାନଙ୍କୁ କଅଣ ସବୁଦିନ ବସେଇ ଖାଇବାକୁ ଦେବ। ଯାହାର ଛାତ ଘର ଅଛି ତାଙ୍କ ମନରେ ଟିକେ ଦମ୍ଭ, ହେଲେ ପବନର ବେଗ ଯଦି ସତରେ ୨୦୦ କଲୋମିଟର ରୁ ବଢିଯାଏ ତେବେ କେତେ କଅଣ କ୍ଷତି କରିଦେବ ବାତ୍ୟା ! ନମିତାଙ୍କ ମନରେ ଏଇ ପ୍ରଶ୍ନ ବାରମ୍ବାର ଉଙ୍କି ମାରୁଥାଏ। "ହେ ଭଗବାନ ସମସ୍ତଙ୍କୁ ସହାୟ ହୁଅ" କହି ସେ ଭଗବାନଙ୍କ ଉଦ୍ଦେଶ ରେ ମୁଣ୍ଡିଆ ମାରିଲେ।

ବେଳ କୁ ବେଳ ସମୟ ପାଖେଇ ଆସୁଥାଏ। ସମୟ ସହିତ ତାଳ ଦେଇ ତାଙ୍କ ମନରେ ଭୟ ଆଶଙ୍କା ବଢି ଗ୍ଭଲିଥାଏ। କ'ଣ କରିବେ କେମିତି ସେ ସାମନା କରିବେ ଏତେବଡ଼ ଝଡ଼ ବାତ୍ୟା କୁ, ସ୍ୱାମୀ ତାଙ୍କର ପାଖରେ ନାହାଁନ୍ତି । ପୁଅ ଝିଅ ତ ବାହାରେ। ଟିଭି ମାଧ୍ୟମରେ ଦେଶ ସାର୍ ପ୍ରଘଟ ହୋଇସାରିଲାଣି ବାତ୍ୟାର ଖବର। ସମସ୍ତେ ସବୁଦିନ ଅବସ୍ଥା ପଗ୍ଭରି ବୁଝୁଛନ୍ତି। କେତେ ପ୍ରକର ଉପଦେଶ ବି ଦେଉଛନ୍ତି । ପୁଣି କେତେବେଳେ

ମନ ଭୁଲେଇବାକୁ କହିଦେଉଛନ୍ତି, ଚନ୍ତା କରନ ଏମିତି ଯୋର ବାତ୍ୟା ହେବନ, ସେମାନେ ଖାଲି ଡରୁଉଛନ୍ତି। ପ୍ରକୃତରେ ପିଲ୍ମାନେ ତ ଏଯାଏ ଏତେ ବଡ଼ ବାତ୍ୟା ସମାନା କରି ନାହାଁନ୍ତି । ସେମାନେ ଯାହା ଦେଖିଛନ୍ତି ବାତ୍ୟାବେଳେ ବର୍ଷା ପବନ ହୁଏ କେଉଁଠି କାହାର ଛପର ଉଡିଯାଏ ତ ଗଛଡ଼ାଳ ଭଙ୍ଗିଯାଏ । ୨୦୦ କିଲୋମିଟର ପବନ ସେମାନଙ୍କ କଳ୍ପନାରୁ ବାହାର। ନମିତା ମଧ ମହାବାତ୍ୟା ବେଳେ ବାହାରେ ଥିଲେ, ତାଙ୍କର ମଧ ଏତେବଡ଼ ବାତ୍ୟା ଉପରେ ଅନୁଭୂତି ନାହିଁ।

ବାତ୍ୟା 'ଫୋନ' ର ଆଗ ଦିନ ଟିଭି ରେ ଅନବରତ ସମାଚାର ପ୍ରଚାର ଚାଲିଥାଏ, ଖରା ଦିନେ ପୁଣି ବାତ୍ୟା, ରାତି ୧୧ଟା ବାଜିଲା, ଆକାଶରେ କଳା ବାଦଲ ଛାଇଯାଇଥାଏ । ବର୍ଷା ଟିକେ ଟିକେ ଆରମ୍ଭ ହୋଇଯାଇଥାଏ । ବାତ୍ୟା ଓଡ଼ିଶାର ପୁରୀ ସହର ଉପକୂଳରେ ଧକ୍କା ଦେବା କଥା ଜଣା ପଡିସାରିଥାଏ। ସମୁଦ୍ର କୂଳର ନୋଳଆ ବସ୍ତି ଓ ଅନ୍ୟ ଛୋଟ ବଡ଼ ବସ୍ତି ର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଥାଏ ପ୍ରଶାସନ ଦ୍ୱାରା। ସମସ୍ତଙ୍କ ମନରେ ଛନକା ପସିଗଲାଣି ପବନର ବେଗ ବଢିବ, ସମୁଦ୍ର ଜୁଆର ଦେଢଫୁଟ ଦୁଇଫୁଟ ଉଚ୍ଚା ରେ ସହର ଭିତରକୁ ମାଡି ଆସିବ। ପେଟ ପାଟଣା ପାଇଁ ସମୁଦ୍ର କୂଳରେ କେତେ ପ୍ରକାରର ଦୋକାନ, ସେମାନେ ତାଙ୍କ ସାମଗ୍ରୀ ନେଇ କୁଆଡେ ଯିବେ ! ଆଶ୍ରୟ ସ୍ଥଳୀରେ ମଣିଷଙ୍କ ପାଇଁ ସିନା ଜାଗା ଅଛି, ହେଲେ ତାଙ୍କ ବେଉସା ତ ବୁଡିଯିବ । କେତେ ଅସହାୟ ହୋଇ ପଡୁଛନ୍ତି ଲୋକମାନେ, ସମୁଦ୍ରକୂଳ ହୋଟେଲ ମାନଙ୍କରେ ସବୁବେଳେ ପର୍ଯ୍ୟଟକଙ୍କ ଭିଡ଼ । ସେମାନଙ୍କୁ ତୁରନ୍ତ ଫେରିଯିବାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବସ୍ ଟ୍ରେନ ର ବ୍ୟବସ୍ଥା କରାଯାଇଥାଏ । ସମସ୍ତେ ଆତଙ୍କିତ। କେତେକଙ୍କର ମନ ବି ବହୁତ ଦୁଃଖିତ ଯେ ତାଙ୍କର ଛୁଟିଟା ଏପରି ଭାବରେ ନଷ୍ଟ ହୋଇଗଲା ବୋଲି।

ମନ ଭିତରେ ଆଶଙ୍କା ରଖି ନମିତା ଖଟ ଉପରକୁ ଆସିଲେ। ରାତି ପହିଲେ କ'ଣ ହେବ? ରାତିରେ କଛି ହେବନତ ! ରାତିରେ ବର୍ଷାର ତୀବ୍ରତା ଧୀରେ ଧୀରେ ବଢି ଚାଲିଥାଏ। ଲାଇନ କଟିଯାଇଥାଏ ଦିନରୁ। ଇନଭର୍ଟର ଉପରେ ନର୍ଭର। ଚାରିଆଡ଼ କଟି କଟି ଅନ୍ଧାର। ଝରକା କାଚ ଦେଇ ନମିତା ବେଳେବେଳେ ପରିସ୍ଥିତି ଅନୁଧାନ କରୁଥାନ୍ତି, ତା ସହିତ ଟିଭି

ର ପ୍ରସାର ରୁ। ବାତ୍ୟା କରାଳ ରୂପ ଧରି ଘଣ୍ଟା ପ୍ରତି ୧୫କିଲୋମିଟର ବେଗରେ ଉପକୂଳ ଆଡକୁ ମାଡ଼ିଆସୁଛି। ଶୁଣିଲା ବେଳକୁ ତାଙ୍କ ଛାତି ଥରି ଯାଉଥାଏ।ଖଟରେ ପଡି ପଡି ଶୋଇବାକୁ ଚେଷ୍ଟା କଲେ ସେ। ରାତି ପାହିଲେ ସକାଳ ୧୦ ଟା ରୁ ୧୨ ଟା ମଧ୍ୟରେ ପୁରୀ ସହରକୁ ପ୍ରବେଶ କରିବ ଫୋନ । ଜଗନ୍ନାଥଭରସା। ପ୍ରଭୁ ସମସ୍ତଙ୍କୁ ନିଶ୍ଚୟ ରକ୍ଷା କରିବେ ।

ଏମିତି ଭାବି ଭାବି କେତେବେଳେ ତାଙ୍କ ଆଖିକୁ ନିଦ ଆସିଯାଇଛି। ଭୋର ରୁ ଭୋର ରୁ ନିଦ ଭାଙ୍ଗିଗଲା ତାଙ୍କର, ବର୍ଷା ଅବିରତ ଚାଲିଥାଏ। କେତେବେଳେ କମୁଥାଏ ତ କେତେବେଳେ ବଢୁଥାଏ । ଲାଇନ ନଥିବାରୁ ମୋବାଇଲ ରେ ସ୍ଥିତି ପରଖିଲେ ନମିତା। ଆଉ ଅଳ୍ପ ସମୟ ପରେ ବାତ୍ୟା ପୁରୀର ଉପକୂଳରେ ପହଞ୍ଚିବ। ଗାଧୋଇ ପାଧୋଇ ପୂଜାପାଠ ସରିଲା ପରେ ଝରକାର କାଚ ବାଟେ ବାହାରକୁ ଚାହିଁ ବସିଲେ। ୭ଟା ପାଖାପାଖି ପୁରୀରେ ତାଣ୍ଡବ ଆରମ୍ଭ ହୋଇଗଲା। ସତେକି ମହାଦେବ ଧାରାବରଣ କରିଛନ୍ତି ଡମ୍ବରୁ ଧରି। କଟକ ରେ ମଧ୍ୟ ତାର ଆଭାସ ମିଳିଗଲା। ପବନର ବେଗ ବଢି ଚାଲିଲା। ମେସେଜ ମାଧ୍ୟମରେ ସାଙ୍ଗମାନଙ୍କ ସହିତ କଥା ଚାଲିଥାଏ ତାଙ୍କର। ସକାଳ ୧୧ଟା ବେଳକୁ ନମିତା ଦେଖିଲେ ତାଙ୍କ ପାଖ ଘରର ସିଢି ଛାତର ଟିଣ ଓ ଆଜବେଷ୍ଟସ ମାନ ଆକାଶରେ ଉଡିବାକୁ ଲାଗିଲା। ବର୍ଷା ଓ ପବନ ର ମାଡ଼ରେ ଖାଲି ସୁ ସୁ ଶବ୍ଦ ଶୁଭୁଥାଏ । କିଛି ଗଛର ଡାଳ ମାନ ଭାଙ୍ଗି ପବନରେ କୁଆଡେ କୁଆଡେ ଉଡିଯାଉଥାଏ ତ କିଛି କିଛି ଗଛର ଡାଳ ପୁରା ନଇଁ ଯାଉଥାଏ। ସେ ଆକଳନ କରୁଥାନ୍ତି ପବନର ବେଗ ୧୦୦କିଲୋମିଟର ରୁ ଅଧିକା ହେବ। ଛାତ ଉପର ଲୁହା ଗେଟ୍ ପବନର ଝୁଙ୍କା ସହିତ ମାଡ଼ ହୋଇ ପ୍ରଚଣ୍ଡ ଶବ୍ଦ କରୁଥାଏ। ଗ୍ୟାରେଜର ଗେଟ୍ ବି ପବନ ମାଡ଼ରେ ଦୋହଲୁ ଥାଏ। ନମିତା ଡରରେ ଥରେ ଉପରକୁ ତ ଥରେ ତଳକୁ ଦୌଡ଼ୁ ଥାନ୍ତି । ଛାତି ତାଙ୍କର ପଡୁଥାଏ ଉଠୁଥାଏ।

ଏମିତି ହୋଇ ହୋଇ ଦିନ ୧ଟା ବେଳକୁ ପବନ ବର୍ଷା ଟିକେ କମିଲା। ସମସ୍ତେ ଆଶ୍ୱସ୍ତ ହେଲେ ଯାହାହଉ ବାତ୍ୟା ଅଳ୍ପ ଅଳ୍ପ ରେ ଟଳିଗଲା। ଅଧ ଘଣ୍ଟାର ବିରାମ ପରେ ପବନର ମୋଡ଼ ବଦଳିଲା। ବୋଧେ ସେଇ କମିଥିବା ସମୟରେ ବାତ୍ୟାର ଆଖି ସେହିଠାରେ

ରହିଥିଲା, ସେଥିପାଇଁ ସେ ସମୟରେ ବାତ୍ୟା ଛାଡ଼ିଗଲା ବୋଲି ସମସ୍ତେ ଭାବିଲେ। ପୂର୍ବରୁ ବୋହୁଥିବା ପବନ ପଶ୍ଚିମରୁ ବୋହିବାକୁ ଲାଗିଲା। ତା ସହିତ ବର୍ଷାର ବେଗ ବି ବଢିବାକୁ ଲାଗିଲା। ପବନର ବେଗ ବଢି ବଢି ୨୦୦କିଲୋମିଟର ରୁ ଅଧିକା ହେଲା।

କୁଆଡେ କିଛି ଦେଖାଯାଉନଥାଏ। ସବୁଆଡେ ଧଳା ଫେନୀଳ ଦେଖାଯାଉଥାଏ। ବର୍ଷା ପବନ ଝରକା କଚରେ ମାଡ଼ ହୋଇ, କାଚ କୁ ଦୋହଲାଇ ଦେଉଥାଏ। ବାଥରୁମ ର କବାଟ ପିଟିହୋଇ ଭାଙ୍ଗିବାକୁ ବସିଲାଣି, ନମିତା କଅଣ କରିବେ। ତାଙ୍କ ମୁଣ୍ଡକୁ କିଛି ବୁଦ୍ଧି ଦେଖାଯାଉ ନଥାଏ।

ଏହା ମଧ୍ୟରେ ମୋବାଇଲ ର ନେଟୱର୍କ ବି ମଝିରେ ମଝିରେ କଟିଯାଉଥାଏ। ସମସ୍ତଙ୍କ ଘରର ଟିଭି ଅଣ୍ଟିନା ଗୋଟି ଗୋଟି ହୋଇ ଆକାଶରେ ଉଡୁଥାଏ ଗୁଡି ପରି। ଗଛ ଓ ଏଲେକ୍ଟ୍ରିକ ଖୁଣ୍ଟି ମଧ୍ୟ କେତେ ଉପୁଡି ପଡ଼ିଲାଣି ସେତେବେଳକୁ। ଏଥର ଘରେ ପାଣି ପଶିବାକୁ ଲାଗିଲା ଝରକା ଦେଇ। ଗୁହୁଁ ଗୁହୁଁ ସବୁ ଘରେ ପାଣିର ସୁଅଛୁଟିଲା । ନମିତା ଙ୍କ ଦେହ ଥରିବାକୁ ଲାଗିଲା। ଘରେ ଏକା ଥିବାରୁ ତାଙ୍କୁ କିଛି ବୁଦ୍ଧି ବାଟ ଦେଖାଯାଉନଥାଏ। ହାତ ଟେକ ଭଗବାନଙ୍କୁ ଡାକବାକୁ ଲାଗିଲେ ସେ, "କେତେବେଳେ ଯାଏ ତୋର ଏ ତାଣ୍ଡବ ସମସ୍ତଙ୍କୁ ଏମିତି ଭୋଗିବାକୁ ପଡ଼ିବ ପ୍ରଭୁ।" ଇତି ମଧ୍ୟରେ ଦୁଇ ଘଣ୍ଟା ଅତିକ୍ରମ ହୋଇ ସାରିଥାଏ। ବର୍ଷା ପବନ କମିବାର ନା ନେଉନଥାଏ। ମନରେ ଛନକା ପଶି ପେଟର ଭୋକ ମରିଯାଇଥାଏ ସେତେବେଳେକୁ।

ତିନ ଗ୍ଚରି ଘଣ୍ଟା ର ପ୍ରହାର ପରେ ସନ୍ଧ୍ୟା ବେଳକୁ ଟିକେ ପବନ ବର୍ଷା କମିବାକୁ ଲାଗିଲା। ଉପରୁ ତଳ ଯାଏ ପାଣି ବାଲି ଡାଳ ପତ୍ରରେ ଘର ଭର୍ତ୍ତୀ। କିଛି ଝରକାର କାଚ ମଧ୍ୟ ପବନ ମାଡ଼ରେ ଭାଙ୍ଗି ଘରସାରା କାଚ। ନମିତା ତଳକୁ ଯାଇ କିଛି କିଛି ସଫା କରିବାକୁ ଲାଗିଲେ। ଧୀରେ ଧରେ ସନ୍ଧ୍ୟା ଘନେଇ ଆସିଲା। ଗ୍ଚରିଆଡେ ଅନ୍ଧାର ଗ୍ଭଜୁଡି କଲା। ସବୁଆଡେ ନିଃଶବ୍ଦ, କଟିକଟି ଅନ୍ଧାର ,ସତେ ଯେପରି ଗ୍ଚରିଆଡେ ଘୋର ଜଙ୍ଗଲ, କେହି କୁଆଡେ ନାହାଁନ୍ତି। ପାଣି ଜମିଥିବା ଖାଲ ମାନଙ୍କରେ ବେଙ୍ଗ ମାନଙ୍କର କେଁ କଟର ଶବ୍ଦ, ଝିଙ୍କାରୀ ମାନଙ୍କର ଝିଁ ଝିଁ ରଡି ପରିବେଶ କୁ ଆହୁରି ବିକଟାଳ କରିଦେଉଥାଏ। ନମିତା ନିଜ

ମଧ୍ୟରେ ସାହାସ ଜୁଟାଉ ଥାନ୍ତି। ସେତେବେଳକୁ ଫୋନ୍ ର ନେଟୱାର୍କ ବି ବନ୍ଦ ହୋଇ ସାରିଥାଏ ।

ନମିତା ଦିନ ସାରା ଧାଁ ଧପଡ଼ ଓ ବାତ୍ୟା ସହିତ ଏକାକୀ ଲଢ଼େଇରେ ବହୁତ ଥକ ପଡ଼ିଥାନ୍ତି। କଅଣ ଟିକେ ଖାଇଦେଇ ଶୋଇବାକୁ ଇଚ୍ଛାକଲେ। ଇନଭରଟର ଯୋଗୁ ଲାଇଟ ଥାଏ କନ୍ତୁ କେବେ ଲାଇନ ଆସିବ ଓ ଇନଭରଟର ବି କେତେଦିନ ସାଙ୍ଗ ଦେବ ତାଙ୍କର, ତାକୁ ବି ଅଳ୍ପ ଅଳ୍ପ ଖର୍ଚ୍ଚ କରି ବଞ୍ଚେଇ ରଖିବାକୁ ପଡିବ। ଫୋନ ନେଟୱର୍କ ବି କଟି ଥିବାରୁ କାହାରି ସହିତ କଛି ସମ୍ପର୍କ ନ ଥାଏ । ତେଣୁ ବାତ୍ୟା ଫୋନ କୁଆଡେ କଅଣ କ୍ଷତି କରିଛି ଜାଣିବା ମୁସ୍କିଲ । ରାତି ପହିଲେ ଯାହା ଜଣା ପଡିବ ।

ଏକଦମ୍ ଭୋର ରୁ ନିଦ ଭାଙ୍ଗିଲା ତାଙ୍କର। ବିଛଣାରୁ ଉଠି ବାତ୍ୟାର ରୂପ ଅବଲୋକନ କଲା ବେଳକୁ, କାମବାଲୀ ମୁହଁ ଶୁଖେଇ ଆସିଲା, କହିଲା "ଦିଦି କାଲି ମୋ ଘରର ଗୋଟେ ପଟ କାଂଥ ଭୁଶୁଡି ପଡିଲା। ଅଳ୍ପକେ ଆମେ ମାଆ ଛୁଆ ରକ୍ଷା ପାଇଲୁ, ଦେଖୁନ ମୋ ହାତ ଗୋଡ଼ରେ ଇଟା ପଡି କେମିତି ଆଂଚୁଡ଼ି ହୋଇଯାଇଛି। ଗାଁ ସାରା କାହା ଘରର ଅଜବେଷ୍ଟସ କ ଚାଳ ନାହିଁ। ଗଛ କଥା ନକହିଲେ ଭଲ ସବୁ ଶୋଇଛି ଭାଙ୍ଗିଛି।" କାମବାଲୀ କୁ ସମବେଦନା ଜଣାଇ ନମିତା କାମବାଲୀ ସହିତ ମିଶି ଘରଦ୍ଵାର ସଫା କରିବାରେ ଲାଗିପଡିଲେ।

ବାତ୍ୟା ସିନା ତା କାମ ସାରି ଚାଲିଗଲା କେଇ ଘଣ୍ଟାରେ, ହେଲେ ତା ଗତିପଥରେ ସେ ଯାହା ଯାହା ନଷ୍ଟ କରିଦେଇଗଲା ତାହାର ଭରପାଇ ହେବାକୁ କେଜାଣି କେତେ ଦିନ ଲାଗିବ କଏ ଜଣେ।

ପ୍ରତାପନଗରୀ, ଜରିପଡା, କଟକ

# ପାପ



ପୂର୍ଣ୍ଣଚନ୍ଦ୍ର ରଣା

ହେ ପରଂବ୍ରହ୍ମ
ପ୍ରତିରୋଧ କର ସେ ଦୁଷ୍ଟର ଦୁଶ୍ଚିନ୍ତାକୁ
ପାପର ପ୍ରୟାଶକୁ
ପାପୀକୁ କର ଯେ ବିନାଶ
ଦୁନଆରେ ରଖ ନାହିଁ
ପାପୀର ଅସ୍ତିତ୍ୱ
ପାପୀ ଆତ୍ମାକୁ ନେଇ
ଫିଙ୍ଗି ଦିଅ
ସେ ଜର୍ଜରିତ ଜଳନ୍ତା ଅଗ୍ନିରେ
ଧ୍ୱଂସ କରିଦିଅ
ସେ ପାପୀର ବିଗ୍ରହକୁ
ରଖ ନାହିଁ ଦୁନଆରେ
ପାପର ଶବଦ
ଏହା ଅଟେ କଳଙ୍କିତ
ନ ଜାଣୁ ସେ ନବଜାତ
ପାପ କଳଙ୍କକୁ
ବିଚ୍ଛେଦ କର ପାପକୁ
ସବୁରି ଆତ୍ମାରୁ
ପୂଣ୍ୟ ଭର ପ୍ରତି ମନେ
ଯେମିତି ବିକଶିତ ପୁଷ୍ପ ଦିଶେ
ସୁନ୍ଦର କାନନେ
ପାପ ମୁକ୍ତ ଚତ୍ତ ପୁଣି
ଝୁଲିବ ପୂଣ୍ୟର ଝୁଲାରେ ।

ହାଟସିଂହାପୁର, ଯାଜପୁର

# ମୋ ଭଉଣୀ



ସଙ୍ଗୀତା ମହାନ୍ତି

ନା ତାଙ୍କର ଦୀକ୍ଷା
କେବେ କରିନାହାନ୍ତି କାହା ପାଖେ ଭିକ୍ଷା
ସେ ଭାରି ସ୍ୱାଭିମାନୀ
ନୁହଁନ୍ତି ସେ ଅଭିମାନୀ
ମନରେ ନାହିଁ ଛଳ କପଟ
ସେ ଭାରି ନିଷ୍କପଟ
ଝିଅଟିଏ ଭାରି ସୁନ୍ଦରୀ
ଦେଖିବାକୁ ସେ ଅପସରି
ଝିଅଟିଏ ସେ ବାପା ମା ଙ୍କର
ପାଠ ପଢିବା ପାଇଁ ରହିଲେ ସେ ବହୁ ଦୂର
ଭଲ ନାମ ତାଙ୍କର ସ୍ଥିତ ପ୍ରଜ୍ଞା
କେଉଁ କଥାରେ କରନ୍ତିନି ଅବଜ୍ଞା
ସେ ପଢିବା ଲାଗି ରହିଲେ ଦିଲ୍ଲୀରେ
ଓଡିଶା ଆସନ୍ତି ସେ ମଝିରେ ମଝିରେ
ସମସ୍ତଙ୍କୁ ସେ ଭାରି ଭଲ ଲାଗଲାଗନ୍ତି
ସେଥିପାଇଁ ସମସ୍ତେ ତାଙ୍କୁ ଖୋଜନ୍ତି
ସେ କେବେବି ରାଗନ୍ତି ନାହିଁ

ଯେବେ ରାଗନ୍ତି ଜଣା ପଡନ୍ତି ନାହିଁ
ଖାରି ଉଦ୍‌ଗାମି ତାଙ୍କର ରାଗ
ତାଙ୍କୁ ଜଣା ଅଛି ତାର ବାଗ
ବାପା ମାମା ଦାଦା ଖୁଡି ଖାଇରେ ତାଙ୍କ ଘର
ସେ କରିନାହାନ୍ତି କାହାକୁ କେବେ ପର
ସେଥିପାଇଁ ତାଙ୍କୁ ସମସ୍ତେ ଭଲ ପାଆନ୍ତି
ସେ ସମସ୍ତଙ୍କର ପ୍ରିୟ ଅଟନ୍ତି ||

ତୁଳସୀପୁର, ମଠସାହି

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଗୋମାତା

ଧ୍ରୁବ ଚରଣ ମହାନ୍ତି

ଜନମ ପରେ ଜାଣିଲି ମୁହିଁ
ଦୁଇଟି ମାଆ ମୋର
ଜନମ ନେଇ ଜଣଙ୍କ ଠାରୁ
ପିଇଲି ଆନ କ୍ଷିର ।
ପ୍ରଥମ ମାଆ ସେନେହେ ଅତି
କରିଛି ମୋତେ ବଡ଼
ଦ୍ୱିତୀୟ ମାଆ ମୋପାଇଁ କେତେ
ସହିଛି ଦୁଃଖ ଝଡ଼ ।
ପାରେନ କହି ଦ୍ୱିତୀୟ ମାଆ
ଡାକଲେ ଆସେ ଧାଇଁ
ସତେ ଯେମିତି ସେପରି ନାଆଁ
ଆଉ କାହାରି ନାହିଁ ।
ଗୋମାତା ସିଏ ମୋମାତା ସିଏ
ବୁଦ୍ଧିରେ କଏ ସରି
ମାଆ ପରିକା ପାଏସେ ଭଲ
କରେସେ ଗେଲ ଭରି ।
ଦେହରୁ ଧୂଳ ଦିଏସେ ଝାଡି
ଜିଭରେ ତାର ଘଷି
ସତେ ଯେମିତି କହନ୍ତା କଛି
ଖୋଲୁଥିଲେ ତା ପାଟି ।
ମୋ ମାଆ ପରି ପୂଜେ ମୁଁ ତାଙ୍କୁ
ଆୟୁଷ ପୁଣି ମାଗେ

ସକାଳୁ ସଞ୍ଜ ସଞ୍ଜ ସକାଳ
ମାଆକୁ ମୋର ଜଗେ ।
ଗୋମାତା ଠାରୁ ବଡ଼ ଦେବତା
ସଂସାରେ ନାହିଁ କେହି
କାହ୍ନାର ପ୍ରିୟ ଗୋମାତା ଥିଲେ
ଏବେମୋ ପ୍ରିୟ ସେହି ।
ଗୋମାତା ପୂଜା କରଇ ଯିଏ
ବଢ଼ଇ ତାର ଯଶ
ତେତିଶ କୋଟି ଦେବତା ତହିଁ
କରନ୍ତି ବସ ବାସ ।

ଚକର ପୁର, ଗୌଡ ଗୋପ, ମାହାଙ୍ଗା, କଟକ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା –
୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି
ପଢ଼ିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ
ଦିଅନ୍ତୁ ।

www.editor.vedantimagazine@gmail.com

# ମୁଁ ଆଉ ମୋ ପ୍ରେମ



ରାଜେଶ କୁମାର ବାରିକ

ନୁଆଁ ନୁଆଁ କଲେଜ୍ ଯିବା ଯେଉଁ ଖୁସି ତାହା କେଉଁ ପାର୍କ କ ହୋଟେଲ୍ ରେ ମିଳେନା। ନୂଆଁ ସାଙ୍ଗ ଖୋଲୁମ୍ ଖୋଲ୍ ମସ୍ତି ତାହା ପୁଣି ଟିଚର କ ଘର ଲୋକଙ୍କ ଟେନସନ୍ ବିନା। ସତେ ଯେମିତି ...... ମଣିଷ ଆଜାଦି ପାଇଗଲା। କଛି ଦିନ ତ ବେସ୍ ଭଲ ଲାଗିଲା।ପରେ ଯେସାକୁ ତେସା ହୋଇଯାଇଥାଏ। କହିବାକୁ ଗଲେ ଅନର୍ସ ର ମିଳବା ପରେ ସମସ୍ତେ ଯେମିତି ପର ହୋଇ ଯାଇଥିଲେ। ନଜ ନଜ ଅନର୍ସରେ ପଢା ପଢି, କ୍ଲାସ ଓ ଡିପାଟମେଣ୍ଟ କୁ ନେଇ ବ୍ୟସ୍ତ। କନ୍ତୁ ମୁଁ ମୋ ଡିପାଟମେଣ୍ଟ କୁ ନେଇ କମ୍ଫଟ ଫିଲ୍ କରୁନଥିଲି। ଫାଇନାଲି ମୋତେ ଭାରି ବୋରିଂ ଲାଗୁଥିଲା।ଏମିତି ଏମିତିରେ ପ୍ରଥମ ସପ୍ତାହ କଲେଜ୍ ଖୋଲିଲା ପରେ ପାଠ ପଢାରେ ମନ ଦେଲି।

କଲେଜ୍ ପାଖ ଅଙ୍କା ବଙ୍କା ଫାଙ୍କା ଫାଙ୍କା ରାସ୍ତା ଆଉ ରାସ୍ତା ପଖରେ ଗୋଟେ ଚା' ଦୋକାନ ପାଖରେ ବସିଥାଏ ମୁଁ। ଅପେକ୍ଷା କରିଥାଏ କେହିଜଣେ ସାଙ୍ଗ କୁ ଲିଫ୍ଟ୍ ନେଇ କଲେଜ୍ ଜିବି। ଧିରେ ଧିରେ ପବନର ବେଗ ବଢିବାକୁ ଲାଗିଲା ଗଛର ପତ୍ର ସାଙ୍ଗକୁ ଧୂଳବି ଉଡିବାରେ ଲାଗିଲା ସତେ ଯେମିତି ଆଷାଢୁଆ ବର୍ଷା ଟା ଏଇନା ବରଷି ଯିବ। କହୁ କହୁ ଧିମା ଧିମା ବର୍ଷା ଆରମ୍ଭ ହୋଇଗଲା। ଦେଖେ ତ ସେ ପାଖରୁ ସାଙ୍ଗ ଦିଲ୍ଲିପ୍ ବି ସାଇକେଲ୍ ରେ ଦୃତଗତିରେ ମାଡି ଚାଲୁଥାଏ। ସଙ୍ଗେ ସଙ୍ଗେ ସାଇକେଲ କୁ ମୋ ଆଗରେ ରଖି ପଛପଟ ସିଟ୍ ରେ ବସିପଡିଲି। ଏମିତିରେ ବି ବର୍ଷାର ମାତ୍ରା ବଢିବାରେ ଲାଗୁଥାଏ। ମୁଁ ସାଇକେଲ କୁ ଧରି ସ୍ପିଡ ରେ ଚଲାଇ ଚଲାଇ କଲେଜ୍ ଭିତରେ ପ୍ରବେଶ କଲି କନ୍ତୁ କଣ୍ଟ୍ରୋଲ୍ କରି ନପାରିବାରୁ ସାଇକେଲ୍ ଷ୍ଟାଣ୍ଡରେ ଧକ୍କା ହେଲା । ଏପାଖେ ବର୍ଷାର ମାତ୍ରା ସାଙ୍ଗକୁ କ୍ଲାସ୍ ଲେଟ୍ ହେଉଥିବାରୁ ଦିଲ୍ଲିପ୍ ଆଉ ମୁଁ ଦୌଡି ଦୌଡି କ୍ଲାସ୍ ରେ ପସିଗଲୁ।

କ୍ଲାସ ଆରମ୍ଭ ହୋଇଗଲା, ଦେଖିଲି ମୋ ସିଟ୍ ପାଖ ସିଟ୍ ରେ ଗୋଟେ ଝିଅ ଟିଏ ବସି ମୋତେ ବାରମ୍ବାର ଗ୍ଗୁହୁଁଛି କନ୍ତୁ କଛି କହୁନ ତା ପାଖରେ ବସିଥିବା ଝିଅକୁ କଛି ଗୋଟେ କହୁଛି। ମୁଁ ଦେଖୁଥିଏ କଛି କହୁନଥାଏ, ଏମିତି କଛି ସମୟ ପରେ ଦିଲ୍ଲିପ୍ କୁ ଡାକ ଏ କଥା କହିଲି ଦିଲ୍ଲିପ୍ କହିଲା ତୁ ବଝି ପାରୁନୁ କଣ ବେ ସେ ଝିଅ ତୋତେ ଭଲ ପାଉଛି । ସେଥିପାଇଁ ତୋତେ ବାରମ୍ବାର ଗ୍ଗୁହୁଁଛି! ମନ ବୁଝିଲା ନାହିଁ ଚକର୍‌ କୁ ପଗ୍ଗରିଲି ସେବି ସେଇ କଥା କହିଲା।

ଦୋନ୍ଦରେ ପଡିଗଲି କନ୍ତୁ ମନରେ ନିଆଁ ଲାଗିଗଲା, ଛାତିରେ ମଳୟ ବହିଲା ହୃଦୟ ର ସ୍ପନ୍ଦନ ଟା ଯେମିତି ଅବୋଲକର୍ ହୋଇଗଲା। କଛି ବୁଝା ପଡୁନଥାଏ। ତାର ସେଇ ଛୋଟ ଓଠ ନରିହ ଆଖି ମୋତେ ଯେମିତି ପାଗଳ କରି ଦେଉଥାଏ । ବୈଶାଖ ରେ ସୁଖିଯାଇଥିବା ମନରେ ଯେମିତି ପ୍ରେମର ବର୍ଷା ବର୍ଷିବାକୁ ଲାଗୁଥାଏ। ଚନ୍ଦନ କାଠରେ ମଳୟ ଲାଗିଲା ଆଉ ଫୁଲ ଦେହକୁ ବାସ୍ନା ଫେରିଲା ପରି ମୋର କେମିତି କଣ ଗୋଟେ ହୋଇ ଯାଉଥାଏ। ଏମିତି ଦେଖା ଦେଖି ଭିତରେ କ୍ଲାସ ଶେଷ ହେବା ଘାଣ୍ଟି ବାଜିଲା । ଏମିତି ରେ ଏହାରି ଭିତରେ ୩ଟା କ୍ଲାସ୍ ସରିଯାଇଥାଏ।କଛି ଜଣା ପଡୁନଥାଏ। ଧିରେ ଧିରେ ସମସ୍ତେ ଉଠିକରି ବାହାରକୁ ଗଲେ ଆଉ ମୁଁ ଦିଲ୍ଲିପ କୁ ଜାବୁଡି ଧରି କହିଲି ରେ ......ଦିଲ୍ଲିପ ମୋତେ ପ୍ରେମ ହୋଇ ଗଲାରେ । ମୋତେ ପ୍ରେମ ହୋଇଗଲା।

କ୍ଲାସ ରୁମ୍ ଭିତରେ ମୋ ସାଙ୍ଗ ଚକର୍, ସର୍ରୋଜ ସହ ମିଶି ମସ୍ତି କରୁଥାଏ । ହଠାତ୍ ଦିଲ୍ଲିପ ଆସି କହିଲା ର୍‌ଜେଶ ତୋତେ ସେ ଝିଅ ଡାକୁଛି, ବାହାରେ ଛିଡା ହୋଇଛି, ତୋତେ କଛି ଗୋଟେ କହିବ। ମନରେ ଲଡୁ ଫୁଟିଗଲା ମୋର ଷ୍ଟାଇଲ୍, ସ୍ମାଇଲ୍ ସହ ଗ୍ଗଲିବି ବଦଳ ଗଲା। ସର୍ରୋଜ ର ପାଙ୍କଳଆ କଥା ଶୁଣି ଭ୍ଭିବିଲି ଆଜି ଗୋଟେ ପ୍ରୋପଜ୍ ଟା ହୋଇଯିବ । ଆଉ ପ୍ରୋପଜ୍ ପରେ ପାର୍ଟି, ପୁଣି ଆଉ କଛି.... ଏମିତି ହଉ ହଉ କ୍ଲାସ ବାହାରକୁ ଆସିଲି।

କ୍ଲାସ୍ ବାହାରେ ଗାଡେନ୍ ରେ ସେ ଆଉ ତା ସାଙ୍ଗ ଦୁଇ ଜଣ ଛିଡା ହୋଇଥାନ୍ତି। ମନ ଉଛନ୍ନ ହେଲା, ଆଜି କଛି ଗୋଟେ ହବ। ସହାସ ହେଉ ନଥାଏ, ସମସ୍ତେ ବେଷ୍ଟ ଅଫ ଲକ୍ କହି ଛାଡିଲେ। ମନ ଖୁସିରେ ଧିରେ ଧିରେ ଯାଇ ତାଙ୍କ ପାଖରେ ପହଞ୍ଚିଲି। ଆଉ ତା

ପରେ ଯେଉଁ କଥା ହେଲା ନା ସେଥିରେ ମୁଁ ମୋ ପର୍ସରୁ ୫୦୦ ଟଙ୍କା ଦେଲାପରେ ଯାଇ ସୁଝିଲା।

ପ୍ରେମ ଫେମ ସବୁକଛି ପାଣିର ଫଟୋକା ପରି ମିଳାଇ ଗଲା। ମୁହଁକୁ ଶୁଖାଇ ଫେରିଲା ପରେ ଚକରା ଆଉ ଦିଲ୍ଲିପି ପଗ୍ଭରିଲେ କଣ ହେଲା ସାଇକେଲ୍ ଷ୍ଟାଣ୍ଡରେ ସାଇକେଲ କୁ ଯେଉଁ ଧକ୍କା ଦେଇଥିଲି ନା ସେ ସାଇକେଲ୍ ୟାର ଥିଲା, ଆଉ କଣ ହେବ**?......** ସେବେଠାରୁ କାନ ମୁଣ୍ଡ ଆଉଁସି ଶପଥ ନେଲି କେବେବି କହା କଥାରେ ପଡି ନଜ ଭ୍ଵବନାକୁ ବଢାଇବି ନାହିଁ। କନ୍ତୁ ସେଇ ମିଛ ଭ୍ଵବନାରେ ଯେଉଁ ପ୍ରେମ ଆରମ୍ଭ କରିଥିଲା ନା ପ୍ରେମ ର ଅନୁଭୂତି କୁ ମନ, ହୃଦୟ ରେ ଛାପ ଛାଡି ଦେଇଥିଲା। ଖୁବ୍ ଚମତ୍କାର ଥିଲା ତାହାର ପରିଭ୍ଵଷା।

ଦେବେନ୍ଦ୍ର ପୁର, ଅଜଣା, ବାଲେଶ୍ଵର

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ଜୀବନଟା ଏକ ଜଟିଳ ଗଣିତ

ଶ୍ରୀ ନୃସିଂହାନନ୍ଦ ମହାପାତ୍ର

ଜୀବନଟା ଏକ ଜଟିଳ ଗଣିତ
ପାରିଲିନ ଜମା ବୁଝି
ବୁଝିବାରେ ସାର୍ ଜୀବନ ହଜିଲ୍
ପାଉ ନାହିଁ ଆଉ ଖୋଜି ।

ବୃଥା ଭାଳବାରେ ଲାଭ କବା ଆଉ
ଯାହା ଥରେ ଗଲ୍ ଗ୍ଭଲି
ଫେରିବନ ଆଉ ଅପେକ୍ଷା କରିବା
ଆଶାରେ ଆସନ୍ତା କାଲି ।

ଗତର ଶୋଚନା ଆଗାମୀ ଭାବନା
ବୃଥା ସତ୍ୟ ବର୍ତ୍ତମାନ
ଯେତେ କହିଲେ ବି କଛି ତ ବୁଝେନା
ବଡ଼ ଅବୁଝା ଏ ମନ ।

ମନ ଭିଆଉଛି ଜୀବନ ଜଗତ
ଯୁଦ୍ଧ, ଶାନ୍ତି ଆଉ କ୍ରାନ୍ତି
ମନ କରିପାରେ ସଭିଙ୍କୁ ଆୟତ
ମନରେ ସବୁରି ସ୍ଥିତି ।

ଶ୍ରୀକ୍ଷେତ୍ରେ ସାଗର ପାଖେ ସ୍ୱର୍ଗ ଦ୍ୱାର
କବା ଦିନ କବା ରାତି
ମରଣ ଉତ୍ସବ ଲାଗିଥାଏ ଏଠି
ସୃଷ୍ଟିର ଏ ମହା ରୀତି ।

ଜୀବନେ ଜୀବନ ମିଶିଲେ ଜୀବନ
ହୁଏ ସଦା ମଧୁମୟ
ମଧୁରେ ମଧୁରେ ଭରା ଏ ସଂସାର
ସୃଷ୍ଟି ତ ମଙ୍ଗଳ ମୟ ।

ମିଳନରେ ଭେଦ ଭେଦରେ ବିଭେଦ
ଜୀବନର ପଶା ପାଲି
ଭେଦା ଭେଦ ଭୁଲି ଭାବରେ ଭେଟିଲେ
ମଧୁ ଶାଳା ଯାଏ ଖୋଲି ।

ବିଶ୍ୱାସରେ ଗଢା ନଖିଳ ଏ ବିଶ୍ୱ
କି ସୁନ୍ଦର ଏ ମଧୁମୟ
ଇର୍ଷା ସନ୍ଦେହର ବିଷ ବୀଜ ବୁଣି
କରନାହିଁ ସୃଷ୍ଟି କ୍ଷୟ ।

କାହାରି ହୃଦୟ ଦେଖନ୍ତିନ କେହି
ସବୁ ବିଶ୍ୱାସର କଥା
ବିଶ୍ୱାସ ତୁଟିଲେ ହୃଦୟ ବି ହଜେ
ଜୀବନରେ ବଢେ ବ୍ୟଥା ।

ମଥା ବିକ ଦେଲେ    କଥା ସରିଗଲା
ଜୀବନ ମହତ ଶେଷ
ଆପଣା ବୁଦ୍ଧିରେ    ବାଟ ଗ୍ଭଲୁ ଥିବି
ମିଳୁ ବା ନ ମିଳୁ ଯଶ   ।।

ଅଧ୍ୟାପକ, ସରକାରୀ ଆଇଟି ଆଇ, ଫୁଲବାଣୀ

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ମାହୋଲର ପ୍ରତିବିମ୍ବ

ଶ୍ରୀ ପୀତବାସ ଦଳବେହେରା

ଏମିତି ଗଲ୍‌ଣି   କେତେ ଯେ ବସନ୍ତ
ଧରିତ୍ରୀ ମାଆକୁ ଛୁଇଁ
ଆସି ଫେରୁଥିବ   ବରଷକେ ଥରେ
କେତେ ଯେ ସମ୍ଭାର ନେଇ ।

ଆଜି ଉପସ୍ଥିତ   ବସୁମତୀ କୋଳେ
ସେ ଋତୁ-ରାଜ ବସନ୍ତ
ସେ ବାରଣ ନେଇ   ବୃକ୍ଷ ଡାଳେ ବସି
କୋଇଲି ଗାଉଛି ଗୀତ ।

ମହୁଲ ଡାଳରେ   ହଳଦୀ ବସନ୍ତ
ସୁଗମ ସଙ୍ଗୀତ ଗାଏ
ବାର ମାସୀ ପିକ   କାନନରେ ଭ୍ରମି
ତା ରାଗିଣୀ ଶୁଣାଉ ଥାଏ ।

ବନ ଉପବନେ   ତରୁଲତା ପିନ୍ଧି
ନବ ପଲ୍ଲବ-ବସନ
ଧରଣୀ ରାଣୀଙ୍କ   ଅଙ୍ଗ ସଜାଉନ୍ତି
କୁସୁମେ କରି ମଣ୍ଡନ ।

ଋତୁ-ରାଜ ସାଥେ  ନେଇ ଆସି ଥାନ୍ତି
ପାବନର ଦୋଳ ଯାତ
ସହଚର ହୋଲି  ରଙ୍ଗର ପରବେ
ସର୍ବେ ହୋନ୍ତି ରଙ୍ଗାୟିତ  ।

ଖୁସିର ମାହୋଲେ  ବାଳ ଯୁବ ବୃଦ୍ଧ
ହୋଇଥାନ୍ତି ଆତ୍ମହରା
କେହି ନ ଭାବନ୍ତି  ଦୁଃଖର ବୋଝରେ
ଭାରାକ୍ରାନ୍ତ ବସୁନ୍ଧରା  ।

ହୋଲି ପର୍ବ ଭଲ  ଖୁସି ଆମ ପାଇଁ
ଅନେକ ତ ଧରା ଧାମରେ
(କନ୍ତୁ)କଛି ଦୁଃଖ ପାଇଁ  ଲୁହ ଝରେ ସଦା
ଧରଣୀ ମା'ର ନେତ୍ରରେ  ।

ସମାଜେ ଚାଲିଛି  କେତେ ଅପ କର୍ମ
ତେଣେ ରଖ ଟିକେ ଧ୍ୟାନ
ଚୋରି ଡକାୟତି  ନାରୀ ନର୍ଯ୍ୟାତନା
ନା ବାଳକା ଦୁଷକର୍ମ  ।

ଯଉତୁକ ପାଇଁ  ବଧୂହତ୍ୟା କେତେ
ସମାଜରେ ଘଟି ଯାଏ
ନରୀହା ଝିଅଟି  ନରହନ୍ତା ଘରେ
ବୋହୂ ହୋଇ ପ୍ରାଣ ଦିଏ  ।

ଯେତେ ଥାଉ ପଛେ  ଖୁସିର ମାହୋଲ
ଅଧିକ ଏ ସବୁ  ଦୁଃଖ

ଏହି ଦୁଃଖେ ପର୍   ସଦା ଲୁହ ଭିଜା
ଧରଣୀ ମାଆର ମୁଖ   ।

ଆବାହନ ଆଜି   କରେ ମୁଁ ତାହାଙ୍କୁ
ଯିଏ ଭବିଷ୍ୟତ ରଥୀ
ସେହିମାନେ ଆଉ   କେହିତ ନୁହନ୍ତି
ସେତ ସମାଜର ଯୁବ ପନ୍ତି   ।

ଏମିତିକା ଯେତେ   ଜଘନ୍ୟ କର୍ମକୁ
ତୁମ୍ଭେ ନ କରିବ କେବେ
ନିବାରଣ କର   ସମାଜୁ ସେସବୁ
ଶପଥ ନେଇଣ ସର୍ବେ   ।

ଯୁବ ଗୋଷ୍ଠୀ ସର୍ବେ   ଯାଗ୍ରତ ହୋଇଲେ
ସମାଜୁ କଳଙ୍କ ଯିବ
ମାତୃଜାତି ଆମ   ଝିଅ ଭଉଣୀଙ୍କ
ସମସ୍ତ ସୁରକ୍ଷା ହୋଇବ   ।

ଅନ୍ୟାୟ ଅନୀତି   ବିରୁଦ୍ଧେ ଲଢ଼ିବ
ପଛ ଘୁଞ୍ଚାଟି ନ ଦେବ
ଘୃଣ୍ୟ କର୍ମ ଯେତେ   ହଟିଲେ ଦେଶରୁ
ସମାଜଟା ସୁସ୍ଥ ରହିବ   ।।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
କାଟିଙ୍ଗିଆ, କନ୍ଧମାଳ, ଓଡିଶା

# ପୁରୁଷାର୍ଥ

ନିରଞ୍ଜନ ସାହୁ

ଭାଙ୍ଗି ପଡନାହିଁ ଦୁଃଖ କରନାହିଁ
କାର୍ଯ୍ୟରେ ହୋଇଲେ ବିଫଳ
ମନ ଦୃଢ କରି ପରିଶ୍ରମ କର
ନିଶ୍ଚୟ ହୋଇବ ସଫଳ ।
ହାରିବା ଜିତିବା ଛକାପଞ୍ଝା ଖେଳ
ଲାଗିଥାଏ ଜୀବନରେ
କେତେବେଳେ କଏ ଜିତି ଯାଇଥାଏ
କେତେବେଳେ ପୁଣି ହାରେ
ଭାଗ୍ୟ ଯେତେବେଳେ ଭଗାରୀ ସାଜଇ
ମିଳଇ ଅବଶ୍ୟ କୁଫଳ ।
ଭାଗ୍ୟକୁ ଜିତିବା ବଡ କଠିନ ଯେ
କର୍ମ ଆମ ଅଧିନସ୍ତ
ଆତ୍ମବିଶ୍ୱାସର ସହିତେ ଲଢିବା
ଭାଗ୍ୟ ହେବ ଅପଦସ୍ତ
ପୁରୁଷାର୍ଥ କଲେ ଜୀବନେ ଆସିବ
ଦିନେ ନା ଦିନେ ତ ସୁଫଳ ।

ନହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ

# ସାବରମତୀ ରେ ଗୋଟିଏ ରାତି



କେଶରୀ ପ୍ରସାଦ ମହାନ୍ତି

୨୦୧୯ ନଭେମ୍ବର ରେ ଗୁଜୁରାଟରେ ଆକାଡେମି ଅଫ୍ ପ୍ଲାଣ୍ଟ ସାଇନ୍ସ ଇଣ୍ଡିଆ (APSI) ର ସମ୍ମିଳନୀ ରେ ଯୋଗଦେବା ପରେ ଓଡିଶା ଫେରିବା ପୂର୍ବରୁ ସାବରମତି ଆଶ୍ରମ ପରିଭ୍ରମଣ ନିମନ୍ତେ ମନ ବଳେଇଲି ।

ସାବରମତୀ ଆଶ୍ରମ କୁ ପରିଭ୍ରମଣ କରୁ କରୁ ସଂଧ୍ୟା ହୋଇଯାଇଥାଏ । ସୂର୍ଯ୍ୟ ସତେ ଯେପରି ସାବରମତୀ ନଦୀ ଜଳକୁ ନଇଁ ଯାଉଥାନ୍ତି । ସାଂୟକାଳ ଯେପରି ଢଳ ଢଳ ଗୁଜୁରାଟ କୁ ମାଡି ଆସିଲି ସାବରମତୀ ର ନୀଳ ଢେଉର ପ୍ରତିଟି ଗାତ୍ରରେ ଧୂସର ଅନ୍ଧାର । ଏହି ସମୟରେ ହୋଟେଲ କୁ ଫେରି ଏକୁଟିଆ ସାବରମତୀ ଆଶ୍ରମ ର ସ୍ମୃତି କୁ ରୋମନ୍ଥନ କରୁଥାଏ ।

ସାବରମତୀ ଯାହା ଥିଲି ଦିନେ ଗାନ୍ଧୀବାଦର ଆଦିକେନ୍ଦ୍ର, ଯେଉଁଠାରେ ସତ୍ୟ, ଅହିଂସା, ସର୍ବଧର୍ମ ସମନ୍ୱୟ, ସ୍ୱଦେଶି ଦ୍ରବ୍ୟ ବ୍ୟବହାର ର ଘଟିଥିଲି ମହାସଙ୍ଗମ । ଯେଉଁ ଭୂମି ଉପରେ ଶୁଭୁଥିଲି ସକାଳୁ ସଂଧ୍ୟାଯାଏ "ରଘୁପତି ରାଘବ ରାଜା ରାମ, ପତିତପାବନ ସୀତା ରାମ" ର ମହାନ, ଅମୃତମୟ ଧ୍ୱନି, ସେଇ ପବିତ୍ର ସାବରମତୀ ଆଶ୍ରମ ଏବେ ବି ଠିଆ ହୋଇ ରହିଛି ।

ଆଶ୍ରମ ପରିଭ୍ରମଣ ସମୟରେ ଅନୁଭବ ହେଲି ଏବେ ବି ସତେ ଯେପରି ସାବରମତୀ ଆଶ୍ରମ ଗାନ୍ଧୀଙ୍କର ସେ ମହାନତାକୁ ନିଜ ବକ୍ଷରେ ଜାବୁଡି ଧରିଛି ।

ଲକ୍ଷକଲି ସେ ପରିବେଶ କେତେ ଶାନ୍ତ, ନିରବ ଏବଂ ସ୍ୱଚ୍ଛ । ଗଛ ପତ୍ର ସତେ ଯେପରି ଧିର ପବନର ତାଳେ ତାଳେ ଅହିଂସା ର ମନ୍ତ୍ର ଗାଉଛନ୍ତି ଆଉ ପ୍ରାର୍ଥନା ଗୃହରେ ବିଦେଶି ଯୁବକ ଯୁବତୀଙ୍କର ଭକ୍ତିପୁତ ପ୍ରାର୍ଥନା କୁ ଲକ୍ଷ କରି ମୁଁ କିଛି ସମୟ ପାଇଁ ବିଚଳିତ ହୋଇ ଯାଇଥିଲି । ଇଚ୍ଛା ହେଉଥିଲି, ଆଜି ଗାନ୍ଧି ଥାନ୍ତେ କି, ପଗ୍ଭରିଥାନ୍ତି ମନରେ ଥିବା ଅସୁମାରି

ପ୍ରଶ୍ନ ଓ ଖୋଜିଥାନ୍ତି ତାର ଉତ୍ତର । ଏକଥା ଭାବୁ ଭାବୁ କେତେବେଳେ ଯେ ନିଜ ଆସିଗଲା, ମୁଁ ଜାଣି ନଥିଲି ।

ହଠାତ୍ ଦେଖିଲି ଜଣେ ଆଣ୍ଠୁ ଲୁଚୁ ନଥିବା ସ୍ୱଚ୍ଛ ଖଦଡ ଧୋତି ପିନ୍ଧିଥିବା, ଗୋଲ ଚଷମା ପିନ୍ଧା ବୃଦ୍ଧ ଅଣ୍ଟାରେ ଘଡି, ହାତରେ ଗୀତା ବହି ଓ ବାଡି ଧରି ମୋ ସାମ୍ନାରେ । ପଚାରିଲି – ଆପଣ କଣ ଗାନ୍ଧୀ?

ପ୍ରତିଉତ୍ତର ଆସିଲା - ଯାହା ହେଉ ମୋତେ କିଏ ଚିହ୍ନି ପାରିଲା, ନଚେତ୍ ୨୦୧୯ ମସିହାରେ ଇଣ୍ଟରନେଟ ରେ ବ୍ୟସ୍ତ ଥିବା ଯୁବ ପିଢି ମୋତେ ଚିହ୍ନିବେ କେମିତି? ବୋଧହୁଏ ଏସବୁ ସେମାନଙ୍କର ଦେଶପ୍ରେମ ।

ପୁନର୍ବାର ମୁଁ ପଚାରିଲି, ବାପୁ, ମୁଁ ଆପଣଙ୍କୁ ସାବରମତୀ ରେ ଅନୁଭବ କରିବାକୁ ଚେଷ୍ଟା କରିଛି, ଜାଣିବାକୁ ଚାହେଁ, ଆପଣଙ୍କ ଠାରୁ ମୋ ମନରେ ଜମାଟ ବାନ୍ଧିଥିବା ପ୍ରଶ୍ନର ଉତ୍ତର ।

ଦିର୍ଘ ୨୦୦ ବର୍ଷ ଧରି ବିଦେଶି ଶାସନର ଯନ୍ତ୍ରଣା ଭୋଗୁଥିବା ଭାରତକୁ ଆପଣ କଷ୍ଟ କରି ସ୍ୱାଧିନ କଲେ, ହେଲେ ସ୍ୱାଧିନତାର ୭୩ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ଆମ ଦେଶ ପଛରେ କାହିଁକି?

-ବାପୁ କିଛି ସମୟ ନିରବ ହୋଇ ଉତ୍ତର ଦେଲେ – ଏଥିପାଇଁ ନାଗରିକ ଦାୟୀ, ନେତା ଦାୟୀ, ସରକାର ଦାୟି । ଶାସନ ବ୍ୟବସ୍ଥା ବି ଦାୟୀ ।

ପୁନର୍ବାର ବାପୁଙ୍କୁ ପ୍ରଶ୍ନ – ବର୍ତ୍ତମାନ ର ଜନସଂଖ୍ୟା ବୃଦ୍ଧି ଭାରତରେ ମୁଖ୍ୟ ସମସ୍ୟା । କିନ୍ତୁ ଆପଣ କହିଥିଲେ, “କାଟି ପିନ୍ଧ, କୁଟି ଖାଅ” । ଏ ବ୍ୟବସ୍ଥା ଗୁଡ଼ିକମାନେ ଶିଳ୍ପାୟନ ର ବିରୋଧ, ହେଲେ ଦେଶର ପ୍ରଗତି କିଭଳି ହେବ?

-ବାପୁ ସ୍ମିତ ହାସ୍ୟରେ ଉତ୍ତର ଦେଲେ – ମୁଁ ଶିଳ୍ପାୟନକୁ ଘୃଣା କରେନି । କିନ୍ତୁ ଯେଉଁ ଶିଳ୍ପ ଲୋକଙ୍କ ପାଖରୁ କାମ ଛଡେଇ ନିଏ ମୁଁ ସେ ଶିଳ୍ପକୁ ଘୃଣା କରେ ।

ପୁନର୍ବାର ମନକୁ ପ୍ରଶ୍ନ ଆସିଲା – “ଯଦି ଆପଣଙ୍କ ମତରେ ମଣିଷ ଏକ, ପୁଣି ଜାତିଭେଦ କାହିଁକି”?

ଗାନ୍ଧିଜୀଙ୍କ ଉତ୍ତର ରେ ମୁଁ ଶୁଣିବାକୁ ପାଇଥିଲି – ମଣିଷ ଏକ ଜାତି ଥିଲା, ଅଛି, ରହିଥିବ । କନ୍ତୁ ବର୍ତ୍ତମାନ ରାଜନତୀରେ ଆଗକୁ ଯିବା ପାଇଁ ମଣିଷକୁ ପଶାପାଲିର ଦାନ କରି ହିନ୍ଦୁ, ମୁସଲମାନ, ଜେନେରାଲ, ଓବିସି, ଏସ୍.ଟି., ଏସ୍.ଟି. କରି ଦିଆଯାଇଛି ।

ପୁଣି ମନକୁ ପ୍ରଶ୍ନ ଆସିଲା – "ଅହିଂସା ଉପାୟରେ କେମିତି ସଫଳତା ସାଧ କରିହେବ ଯେତେବେଳେ କ ସମଗ୍ର ବିଶ୍ୱ ଯୁଦ୍ଧାଭିମୁଖୀ"?

ବାପୁଙ୍କ ଉତ୍ତର ଥିଲା-ଅହିଂସା ପରମ ଧର୍ମ । ଲକ୍ଷ କର, ଅହିଂସା ଯୋଗୁ ଆଜି ବି ଭାରତ ଜାତିସଂଘରେ ପ୍ରଶଂସିତ ।

"ବାପୁ ଯଦି ଆମର ଗୋଟିଏ ଦେଶରେ ଗୋଟିଏ ପତାକା, ଗୋଟିଏ ଜାତୀୟ ସଂଗୀତ ତେବେ ଗୋଟିଏ ଭାଷା ହେବା ସମ୍ଭବ କ?"

-ବାପୁ ଗମ୍ଭିର ହୋଇ କହିଲେ, ଭାରତ ଭଳ ଦେଶରେ ବିଭିନ୍ନତାରେ ଏକତା ମୁଖ୍ୟତଃ ଦେଖାଯାଏ । ତେଣୁ ନଜ ମାତୃଭାଷାକୁ ସମ୍ମାନ ଦେବା ସହ ସବୁ ଭାରତୀୟକୁ ଗୋଟିଏ ଫୁଲର ମାଳରେ ସଜାଇ ରଖିବାକୁ ହେଲେ ଗୋଟିଏ "ଲିଙ୍କ୍ ଲାଙ୍ଗୁଏଜ୍" ର ଆବଶ୍ୟକତା ରହିଛି ।

ଆପଣ କହିଥିଲେ, "ନାରୀ ଶିକ୍ଷିତା ଓ ସୁରକ୍ଷିତ ହେଲେ ଦେଶ ସ୍ୱାଧିନ ହେବ । ହେଲେ ଦୁଃଖର ବିଷୟ ଏବେ ଏ କାମାନ୍ଧ ମଣିଷ କୋମଳମତୀ ଶିଶୁଙ୍କୁ ବି ଛାଡୁନ । ତେଣୁ କଭଳ ଏ ସମସ୍ୟା ଦୂର ହେବ ।

-ହଠାତ୍ ଲାଗିଲା ଯେମିତି କଏ କହୁଛନ୍ତି ଏଥିରେ ସେତେବେଳେ ପରିବର୍ତ୍ତନ ହେବ ଯେତେବେଳେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବ ।

-ସାଧୁ ଓ ସତୀ ଏ ପ୍ରସଙ୍ଗରେ ଆପଣଙ୍କ ମନ୍ତବ୍ୟ?

-"ଧରା ନପଡିଲେ ସମସ୍ତେ ସାଧୁ, କେହି ନ ଜାଣିଲେ ସମସ୍ତେ ସତି" ।

-ଶେଷ ପ୍ରଶ୍ନ ମନରେ ଉଙ୍କି ମାରୁଥିଲା- "ହେ ବାପୁ, ଆପଣତ ଦିବ୍ୟଦ୍ରଷ୍ଟା, ତେବେ କହିବେକ ଆଣବିକ ଯୁଦ୍ଧ କେବେ ଏ ବିଶ୍ୱକୁ ଧ୍ୱସଂ କରିବ"?

ଗାନ୍ଧୀ ହସି କରି ଉତ୍ତର ଦେଲେ, ଆରେ ବାବୁ, ମଣିଷକୁ ଧ୍ୱଂସ କରିବାକୁ ଆଣବିକ ଯୁଦ୍ଧର କୌଣସି ଆବଶ୍ୟକତା ନାହିଁ । କେବଳ **"Ecological War"** ହିଁ ଯଥେଷ୍ଟ ।

ଯେତେବେଳେ ପୃଥିବୀରେ ପ୍ରଦୂଷଣ ଯୋଗୁ ଜଳ ମିଳିବନି, ଖାଦ୍ୟ ମିଳିବନି, ଅମ୍ଳଜାନ ନଥିବ, ତେବେ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ବଞ୍ଚିବେ କେମିତି? ତେଣୁ Ecological War ହିଁ ଯଥେଷ୍ଟ। ୧୯୪୭ ରେ ଦେଶ ସ୍ୱାଧୀନ ହୋଇଛି, ଯଦି ମଣିଷ ନ ଚେତିବ, ତେବେ ନିଶ୍ଚିତ ୨୦୪୭ରେ ଯୁଦ୍ଧ ହେବ କିନ୍ତୁ କ୍ଷମତା ପାଇଁ କି ଶକ୍ତି ପାଇଁ ନୁହେଁ, ଯୁଦ୍ଧ ହେବ ଖାଦ୍ୟ, ଜଳ, ବାସଗୃହ ପାଇଁ।



ଶେଷ ପ୍ରଶ୍ନ:-

"ଗାନ୍ଧୀ ୧୫୦ ତମ ଜନ୍ମଜୟନ୍ତୀ ପାଳନ ଉପଲକ୍ଷେ ଆପଣଙ୍କ ମନ୍ତବ୍ୟ"?

-ହଠାତ୍ ଗାନ୍ଧୀ ଅଦୃଶ୍ୟ ହୋଇଗଲେ। ମୋ ନିଦ ଭାଙ୍ଗିଗଲା ମୁଁ ରୁମ୍ ଭିତରେ କିଏ? କିଏ? ଚିତ୍କାର କଲି। ରୁମ୍ ରୁ ପ୍ରତିଧ୍ୱନି ଶୁଭୁଥାଏ।

"କହିବା ଆଗରୁ କର। ଯଦି ପାରୁଛ କିଛି କରିକି ଦେଖାଅ, ଖାଲି ଭାଷଣ ଦେଲେ ଦେଶର ପ୍ରଗତି ହବନି"। ବୋଧହୁଏ ଏହା ଥିଲା ମୋ ଶେଷ ପ୍ରଶ୍ନର ଉତ୍ତର।

ହଠାତ୍ ମୋ ଶିକ୍ଷକ ଡଃ ସାରଦା ମହାପାତ୍ରଙ୍କ ଫୋନ୍ ବାଜି ଉଠିଲା। ଟ୍ରେନ୍ ଟାଇମ ପାଖେଇ ଆସୁଥାଏ। ମୁଁ ଓଡିଶା ପ୍ରତ୍ୟାବର୍ତ୍ତନ କଲି।

ବି.ଦ୍ର: ବାପୁଙ୍କ ସହ ବାର୍ତ୍ତାଳାପ ସଂପୂର୍ଣ୍ଣ କାଳ୍ପନିକ। ଗଳ୍ପ ମାଧ୍ୟମରେ ସମାଜକୁ ଲେଖକଙ୍କ ଆହ୍ୱାନ।

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

# କଥା ଦେଇଥିଲ ମଗୁଶୁରକୁ

ଭାରତୀ ସାହୁ

କଥା ଦେଇଥିଲ ମଗୁଶୁରକୁ
ବୋହୁ କରି ନେବ ତମ ଘରକୁ
ତମ ମିଠା ମିଠା କେଇପଦ କଥା କିଣି ନେଇଥିଲା ମୋର ମନକୁ ।
ଯାନ ଯଉତୁକ ନଦେବା ପାଇଁ
କହି ଦେଇଥିଲେ ମୋ' ବାପା, ଭାଇ
ରାଜି ହେଲ ତମେ ମୁଦି ପିନ୍ଧାଇଲ ପଛଘୁଞ୍ଚା ଏବେ କ'ଣ ପାଇଁ ?
ହେବ ବାହାଘର ମୋ' ସହିତ
ଜାଣିଗଲେ ଗାଁ-ଗଣ୍ଡା, ସଙ୍ଗାତ
ମଗୁଶୁର ଆସି ଶେଷ ହୋଇଲାଣି ବାହାଘର କଥା ଧରୁ ନାହଁ ତ ।
ପାପ ଛୁଇଁଲାଣି ମୋର ମନକୁ
ତଥାପି ଅପେକ୍ଷା ମାସ ଶେଷକୁ
ଭାବିଛକି ତମେ ମୋତେ ଭୁଲିଯାଇ ବାହା ହୋଇଯିବ ଆଉ କାହାକୁ !
ଯଦି ତମେ ଆଉ କାହାକୁ ବାହା
ହୋଇକି ଆଣିବ କରି କନିଆ
ତମ ପାଇଁ ସିନା ଅକାଳେ ବୁଡିବ ଦୁଃଖ ନଈରେ ମୋ' ଜୀବନ ନାଆ ।
ତଥାପି ବିଶ୍ୱାସ ତମକୁ ଅଛି
ଭୁଲ ନଷ୍ଟଭି ନେବନି କଛି
ମୁଦି ପିନ୍ଧାଇବା ଦିନଠାରୁ ପରା ତମକୁ ମନରେ ସ୍ଥାନ ଦେଇଛି ।
ଥିବା ଯାଏ ମୋର ପିଣ୍ଡରେ ପ୍ରାଣ
ହୋଇ ମୁଁ ରହିବି ତମର ଜାଣ
ତମେ ମୋତେ ପଛେ ଭୁଲି ଯାଇପାର ଭୁଲିବିନି କେବେ ରହିଲା ରାଣ ।

ଯୁନଦା ପାଟଣା, ଦଶରଥପୁର, ଯାଜପୁର

# ଏମିତି ଅଟେ ମୋ ପ୍ରିୟା



ବିଶ୍ୱରଞ୍ଜନ ପଣ୍ଡା

ତାର ସୃଙ୍ଗାରରେ ସୌଦାମିନୀ ଭି ଲାଜେଇ ଯାଏ |
ନଖର-ନିକରେ ପ୍ରଭାକର ଭି ରୌଦ୍ରତାପ ରୋକଦିଏ
ନୃତ୍ୟ ଗୀତ ସ୍ୱରୁପିଣୀ ପରି ଲାଗେ ଧରା
ଏମିତି ଅଟେ ମୋ ପ୍ରିୟା
ଗୁଞ୍ଜର ଚକରେ କୋଇଲି ର ମାଣିକ ସ୍ୱର ଶିହରଣ ଖେଳେଇ ଦିଏ ।
ସେତ କଇଁଫୁଲ
ମୁଁ ପଙ୍କ ରଙ୍କ ସହ ଆଦାନ ମିଳନରେ ଶୁସ୍କ ଆଶା ଧରି ବସିଛି ।
ଭାବିଛି କଟିତଟରେ ମୁକ୍ତାହାର ଦେବି ।
କିନ୍ତୁ ପ୍ରିୟତମାଙ୍କ ଗ୍ରହଣ ଏକ ପ୍ରମାଦ,
ଏକ ବାମନ ଚନ୍ଦ୍ର ସମ୍ବନ୍ଧ ପରି ମୋ ଅବସ୍ଥା ।
ତଥାପି ତାଙ୍କ ମାଣିକ ମଣ୍ଡଳ ରୂପ ଲାବନ୍ୟ କୁ ଦେଖି
ଅମଳ ଆହ୍ଲାଦରେ ଅଦୃଷ୍ଟ ନିୟତିର କୋଳରେ ନିଦ୍ରା ଯାଏ ।
ଅଭିଳାସ ପୂରଣ ଲକ୍ଷ ନୁହେଁ ।
ଲକ୍ଷ କେବଳ ପ୍ରିୟତମାଙ୍କ ଉଜ୍ୱଳ ସୁନ୍ଦର ସମସ୍ତ ଆଶା ପୂରଣର ନିବେଦନ ।

# ଗୁହାରି ଓଡ଼ିଆଣି ର



ଛବିରାଣୀ ପତି

ପାଟ ପିତାମ୍ବରୀ ଚନ୍ଦନ କସ୍ତୁରୀ
ଷୋଳ କଳା ନନ୍ଦବାଳା
ଗୋପ ନର ନାରୀ  ବୃନ୍ଦାବନେ ହରି
କରନ୍ତି ଗ୍ୱହାସ ଲୀଳା ।

ସ୍ୱର୍ଣ୍ଣ କାନ୍ତି ପ୍ରଭୂ ନୀଳାଦ୍ରି ବିହାରୀ
କୃପା ସିନ୍ଧୁ ଦୀନ ବନ୍ଧୁ
ଅଖିଳ ଧୀଶ୍ୱର ଜଗତର ନାଥ
ସିନ୍ଧୁ ସୁତା ତୁମ ଇନ୍ଦୁ ।

ହେ ପଦ୍ମଲୋଚନ ଲକ୍ଷ୍ମୀ ପ୍ରାଣ ପ୍ରିୟ
ନୟନର ପଥ ଗାମୀ
ଉଦ୍ଧାରିବା ପାଇଁ ଅସାର ସଂସାରୁ
ପାପାଧି ପାତକଗାମୀ ।

ଶଙ୍ଖ କ୍ଷେତ୍ରେ ଶୁଭେ ମୋହନ ବଇଁଶୀ
ବାଇଶି ପାବଛେ ବସି
କାଳଆ ଗଞ୍ଜନ ହେ ପୁରୁଷୋତ୍ତମ
ପରଂବ୍ରହ୍ମ ଦିବା ନଶି ।

ଶୁକ ପରି ଧାଏଁ ତୋ' ଫଳ ଆସ୍ୱାଦେ
ନିରାଶ କରନା ନାଥ
ଘନ ଅନ୍ଧକାର ରହିଛି ଜୀବନ
ଦେଖାଅ ଆଲୋକ ପଥ ।

ଶ୍ରୀକ୍ଷେତ୍ର ପ୍ରଭୁ ହେ, ଦେବ ବିପ୍ରପାଣୀ
ଓଡିଶା ମଉଡ଼ ମଣୀ
କରି କରାଉଛ ବ୍ରହ୍ମାଣ୍ଡ ସାଇଁ, ଏ'
ଓଡ଼ିଆଣି ଶୁଣ ବାଣୀ ।

ମଧ ଶାସନ, ବିରିଡି, ଜଗତସିଂହପୁର

"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# ଛୋଟ ମୋର ନାଆଟି

(ଧାର୍‌ବାହିକ)



ପ୍ରଫେସର ଅନତା ପଣ୍ଡା

## ୧୮-ମେଡିକାଲ କଲେଜ:-

## ଭୟ ନାଶେ ଭକ୍ତି ବିକଶାଏ

### ରକ୍ଷା ସୂତ୍ର:-

ଆଜି ଅଗଷ୍ଟ ବାର ତାରିଖ ଗୁରୁବାର ଶ୍ରାବଣ ପୂର୍ଣ୍ଣିମାକୁ ଗହ୍ମା ପର୍ବ ବା ରାକ୍ଷୀ ପୂର୍ଣ୍ଣିମା ମଧ୍ଯ କୁହାଯାଏ । ଇନ୍ଦୁଅପା କହୁଥିଲେ କଟକ ଆଉ ସମ୍ବଲପୁର ମଧ୍ଯରେ ଏହି ପର୍ବ ଭିନ୍ନ । କଟକ ଜିଲ୍ଲାରେ ବ୍ରାହ୍ମଣ ସମସ୍ତ ପରିବାର ସଦସ୍ୟ ମାନଙ୍କ ହାତରେ ରଙ୍ଗ ସୂତା ବାନ୍ଧି ଥାଆନ୍ତି ମାତ୍ର ପଶ୍ଚିମ ଓଡିଶାରେ ଭଉଣୀ ମାନେ ଭାଇ ମାନଙ୍କ ହାତରେ ରାକ୍ଷୀ ବାନ୍ଧି ଥାଆନ୍ତି। ଆମେ ସମସ୍ତେ ମିଶି ମନ୍ଦିର ଗଲୁ । ବ୍ରାହ୍ମଣ ମାନେ ପୂଜା ଏବଂ ଶ୍ଳୋକ ପଢ଼ିବାରେ ବ୍ୟସ୍ତ ଥିଲେ । ପରେ ପରେ କେତେ ଗୁଡିଏ ଐତିହାସିକ ଗଳ୍ପ ମଧ୍ଯ ଶୁଣାଇଲେ। ସେ ସବୁ ମଧ୍ଯରେ କୃଷ୍ଣ ଦ୍ରୌପଦୀ, ଲକ୍ଷ୍ମୀ, ବାଳୀ, ଯମ ରାଜ ଏବଂ ଯମୁନା ପ୍ରମୁଖ ଥିଲ୍ । ଏହା ଶୁଣୁ ଶୁଣୁ ଭଉଣୀ ମାନେ ଆଣିଥିବା ରାକ୍ଷୀ ଭାଇମାନଙ୍କ ହାତରେ ବାନ୍ଧିଲେ ।

ଅଗଷ୍ଟ ପାଞ୍ଚ ତାରିଖରୁ ଜାମୁ କାଶ୍ମୀରର ରାଜୋରୀ ଏବଂ ମେନ୍ଧାରରେ ଭାରତ ପାକସ୍ଥାନ "ତୋପା ଯୁଦ୍ଧ" ଆରମ୍ଭ ହୋଇଛି, ଦୁଇ ଦେଶର କେତେ କେତେ ସୈନକ ଏଇ ଯୁଦ୍ଧରେ ପ୍ରାଣ ହାରିବେ । ଭାଇ ଭାଇ ହୋଇ କାହିଁକି ରହି ପାରୁ ନାହାନ୍ତି ! ରବୀନ୍ଦ୍ର ନାଥ ଟାଗୋରଙ୍କ ଠାରୁ ଏମାନେ ତେବେ କ'ଣ ଶିକ୍ଷା ଲାଭ କରିଛନ୍ତି । ଇଚ୍ଛା ହେଲା ମୋର ଯଦି

ପକ୍ଷ ଥାଆନ୍ତା ଭଡିଯାଇ ସମସ୍ତ ସୈନିକ ମାନଙ୍କ ହାତରେ ଖଠିଏ ଲେଖାଏଁ ଧଳା ସୂତା ବାନ୍ଧି ଦେଇ କହନ୍ତି, ଆମେ ବନ୍ଧୁ ସମସ୍ତେ ଭାଇ ଭାଇ ମିଳମିଶି ରହିବା ।

ଚୋପା ଯୁଦ୍ଧ ମେନ୍ଦାରରୁ ଆସିଥିବା ବାଲନୋଇ ରାସ୍ତାର ଏକ ପ୍ରାନ୍ତରେ ଅବସ୍ଥିତ ଏଇ ଚୋପା ପାହାଡ । ମିଳମିଶି ଆମେ ରାସ୍ତା ତିଆରି କରି ପାରିବାନ? କାହାକୁ କଛି କହି ପାରୁ ନଥିଲି ସିନା ଆଖିରୁ ଗଡିଥିଲା ଗଙ୍ଗା-ଯମୁନା ଧାର । ଇନ୍ଦୁ ଅପାଙ୍କୁ ମୋ ଆଖିରେ ଲୁହ ଦେଖି ଖୁବ୍ ଖରାପ ଲାଗିଲା । ତାଙ୍କ ଦେଖା ଦେଖି ଫାଷ୍ଟ ଇୟର ପିଲାମାନେ ମଧ ଆସି ଏକାଠି ହୋଇଥିଲେ । ସେମାନଙ୍କ ମଧରେ ଥିଲେ ହରେକୃଷ୍ଣ ଦାଦା । ମୋ ଆଖିରୁ ଲୁହ ପୋଛି କହିଲେ ମୁଁ ତୋର ସୁରୁଦାଦା । ମୋ ହାତରେ ହଳଦିଆ ସୂତା ବାନ୍ଧ । ଧଳା ନୁହେଁ ଏଇ କଥା ପଦକରେ ମୁଁ ପ୍ରକୃତିସ୍ଥ ହେଲି । ସତେତ, ଏ ଯାକେ ମୁଁ ସମସ୍ତଙ୍କ ହାତରେ ଧଳା ସୂତା ବାନ୍ଧିଛି, ଅର୍ଥାତ୍ ବନ୍ଧୁତା... ହରେକୃଷ୍ଣ ଦାଦା ପଣ୍ଡିତଙ୍କ ପାଖରୁ ଖଣ୍ଡେ ହଳଦିଆ ସୂତା ଆଣି ମୋ ହାତରେ ଦେଲେ ।ଇନ୍ଦୁଅପା କହିଲେ, ମାଗିଦେ ଯାହା ମାଗିବା କଥା ।

ହରେ କୃଷ୍ଣଙ୍କୁ କହିଲି 'ଆଜିଠୁ ତୁମେ ସବୁଦିନ ମୋର ସୁରୁଦାଦା ହୋଇ ରହିବ" ।

ମୁଁ ତତେ କଥା ଦେଉଛି ଆଜିଠୁ ମୋର ଗ୍ୱରି ଭଉଣୀ ନୁହନ୍ତି, ପାଞ୍ଚଭଉଣୀ ।

## ରିୟାଗିଙ୍ଗ୍

ସିନିଅର ମାନଙ୍କ ଠାରୁ ଶୁଣିଥିଲି ପ୍ରଫେସନାଲ୍ କଲେଜରେ ମେଡିକାଲ୍, ଇଞ୍ଜିନିୟରିଂ ପିଲା ମାନଙ୍କୁ ଖୁବ୍ ରିୟାଗିଙ୍ଗ୍ ହୁଏ । କେତେ ଛାତ୍ର,ଛାତ୍ରୀ ଏହା ନ ସହି ପାରି ଛାଡି ଯାଇଥାଆନ୍ତି। କାହାକୁ କଛି ନ କହିଲେ ମଧ ନିଜକୁ ନିଜେ କହୁଥିଲି, "ଇଏ ତ ମୋର ପୂର୍ବ ର ଅନୁଭବ । ଆଉ ଥରେ ଏହାର ପୁନରାବୃତ୍ତି ହେବାକୁ ଦେବିନି ।"

ମନକୁ ଦୃଢ କରିବା ପରେ ମୋର ମନେ ହେଲା ଯାହା କଛି ସହିବାକୁ ପଡିବ ସେ ସବୁ ମୋ ପାଇଁ ଗୌଣ । କଲେଜରେ ଭଲ କରି ପାଠ ପଢି ଭଲ ଡାକ୍ତର ହେଲେ ସମସ୍ତେ ଆଦର କରିବେ ।

ସବୁ ସନ୍ଧ୍ୟା ରେ ହଷ୍ଟେଲ୍ ରେ ଗୋଟିଏ ଗୋଟିଏ ନୂଆ ନୂଆ ପର୍ବ । କେଉଁ ଦିନ କାହାକୁ ଗୃହା କରିବାକୁ କୁହା ହେଲାଣି ତ ଆଉ କାହାକୁ ବାଲ୍‌ଟିରେ ପାଣି ଭରିବାକୁ, ପୁଣି କାହାକୁ ରୁମ୍ ସଜାଡିବାକୁ ତ ଆଉ କାହାକୁ ଚଉତର ଉପରୁ ଶୁଖିଲା ଲୁଗା ଆଣି ଝଂଗି ରଖିବାକୁ । ମୁଁ ପ୍ରମାଦ ଗଣୁଥିଲି । ମୋ ଉପରେ କ'ଣ ପଡିପାରେ?

"ତୁ ଅନୁ ନା?"

"ହଁ,ନାନୀ । ମୁଁ କଛି କରିବି?"

"କରିବାକୁ ଭଲ ଲାଗୁଛି ଯଦି ଆ ମୋ ସାଂଗେ ।"

ଆଗେ ଆଗେ ନାନୀ ପଛେ ପଛେ ମୁଁ, ଦଧଡକ ଗ୍ଚଲିଥିଲି । କ'ଣ ବା ଗୋଟାଏ ହାତୀ ଘୋଡା କାମ କହିବେ ଯେ ଭୟ ପାଇବି !

ସୁସଜ୍ଜିତ ରୁମ୍ ଟିଏ । ଆମମାନଙ୍କ ରୁମ୍ ଭଳ ତିନଟା ଖଟ ପଡିନ । ଆଉ ସାଉ ଜିନଷ ମଧ ପଡିନ । ସବୁଠୁ ଆନନ୍ଦର ବିଷୟ ବିଛଣା ଉପରେ ଖପୁରୀ ରଖାଯାଇନ ।

କାମ କରିବୁ ପର! କ'ଣ ଏତେ ଦେଖୁଛ!

ଦେଖୁଥିଲି ଏ ରୁମ୍ ରେ ଖପୁରୀ ନାହିଁ ।

ତତେ ଖପୁରୀ ଭଲ ଲାଗେ?

ନାଁ ଡର ଲାଗେ ।

ମଣିଷକୁ ଭୟ କର, ହାଡକୁ ନୁହେଁ, ମଣିଷ ତୁମ ଚଲା ପଥରେ ପ୍ରତିବନ୍ଧକ ଆଣିପାରେ, ଏ ଖପୁରୀ ଧରି ପଢି ପଢି ତ ଆମର ରାସ୍ତା ସୁଗମ ହୁଏ ।

ତୋର ସେ ଫିଲୋସୋଫୀ ବନ୍ଦ କର ସବିତା, ୟାକୁ କାମ କରାଇବାକୁ ଆଣିଛୁ ପର! ଆରମ୍ଭ କରାଉନୁ ।

ଆରେ ତା ପ୍ରଶ୍ନର ଉତ୍ତର ଦେଲନ, ମତେ ପରେ ଅଥୟ କରିବ । ହଉ ଶୁଣ୍, ସ୍କଲ ଧରି ପଢିବା କେବଳ ପ୍ରଥମ, ଦ୍ୱିତୀୟ ବର୍ଷ ଛାତ୍ର ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ । ଏଇଟା ସୁନୀତି ନାନୀଙ୍କ ରୁମ୍ । ସେ ଫୋର୍ଥ ଇୟର ଷ୍ଟୁଡେଣ୍ଟ । କହିଲେ ଇନ୍ଦୁ ଅପା ।

ତୁ କ'ଣ ସବୁ ଗୀତ ଗାଉ ?

ଗାଇ ଶୁଣାଇବି ?

ଦେଖ କାଦୁ, ଝିଅଟାର ଟିକଏ ବି ଭୟ ନାହି । ମତେ ଏମିତି କଏ ବଡମାନେ ଗାଇବାକୁ କହିଥିଲେ ମୁଁ ତ ଅତରଛିଆ ହୋଇ ପଡିଥାନ୍ତି ।

"ବଡ ଙ୍କୁ ଭୟ ନୁହେଁ, ଭକ୍ତି କରାଯାଏ । ବଡଙ୍କର ଆଦେଶକୁ ଉଲଘଂନ କରାଯାଏନା । ମୁଁ କାସାବିଏଙ୍କ। କାହାଣୀ ରେ ପଢିଛି ନାନୀ ।"

ରିଆଗିଙ୍ଗ୍ ପାଇଁ ନିର୍ଦ୍ଦିଷ୍ଟ ଡିଉରେସନ୍ ଥାଏ । ସେ ସବୁର ପର୍ବ ଶେଷ ହୋଇ ଯାଇଥିଲେ ମଧ୍ଯ ହଷ୍ଟେଲ୍ ଝିଅମାନଙ୍କ ପାଖେ ବସି ଗୀତ ଶୁଣାଇବା ମୋର କ୍ଷତି ନୁହେଁ ବରଂ ଏହା ମୋ ପାଇଁ ବହୁ ଲାଭ ଜନକ ଥିଲା । ପ୍ରଥମତଃ ବହୁ ଜଣଙ୍କ ସାମ୍ନାରେ ଗାଇବାର ପ୍ରାକ୍ଟିସ୍ ଗ୍ଲି ଯାଇଥିଲା । ପ୍ରାକ୍ଟିସ୍ ମଧ୍ଯ ଅଳ୍ପ ବହୁତେ ହୋଇଯାଉଥିଲା । ସବୁଠୁ ଅଧିକ କଲେଜରେ ମଧ୍ଯ ମୁଁ ଖୁବ୍ ଶୀଘ୍ର ଆଦୃତା ହୋଇଯାଇଥିଲି । ଏ ସବୁ ଯେମିତି ମତେ ସୂଗ୍ଇ ଦେଉଥିଲା "ପରିଶ୍ରମ କେବେ ବୃଥା ଯାଏ ନା" । ମେଡିକାଲ କଲେଜରେ ମୁଁ ବ୍ରାଇଟ୍ ଷ୍ଟୁଡେଣ୍ଟ ରୂପେ ଗଣା ଯାଉ ନ ଥିଲି । ଚନ୍ତା କଲି, ପରିଶ୍ରମ ଦ୍ଵାରା ସବୁ କଛି ସମ୍ଭବ ହୋଇ ପାରିଥାଏ, ତେବେ ପଢାରେ ମନୋନିବେଶ କରି ଅକ୍ଲାନ୍ତ ପରିଶ୍ରମ କଲେ ମୁଁ ମଧ୍ଯ କେବେ ପ୍ରଥମ ସ୍ଥାନ ପାଇଁ ଯୋଗ୍ୟା ହୋଇ ପାରିବି । ଏଇ ଧାରଣା ମତେ କର୍ତ୍ତବ୍ୟ ନିଷ୍ଠାପର କରି ଦେଇଥିଲା ।

ବାସ୍ତବରେ ଏମ୍.ବି.ବି ଏସ୍ କରିବା ସମୟର ପ୍ରତିଟି ଘଟଣା ମୋ ମନରେ ଗୋଟିଏ ଦୁଇଟି ସ୍ତର ସୃଷ୍ଟି କରି ରହିଛି । ମୋର ମାନସିକ ଅପରିପକ୍ଵତା ଯୋଗୁ କିଂବା ଅନ୍ୟ କୌଣସି କାରଣରୁ ହେଉ, ପ୍ରଥମ ଦିନ ୱାର୍ଡ ଡିଉଟି ପାଇଁ ଧଳା କୋର୍ଟ ଏବଂ କାନ୍ଧରେ ଷ୍ଟେଥୋସ୍କୋପ୍ ମତେ ଅନ୍ୟ ଏକ ଅପୂର୍ବ ଦୁନିଆକୁ ନେଇ ଯାଇଥିଲା । ୱାର୍ଡରେ ସାର୍ କହୁଥିଲେ ଧଳା କୋର୍ଟ (ଆପ୍ରନ) ଜଣେ ଡାକ୍ତରର ପରିଚୟ ପତ୍ର । ତେଣୁ ବିନା ଆପ୍ରନରେ ୱାର୍ଡ ଆସିବନି ।

ମୋର ଅକ୍ଳାନ୍ତ ପରିଶ୍ରମ ଯୋଗୁ ହେଉ ଅଥବା ଏକାଗ୍ରତା ଯୋଗୁ ହେଉ ପ୍ରାୟତଃ ସମସ୍ତ ଶିକ୍ଷକଙ୍କର ପ୍ରିୟ ଛାତ୍ରୀ ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲି । ସତ କହିବାକୁ ଗଲେ ମୋର ଏମ୍ ବି ବି ଏସ୍ ସମୟରେ ମୁଁ କେବଳ ପାଠ ଛଡା ଦୁନିଆ ବିଷୟରେ ମଧ୍ଯ ବହୁତ କିଛି ଶିକ୍ଷା ଲାଭ କରିଥିଲି ଯାହା ବିଷୟରେ ମୁଁ ପୂର୍ବରୁ ବହୁ ଅଜ୍ଞ ଥିଲି । ଏ ସବୁ କେବଳ ମୋର ସହପାଠୀ ସହ interaction ରୁ ସିନିଅର, ଟିଚର, କଲେଜ ଏବଂ ହଷ୍ଟେଲ୍ ପରିବେଶ ଏବଂ ସର୍ବୋପରି ରୋଗୀ ମାନଙ୍କ ପ୍ରାପ୍ତ ହୋଇଥିଲା । ଓଡିଶାର ଛାତ୍ର ଏବଂ ଶିକ୍ଷା ସମସ୍ୟାକୁ ଭିତ୍ତି କରି କଲେଜ୍ ରେ ଧର୍ମଘଟ । ତେଣୁ ଆମର ଫାଇନାଲ୍ ପରୀକ୍ଷା ରେଜଲ୍ଟ ଆସିଥିଲା । ବର୍ତ୍ତମାନ ଆଉ ପୁସ୍ତକ କୀଟ ହେବାକୁ ପଡିବନି । ସମସ୍ତ ସମୟ ରୋଗୀ ମାନଙ୍କ ସହ ବିତାଇବାକୁ ପଡିବ । ସାର୍ କହୁଥିଲେ ଯିଏ ଯେତେ ବେଶୀ ସମୟ ରୋଗୀ ମାନଙ୍କ ସହ ସମୟ ବିତାଇବ ତାର ପରି ପକ୍ୱତା ସେତିକି ଅଧିକ ହେବ । ଟ୍ରାନ୍ସଫର ହୋଇ ଆସି ଥିବାରୁ ମୋ ରୋଲ୍ ନମ୍ବର ପ୍ରାୟ ଶେଷ ଆଡକୁ ଥିଲା । ତେଣୁ ମୁଁ ବି ସେକସନରେ ରହିଲି। ଏ ବର୍ଷ ମେଡିକାଲ୍ ରେ ଝିଅ ସଂଖ୍ୟା ବେଶୀ, ଆମେ ସମସ୍ତେ ମିଶି ୩୮ ଜଣ ଥିଲୁ । ସମସ୍ତେ ହଷ୍ଟେଲରେ ରହନ୍ତି । ଶୈଳବାଳା କଲେଜ ହଷ୍ଟେଲ ଭଳି ଏଠାରେ କିଛି ନୀତି ନିୟମ ନାହିଁ, ଯାହାର ଯେତେବେଳେ ଇଚ୍ଛା ଶୋଇବ, ଯେତେବେଳେ ଇଚ୍ଛା ଉଠିବ । ମାତ୍ର ଡାଇନିଂ ହଲ୍ ପାଇଁ କଟକଣା ଅଛି ।

ମୁଁ ବି ସେକସନ୍ ରେ ଥିବା ହେତୁ ସୋମବାର ଦିନ ମୋର ଫିଜିଓଲୋଜୀ ଏବଂ ମଙ୍ଗଳବାର ଆନାଟୋମୀ ସବୁ କ୍ଲାସ୍ ଗୁଡା ଆଠଟାରୁ ହୁଏ । ମୋର ଖୁବ୍ ସକାଳୁ ଉଠିବା ଅଭ୍ୟାସ, ତେଣୁ ମୋର କିଛି ଅସୁବିଧା ହୁଏନା । ମାତ୍ର ବହୁ ଜଣଙ୍କୁ ଖୁବ୍ ଦଉଡା ଦଉଡି କରିବାକୁ ପଡିଥାଏ ବଡି ଭୋରୁ ଉଠିବା ।

ବଡିଭୋରୁ ଉଠିବା ଅଭ୍ୟାସଟି ବାପାଙ୍କର ଗୋଟିଏ ଇଂରାଜୀ ପଂକ୍ତି ଶୁଣିବା ପରେ ଅଭ୍ୟାସ କରିଥିଲି । **Early to Bed, Early to Rise, Makes a Man Healthy, Wealthy & Wise|** ସକାଳ ଉଠିବାଟା ଠିକ୍ ଥିଲା ମାତ୍ର ସଂଧ୍ୟାରେ ଖୁବ୍ଶୀଘ୍ର ଶୋଇ ପଡୁଥିଲି । ତେଣୁ ସଂଧ୍ୟାରେ ପାଠପଢା ଜମା ହୋଇ ପାରେନା, ଡିନର ମଧ୍ୟ ଅଧିକାଂଶ ଦିନ ମିସ୍ ହୁଏ । ମେସ୍ ରେ ଜଳଖିଆ ମିଳେନା, ତେଣୁ ଛାତ୍ରୀ ମାନେ ନିଜ ନିଜ ରୁମରେ ବ୍ୟବସ୍ଥା

ରଖିଥାନ୍ତି। ହଷ୍ଟେଲର ପ୍ରତ୍ୟେକ ରୁମରେ ତିନି ଜଣ ଲେଖାଏଁ ରହନ୍ତି କେବଳ ଫାଇନାଲ୍ ଇୟର ଏବଂ ଫୋର୍ଥ ଇୟରଙ୍କୁ ଛାଡି । ବଡନନାଙ୍କର ଜଣେ ସିନିୟର ଅଫିସରଙ୍କ ଝିଅ (ଇନ୍ଦିରା ପାତ୍ର)ଙ୍କ ସଂଗେ ମୁଁ ଖୁବ୍ ପରିଚିତ ଥିଲି । ସେ ଥାର୍ଡ ଇୟର ଛାତ୍ରୀ । ଅନ୍ୟ ଝିଅ ମାନଙ୍କୁ ପ୍ରଥମେ ପ୍ରଥମେ ହଷ୍ଟେଲରେ ବହୁ ଅଡୁଆ ଲାଗୁଥିଲେ ମଧ୍ୟ ମୋର କିଛି ଅସୁବିଧା ହେଉ ନଥିଲା । ଇନ୍ଦୁଅପାଙ୍କର ସମସ୍ତ କ୍ଲାସ୍ ମେଟ୍ ମାନଙ୍କ ସହ ମୁଁ ଖୁବ୍ ସୁରୁଖୁରିରେ ମିଶି ପାରୁଥିଲି । କଲେଜରୁ ଆସି ଗୃହା ଜଳଖିଆ ଖାଇ ଗୋଟାଏ ବଡ ଚଉତରା ଉପରେ ଉପର କ୍ଲାସ୍‌ର ଝିଅମାନେ ବସନ୍ତି । ଫାଷ୍ଟ ଇୟର ଷ୍ଟୁଡେଣ୍ଟ ମାନଙ୍କ ପାଇଁ ସେଠାରେ ବସିବା ମନା । ଏଇ ଚଉତରାଟି ଆମ ରୁମ୍ ସାମ୍ନାରେ ସବିତା ନାନୀ ଇନ୍ଦୁଆପା, କାଦୁନାନୀ, ବନ୍ଦନା ନାନୀ ଏବଂ ତାଙ୍କର ଅନ୍ୟାନ୍ୟ ସାଙ୍ଗମାନେ ମତେ ସବୁଦିନ ସଂଧ୍ୟାରେ ସେଠାକୁ ଡାକନ୍ତି ଏବଂ ଗୀତ ଗାଇବା ପାଇଁ ଆଦେଶ ଦେଇଥାନ୍ତି । ପ୍ରଥମେ ପ୍ରଥମେ ଯାହା ପୂର୍ବରୁ ଶିଖିଥିଲି ଗାଇ ଶୁଣାଉଥିଲି । ପରେ ପରେ ରାତି ଅଧରେ ରେଡିଓ ଆସ୍ତେ କରି (ରୁମ୍ ମେଟ ମାନଙ୍କ ନିଦରେ ବ୍ୟାଘାତ ନ ଦେବା ପାଇଁ) ବଜାଇ ସଂଧ୍ୟାରେ ଗାଇବା ପାଇଁ ଗୀତ ଶିଖେ । ସିନିୟର ମାନଙ୍କର ସ୍ନେହଶ୍ରଦ୍ଧା ଦେଖି ମୋର କୁକୁ ଅପା ଏବଂ ପ୍ରଭୃତି ମନେ ପଡନ୍ତି । ମୋର ଅନ୍ୟ ଏକ ଗୁଣ ସହପାଠୀମାନଙ୍କ ମଧ୍ୟରେ ମୋର ଆତ୍ମୀୟତା ଖୁବ୍ ବଢାଇ ଦେଇଥିଲା ସଂଧ୍ୟାରେ ଖୁବ୍ ଶୀଘ୍ର ଶୋଇ ପଡିବା ମୋର ଗୋଟିଏ ବଦ ଅଭ୍ୟାସ । ଯାହା ମୁଁ ବହୁ ଚେଷ୍ଟାକ୍ରମେ ମଧ୍ୟ ଛାଡି ପାରିଲିନି । ଏଇ ଅଭ୍ୟାସଟି ହୁଏତ ପିଲାଦିନୁ ପାଠ ନ ପଢିବା ପାଇଁ ଜଡ ବାନ୍ଧି ଦେଇଛି ସେଇଆ ମନକୁ ସାନ୍ତ୍ୱନା ଦିଏ। କେବେ ଭୁଲରେ ବି ମନକୁ ଆଣେନା କି ପଢିବା ମତେ ବୋର୍ ଲାଗୁଛି, ବୁଝିବାରେ କଷ୍ଟ ହେଉଛି ତେଣୁ ନିଦ ଆସୁଛି । ଦିନରେ ତ ଏ କ୍ଲାସ୍‌ରୁ ସେ କ୍ଲାସ୍ ଦଉଡା ଧାଡା । ବାସ୍ ସକାଳେ ମାତ୍ର ଘଣ୍ଟାଏ ଦୁଇ ଘଣ୍ଟା, ସେତିକି ସମୟ ବହି ପଢି ନୋଟ କରିବା ପାଇଁ ଯଥେଷ୍ଟ ହୁଏନା । ତେଣୁ, ପ୍ରତି କ୍ଲାସରେ ଟିଚର ମାନେ ପଢାଇବା ସମୟରେ ମୁଁ ନୋଟ କରିଥାଏ । ଯାହା ପାଠ ଆରମ୍ଭ କରିବା ଦିନଠୁ ଅଭ୍ୟାସ କଲା ପେନ୍‌ଟି ଡାହାଣ ହାତରେ ବୁଢା, ବିଶି ଏବଂ ମଝି ଆଙ୍ଗୁଠି ଭିତରେ ଦୃଢ, ଅନ୍ୟ ଏକ ସବୁଜ କିଂବା ନାଲି କଲମ ମଝି ଏବଂ ଅନାମିକା ଆଙ୍ଗୁଠି ମଧ୍ୟରେ ସୀମିତ ଯାହା "ଅଠର ଲାଇନ୍" କରିବାରେ ସାହାଯ୍ୟ କରେ ।

## ପିକନିକ୍:-

ପ୍ରଥମ ବାର୍ଷିକ ଛାତ୍ର ଛାତ୍ରୀ ମାନଙ୍କର ରିୟାଙ୍ଗ୍ ଶେଷ ହେଲା ପରେ । ଅଭ୍ୟର୍ଥନା କଲେଜର ପଦ୍ଧତି, ତାହା ଫିଜୋଲୋଜି ପ୍ରଫେସରଙ୍କ ନେତୃତ୍ୱରେ ବ୍ୟବସ୍ଥା ହୁଏ । ଆମେ ସମସ୍ତେ ପ୍ରଫେସର ସେନ୍ ଙ୍କୁ ଅନୁନୟ କରିଥିଲୁ ଏ ବର୍ଷ କଲେଜରେ ଅଭ୍ୟର୍ଥନା ସଭା ପାଳନ ନ କରି ପିକନିକ୍ ଗଲେ ଭଲ ହୁଅନ୍ତା । ତାହା ଦ୍ୱାରା ଆମେ ନିଜ ନିଜର ସହପାଠୀ ମାନଙ୍କ ସହିତ ବିଶେଷ ଭାବେ ଅନ୍ତରଙ୍ଗ ହେବା ସହ ଗୋଟିଏ ନୂଆ ଜାଗା ଦେଖିବାର ସୁଯୋଗ ଅନାୟାସରେ ମିଳିଯିବ ।

ମାତ୍ର ପ୍ରଫେସର ବାରଣ କଲେ । ଅଭ୍ୟର୍ଥନା ସଭାର ଉଦ୍ଦେଶ୍ୟ କେବଳ ନିଜ ନିଜ ସହପାଠୀ ମାନଙ୍କ ପାଇଁ ନୁହେଁ, ଏହା ଦ୍ୱାରା ତୁମମାନଙ୍କର ସିନିୟର ମାନଙ୍କ ଠାରୁ ଦୂରତ୍ୱ କମ୍ ରହିବ ଏବଂ ସମସ୍ତ ଟିଚର ମାନେ ତୁମମାନଙ୍କ ବିଷୟରେ ଅବଗତ ହେବେ । ସତେ ତ----- ସେ ଦିନ ଆମେ ମାନେ ଅଭିଜ୍ଞତାର ମୂଲ୍ୟବୋଧ କରିଥିଲୁ । ହେଲେ ନୀଳକଣ୍ଠ, ନାରାୟଣ, ନୀହାର, ନିୟତି, ନରହରି, ନମାଇଁ ଜିଦି କରି ବସିଲେ, "ଆମେ ପିକନିକ୍ ଯିବୁ" । ସେଇଆ ହେଲା । ଅଭ୍ୟର୍ଥନା ସନ୍ଧ୍ୟାରେ କେବଳ ପ୍ରଥମ ବାର୍ଷିକ ଛାତ୍ର ମାନଙ୍କ ପାଇଁ ନୁହେଁ ସମସ୍ତ ଛାତ୍ର ମାନଙ୍କ ପାଇଁ ଆସନ୍ତା ମାସରେ ଭିନ୍ନ ଭିନ୍ନ ଛୁଟୀଦିନରେ ପିକନିକ୍ ର ବ୍ୟବସ୍ଥା କରାଯିବ ବୋଲି ପ୍ରିନ୍ସିପାଲ ଘୋଷଣା କଲେ । ପ୍ରଥମ ଉଦ୍ଦିଷ୍ଟ ଥିଲା

ପ୍ରଥମ ବାର୍ଷିକ ଛାତ୍ର ମାନଙ୍କ ପାଇଁ | ସିନିଅର ମାନେ ଆମ ଉପରେ ବହୁ ଖୁସି । ଆମେ ମାନେ କେବେ କେବେ ଲୁଚ ଛପି ପିକନିକ୍ ଆରେଞ୍ଜ କରୁ । ତୁମ ମାନଙ୍କ ପ୍ରଚେଷ୍ଟାରେ ଏ ବର୍ଷ ଏହା ଏକ ଅଫିସିଆଲ ଏପିସୋଡ୍ ହୋଇଗଲା ।

 କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମିଠା ଜହର



ସୁଷମା ପରିଜା

ବେଙ୍ଗାଲୁରୁ ର ମଣିପାଲ୍ ହସ୍ପିଟାଲର ଗୋଟିଏ କଣିକଆ କ୍ୟାବିନ୍ ରେ ଶୋଇ ରହିଥିଲା ଶୁଭାଶିଷ । ପାଖରେ କେହି ନାହାଁନ୍ତି, କିଛି ସମୟ ପୂର୍ବରୁ କାନ୍ଦି କାନ୍ଦି ଉଚ୍ଛନ୍ନ ହେଉଥିବା ବୋଉ କୁ ବସାଘରକୁ ନେଇ ଛାଡ଼ିବାକୁ ଯାଇଛନ୍ତି ବାପା । ବିଚରା ବୋଉ, ତିନି ଦିନ ହେଲା ପାଣି ଟୋପାଏ ମୁହଁରେ ଦେଇନି, ତା'ଉପରେ ବାପାଙ୍କ ଯାବତୀୟ ଗଞ୍ଜଣା । ବାପା ଙ୍କ କହିବା କଥା, ବୋଉ ତାକୁ ମୁହଁ ଦେଇଛି, ତା'ର ସବୁ ଜିଦ୍ କୁ ଭଲ ମନ୍ଦ ନ ବିଚାର କରି ମାନି ନେଇଛି, ତା'ର ଅନେକ ଦୋଷ ଦୁର୍ବଳତା ବାପାଙ୍କ ପାଖରେ ଲୁଚାଇ ରଖିଛି, ଯେଉଁଟା ତାକୁ ଆଜି ଏମିତି ଏଇ ହସ୍ପିଟାଲ ରେ ମରଣୋନ୍ମୁଖୀ ଅବସ୍ଥାରେ ପକାଇଛି । କିନ୍ତୁ ଶୁଭାଶିଷ ଭଲ ଭାବରେ ଜାଣିଛି ଯେ ତା'ର ଏ ଅବସ୍ଥା ଲାଗି ଦାୟୀ କେବଳ ସେ ନିଜେ, ଅନ୍ୟ କେହି ନୁହଁନ୍ତି । କଟକର ସାଲେପୁର ରୁ କର୍ଣ୍ଣାଟକର ବେଙ୍ଗାଲୁରୁ ଆସିବାର ନିଷ୍ପତ୍ତି ତା'ର ଥିଲା ବୋଉର ନୁହେଁ। ମୀରା କୁ ଭଲ ପାଇବାର ନିଷ୍ପତ୍ତି ତା'ର ଥିଲା ବୋଉର ନୁହେଁ । ସେ ମୀରା କୁ ନ ପାଇଲେ ଜୀବନ ହାରିଦେବ ଏଇ କଥାଟି କହି ବୋଉର ମୁହଁରେ ଭୟ ର ତାଲାଟିଏ ପକେଇ ଦେଇଥିଲା ଖାଲି । ତା 'ର ସେଦିନର ସେଇ ମିଛ ଡରାଣ ବୋଉକୁ ବାଧ୍ୟ କରିଥିଲା ମିଛସତ ଯୋଡି ଦି ପଦ କହି ବାପାଙ୍କୁ ମନେଇବାକୁ ତାକୁ ବେଙ୍ଗାଲୁରୁ ଯିବା ଲାଗି ଅନୁମତି ଦେବାକୁ । ବୋଉ ର ଏକମାତ୍ର ସନ୍ତାନ ଥିବାରୁ ବୋଉର ତା' ପ୍ରତି ଥିଲା ଅସମ୍ଭବ ଦୁର୍ବଳତା । ସେଇ ଦୁର୍ବଳତା ର ଅହେତୁକ ଫାଇଦା ଉଠାଇ ନିଜର ସବୁ ଜିଦ୍ କୁ ପୁରଣ କରୁଥିଲା ଶୁଭାଶିଷ ।

ଶୁଭାଶିଷ ଥିଲା ଦାମୋଦର ମହାନ୍ତି ଆଉ କାମିନୀ ଦେବୀ ଙ୍କର ଏକ ମାତ୍ର ସନ୍ତାନ । ଦାମୋଦର କଟକରେ ସାଧାରଣ ବଣ୍ଟନ ବିଭାଗ ରେ କିରାଣୀ ଚାକିରି ଟିଏ କରିଥିବା ହେତୁ

ନଜ ଗାଁ ସାଲେପୁର ରୁ କଟକ ପ୍ରତିଦିନ ଯିବା ଆସିବା କରୁଥିଲେ । ଘରେ ଜମି ବାଡି ମଧ୍ଧ କଛି ଥିଲା, ତେଣୁ କାମିନୀ ଗାଁରେ ରହି ଗୃଷ ବାସ ବୁଝିବା ସହିତ ଶାଶୁ ଶଶୁରଙ୍କ ଦେଖାଶୁଣା କରୁଥିଲେ। ଶୁଭାଶିଷ ଜନ୍ମ ହେବା ପରେ ତାଙ୍କର ଦାୟିତ୍ୱ ଆହୁରି ବଢି ଯାଇଥିଲା । ଶୁଭାଶିଷ ଧୀରେ ଧୀରେ ବଡ ହେଉଥିଲା, ସାଲେପୁର ସ୍କୁଲ ରୁ ମାଟ୍ରିକ ପାସ୍ କରି ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମ ଲେଖାଇଲା। ପରୀକ୍ଷାରେ ଭଲ ନମ୍ବର ରଖି ନଥିବାରୁ ସାଇନ୍ସ ନପଢି କମର୍ସ ପଢିଲା । ପିଲାଟି ଦିନରୁ ଗେଲବସର ରେ ବଢିଥିଲା ଶୁଭାଶିଷ, ବୋଉ ତ ଯାହା ଗେହ୍ଲା କରୁଥିଲା କରୁଥିଲା, ଜେଜେମା ଜେଜେବାପାଙ୍କର ଆଖିର ତାର୍ ଥିଲା ସିଏ। ଯେତେବେଳେ ଯାହା କହୁଥିଲା ସବୁ ଅନାୟାସରେ ମିଳ ଯାଉଥିଲା । ବାପା ସକାଳ ରୁ ଘରୁ ବାହାରି ଯାଉଥିଲେ ଆଉ ସଂଧ୍ୟା ପରେ ଘରକୁ ଫେରୁଥିଲେ ତେଣୁ ଶୁଭାଶିଷ କ'ଣ କରୁଛି ନ କରୁଛି ସେକଥା ଜାଣି ପାରୁ ନଥିଲେ। ତାଙ୍କର ଇଚ୍ଛା ଥିଲା ଗୋଟିଏ ବୋଲି ପୁଅ, ସେ ଡାକ୍ତର କ ଇଞ୍ଜିନୟର ଟିଏ ହୋଇ ବାହାରିବ କନ୍ତୁ ମାଟ୍ରିକ ପରୀକ୍ଷାରେ ତା'ର ନମ୍ବର ଦେଖି ତାଙ୍କର ସେ ଆଶା ମଉଳ ଗଲା । ବୋଉ ତାଙ୍କୁ ବୁଝାଇ ଦେଲା ଡାକ୍ତର କ ଇଂଜିନୟର ନହେଲେ ନାହିଁ ଆଜିର ଯୁଗରେ କେତେ ନୂଆ ନୂଆ ପାଠ ବାହାରିଲାଣି, ସେସବୁ ପାଠ ପଢି ପିଲାମାନେ କେତେ ବଡ ବଡ ଗୃକରୀ କରୁଛନ୍ତି ଦେଶ ବିଦେଶରେ କେତେ ଦରମା ପାଉଛନ୍ତି, ଆମ ଶୁଭ ସେମିତି କମର୍ସ ରେ ସ୍ନାତକ ଡିଗ୍ରୀ ହାସଲ କଲା ପରେ କଂପ୍ୟୁଟର ପଢିବ, ଖୁବ୍ ବଡ ଗୃକରୀ କରିବ । ତମେ ମୋଟେ ଚନ୍ତା କରନାହିଁ, ତା'କୁ ସବୁବେଳେ ଗେରେଗେରେ ହୁଅ ନାହିଁ, ସମୟ ଆସିଲେ ସବୁ ଠିକ୍ ହୋଇଯିବ। ଦେଖିବ ମୋ ପୁଅ ଗଦା ଗଦା ଟଙ୍କା ରୋଜଗାର କରିବ। ତମେ ସିନା ଜୀବନଯାକ ରୋଜଗାର କରି ଏକ ମହଲା କୋଠା ଟିଏ କରି ପାରିଲନ ସେ କୋଠା ଉପରେ କୋଠା ତୋଳବ ଗାଡି ଘୋଡା ଚଢି ବୁଲିବ। ଅନାଗତ ସ୍ୱପ୍ନ ରେ ବିଭୋର ହୋଇ ଯାଇ ଚୁପ୍ ହୋଇ ଯାଆନ୍ତି ବାପା ।

ଶୁଭାଶିଷ ର ଗ୍ରାଜୁଏସନ୍ ସରିଲା ପରେ ସେ କମ୍ପ୍ୟୁଟର୍ ରେ ପିଜି ଡିସିଏ କଲା ସ୍ଥାନୀୟ ଅଞ୍ଚଳରେ ଥିବା ଗୋଟିଏ କମ୍ପ୍ୟୁଟର ସେଣ୍ଟର ରେ। ନୂଆ ନୂଆ ଯୌବନରେ ପାଦ ଥାପିଥିବା ଶୁଭାଶିଷ କୁ ସେଠାରେ ଅନେକ ସାଙ୍ଗ ମିଳଗଲେ । କେହି କେହି ତା'ର

ସମବୟସ୍କ ଥିଲେ ତ କେହି କେହି ତା ଠାରୁ ବଡ ଥିଲେ। ପ୍ରଥମେ ପ୍ରଥମେ ସବୁ ଠିକ୍ ଚାଲିଥିଲା, ପାଠ ପଢା ସହିତ ମନଯୋଗ ଦେଇ କମ୍ପ୍ୟୁଟର ଶିଖୁଥିଲା ସେ। ଘରୁ ବୋଉ ପାଖରୁ ପ୍ରଚୁର ପଇସା ପତ୍ର ଆଣୁଥିଲା ଶୁଭାଶିଷ । ସେଠି ସାଙ୍ଗ ମାନଙ୍କୁ ସାଥୀରେ ନେଇ ସିନେମା ଦେଖାଇବା, ହୋଟେଲ୍ ରେ ଖୁଆଇବା ଇତ୍ୟାଦି କରିବାରେ ପଇସା ଉଡେଇବାକୁ ଆରମ୍ଭ କଲା ସେ। ଧୀରେ ଧୀରେ ସମବୟସ୍କ ଙ୍କ ଅପେକ୍ଷା ବୟସ୍କ ସାଙ୍ଗ ମାନଙ୍କର ଭିଡ ଜମିଲା ତା' ପାଖରେ। ସେମାନଙ୍କର ସାଥିରେ ପଡି ବାଟରୁ ଅବାଟକୁ ପାଦ ବଢାଇଲା ସେ। ପାଠ ପଢିବାକୁ ଯାଉଛି କହି କଟକରେ ଘଣ୍ଟା ଘଣ୍ଟା ସାଇବର କେଫ୍ ମାନଙ୍କରେ କଟେଇଲା ସେମାନଙ୍କ ସହିତ ।

ଏମିତି ଦିନେ ସାଇବର କେଫ୍ ରେ ବସି ଚାଟିଂ କରୁ କରୁ କଥା ବାର୍ତ୍ତା ହୋଇଥିଲା ମୀରା ସହିତ । ମୀରାଥିଲା ଦିଲ୍ଲୀ ର ଝିଅ, ରହୁଥିଲା ବେଙ୍ଗାଲୁରୁ ରେ। ଇଂରାଜୀ ମାଧ୍ୟମ ରେ ପଢିଥିବା ହେତୁ ଫସ୍ ଫାସ୍ କରି ଇଂଲିଶ୍ କହୁଥିଲା । ତା'ର ସେଇ ପ୍ରଥମ କଥା ବାର୍ତ୍ତା ରେ ହିଁ ଖୁବ୍ ପ୍ରଭାବିତ ହୋଇ ପଡିଥିଲା ଶୁଭାଶିଷ ।

ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଗପିବାକୁ ଲାଗିଥିଲା ମୀରା ସହିତ। ଧୀରେ ଧୀରେ ବନ୍ଧୁତା ପ୍ରଗାଢ ହେବାକୁ ଲାଗିଥିଲା । ଶୁଭାଶିଷ ର ଦିନ ରାତି ଖାଲି ମୀରା କଥା ଭାବି ଭାବି କଟୁଥିଲା । ଏବେ ସାଇବର କେଫ୍ ର ଗପସପ ଚାଲୁଥିଲା ମୋବାଇଲ୍ ଫୋନ୍ ରେ। ସାରାରାତି ଶୋଉ ନଥିଲା ଶୁଭାଶିଷ, ମୀରା ସହିତ ଗପିଗପି କାଟି ଦେଉଥିଲା। ସେ ଭାବୁଥିଲା ମୀରା ବିନା ସେ ବଞ୍ଚି ପାରିବ ନାହିଁ। ଶେଷରେ ବୋଉକୁ ମିଛରେ କହିଲା ତା'ର ବେଙ୍ଗାଲୁରୁ ରେ ଗୋଟାଏ କମ୍ପାନୀ ରେ ଚାକରି ହୋଇ ଯାଇଛି ସେମାନେ ତାକୁ ଜଏନ୍ କରିବାକୁ ଡାକଛନ୍ତି ବୋଲି । ଆନନ୍ଦ ରେ ଗଦ୍ ଗଦ୍ ହୋଇ ଯାଇଥିଲେ କାମିନୀ । କୌଣସି ପ୍ରକାରେ ଦାମୋଦରଙ୍କୁ ବୁଝା ଶୁଝା କରି ଶୁଭାଶିଷ କୁ ପଠାଇଦେଲେ ବେଙ୍ଗାଲୁରୁ ।

ବେଙ୍ଗାଲୁରୁ ଷ୍ଟେସନ କୁ ଶୁଭାଶିଷ କୁ ନେବାକୁ ଆସିଥିଲା ମୀରା। ତାକୁ ଦେଖି ହାତରେ କୋଟନିଧି ପାଇଲା ପରି ଲାଗୁଥିଲା ଶୁଭାଶିଷ କୁ। ମୀରା ଆଣିଥିବା କାର୍ ରେ ବସି ଦୁଇଜଣ ଯାକ ସଙ୍ଗ ହୋଇ ଗଲେ ସହରର ଗୋଟାଏ ବଡ ହୋଟେଲ୍ କୁ। ମୀରା ର ଚାଲିଚଳନ ଆଦବ କାଇଦା ଦେଖି ସ୍ତମ୍ଭୀଭୂତ ହୋଇ ଯାଉଥିଲା ଶୁଭାଶିଷ । ରୁମ୍ ରେ ପହଞ୍ଚିବା କ୍ଷଣି ଆଗରୁ ହଜାରରୁ ବେଶୀ ଥର କହିଥିବା କଥାଗୁଡ଼ିକୁ ପୁଣି ଦୋହରେଇଥିଲା ଶୁଭାଶିଷ 'ଆଇ ଲଭ୍ ୟୁ ଡାର୍ଲିଙ୍ଗ୍, କ୍ୟାନ୍ ନଟ୍ ଲିଭ୍ ଉଇଦାଉଟ୍ ୟୁ, ପ୍ଲିଜ୍ ମ୍ୟାରୀ ମି, ଆଇ ଉଇଲ୍ ନେଭର୍ ଡିସାପଏଣ୍ଟ ୟୁ, ଆଇ ଉଇଲ୍ କପ୍ ୟୁ ଲାଇକ୍ ଏ କୁଇନ୍, ପ୍ଲିଜ୍ ମୀରା ବି ମାଇନ୍ ଫର ଏଭର୍' । ଏତିକି କହି ନିଜ ବାହୁ ବନ୍ଧନରେ ଆବଦ୍ଧ କରି ପକାଇଲା ମୀରାକୁ। କିଛି ସମୟ ଲଜ୍ଜାନତ ହୋଇ ଟାଳଟୁଳ କଲା ପରେ ମୀରା ମଧ୍ୟ ଆତ୍ମସମର୍ପଣ କରିଦେଲା । ସେଦିନ ସେଇ ହୋଟେଲ୍ ର ଦୁଗ୍ଧ ଫେନନିଭ ଶଯ୍ୟାରେ ମୀରା କୁ ପାଇ ସତେ କି ସ୍ୱର୍ଗ ସୁଖ ପାଇଗଲା ଶୁଭାଶିଷ । ରାତି ଶେଷରେ ବିଦାୟ ମାଗିଲା ମୀରା। ତାକୁ ଆହୁରି ନିବିଡ ଭାବରେ ଛାତିରେ ଭିଡି ଧରିଲା ଶୁଭାଶିଷ । ନିଜ ମନର ତୃଷ୍ଣା ନ ମେଣ୍ଟିବା ଯାଏ ତାକୁ ନିଜ ଠାରୁ ଅଲଗା କରି ପାରିବ ନାହିଁ ବୋଲି ଜଣାଇଦେଲା । ଗୁହୁଁ ଗୁହୁଁ ଚାରିଦିନ କେମିତି ବିତିଗଲା ଜଣାପଡିଲା ନାହିଁ ଓଙ୍କୁ। ପଞ୍ଚମ ଦିନ ବହୁତ ଅନୁରୋଧ କରି ମୀରା କହିଲା ଯଦି ସେ ଘରକୁ ନଯାଏ ତେବେ ଶୁଭାଶିଷ ସହିତ ତାର ବାହାଘର କରିବାପାଇଁ ତା ବାପା ମାଆଙ୍କୁ ବୁଝେଇବ କେମିତି। ଏପଟେ ଶୁଭାଶିଷ ମଧ୍ୟ ତା'ର ଘରକୁ ଫେରି ଯାଇ ନିଜ ବାପା ମାଆଙ୍କୁ ବୁଝାବୁଝି କରୁ। ବାହାଘରର ଦିନ ଠିକ୍ କରି ଉଭୟେ ଉଭୟଙ୍କ ପରିବାର ସହିତ ପୁଣି ମିଳିତ ହେବେ ନିର୍ଦ୍ଧାରିତ ସମୟରେ ନିର୍ଦ୍ଧାରିତ ସ୍ଥାନ ରେ ବାହାଘର ଲାଗି । ମୀରା କୁ ସୁନାର ନେକଲେସ୍ ଟିଏ ଉପହାର ଦେଇ ମନ କୁ ବୁଝାଇ ଘରକୁ ଫେରି ଆସିଲା ଶୁଭାଶିଷ ।

ଘରକୁ ଫେରିବାର ପନ୍ଦର ଦିନ ପରେ ଜରରେ ପଡିଲା ଶୁଭାଶିଷ । ସାମାନ୍ୟ ଜର ଭାବି ଔଷଧ ଦୋକାନୀ କୁ ପଚାରି ଔଷଧ ଖାଇଲା ସେ। ମାସକ ପରେ ବି ଜର ନ ଛାଡିବାରୁ ଘରଲୋକେ ଡାକ୍ତର ପାଖକୁ ନେଲେ । ଡାକ୍ତର ଔଷଧ ଦେବା ସହିତ ରକ୍ତ ପରୀକ୍ଷା କରିବା ଲାଗି ପରାମର୍ଶ ଦେଲେ। ଔଷଧ ଖିଆ ଚାଲିଲା ହେଲେ ଜର କମିବାର ନାଁ

ଧରିଲା ନାହିଁ । ଛଅ ମାସ ଭିତରେ କତରୁଲଗା ହୋଇଗଲା ଶୁଭାଶିଷ। କଟକରେ ଭଲ ଡାକ୍ତର ଅଛନ୍ତି ସେଠିକି ନେଇ ଦେଖାଇବା ବୋଲି ବାପା କଟକ ବଡ ମେଡିକାଲରେ ଦେଖାଇଲେ ଶୁଭାଶିଷ କୁ। ସେଇଠି ରକ୍ତ ପରୀକ୍ଷାରୁ ତା'ର ଏଚ୍ ଆଇ ଭି ପଜିଟିଭ୍ ଥିବା ଜଣାପଡ଼ିଲା। ପରିବାର ରେ ଆତଙ୍କ ଖେଳିଗଲା । ଡାକ୍ତରଖାନାରେ ମଧ୍ୟ କର୍ମଚାରୀ ମାନେ ତା' ପାଖକୁ ଆସିବାକୁ ଡରିଲେ। ଗାଁ ବାଲା ଜାଣିଲେ ଏକ ଘରିକିଆ କରି ଦେବେ ବୋଲି ଭାବି ଏଇ ମଣିପାଲ୍ ହସ୍ପିଟାଲ କୁ ନେଇ ଆସିଲେ ବାପା ବୋଉ । ଦି ମାସ ହେଲାଣି ବସାଘରଟିଏ ନେଇ ରହୁଛନ୍ତି ଏଠି ଆଉ ସିଏ ପଡି ରହି ଚକସ୍ମିତ ହେଉଛି ଏଇ କ୍ୟାବିନ୍ ରେ। ଆଖି ଖୋଲା ରଖି ଅପେକ୍ଷା କରି ବସିଛି ଆସନ୍ନ ମୃତ୍ୟୁ କୁ। ମୀରା ରୂପକ ମିଠା ଜହରର ସ୍ୱାଦ ଯେ ଏତେ ଭୟଙ୍କର ହେବ ସେ ସ୍ୱପ୍ନ ରେ ବି କଳ୍ପନା କରିନଥିଲା । ପଶ୍ଚାତାପର ଅଶ୍ରୁ ଦୁଇଟୋପା ଗଡି ପଡିଲା ଶୁଭାଶୀଷର ଆଖିରୁ।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ -753004

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥମରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ଯୁଦ୍ଧ



କୁମୁଦ ଚନ୍ଦ୍ର ନାଗ

ଏବେବି ସରିନ କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ
ଚାଲିଛି ଭୟଙ୍କର ଯୁଦ୍ଧ
ବହୁ କ୍ଷତ, ରକ୍ତପାତ, ଯନ୍ତ୍ରଣାରେ
ନିଃଶବ୍ଦ ହେଉଛି କୁରୁକ୍ଷେତ୍ର
ପଡ଼ି ରହିଛି କ୍ଷତ ଆହତ ରକ୍ତାକ୍ତ ଶରୀର
ଜାତି ଧର୍ମ ଦେଶ ଆଦର୍ଶ ଯୁକ୍ତି ରେ
ଚାଲିଛି ଯୁଦ୍ଧ !
ଏବେବି ସରିନ କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ।।
ବନ୍ଧୁଜ୍ଞାତି, ସହୋଦର, ମାତୁଳ, ପିତୃବ୍ୟ
ସାଙ୍ଗରେ ବାରମ୍ବାର ଚାଲିଛି ଯୁଦ୍ଧ
ଭାଇ ଭାଇ ମଧ୍ୟରେ ନାହିଁ ଭାଇ ଚାରା
ପିତୃ ଅର୍ଜିତ ସମ୍ପତି ଲାଗି ଚାଲିଛି ହଣା କୋଟା
ମିଥ୍ୟା ମାୟା ମୋହ ରେ ପଡ଼ି
ପୁତ୍ର ଭୁଲିଯାଉଛି ପିତା ପୁତ୍ରର ସମ୍ପର୍କ
ବାରମ୍ବାର ପିତା ପୁତ୍ର ମଧ୍ୟରେ ଚାଲୁଛି ଧସ୍ତାଧସ୍ତି
ପିତା ପୁତ୍ର ମଧ୍ୟରେ ଚାଲୁଛି ଯୁଦ୍ଧ
ଏବେବି ସରିନ କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ।।
ଗୁରୁ ଶିଷ୍ୟ ସମ୍ପର୍କ ଆଉ ନାହିଁ

ଗୁରୁ ଶିଷ୍ୟ ମଧ୍ୟରେ ଚାଲିଛି ବାକ୍ ଯୁଦ୍ଧ
ମାଁ ଝିଅର ସମ୍ପର୍କ ଆଉ ନାହିଁ
ଆଜି ହୋଇଛି ଛିନ୍ନ
ବାରମ୍ବାର ଚାଲିଛି ସୈନିକ ଏବଂ ସନ୍ତ୍ରାସବାଦୀଙ୍କ
ମଧ୍ୟରେ ବୋମା ମାଡ଼ ଓ ଗୁଳି କାଣ୍ଡ
ଏହି ଯୁଦ୍ଧ କେବେ ସମାପ୍ତି ହେବ କାହାକୁ ନାହିଁ ଜଣା
ସବୁ ଚାଲିଛି ସ୍ୱାର୍ଥ ପାଇଁ ଯୁଦ୍ଧ
ଏବେବି ଚାଲିଛି କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ।।

ସନ୍ଧିକୁଲିଆରୀ, ଧର୍ମଗଡ, କଳାହାଣ୍ଡି

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଚାଲିବି ତୁମ ସାଥେ



ଲୀନା ମହାନ୍ତି

ସମର୍ପଣରେ ଖୁସି ମିଳେ ବୋଲି ତ
ତୁମ ପାଖେ ନଜକୁ ସମର୍ପିଛି,
ଜାଣିନ ପ୍ରତି ବଦଳରେ କଣ ଦବ
ତୁମ ଭଲ ପାଇବା ନା ଘୃଣା ।।
ତଥାପି ସେମିତି ଭଲ ପାଉଛି
ଆଜି ବି ଆଉ ବଞ୍ଚିଥିବା ଯାଏ...
ହଁ, ତୁମଠୁ ଖୋଜିବି ମୁଁ
ମୋ ପାଇଁ ଟିକେ ପ୍ରେମ,
ତୁମ ହୃଦୟରେ ଟିକେ ଜାଗା
ଆଉ ତୁମକୁ ପାଶେ ସବୁଦିନ ।।
ତୁମେ କଣ ଦବ ତୁମ ଇଛା
ସେଥିରେ ବି ନାହିଁ ପ୍ରତିବାଦ,
କଷ୍ଟ ତ ଦବ ତୁମର କଛି ନର୍ଣ୍ଣୟ
ସହିଯିବି ହୋଇ ନଶବ୍ଦ ।।
ତଥାପି ଚାଲିବି ତୁମ ସହ
ମୋ ଶେଷ ନଃଶ୍ୱାସ ଯାଏ,
ତୁମ ପ୍ରତିଟି ସୁଖ ଆଉ ଦୁଃଖରେ
ମୁଁ ତୁମ ସହ ଥାଏ ।।

# ଓଡିଶା ର କାଶ୍ମୀର



ମୀନାକ୍ଷି ପାଢ଼ୀ

ଦାରିଙ୍ଗବାଡ଼ି ର ଶୀତ ଦୁଲକାଇ ଦିଏ ଛାତି,
ପଉଷ ମାସରେ ଏଠି ମାଇନସ୍ ତଳେ ତାତି।
ଆଗରେ ପୁଇଁଲେ ନିଆଁ ପଛଟା ସାରା ହେମାଳ,
ତୁଷାରେ ଧବଳ ଦିଶେ ସବୁ କ୍ଷେତ, ବାରି, ଗ୍ରାମ।

ବୁଢ଼ୀ ଦିହ କନକନ ଚରେଇ ଉଠୁଛି ଛୁଆ,
ବୁଢ଼ା ସେକ ହେବା ଲାଗି ଲୋଡ଼ୁଛି ଉହ୍ମେଇ ନିଆଁ।
ଆଦିବାସୀ ନନ ଦିହ ଥରିଉଠେ ଛୁଇଁ ପାଣି,
ଖରା ଟିକେ ତେଜ ହେଲେ ଯିବ ସେ ପତର ଆଣି।

ପତର ପୋଡ଼ାର ମାଛ ରାନ୍ଧିଛି ଯତନେ ସାଜି,
ଖରା ପିଠିଆ କେ ବସି ଖାଇବ ପଖାଳ ଆଜି।
କନକନଆ ଶୀତଟା ତା'ର ଜାଳୁଛି ମରମେ ନିଆଁ,
ଶାଳବଣ ଉହାଡ଼ରେ ହେବ ପର୍ବ ମନ ଦିଆନିଆ।

ବନ ରାଇଜର ରାଣୀ ଶୀତ ସଂଗେ ତା'ର ଭାବ ପ୍ରୀତି,
ହେଲେ, ଦାରିଙ୍ଗବାଡ଼ିର ଶୀତ ତା'ର ଦୁଲକାଇ ଦିଏ ଛାତି।

ଶିକ୍ଷୟିତ୍ରୀ, ଚକଟୀ ପେଣ୍ଠ, ଗଞ୍ଜାମ

# ସର୍ବ ବ୍ୟାପକ



ରୋହିତ ସେଠୀ

ତୁମେ ତ ରହିଛ କବିତାର ସୁରେ
ନବ ପ୍ରଭାତର ସୁନେଲି ରଶ୍ମିରେ,
ଗୋଧୂଳି ବେଳାରେ,ସଞ୍ଜ ଆଳତୀରେ
ପୂର୍ଣ୍ଣିମାର ଶୁଭ୍ର ଜହ୍ନ ଯୋଛନାରେ ।
ହେ ସର୍ବ ବ୍ୟାପକ ତୁମ୍ଭେ ସବୁଠାରେ.....।୧।

କ୍ଷିତି-ଅପ୍-ତେଜ-ମରୁତ-ବ୍ୟୋମରେ
ସୂର୍ଯ୍ୟ-ଚନ୍ଦ୍ର-ତାର୍-ଗ୍ରହ-ନକ୍ଷତ୍ରରେ
ଶବ୍ଦ-ସ୍ପର୍ଶ-ରୂପ-ରସ ଓ ଗନ୍ଧରେ
ସରଗ ମରତ ପାତାଳ ପୁରରେ
ହେ ସର୍ବ ବ୍ୟାପକ ତୁମ୍ଭେ ସବୁଠାରେ.....।୨।

ତନ-ମନ-ପ୍ରାଣ-ବୁଦ୍ଧି-ବିବେକରେ
ଭାବରେ ଲୟରେ ଚନ୍ତା ଚେତନାରେ
ପୂଜାରେ ଫୁଲରେ ଭକ୍ତି ନୈବେଦ୍ୟରେ
ଯୋଗରେ ଧ୍ୟାନରେ  ଧର୍ମରେ କର୍ମରେ
ହେ ସର୍ବ ବ୍ୟାପକ ତୁମେ ସବୁଠାରେ ......।୩।

ଋକ୍-ସାମ-ଯଜୁଃ-ଅଥର୍ବ ବେଦରେ
ଗୀତା-ଭାଗବତ-ପୁରାଣ ଗ୍ରନ୍ଥରେ
ଜନ୍ମରେ ମୃତ୍ୟୁରେ, ସୃଷ୍ଟି ବିଲୟରେ

ଚରନ୍ତନ ସତ୍ୟ ଆତ୍ମବିଶ୍ୱାସରେ
    ହେ ସର୍ବ ବ୍ୟାପକ ତୁମ୍ଭେ ସବୁଠାରେ......।୪।

ତ୍ୟାଗ-ତିତିକ୍ଷା-ସ୍ନେହ ମମତାରେ
ବୀଣା ଝଙ୍କାରରେ ବେଣୁ ମୂର୍ଚ୍ଛନାରେ
ମଧୁ ବଚନରେ ଭକ୍ତି ସଂଗୀତରେ
କବି ଲେଖନୀରେ, କବି ଭାବନାରେ
    ହେ ସର୍ବ ବ୍ୟାପକ ତୁମ୍ଭେ ସବୁଠାରେ......।୫।

ଦୁତିମେଣ୍ଟି (ମଲିକସାହି)
ଖଜୁରୀପଡା, କନ୍ଧମାଳ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଦାୟିତ୍ୱ



ଶିବରାମ ଦଳେଇ

ରୀନା ତୁମ କୂଳାଙ୍ଗାର ପୁଅକୁ ଟିକଏ ବୁଝାଅ । ଗୁଣମନ୍ତ ର ପାଠଶାଠ ତ ହେଲା ନାହିଁ, ଦଶମ ରେ ତିନ ତିନଥର ଫେଲ । ଆଜି କାଲି ଯୁଗ ଯାହା ହେଲାଣି ଟଙ୍କା ନ ଦେଇ ତ କଛି କରି ପାରିବ ନାହିଁ । ସେଥିପାଇଁ ପିଅନ ଚାକରୀ ଟେ ବୁଝିଥିଲି ଯେ ତୁମ ଗୁଣମନ୍ତ ଚାକରୀ ରେ ଜଏନ ନ କରି କହିଲା କଣ ନା ମୁଁ ପିଅନ ଚାକରୀ କରିବିନ । ଏଇ କେତେ ଜଣ  ଛଡରା ବାଡରା ସାଙ୍ଗ ମେଳରେ ପଡ଼ି ନଜର ଭବିଷ୍ୟତ ଟାକୁ ତ ଛାରଖାର କରି ଦେଲା । ଏବେ ତାକୁ ବୁଝାଅ "ବାପ ମଠରୁ ଖାଇ ଖଟରେ ଶୋଇବା ଅଭ୍ୟାସ ଟା ଯେମିତି ଛାଡୁ"। ଏମିତିରେ ତାକୁ ୨୮ବର୍ଷ ତ ଛୁଇଁଲା । ଆଉ କେବେ ରୋଜଗାର କରି ଘରକଥା ବୁଝିବ ଯେ କଣ ମୁଁ ମଲାପରେ । ଗୋଟେ ଚକଲେଟ ଟେ ନଜ ପଇସାରେ କଣି ଖାଇବାର ତ ତାକତ ନାହିଁ, ଏଇଥିରେ ତାକୁ ହାତକୁ ଦୁଇ ହାତ କରିବାକୁ କହୁଥିଲ ପର କଣ ତା ପରିବାରକୁ ମୁଁ ପୋଷିବା ପାଇଁ । ହଁ ରୀନା ତାକୁ ସଫା ସଫା କହିଦିଅ କେଉଁ ଆଡେ ତ କଛି କଲା ନାହିଁ, ଏବେ ମୋ ବାପା ଅମଳ ର ବେଉସା (ଡାଲି ଚାଉଳ ଦୋକାନ)ଟାକୁ ସମ୍ଭାଳୁ । ନଚେତ ଯୋଉ ଗଣ୍ଡେ ଗଣ୍ଡେ ଗେଫା ମାରୁଛି (ଖାଇ ଦେଉଛି) ସେତକ ବି ମିଳବନ । ଏମିତି ପ୍ରତିଦିନ ଶିବବାବୁ ଙ୍କ ଘରେ ଝଗଡା ଲାଗି ରହେ ।

ଦେଖୁଛି କଛି ମାସ ହେବ ସବୁବେଳେ ପିଲାଟା ଉପରେ ଗେରେ ଗେରେ ହଉଛ । ତମେ ବାପା ନା ତାହାର ଶତ୍ରୁ । ଛୋଟ ପିଲା ଆପେ ଆପେ ବୁଦ୍ଧି ହେଲେ ସବୁ କାମ କରିବନ । ତାକୁ ଶାନ୍ତିରେ ଟିକେ ରହିବାକୁ ଦେବ ନା ନାହିଁ । ସତେ ଯେମିତି ତୁମ ଉପରେ ସେ "ବୋଝ ଉପରେ ନଳତା ବିଡା" ହେଇ ରହିବ । ସଦାବେଳେ ପିଲାଟା ଉପରେ ବିରକ୍ତ ହଉଥାଅ । ଏତିକ କହି ଘର ଭିତରକୁ ଚାଲିଗଲା ରୀନା ।

ତୁମେ ତାକୁ ମୁଣ୍ଡ ଉପରେ ବସେଇଛ ବୋଲି ଆଜି ଏମିତି ପରିସ୍ଥିତି । ପୁଅ ଗୁଗୁଲ ଟିଭି ରୁମରେ ବସି ଟିଭି ଦେଖୁଥାଏ । ଶିବବାବୁ ତା ହାତରୁ ଟିଭି ରିମୋଟ ଛଡ଼େଇ ଆଣି ଟିଭି ବନ୍ଦ କରି ରିମୋଟ ଟାକୁ ଖଟ ଉପରକୁ ଫିଙ୍ଗି ଦେଲେ । ସବୁ ଦିନର କଟୁ କଥା ସାଙ୍ଗକୁ ବାପାଙ୍କ ଏପରି ବ୍ୟବହାର ଗୁଗୁଲ କୁ ଆଜି ବହୁତ ବାଧିଲା । ସେ ଆଉ ସହ୍ୟ କରିବା ପରିସ୍ଥିତି ରେ ନଥିଲା । ବାପାଙ୍କର ସବୁ ଦିନର ରାଗ ଆଉ ବିରକ୍ତି ଭାବ ତା ମନରେ ବାପାଙ୍କ ପ୍ରତି ଘୃଣା ଭାବ ଜାଗ୍ରତ କଲା । ସେ ଚିନ୍ତା କଲା ମୋ ବେରୋଜଗାର ପଣ ହିଁ ଆମ ଘରେ ଆଶାନ୍ତିର ମୁଖ୍ୟ କାରଣ । ଶେଷରେ ସେ ଗୋଟେ ଚିଠି ଲେଖି ନିଜ ଶୋଇବା ଘରେ ରଖିଦେଇ, ମାଆ କୁ ସାଙ୍ଗ ଘରକୁ ଯାଉଛି ଫେରିବା ଡେରି ହେବ (ମିଛ) କହି ଦୂର ସହରକୁ ଚାଲିଗଲା ।

ବେଳ ଗଡି ସଞ୍ଜ ଆସିଲା" ନା ଫେରିଲା ଗୁଗୁଲ, ନା ଆସିଲା ତା ପାଖରୁ କିଛି ଫୋନ" । ମାଆ (ରୀନା) ବିଚଳିତ ହେଉଥାଏ। ସ୍ୱାମୀ ଆସିବା ମାତ୍ରେ ଗୁଗୁଲ ବିଷୟରେ ପଚାରି ବସିଲା । ହେଲେ ସେ ଗୋଟିଏ ଉତ୍ତର ପାଇଲା ମୋତେ କିଛି କହି ସେ କଣ କୁଆଡେ ଯାଏ। କୋଉ ଛତର୍ ସାଙ୍ଗ ଘରକୁ ଯାଇଥିବ । ତୁମେ ଏତେ ବ୍ୟସ୍ତ ହଉଛ ଯେ ସତେ ଯେମିତି ସେ ଘର ଛାଡି ଚାଲିଯାଇଛି, ଆଉ ଜମା ଫେରିବନି । ଦେଖିବ ସକାଳ ନ ପାହୁଣୁ ପୋଷା କୁକୁର ଭଳି ଦୁଆର ମୁହଁରେ ପହଂଚିଯିବ । ସେଦିନ ରୀନା ପୁଅ ବାଟ ଚାହିଁ ଉପାସରେ ରାତି କାଟିଦେଲା। ପରଦିନ ସକାଳୁ ଗୁଗୁଲ ର ଶୋଇବା ଘର ଝାଡୁ କରୁ କରୁ ରୀନା ଚିଠି ଖଣ୍ଡିକ ପାଇ ଗୁଗୁଲ ବାପାଙ୍କୁ ପଢିବାକୁ ଦେଲା ।

ଚିଠିରେ ଲେଖାଥିଲା ବାପା, ତୁମର ଏ ବେରୋଜଗାରିଆ ପୁଅ ଉପରେ ତୁମେ ବହୁତ ରାଗୁଛ। ଆଜି ଯାଏ ତୁମେ ତୁମ କର୍ତ୍ତବ୍ୟ ରେ କେଭେ ହେଳା କରିନାହଁ । ମୋ ପାଠ ପଢ଼ାରେ କେତେକେତେ ଟିଉସନ ଦେଲ । ହେଲେ ଇଂରାଜୀ ପାଠଟା ମୋ ମୁଣ୍ଡରେ ଜମା ରହେନାହିଁ । ମୁଁ ଦଶମ ରେ ତିନ ତିନଥର ଫେଲ । ସେଥିପାଇଁ ମୋତେ କ୍ଷମା କରିବ । ମାଆ ମୋର ମୁଁ ନ ଖାଇବା ଯାଏ ଖାଏ ନାହିଁ। ତାକୁ ତୁମ ପାଖରେ ବସି ଖୁଆଇବ ନଚେତ ସେ ବେମାର ପଡିଯିବ । ତୁମେ ନିଜର ଯତ୍ନ ନେବା ସହ ମାଆ କୁ ଟିକିଏ ଚାହିଁଥିବ । ମୁଁ ତୁମ୍ଭମାନଙ୍କ ଠାରୁ ଦୂରକୁ ଚାଲି ଯାଉଛି । ଯେବେ ବେରୋଜଗାରିଆ ରୁ ରୋଜଗାରିଆ ହେବି ତେବେ ଘରକୁ ଫେରିବି ନଚେତ ଏ ପୋଡ଼ା ମୁହଁ ତୁମ୍ଭମାନଙ୍କୁ ଦେଖେଇବି ନାହିଁ ।

ତୁମର ହତଭାଗା ଗୁଗୁଲ ।

ମୁଣ୍ଡରେ ହାତ ଦେଇ ଠପକୀନା ବସି ପଡ଼ିଲା ରୀନା । କାନ୍ଦି କାନ୍ଦି କହିବାକୁ ଲାଗିଲା ପିଲାଟାକୁ ବିଗିଡି ବିଗିଡି ଶେଷରେ ଘରୁ ବାହାର କରିଦେଲ ନା । ସେ ତ ତୁମର ଶତ୍ରୁ ? ଏବେ ତୁମ ମନ ଶାନ୍ତି ପଡ଼ିଲା ତ ? ସେଦିନ ଉପାସରେ ଶିବବାବୁ ଦୋକାନ କୁ ଗ୍ଚଲିଗଲେ । ରୀନା ବି ନ ଖାଇ ନ ପିଇ ପୁଅ କଥା ଭାବୁଥାଏ । ଏମିତିରେ ଦୁଇ ମାସ ବିତିଗଲା । ନା ଫେରିଲା ଗୁଗୁଲ, ନା ତାହାର କିଛି ଫୋନ ଆସିଲା । ରୀନା ଶରୀର ଦୁର୍ବଳ ହେଇ ରୋଗରେ ପଡ଼ିଲା । ଯେତେ ଔଷଧ ଖାଇଲେ ବି ରୋଗ ଭଲ ହେଲା ନାହିଁ । ଶିବବାବୁ ବି ସ୍ତ୍ରୀ ର ଅସୁସ୍ଥତା ପାଇଁ ବହୁତ ଚନ୍ତାରେ ପଡିଗଲେ ।

ମଧ୍ୟାହ୍ନ ସମୟ ଶିବବାବୁ ସକାଳ ଅଇଁଠା ବାସନ ମାଜିବାକୁ ବାରିପଟ ପାଇପ ମୂଳକୁ ଯାଇଥିଲେ। ହଠାତ ରୀନା ମୁଣ୍ଡ ପାଖ ଟେବୁଲ ଉପରେ ଥିବା ଫୋନ ଟା ବାଜି ଉଠିଲା । ରୀନା ହାତ ବଢ଼େଇ ଫୋନ ଟାକୁ ରିଶିଭ୍ କଲା। ସେପଟୁ ଶୁଭିଲା ମାଆ ତୁ କେମିତି ଅଛୁ? ତୋ ଦେହ ଭଲ ଅଛି ତ ? ଏମିତି ଅନେକ କିଛି ପ୍ରଶ୍ନ କଲା ଗୁଗୁଲ । ରୀନା କିନ୍ତୁ ନିଜର ଦେହ ଖରାପ କଥା ଲୁଗ୍ଚଇ କହିଲା ହଁ ଆମେ ଦୁହେଁ ଭଲରେ ଅଛୁ ରେ ହେଲେ ତୁ କୋଉଠି ଅଛୁ, କେମିତି ଅଛୁ ରେ? ତୋ ଦେହ ଭଲ ଅଛି ତ ? ତୋର କଣ ମୋ କଥା ଜମା ମନେ ପଡୁନାହିଁ ? ଏମିତି ଅନେକ ପ୍ରଶ୍ନ ପଗ୍ଚରୁଥାଏ ଏପଟେ ଭେଁ ଭେଁ କରି କାନ୍ଦୁଥାଏ । ତୋତେ ଦେଖିବାକୁ ଭାରି ମନ ହେଉଛି ରେ । ଗୁଗୁଲ କହିବାକୁ ଲାଗିଲା ମୁଁ ଭୁବନେଶ୍ୱର ରେ ଗୋଟେ କମ୍ପାନୀ ରେ ମୋ ସାଙ୍ଗ ସହ ପର୍ଯ୍ୟବେକ୍ଷକ (supervisor)ରୂପେ କାମ କରୁଛି । ବାପାଙ୍କୁ କହିଦେବୁ ମୁଁ ଆଉ ବେରୋଜଗାରିଆ ହେଇ ନାହିଁ । ମୋତେ ମାସକୁ ୮୫୦୦ଟଙ୍କା ମିଳୁଛି । ଆଜି ମୋତେ ଏକାବେଳକେ ଦୁଇ ମାସର ଦରମା ମିଳଲା । ମୁଁ ତୋ ପାଇଁ ଦୁଇ ଖଣ୍ଡ ଶାଢ଼ୀ କଣିଛି । ଆଉ ବାପା ସବୁବର୍ଷ ଶୀତ ଦିନେ ଘୋଡେଇ ହେଉଥିବା ଚିରା ଶାଲ ବଦଳରେ ମୁଁ ତାଙ୍କ ପାଇଁ ସାଲ ଟେ କଣିଛି । ଆର ମାସ ଦରମା ମିଳଲେ ଘରକୁ ଯିବା ପାଇଁ ଗ୍ଚହୁଁଛି ଯେ ହେଲେ ବାପାଙ୍କ ଗାଳଗୁଲଜ ଗୋଟି ଗୋଟି କରି ମନେ ପଡିଯାଉଛି । ଏହି ସମୟରେ ଶିବବାବୁ ଘର ଭିତରକୁ ପଶି ପଗ୍ଚରିବାକୁ ଲାଗିଲେ, କାହା ସହିତ କଥା ହଉଛ କ ଗୁଗୁଲ ବୋଉ । ହେଇଟି ଶୁଣୁଛ ମୋ ପୁଅ ଫୋନ କରିଛି ନିଅ ତା ସାଙ୍ଗରେ ତୁମେ ଟିକିଏ କଥା ହେଇଗଲ କହି ଫୋନ ଟାକୁ ସ୍ୱାମୀ ହାତକୁ ବଢ଼େଇ ଦେଲା ।

ଶିବବାବୁ (hello)ହେଲୋ କହିବା ପୂର୍ବରୁ ଫୋନ କାଟି ସାରିଥିଲା ଗୁଗୁଲ । ସ୍ତ୍ରୀ ରୀନା ଠାରୁ ଗୁଗୁଲ ବିଷୟରେ ସବୁକଥା ଶୁଣିଲା । ଭଗବାନ ଙ୍କ ଆଶୀର୍ବାଦ ଭଳ ରୀନା ବି ରୋଗ ମୁକ୍ତ ହେଲା ।

ରୀନା ଠାରୁ ଗୁଗୁଲ ବିଷୟରେ ସବୁକଥା ଶୁଣି ଶିବବାବୁ ଯେତିକ ଖୁସି ହେଲେ, ତା ଠାରୁ ମାତ୍ରାଧିକ ଦୁଃଖୀ ଥିଲେ ନିଜ ପେଟ ଭିତରେ ଗୁପି ରଖିଥିବା ଦୁଃଖରେ । କଟକ ବଡ଼ ଡାକ୍ତରଖାନାର ନାମିଦାମୀ ଡାକ୍ତର ସମରେନ୍ଦ୍ରଙ୍କ କହିବା ଦିନଠୁ ସେ ଆଉ ୯ ଦିନର କୁଣିଆ । ଡାକ୍ତର ଙ୍କ କହିବା ଅନୁଯାୟୀ ସେ ମସ୍ତିଷ୍କ କର୍କଟ ରୋଗରେ ଆକ୍ରାନ୍ତ । ତେଣୁ ପୁଅର ରୋଜଗାରିଆ ଖୁସିରେ ସେତେ ଖୁସି ହେଇପାରିଲେ ନାହିଁ । ଏମିତି ରେ ଗ୍ଲରି ପାଞ୍ଚ ଦିନ ଗ୍ଲଲିଗଲା । ରୀନା ପୁଅର ଫେରିବା ବାଟକୁ ଗ୍ଲହିଁ ରହିଥାଏ। ହଠାତ ଦିନେ ଶିବବାବୁ ଙ୍କ ଦେହ ଖରାପ ହେବା ସହ ତାଙ୍କ ଆଖିକୁ କ୍ଷୀଣ ଦିଶିଲା । ଶିବବାବୁ ଜାଣିଗଲେ ଯେ ତାଙ୍କର ଯିବା ସମୟ ଆସିଗଲା । ତେଣୁ ସେ ପୁଅ ପାଖକୁ ଚିଠି ଖଣ୍ଡେ ଲେଖି ଗାଁ ଛକମୁଣ୍ଡ ସୁକାନ୍ତ ବାବୁଙ୍କୁ ଦେଇ କହିଲେ ଟିକଏ ମୋ ପୁଅ ପାଖକୁ ପଠେଇ ଦେବେ ।

ଆଜି ସକାଳୁ ସକାଳୁ ଗୁଗୁଲ ର ଫୋନ ବାଜି ଗ୍ଲଲିଥାଏ। ରାତି ଡିଉଟି ରୁ ଫେରି ସକାଳୁ ସକାଳୁ ସୋଇଥିବା ଗୁଗୁଲ ବିରକ୍ତି ଭାବରେ ତକିଆ ତଳୁ ଫୋନ କାଢ଼ି ଦେଖତ ଅଜଣା ନମ୍ବର ରୁ ୭ଟା ମିଷ୍ଟ କଲ ହେଇସାରିଥିଲା । ଗୁଗୁଲ ଗୋଟେ ନମ୍ବର କୁ ରିଟର୍ଣ୍ଣ କଲ କରେ ତ ସେପଟୁ ଗାଁର ହରି କାକା କହିଲେ ଗୁଗୁଲ ରେ ଆଜି ବଢ଼ି ଭୋର ରୁ ତୁମ ବାପା ଗ୍ଲଲିଗଲେ, ତୁ ଶୀଘ୍ର ଆସି ଘରେ ପହଞ୍ଚରେ । ଗୁଗୁଲ ଯଥାଶୀଘ୍ର ବସ ଯୋଗେ ଗାଁକୁ ଫେରିଲା । ଗାଁ ମୁଣ୍ଡ ଛକରେ ବସ ରୁ ଓହ୍ଲାଏ ତ ସୁକାନ୍ତ ବାବୁ କହିଲେ ଆରେ ଗୁଗୁଲ ତୁମେ ଆସିଗଲ, ତୁମ ବାପା ମୋତେ ଖଣ୍ଡେ ଚିଠି ଦେଇଥିଲେ । ମୁଁ ଏବେ ତୁମ ପାଖକୁ ପଠେଇବାକୁ ତ ଯାଉଥିଲି । ହଉ ଏ ଚିଠି ତୁମେ ନିଅ। କାଳ ବିଳମ୍ବ ନକରି ଗୁଗୁଲ ନିଜ ଘର ଆଡେ ଯିବା ସହ ଚିଠିଟିକୁ ଖୋଲି ପଢିବାକୁ ଲାଗିଲା ।

ଚିଠିରେ ଲେଖାଥିଲା ପୁଅ ଗୁଗୁଲ ମୁଁ ଜାଣେ ତୁ ମୋ ଉପରେ ବହୁତ ରାଗିଛୁ । ମୁଁ ତୋ ପ୍ରତି କରିଥିବା ବ୍ୟବହାର ପ୍ରକୃତରେ ଠିକ ନୁହେଁ । ମାଆ ଭଳ ମୁଁ ବି ତୋତେ ବହୁତ ଭଲ ପାଏ। ହେଲେ ଯେବେ ଠାରୁ ଜାଣିଲି ମୁଁ ଏ ସଂସାର ପାଇଁ କିଛି ଦିନର କୁଣିଆ, ତେଣୁ

ଘରର ଦାୟିତ୍ୱ ତୋ ହାତରେ ସମର୍ପିବା ପାଇଁ ସେପରି କରିଥିଲି । ମାଆ ଠାରୁ ଯେଉଁ ଦିନ ଶୁଣିଲି ତୁ ଦୁଇ ପଇସା ରୋଜଗାର କଲୁଣୁ ବୋଲି ମୁଁ ବହୁତ ଖୁସି ହେଲି । ମୁଁ ଏବେ ଜାଣୁଛି ତୁ ଏ ସଂସାର ଡଙ୍ଗାକୁ ବାହି ନେଇ ପାରିବୁ । ମୁଁ ଗ୍ଲଲିଗଲା ପରେ ମାଆ ମନରେ କେବେ କଷ୍ଟ ଦେବୁନାହିଁ, କ ମୁଁ ଗ୍ଲଲିଯିବାର ଦୁଃଖ ସେ ଯେମିତି ଅନୁଭବ ନ କରେ । ନଜ ଶରୀରର ଯତ୍ନ ନେବୁ ।

ତୋ ଅଭଗା ବାପା ।

ଚଠିଟିକୁ ପଢ଼ି ସାରିଲା ବେଳକୁ ଗୁଗୁଲ ତା ଘର ସାମନାରେ ଏକାଧିକ ରୁଣ୍ଡ ଥିବା ଲୋକଙ୍କ ପାଖରେ ପହଞ୍ଚି ସାରିଥିଲା ।

ଲେଖନପୁର, ସାଲେପୁର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବଣଭୋଜି

ରମେଶ ଚନ୍ଦ୍ର ବେହେରା

ଆସି ଯାଇଛି ବଣଭୋଜିର ଋତୁ
ଆସ ଆମେ ବଣଭୋଜି ପାଇଁ
ଯୋଜନା କରିବା
ନୂତନ ବର୍ଷର ଆଗମନ
ଚଳଚଂଚଳ ଗାଁ ଠୁଁ ସହର
ପରିବେଶର ସୌନ୍ଦର୍ଯ୍ୟ,
ସବୁଜିମା ରେ ରଙ୍ଗେଇ ହୋଇ
ଖୁସିକୁ ଦ୍ୱିଗୁଣିତ କରୁଛି ।
ଶୀତର ଲହରୀ ମନକୁ ଅଥୟ କରୁଛି
ନା ଅଛି ସୂର୍ଯ୍ୟର ପରାକ୍ରମ
ନା ଅଛି ବାଦଲ
ଚତୁର୍ଦିଗ କୁହୁଡ଼ିର ଚାଦର
ବିଛେଇ ହୋଇଯାଇଛି
ଘାସ ପତ୍ରରେ କାକର ବିନ୍ଦୁର
ସୁନ୍ଦରତା ମନକୁ ଆକୃଷ୍ଟ କରୁଛି
ପ୍ରକୃତି ରାଣୀ ଅଭିନନ୍ଦନ
କରିବା ପାଇଁ ନିଜକୁ
ପ୍ରସ୍ତୁତି କରିଦେଇଛି

ଆସ ଆମେ ବଣଭୋଜି ପାଇଁ
ଯୋଜନା କରିବା
ଏକାଠି ରାନ୍ଧିବା, ଏକାଠି ଖାଇବା

ଏକାଠି ବସିବା, ଏକାଠି ଗପିବା
କର୍ମମୟ ଜୀବନରୁ କଛି ସମୟ ପାଇଁ
ଅବକାଶ ନେବା
ଝରଣାର କୁଳୁକୁଳୁ ନାଦରେ
ନଜକୁ ହଜାଇ ଦେବା
ଜଞ୍ଜାଳମୟ ସଂସାରରୁ
କଛି ମୁହୂର୍ତ୍ତ ମୁକ୍ତି ହେବା
ଆସ ଆମେ ବଣଭୋଜି ପାଇଁ
ଯୋଜନା କରିବା।

ବାଟି, ସିମୁଳଆ, ବାଲେଶ୍ୱର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ନଆର୍ ପ୍ରେମ



ସତ୍ୟବ୍ରତ ମିଶ୍ର

ପ୍ରଥମ ଦେଖାରୁ ଭରିଦେଇ ଗଲ
କେତେ ଖୁସି ମୋ ଜୀବନେ...
ସେଇଦିନୁ ଇତୁ ଭଲ ପାଇଗଲି
ତୁମକୁ ମୁଁ ମନେ ମନେ...
କେତେ ଯେ ସୁନ୍ଦର କେତେ ଯେ ନରୀହ
ଚେହେର୍ ତୁମର ଦେଖି
ଇଚ୍ଛା ଥିଲ୍ ମନେ କଥା ହେବି ଦିନେ
ତୁମ ପାଖେ ଟିକେ ବସି...
ପ୍ରଥମ ଦିନରୁ ଜାଣେନା କାହିଁକି
ଲ୍‌ଗିଲ ଏତେ ନଜର
ହୃଦୟ କାନ୍ଥରେ ମନ ତୁଳ ଧରି
ଆଙ୍କିଲି ଛବି ତୁମର...
ମନେ ଅଛି କ ନା ଭୁଲିଗଲ ତୁମେ
ଆମ ସେ ପ୍ରଥମ ଦେଖା
ଟିକେ କଥା ହେଲେ, ଟିକେ ହସୁଥିଲେ
ଆସୁଥିଲେ ଏକା ଏକା
ପ୍ରଥମ ଦେଖାରୁ ନମ୍ବର ଦେଇଥିଲ
କରିଥିଲ ଆପଣାର
ଦୁନଆ ଜାଣିଛି ବନ୍ଧୁତା ହେଉଛି
ପ୍ରେମର ପ୍ରଥମ ତୀର...

କହିଲିନ ତାକୁ ଭଲପାଏ ବୋଲି
ମନେ ଥିଲା ଟିକେ ଡର
ରାଗିବ କାଳେ ଗୁଲିଯିବ କାଳେ
ମୋ ଠାରୁ ବହୁ ଦୂର...

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ମୋ ଜୀବନ ଏକ ଅଭିଶାପ

ଶିଶିର ସାମଲ

କେମିତି ଗ୍ଭଲିବି ଏଇ ଜୀବନର ବାଟ,
ପ୍ରେମ ତୋର ମିଛ ଛଳନାର ହାଟ..
ମାୟାବିନୀ ରୂପ ତୋର କରିଲା କମିଁୟା
ତୋ ବିନା କେମିତି ଜିଇଁବି ଲୋ ପ୍ରିୟା
ଖୋଜି ମୁଁ ପାଉନ ବାଟ,
ମୋ ଜୀବନ ଏକ ଅଭିଶାପ, ମୋ ଜୀବନ ଏକ ଅଭିଶାପ..

ଏକାଏକା ଖୁସିଥିଲି ନଥିଲା ଭାବନା,
ମୋ ଜୀବନେ କାହିଁ ଆସି କରିଲୁ ଛଳନା..
ପ୍ରେମ ମୋର ନୁହେଁ ମିଛ ଛଳନାର ଘର,
ଏତେ ଭଲପାଇ କାହିଁ ହୋଇଗଲୁ ଦୂର..
ଜୀବନ ଜିଉଁଛି.. ଜୀବନ ହାରୁଛି..
ତୋ ପ୍ରେମ ଏମିତିକା ଗପ ....
ମୋ ଜୀବନ ଏକ ଅଭିଶାପ, ମୋ ଜୀବନ ଏକ ଅଭିଶାପ..

ନିଜଠୁ ଅଧିକ ତତେ ପାଉଥିଲି ଭଲ,
ଛଳନା ମୋ ସାଥେକରି ସୁଝିଦେଲୁ ମୂଲ..
ମରିଚକା ପରି ସାଥି ବଦଳ ତୁ ଗଲୁ,
ଜୀବନକୁ ମରୁଭୂମି ପଥେ ଛାଡିଦେଲୁ....
ଜୀବନ ଜଳୁଛି.. ବିରହେ ମରୁଛି...
ତୋ ପ୍ରେମ ମୋ ଲାଗି ପାପ .....
ମୋ ଜୀବନ ଏକ ଅଭିଶାପ, ମୋ ଜୀବନ ଏକ ଅଭିଶାପ.. (୨)

# ସ୍ୱପ୍ନ ନାୟିକା



ସୁଦାମ ଲେଙ୍କା

ସପନେ ମୋ ଆସୁ ମୋ ପଖରେ ବସୁ
କରୁ ମୋ ମନରେ ଘର ।
ଭୁଲି ପାରୁନ ମୁଁ ସେ ପ୍ରତିମା ଛବି
ମନେ ରହିଗଲା ମୋର ॥
ସେ ଅନ୍ଧାର ରାତି ସେ କୋମଳ ତାତି
ଜାଣିନ କେତେ ମଧୁର ।
ଏତିକ ଜାଣିଛି ପ୍ରିୟାକୁ ଜିଣିଛି
ଜିଣିଛି ପ୍ରେମ ନଅର ॥
ସାକ୍ଷୀ ରହିଲା ସେ ଅମାବାସ୍ୟା ରାତି
ରହିଲା ସେ ଜହ୍ନ ପ୍ରୀତି ।
ଅଲିଭା ଛବିଟି ଆଖିରେ ନାଚୁଛି
ଲାଗୁନାହିଁ ଖରା ତାତି ॥
କେତେ ଯେ ନିର୍ଜନ ସେ ସପନ ରାତି
ଜାଣେନା କେତେ ନିଜର ।
ସଞ୍ଜ ସକାଳେ ମୁଁ ଭାଳ ବସୁଅଛି
ପାଇନ ତାର ଖବର ॥
ଖୋଜୁଛି ଖୋଜିବି ସେ ଅଭୁଲା ଛବି
ଲାଗୁ ପଛେ ଦିନ ବାର ।
ଦିନେ ମୁଁ ପାଇବି ଖୋଜିକ ଛୁଇଁବି
ରଖିଛି ପ୍ରେମ ପୟର ॥

,

# ବିଶ୍ୱ ନିୟନ୍ତାଙ୍କୁ ପତ୍ର



ନିବେଦିତା ମହାପାତ୍ର

ହେ ବିଶ୍ୱ ନିୟନ୍ତା,

ମୋ ହୃଦୟର ଗଭୀରତମ ପ୍ରଦେଶରୁ ଆପଣଙ୍କୁ ପ୍ରଣିପାତ ଜଣାଉଛି। ଏ ସୁନ୍ଦର ସୃଷ୍ଟିର ରଚନା କରି, ମାନବଙ୍କୁ ଶ୍ରେଷ୍ଠ ସ୍ଥାନ ଦେଇ ଆପଣ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିଛନ୍ତି। ଆପଣ ସଂସାରରେ ମାନବକୁ ଦିବ୍ୟଜ୍ଞାନର ଅଧିକାରୀ କରାଇଛନ୍ତି ଏବଂ ତା' ମାଧ୍ୟମରେ ଅନେକ ସୃଜନାତ୍ମକ କାର୍ଯ୍ୟକୁ ସଫଳ ରୂପାୟନ କରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆଜି ମନୁଷ୍ୟ ନିଜ ଇଚ୍ଛାରେ ସମସ୍ତ କାର୍ଯ୍ୟ କରୁଛି। କଳିଯୁଗର କରାଳତାରେ ଆଜି ସେ ନିଜର ମାନବିକତା ଓ ବିବେକ ପଣିଆକୁ ହରାଇ ଦେଇଛି। ସତ୍ୟ, ତ୍ରେତୟା, ଦ୍ୱାପର ଆଦି ଯୁଗରେ ମନୁଷ୍ୟ ମଧ୍ୟରେ ଦେବତ୍ୱର ପରିପ୍ରକାଶ ହେଉଥିଲା। ନୀତି, ନିୟମ, ଯଜ୍ଞ, ଧର୍ମକର୍ମ, ଆସନ, ପ୍ରାଣାୟାମ, ପୂଜା ଆଦି ଦ୍ୱାରା ସେ ନିଜର ଷଡରିପୁକୁ ଦମନ କରି ଏକ ନୀତିମୟ ଜୀବନ ଯାପନ କରୁଥିଲା।

ନାରୀ, ଯିଏ ସୃଷ୍ଟିକୁ ନିଜ ଗର୍ଭରେ ଧାରଣ କରି ଦଶ ମାସର ଗର୍ଭ ଯନ୍ତ୍ରଣା ସହି ନୂଆ ଜୀବନର ଆଲୋକ ଦେଖାଇଥାଏ ତାକୁ ସଂସାରରେ ସର୍ବୋତ୍ତମ ସ୍ଥାନ ଦିଆଯାଇଥିଲା। ତା'ର ସମ୍ମାନ ସମଗ୍ର ଜାତି ପାଇଁ ସବୁଠାରୁ ମୂଲ୍ୟବାନ ଥିଲା। କିନ୍ତୁ ଆଜିର ଉଗ୍ର ଆଧୁନିକତାର ବଶୀଭୂତ ଏହି ମାନବ ନାରୀକୁ ଏକ ଉପଭୋଗ୍ୟ ବସ୍ତୁ ବୋଲି ଭାବି ନେଇଛି। ସଂସାରର ସୌନ୍ଦର୍ଯ୍ୟକୁ ଦେଖାଇଥିବା ନାରୀର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ସେ ତା'କୁ ନିଜ କାମନା ବାସନାର ନିଆଁରେ ଦଗ୍ଧ କରୁଛି। ନିଜ ଶରୀରର କାମାଗ୍ନିକୁ ଶାନ୍ତ କରିବା ପାଇଁ ସେ ବିବେକ ଶୂନ୍ୟ ଭାବେ ଛୋଟ ଶିଶୁ କଳିକା ଠାରୁ ବୟସାଧିକ ନାରୀକୁ ମଧ୍ୟ ରମଣ କରିବାକୁ କୁଣ୍ଠାବୋଧ କରୁନାହିଁ। ସ୍ଥାନ, କାଳର ବିଚାର ନ କରି କ୍ରୁରତାର

ସହ ସେ ନାରୀ ମାନଙ୍କୁ ନିଜ ବାସନାର ଶିକାର କରି ପରିଶେଷରେ ସେମାନଙ୍କୁ ଜଘନ୍ୟ ଭାବେ ହତ୍ୟା କରୁଛି।

ବଡ ଆଶ୍ଚର୍ଯ୍ୟର ବିଷୟ ଆଶ୍ୱିନ ମାସରେ ନାରୀକୁ ଦୁର୍ଗା ମା'କହି ପୂଜା କରୁଥିବା ପୁରୁଷ ତା'ଆଖପାଖରେ ରହୁଥିବା ନାରୀକୁ ମା', ଭଉଣୀ, କି ଝିଅ ବୋଲି ବିଚାର କରେ ନାହିଁ। କାମ ଲାଳସାରେ ଅନ୍ଧ ହୋଇଥିବା ମଣିଷ ତା'ସମ୍ମୁଖରେ ଦେଖୁଥିବା ସ୍ତ୍ରୀକୁ କେବଳ ଉପଭୋଗ କରିବାକୁ ଚାହେଁ।

ହେ ବିଶ୍ୱପିତା, ତୁମର ଏ ସୁନ୍ଦର ସୃଷ୍ଟି ଯାହା ପାଇଁ ଗତିଶୀଳ ହେଉଛି ସେହି ନାରୀ ଜାତି ଆଜି ଖୁବ୍ ଅସହାୟ ହେଇ ପଡିଛି। ଖୁବ୍ ଯତ୍ନରେ ନାରୀକୁ ତୁମେ କୋମଳାଙ୍ଗୀ କରି ଗଢିଛି; ହେଲେ ତା'ମନରେ ଦେଇଥିବା ଅଦମ୍ୟ ଧୈର୍ଯ୍ୟ ଓ ସାହାସ ପାଇଁ ସେ ସହଜରେ ଅନ୍ୟର ମନ ଜିଣି ଅସମ୍ଭବକୁ ସମ୍ଭବ କରିପାରେ। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ କୌଣସି ବି ପରିବାର ଏମିତି କି ନାରୀଟିଏ ମଧ୍ୟ ନିଜ ଗର୍ଭରେ କନ୍ୟା ଭ୍ରୁଣଟିଏ ସ୍ଥାନ ଦେବାକୁ ଇଚ୍ଛା ପ୍ରକାଶ କରୁନାହିଁ। ପୁତ୍ରମୋହ ର କୁଝଟିକାରେ ଭ୍ରମୁଥିବା ସମଗ୍ର ମନୁଷ୍ୟ ଜାତି ନିଜ ବଂଶ ରକ୍ଷା ପାଇଁ କେବଳ ମାତ୍ର ପୁତ୍ର ସନ୍ତାନର କାମନା କରୁଛି। କିନ୍ତୁ ସେ ଭୁଲି ଯାଉଛି ଯେ ସେହି ପୁତ୍ର ସନ୍ତାନକୁ ଭୂମିଷ୍ଠ କରିବା ପାଇଁ ଆବଶ୍ୟକ ଗର୍ଭଟି ଗୋଟିଏ ନାରୀର ହିଁ ହୋଇଥାଏ।

ଏ ଧରାଧାମରେ ପୁରୁଷ ଦ୍ୱାରା ସଂପାଦିତ ସମସ୍ତ କାର୍ଯ୍ୟରେ ନାରୀର ସମ ସହଭାଗିତା ଥାଏ। ପୁରାଣ ବର୍ଣ୍ଣିତ ଅଧ୍ୟାୟକୁ ଉନ୍ମୋଚନ କଲେ ଦୃଷ୍ଟାନ୍ତ ସ୍ୱରୂପ ଦେଖିବାକୁ ମିଳେ ତ୍ରେତୟାରେ ସ୍ୱୟଂ ପ୍ରଭୁ ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞର ପୂର୍ତ୍ତି ପାଇଁ ସୀତାଙ୍କର ଆବଶ୍ୟକତାକୁ ଅନୁଭବ କରି ସ୍ୱର୍ଣ୍ଣମୟୀ ସୀତା ପ୍ରତିମା ନିର୍ମାଣ କରି ଯଜ୍ଞ କାର୍ଯ୍ୟ କରିଥିଲେ। ନାରୀ ବିନା ପୁରୁଷର ଅସ୍ତିତ୍ୱକୁ କଳନା କରାଯାଇ ନ ପାରେ। ତଥାପି ପୁରୁଷ ପ୍ରଧାନ ଏ ସମାଜରେ ନାରୀକୁ ଅବଳା ଦୁର୍ବଳା କହି ତା'କୁ ହୀନ ବୋଲି ଗଣନା କରାଯାଉଛି। ନାରୀ ପୁରୁଷ ସହ ସବୁ କାର୍ଯ୍ୟରେ ସମକକ୍ଷ ହେଇ ପାରିଥିଲେ ମଧ୍ୟ ବେଳେବେଳେ ପୁରୁଷର କାମାଗ୍ନିରେ ସେ ନିଜକୁ ଦଗ୍ଧ କରି ସମାଜରେ ଉପହାସିତ ହେଉଛି।

ହେ ପରମପିତା, ନାରୀ ସୁରକ୍ଷା ଆଜି ସବୁଠାରୁ ବଡ ପ୍ରଶ୍ନବାଚୀ ହେଇଯାଇଛି। ସୃଷ୍ଟି କାରିଣୀ ଆଜି ନିଜେ ଧ୍ୱଂସ ପଥର ପଥିକ ସାଜିଛି। ଯୁଗେ ଯୁଗେ ତୁମେ ଅଧର୍ମର ବିନାଶ କରିବା ପାଇଁ ଅବତାର ଗ୍ରହଣ କରିଥାଅ ବୋଲି ଗାଥା ରହିଛି। ନାରୀର ଲଜ୍ଜା ନିବାରଣ ପାଇଁ ସେଦିନ କୁରୁସଭାରେ ଯାଜ୍ଞସେନୀ ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ଦାନ ଦେବାର ମଧ୍ୟ ଲୋକମୁଖରେ ଆଜି ବି ପ୍ରଚାରିତ ହେଉଛି। ତେବେ କୁହନ୍ତୁ ବର୍ତ୍ତମାନ ସମାଜରେ ପ୍ରତିଦିନ କେତେ ଦ୍ରୌପଦୀ କ୍ରୁର ଦୁଃଶାସନର ଚକ୍ରାନ୍ତ ଜାଲରେ ଛନ୍ଦି ହେଇ ନିଜ ଜୀବନର ବଳିଦାନ ଦେଇ ଚାଲିଛନ୍ତି। ତାଙ୍କ ପାଇଁ ଆପଣ କଣ ବିଚାର କରିବେ। ପୁଣି ଥରେ ଆଉ ଏକ ମହାଭାରତର ସର୍ଜନା କରି ପାପୀଙ୍କୁ ଦଣ୍ଡ ବିଧାନ କରିବେ ନା ଯାଦବ ବଂଶର ଧ୍ୱଂସ ସାଧକ ସାଜିବା ପରି ଏ ସୃଷ୍ଟିରୁ ନାରୀ ଜାତିର ବିଲୟ ଘଟାଇବେ? ଉତ୍ତର ଅପେକ୍ଷାରେ ମହାବାହୁ। ଆପଣ ଯାହା ବି ବିଚାର କରିବେ ତାହା ନିଶ୍ଚୟ ଏ ବିଶ୍ୱ ପାଇଁ ମଙ୍ଗଳକାରୀ ହେଇଥିବ।

ଇତି

ଆପଣଙ୍କର ଶରଣାର୍ଥୀ ଏକ ହୀନ ଭକ୍ତ

ମୁକୁନ୍ଦ ମିଶ୍ର ନଗର, ପୁରୀ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।

ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ସୃଷ୍ଟି ହେବ ଛାରଖାର



ଧିରେନ୍ଦ୍ର ମଲ୍ଲିକ

ଆହେ  ବଂଶୀଧାରୀ ଜଗତପାଳକ
ସୁଦର୍ଶନ ଚକ୍ରଧାରୀ,
ଚାରି ଯୁଗେ ତୁମେ ଅଭୟ ପୁରୁଷ
ନାମ ତୁମ ଶ୍ରୀ ହରି,
ତ୍ରେତୟା ଯୁଗରେ ଶ୍ରୀରାଧା ସାଥିରେ
କରିଥିଲ କେତେ ଭାବ,
ଦ୍ୱାପର ରେ ତୁମେ ଶ୍ରୀକୃଷ୍ଣ ରୂପରେ
ନାଶିଲ କଂସର ଯିବ,
କଳ ଯୁଗେ ତୁମେ କଳକ ରୂପରେ
ନେବ କେବେ ଅବତାର,
ଧର୍ମର ବିଜୟ ଅଧର୍ମର କ୍ଷୟ
ସୃଷ୍ଟି ହେବ ଛାରଖାର,
ଚାରିଆଡେ ପଡିଯିବ ହାହି ହାହି
କେହି ନ ଶୁଣିବେ ଡାକ,
ଚଣ୍ଡୀ ଚାମୁଣ୍ଡା ବାହାରେ ବୁଲିବେ
ଦେଖିବ ସଂସାର ଯାକ,
ଆରମ୍ଭ ହୋଇବ ନୂତନ ସକାଳ
ନୂତନ କରଣ ଆଣି,
ସତ୍ୟଯୁଗ ପୁଣି ପ୍ରାରମ୍ଭ ହୋଇବ
ଏହା ଅଟେ ବ୍ରହ୍ମବାଣୀ,

ନଳକଣ୍ଠପୁର ମଙ୍ଗଳପୁର ଯାଜପୁର

# ଚଲ୍ ଉଠ୍ ଏଥର ଯିବା...



ଦିଲିପ୍ କୁମାର ତ୍ରିପାଠୀ

ନା' ଲୁହରେ, ନା' ଲହୁରେ
ନା' ହାତରେ, ନା' ଭାତରେ
କି ଆପଣା କି ପର
ତିଳେ ହେଲେ ମାତ୍ର କଷ୍ଟ ନ ଦେବା
ଚଲ୍ ଉଠ୍ ଏଥର ଯିବା...
ମଣିଷ ପରି ମଣିଷଟେ ହବା
ନା' ଦେବ ପରି, ନା' ଦୈତ୍ୟ ପରି
ନା' ଜୀବ ପରି, ନା' ଶବ ପରି
ଜୀବନ ଜିଇଁବା ଶିବ ପରି, ଶିଶୁ ପରି
ଭୋକରେ ବିକଳ ପ୍ରତି ପେଟ ପାଇଁ
ନିଜ ଥାଳ ଅନ୍ନ ବାଢ଼ି ଦେବା
ଚଲ୍ ଉଠ୍ ଏଥର ଯିବା...
ମଣିଷ ପରି ମଣିଷଟେ ହବା
ଦେଖ୍, ତୋ ପଦେ କଥାରେ ଫୁଲ ମରୁଛି
ଶବ୍ଦର ଉତ୍ତାଳ ଜୁଆର ଡ଼ଙ୍ଗା ଭାଙ୍ଗୁଛି
ଅତି ଆତୁରରେ, କରୁଣ ସ୍ୱରରେ

ଦୂରରୁ ବୋଧେ କେ ଡାକୁଛି !

ତୋର ସେଇ ଶେଷ କେଇ ମିଠା ପଦ

ମନେ ପଡ଼େ ତାର ଲାଗୁଛି !

କଷଣ ଦେଇ କ ପାଷାଣ ପ୍ରାୟ

ଆମେ କ ହବା

ଭରସା ତୁଟେଇ ଅଫେର୍ ବାଟୋଇ

ପାଲଟି ଯିବା !

ନା'...

ଗ୍ଲ ଉଠ୍ ଏଥର ଯିବା...

ମଣିଷ ପରି ମଣିଷଟେ ହବା

ଢେଙ୍କାନାଳ, ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗ ପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ।

# କନ୍ୟା ସନ୍ତାନ



ଜିତେନ୍ଦ୍ର ପାଣ୍ଡେ

କୋଟି ଜନମର ପୂଣ୍ୟବଳରେ
ମିଳଇ କନ୍ୟାସନ୍ତାନ,
ତା ବିନା ଏ ସୃଷ୍ଟି ଅକଳ୍ପନୀୟ
ଅଟେ ସେ ଅମୂଲ୍ୟରତ୍ନ ||

ଦୁହି କୁଳକୁ ହିତା ଅଟେ ସେ ଦୁହିତା
ସେବାର ପ୍ରତୀକଟିଏ,
ସେ କାହୁଁ ବୁଝିବ କନ୍ୟାର ମହତ୍ତ୍ୱ
ଏ ଫଳ ପାଇନ ଯିଏ ||

ଆଲୋକତ କରେ ପ୍ରଦୀପଟେ ହୋଇ
ଜନମ ନଏ ଯା ଘରେ,
ଭାଗ୍ୟେଥିଲେ ସିନା ମିଳେ ଏ ସଂପଦ
ନାହିଁ ସବୁରି ଭାଗ୍ୟରେ ||

ସ୍ନେହଡୋରେ ବାନ୍ଧି ଖୁସିର ଫଗୁଣ
ଆସି ବିତରଣ କରେ,
ଦୁଃଖ ସମୟରେ ଧାଇଁଆସେ ସିଏ
ଥିଲେ ବି ଯେତେଦୂରେ ||

ଅଲ୍ଟ୍ରାସାଉଣ୍ଡ୍ ଯନ୍ତ୍ରେ କନ୍ୟାଭ୍ରୂଣ ଦେଖି
ନଅ ନ ତାର ଜୀବନ,
କୌଣସି ଗୁଣେ ଝିଅ କମ୍ ନୁହଁଇରେ
ପୁଅଝିଅ ଦୁହେଁ ସମାନ ||

ବାପାମାଆ ତୁମେ ସ୍ନେହ ଯତନରେ
କନ୍ୟାକୁ କର ପାଳନ,
ପୂଣ୍ୟଫଳ ଲଭ ଏଇ ଜନମରେ
କରିଦୁହେଁ କନ୍ୟାଦାନ ||

ବାଗଉଡାର, ବେଲପଡା, ବଲାଙ୍ଗିର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ|



# ଯଥାସ୍ଥିତିବାଦର ସମର୍ଥକ

ବାଲ୍ମୀକି ନାୟକ

ମଣିଷ ସମାଜରେ ପୂର୍ବରୁ ଚଳିଆସିଥିବା ସମସ୍ତ ପ୍ରକାର ଧାର୍ମିକ କର୍ମକାଣ୍ଡ, ପରମ୍ପରା ଓ ସାମାଜିକ ଚଳଣୀକୁ ଆଧୁନିକ ଯୁଗରେ ବି ସେହି ରୀତି ଓ ନୀତକୁ ଚଳେଇବାପାଇଁ ଜିଦ୍ କରୁଥିବା ଲୋକମାନଙ୍କୁ ଆମେ "ଯଥାସ୍ଥିତିବାଦ" ର ସମର୍ଥକ ବୋଲି କହିପାରିବା । ପ୍ରକୃତରେ ଯଥାସ୍ଥିତିର ଅର୍ଥ ହେଉଛି "ଜଡତା" । ଏହାକୁ ସମର୍ଥନ କରୁଥିବା ଲୋକମାନେ ଆଧୁନିକତାକୁ ବିରୋଧ କରିବାର କାରଣ ହେଉଛି – ଆଧୁନିକ ଚିନ୍ତନ ଓ ସାମାଜିକ ଚଳଣୀରେ ମାନବୀୟ ଅଧିକାର, ସାମାଜିକ ସ୍ତରରେ ଆର୍ଥିକ ସମାନତା ଓ ସମାନ ନ୍ୟାୟର ବ୍ୟବସ୍ଥା ରହିବା ଦ୍ୱାରା ସେମାନଙ୍କ ହିତ ସାଧନରେ ବାଧା ସୃଷ୍ଟି କରୁଛି । କାରଣ ଅତି ସ୍ପଷ୍ଟ । ପ୍ରତ୍ୟେକ ବ୍ୟକ୍ତିକୁ ଯଦି ଆର୍ଥିକ ସୁରକ୍ଷା, ସାମାଜିକ ନ୍ୟାୟ, କର୍ମ କରିବା ପାଇଁ ସ୍ୱତନ୍ତ୍ରତା ଏବଂ ବିକାଶ କରିବା ପାଇଁ ଆବଶ୍ୟକ ସୁବିଧା ମିଳି ପାରିବ ତେବେ ଉଚ୍ଚ ବା ସମୃଦ୍ଧ ବର୍ଗର ଲୋକମାନଙ୍କ ଘରେ ଓ ବାହାରେ କାମ କରିବାପାଇଁ ନୀଚ ଓ ଗରିବ ଶ୍ରେଣୀର ଲୋକ କେଉଁଠୁ ମିଳିବ**?** ବଡଲୋକ ମାନଙ୍କୁ ନୌକର, ନୌକରାଣୀ, ଡ୍ରାଇଭର, ବନ୍ଧୁଆ ଶ୍ରମିକ, ବାଳ ଶ୍ରମିକ ଆଦି ସହଜରେ ମିଳିବ ନାହିଁ । ସେମାନଙ୍କ ମତରେ ଉଚ୍ଚ ବର୍ଗ ଆଧୁନିକ ଭୌତିକ ସୁଖ ଉପଭୋଗ କରି ପାରିବେ କିନ୍ତୁ ନିମ୍ନ ସ୍ତରରେ ଜନ୍ମ ଗ୍ରହଣ କରିଥିବା ମଣିଷମାନେ ପୂର୍ବରୁ ମାନ୍ୟତା ପ୍ରାପ୍ତ ସାମାଜିକ ପଦ୍ଧତିରେ ପରିବର୍ତ୍ତନ କରିପାରିବେ ନାହିଁ ।

ପରବର୍ତ୍ତୀ କାଳରେ ମାନବତାବାଦୀ ବୈଜ୍ଞାନିକ ଚିନ୍ତାଧାରା ଯୋଗୁଁ ସୃଷ୍ଟି ହୋଇଥିବା ସମତାମୂଳକ ଚେତନା ସାଧାରଣ ଜନତାଙ୍କ ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଇଲା ।

ଏହା ଫଳରେ ୧୭୭୫ ମସିହାରେ ଆମେରିକାରେ ସ୍ୱାଧୀନତା ସଂଗ୍ରାମ, ୧୭୮୯ ମସିହାରେ ଫ୍ରାନ୍ସରେ ରାଜ୍ୟକ୍ରାନ୍ତି ଏବଂ ଋଷିଆରେ ୧୯୧୭ ମସିହାରେ ସମାଜବାଦୀ କ୍ରାନ୍ତିର ସୂତ୍ରପାତ ହୋଇଥିଲା । ସମାଜବାଦୀ ବ୍ୟବସ୍ଥା ଯୋଗୁଁ ବ୍ୟକ୍ତିକୁ ଯେଉଁ ସାମାଜିକ ଓ ଆର୍ଥିକ ସୁରକ୍ଷା ମିଳପାରିଲା ତାହା ପୁଞ୍ଜିବାଦୀ ବ୍ୟବସ୍ଥାକୁ ଗଭୀର କ୍ଷତି ପହଞ୍ଚାଇଲା । ୧୯୩୫ ମସିହାରେ ଆମେରିକା ଏବଂ ୧୯୪୪ ମସିହାରେ ବ୍ରିଟେନ୍ ପ୍ରଥମ ଥର ପାଇଁ ସାମାଜିକ ସୁରକ୍ଷାକୁ ପୁଞ୍ଜିବାଦୀ ବ୍ୟବସ୍ଥା ସହିତ ଯୋଗ କରି ଇତିହାସ ପୃଷ୍ଠାରେ ସୁନାମ ଅର୍ଜନ କରିଛନ୍ତି । ଏହା ପୂର୍ବରୁ ୟୁରୋପରେ ନବଜାଗରଣ ଆନ୍ଦୋଳନ ସହିତ ବୈଜ୍ଞାନିକ ଅନୁସନ୍ଧାନ, ବିଶ୍ଳେଷଣ, ଆବିଷ୍କାର, ଉଦଘାବନ ଏବଂ ପ୍ରୟୋଗ ଆଦି ୟୁରୋପରେ ପ୍ରକୃତିବାଦୀ ଏବଂ ଧର୍ମନିରପେକ୍ଷ ବିଚାରଧାରାକୁ ପୂର୍ବରୁ ପ୍ରଚଳିତ ରକ୍ଷିବାଦୀ ପରମ୍ପରା ଭିତରେ ପରିବର୍ତ୍ତନର ବୀଜରୋପଣ କରି ସାରିଥିଲା ।

ସମତାମୂଳକ ମାନବୀୟ ଦୃଷ୍ଟିକୋଣ ଏବଂ ଚିନ୍ତନ ଗୁଡିକର ମୂଳରେ କେବଳ ନୀରିଶ୍ୱରବାଦୀ, ନାସ୍ତିକ ଓ ଉଦାରବାଦୀ ଦାର୍ଶନିକମାନଙ୍କର ହିଁ ଅବଦାନ ରହିଥିଲା । ଈଶ୍ୱରବାଦୀ ଓ ଆସ୍ତିକମାନେ ମାନବବାଦ ଓ ନୈତିକତା ସମ୍ପର୍କରେ ବହୁତ ବଡେଇ ଚଡେଇ ଭାଷଣ ତ ଦିଅନ୍ତି କିନ୍ତୁ ସାମାଜିକ ବିଷମତା ଓ ନିମ୍ନ ଜାତି ଲୋକମାନଙ୍କ ପ୍ରତି ଅନ୍ୟାୟ ପ୍ରତି ସେମାନେ ଉଦାସୀନ ରହନ୍ତି । ଇତିହାସରୁ ଜ୍ଞାତ ହୁଏ ଯେ ସମାଜରେ ସମତାମୂଳକ ମାନବାଧିକାର ସ୍ଥାପନପାଇଁ ଆସ୍ତିକମାନଙ୍କ ଯୋଗଦାନ ନଗଣ୍ୟ କିନ୍ତୁ ନାସ୍ତିକମାନଙ୍କ ଭୂମିକା ମହତ୍ୱପୂର୍ଣ୍ଣ ରହିଛି । ନାସ୍ତିକମାନେ ବୌଦ୍ଧିକ, ବିବେକ, ସଂସ୍କୃତ ଓ ଯଥାର୍ଥ ଜ୍ଞାନପୂରକ ଚିନ୍ତନ ଦ୍ୱାରା ସମତାମୂଳକ ନୈତିକ ମାନବୀୟ ମୂଲ୍ୟର ସ୍ଥାପନ କରି ତାହାର ବିକାଶପାଇଁ ନିଜ ଜୀବନକୁ ସମର୍ପିତ କରି ଦେଇଛନ୍ତି ।

ଏହି ସମ୍ପର୍କରେ ନାସ୍ତିକମାନଙ୍କ ପାଇଁ ଆସ୍ତିକ ସମାଜରେ ପ୍ରଚଳିତ କିଛି ରକ୍ଷିବାଦୀ ଧାରଣାର ଉଲ୍ଲେଖ କରିବା ଆବଶ୍ୟକ ରହିଛି । ଭାରତ ଏବଂ ଇସଲାମିକ୍ ଦେଶମାନଙ୍କରେ ହେତୁବାଦୀଙ୍କ ପ୍ରତି ଏକ ଘୃଣ୍ୟ ମନୋଭାବ ରହିଛି । ସେମାନଙ୍କ ମତରେ ହେତୁବାଦୀମାନେ ସ୍ୱେଚ୍ଛାଚାରୀ, ବ୍ୟଭିଚାରୀ, ମର୍ଯ୍ୟାଦାହୀନ, ନିର୍ଦ୍ଦୟ, ଚରିତ୍ରହୀନ, ଉଚ୍ଛୃଙ୍ଖଳ ପ୍ରବୃତ୍ତି ଏବଂ

ଅନୈତିକ କର୍ମ କରୁଥିବା ବ୍ୟକ୍ତିଗଣ ବୋଲି ଏକ ଭିତ୍ତିହୀନ ଧାରଣା ରହିଛି । ଏହି ଧାରଣାକୁ ଧାର୍ମିକ ଓ ପୌରାଣିକ ଗ୍ରନ୍ଥ ମାନଙ୍କରେ ବିଭିନ୍ନ ଲୋକକଥା ଓ କାହାଣୀ ମାଧ୍ୟମରେ ପ୍ରଚାର ଓ ପ୍ରସାର କରାଯାଇଛି । ଯାହାର ଅର୍ଥ ହେଉଛି ଏହାକୁ ପଢି, ଶୁଣି କୌଣସି ଆସ୍ତିକ ବ୍ୟକ୍ତି ନାସ୍ତିକ ବା ହେତୁବାଦୀ ଚନ୍ତାଧାରା ଦ୍ୱାରା ପ୍ରଭାବିତ ନ ହେଉ ଏବଂ ଆଜୀବନ ଧର୍ମର ସଂକୀର୍ଣ୍ଣ ଗଳରେ ହିଁ ଭୂଆଁ ବୁଲୁଥାଉ ।

ଗତ ଅନେକ ବର୍ଷରୁ କିଛି ନିର୍ଭୀକ ତଥା ହେତୁବାଦୀ ବ୍ୟକ୍ତିଙ୍କ ଯୋଗୁଁ ଅନେକ ତଥାକଥିତ ଭଣ୍ଡ ଧର୍ମଗୁରୁଙ୍କ ଅସଲ ରୂପ ସମାଜ ଆଗରେ ପରଦାଫାଶ ହୋଇପାରିଛି । ଯେଉଁମାନେ ସମାଜକୁ ଦେଖେଇବାପାଇଁ ପୂଜା-ପାଠ, ଭଜନ-କୀର୍ତ୍ତନ, ଧାର୍ମିକ-ହୋମ, ଯଜ୍ଞ ଆଦି ଆୟୋଜନ କରି ମିଠାମିଠା କଥାରେ ପ୍ରବଚନ ଦେଇ ଜନମାନସକୁ ସମ୍ମୋହିତ କରିଥାନ୍ତି କିନ୍ତୁ ସେମାନଙ୍କର ଅସଲ ଧନ୍ଦା ଥାଏ ମଦ୍ୟପାନ, ବିଭିନ୍ନ ନିଶା ଦ୍ରବ୍ୟର ଗ୍ରହଣ, ଯୁବତୀମାନଙ୍କର ଯୌନ ଶୋଷଣ ଭଳି ଅପକର୍ମ । ଅନେକ କ୍ଷେତ୍ରରେ ଧର୍ମଗୁରୁମାନଙ୍କର ପ୍ରଶାସନିକ ନେତା ଏବଂ ପୋଲିସ୍ ଅଧିକାରୀମାନଙ୍କ ସହିତ ସମ୍ପର୍କ ଭଲ ରଖୁଥିବାରୁ ଅପରାଧ ଓ କୁକର୍ମର ଭଲକରି ତଦନ୍ତ ହୋଇପାରୁନି । ଦୋଷୀକୁ ଦଣ୍ଡ ମିଳିବା ତ ଦୂରର କଥା ।

ହେତୁବାଦୀଙ୍କ ସମ୍ପର୍କରେ ପାରମ୍ପାରିକ ଭାବେ ଯେଉଁ ଭ୍ରାନ୍ତ ଧାରଣା ସମାଜରେ ପ୍ରଚଳିତ ଅଛି, ତାହା ପ୍ରକୃତରେ ସତ୍ୟ ନୁହେଁ । ଜଣେ ହେତୁବାଦୀ ଭଲକରି ଜାଣିଥାଏ ଯେ କୁକର୍ମକୁ ଲୁଚେଇବାପାଇଁ ସେ ଧାର୍ମିକ ଖୋଳର ବ୍ୟବହାର କରିପାରିବ ନାହିଁ । ଦୋଷକଲେ ସମାଜ ଏବଂ କାନୁନ୍ ହାତରେ ସେ ନିଶ୍ଚୟ ଦଣ୍ଡ ପାଇବ । ସେଥିପାଇଁ ନୈତିକତା ରକ୍ଷା କରି ସମାଜରେ ଚଳିବା ହେତୁବାଦୀପାଇଁ ଅନିବାର୍ଯ୍ୟ ହୋଇପଡେ । ଆସ୍ତିକ ବ୍ୟକ୍ତି ଅନୈତିକ କାମ କଲେ ବି ପ୍ରଥମତଃ ତାଙ୍କୁ କେହି ସହଜରେ ସନ୍ଦେହ କରିବ ନାହିଁ । ଦ୍ୱିତୀୟତଃ ପାପ ଜନିତ ଅପରାଧ ବୋଧରୁ  ମୁକ୍ତିପାଇବା ପାଇଁ ଧାର୍ମିକ କର୍ମକାଣ୍ଡ ଉପଲବ୍ଧ ଅଛି । ପବିତ୍ର ନଦୀ କିମ୍ବା ପୁଷ୍କରଣୀରେ ବୁଡ ପକେଇବା, ହୋମ ଓ ଯଜ୍ଞ କରିବା, ପଣ୍ଡା ପୂଜାରୀଙ୍କୁ ଦାନ

ଦକ୍ଷିଣା ଦେଇ ପୂଜା ଅର୍ଚ୍ଚନା କରାଇଲେ ସମସ୍ତ ଦୋଷପାଇଁ କ୍ଷମା ମିଳଯାଏ । ଅନ୍ୟ ଅର୍ଥରେ ନୂଆ ପାପ କରିବାପାଇଁ ଲାଇସେନ୍ସ ମିଳଯାଏ ।

ଆମେ ଜାଣିଛୁ ଆଧାତ୍ମିକତତା ସହିତ ଧର୍ମର ଗଭୀର ସଂବଧ ରହିଛି । କନ୍ତୁ ଆଧାତ୍ମବାଦର ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ବି ଅଛି । ଈଶ୍ୱର ଓ ଧର୍ମକୁ ଅସ୍ୱୀକାର କରି ମଧ ମଣିଷ ଆଧାତ୍ମିକ ହୋଇପାରେ । ଆଧାତ୍ମିକତା "ଚନ୍ତନ ଶକ୍ତି" ର ଏକ ମହାନ୍ ଉଚ୍ଚସ୍ଥାନକୁ ବୁଝାଏ, ଯେଉଁଠି ମଣିଷ ସମଦୃଷ୍ଟି ପ୍ରାପ୍ତ କରେ, ମନରୁ ଲୋଭ ଉଭେଇ ଯାଏ, କୁଣ୍ଠାକୁ ମନରୁ ତ୍ୟାଗ କରି ମାନବବାଦୀ ହୋଇଯାଏ । ତାର ପ୍ରତିବଦ୍ଧତା କେବଳ ଗୋଟିଏ ସମ୍ପ୍ରଦାୟ ବା ଜାତି ପ୍ରତି ନ ହୋଇ ସମଗ୍ର ମାନବଙ୍କପାଇଁ ହୋଇଥାଏ । ତା ପାଇଁ ପର ଆପଣାର ଭେଦଭାବ ନଥାଏ । ଏହାହିଁ ହେଉଛି ଆସ୍ତିକ ଓ ନାସ୍ତିକମାନଙ୍କର ଆଧାତ୍ମିକତାକୁ ବୁଝିବାରେ ଭିନ୍ନ ଭିନ୍ନ ବିଗ୍ଭର ।

ଆସ୍ତିକ ବ୍ୟକ୍ତି, ସ୍ୱର୍ଗ, ମୋକ୍ଷ ଓ ପୁନର୍ଜନ୍ମର ଗୋଲକଧନ୍ଦାରେ ପଡି ପରମାତ୍ମାରେ ଲୀନହେବାର ସ୍ୱପ୍ନ ଦେଖୁଥାଏ । ସେଥିପାଇଁ ସେ ନଜ ଗ୍ଭରିପାଖରେ ବାସ କରୁଥିବା ଚଳନ୍ତି ମଣିଷମାନଙ୍କ ଅପେକ୍ଷା କେବେ ବି ଦେଖି ନଥିବା, ଅନୁଭବ କରି ନଥିବା ତଥାକଥିତ ଅଦୃଶ୍ୟ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିଥାଏ । ଏହି ମାନସିକତା ଯୋଗୁଁ ସେ ମନୁଷ୍ୟ ଏବଂ ସଂସାର ପ୍ରତି ବିରକ୍ତ ହୋଇ ନରପେକ୍ଷା ଭାବ ଗ୍ରହଣ କରିନଏ । ନଜ ଗ୍ଭରିପାଖରେ ଯେତେ ଅନ୍ୟାୟ, ଅତ୍ୟାଗ୍ଭର ଦେଖିଲେ ବି ସେ ନର୍ବିକାର ଓ ନରପେକ୍ଷ ଭାବେ ସ୍ୱୀକାର କରିନଏ । ତାଙ୍କ ମତରେ ଈଶ୍ୱର ସବୁ ଦେଖୁଛନ୍ତି ସେ ହିଁ ସୁଧାରି ଦେବେ । ଅନ୍ୟାୟର ପ୍ରତିବାଦ କମ୍ବା ବିରୋଧ କରିବା ପାଇଁ ସାହସ ଜୁଟେଇ ପାରେନାହିଁ । ଏହି ଭଳ ଆଧାତ୍ମିକତାର ସମର୍ଥକମାନେ ଭୌତିକ, ସଂସାର ଏବଂ ଶରୀରକୁ ମିଛମାୟା ବୋଲି କହି ସଂଘର୍ଷରୁ ଓହରି ରହିବା ଦ୍ୱାରା ପଳାୟନବାଦୀ ଓ ଭୟାଳୁ ପ୍ରବୃତ୍ତିକୁ ଜନ୍ମ ଦେଇଥାଏ ।

ଏହାର ବିପରୀତ ସ୍ଥିତି ନାସ୍ତିକ ମାନଙ୍କଠାରେ ପରିଲକ୍ଷିତ ହୁଏ । ନାସ୍ତିକପାଇଁ ଏହି ଭୌତିକ ସଂସାର ବା ମାନବ ଶରୀର ମିଛ ନୁହେଁ କ ମାୟା ନୁହେଁ । ତାର ଆତ୍ମା ତଥାକଥିତ ଅଲୌକିକ ଶକ୍ତି ଅପେକ୍ଷା ମାନବ ଶକ୍ତି ଉପରେ କେନ୍ଦ୍ରିକ ରହେ । ସଂସାରରେ ଦୁଃଖ ଓ ଅଶାନ୍ତି ସୃଷ୍ଟି କରୁଥିବା କାରଣ ଗୁଡିକ ଅନୁଶୀଳନ କରି ସମାଧାନର ଉପାୟ

ଚନ୍ତା କରେ । ଆସ୍ତିକମାନଙ୍କର ଅସହଯୋଗ ତଥା ବିରୋଧ ସତ୍ତ୍ୱେ ନାସ୍ତିକମାନେ ମାନବ ମଙ୍ଗଳ କାର୍ଯ୍ୟରେ ସାହସର ସହିତ ଆଗେଇ ଯାଆନ୍ତି ।

ନାସ୍ତିକ ଆଧାମ୍ିକ ଦାର୍ଶନକମାନଙ୍କର ଅବଦାନ ମାନବ ସମାଜ ପାଇଁ କୌଣସି ଋଷି, ମୁନ, ସାଧୁ ଓ ସନ୍ୟାସୀଙ୍କ ଠାରୁ କମ ନୁହେଁ । ସେମାନଙ୍କର ବିଗ୍ଭରଧାଗ୍ କୌଣସି ଧର୍ମ ସମ୍ପ୍ରଦାୟ ବା ଜାତି ବିଶେଷଙ୍କ ଭିତରେ ସୀମିତ ରହେ ନାହିଁ । ଦର୍ଶନ, ବିଜ୍ଞାନ, ଚକତ୍ସା, ଗ୍ଭଜନୀତି, ସାହିତ୍ୟ ଓ କଳା ଆଦି ସମସ୍ତ କ୍ଷେତ୍ରରେ ନଜର ରଚନାଶୈଳୀ ଓ ଆବିଷ୍କାର ଯୋଗୁଁ ମାନବ ଜାତିର ଅଭୂତପୂର୍ବ ପ୍ରଗତି ହୋଇପାରିଛି ।

ଆଜି ବି ଆମେ ଦେଖିବା ଯେଉଁ ଦେଶରେ ଧର୍ମର ପ୍ରଭ୍ଭବ ରହିଛି କମ୍ବା ଧର୍ମ ନାମରେ ଶାସନ ଗ୍ଭଲିଛି, ସେଠିକା ଲୋକମାନେ ଆଧୁନକ ପ୍ରଗତି କ୍ଷେତ୍ରରେ ବହୁତ ପଛୁଆ ରହିଛନ୍ତି ।

ପ୍ରାରମ୍ଭିକ ଏବଂ ମଧ୍ୟକାଳୀନ ଅବସ୍ଥାରେ ବିକାଶ ନର୍ଭର କରୁଥିଲ୍ ପ୍ରକୃତି ଉପରେ କାରଣ ସେତେବେଳେ ମଣିଷ ଅନ୍ୟ କୌଣସି ଜ୍ଞାନ ପାଇ ନଥିଲ୍ । ଧୀରେ ଧୀରେ ମଣିଷ ଯେତେବେଳେ ବୌଧିକ ସ୍ତରକୁ ବିକାଶ ଲ୍ଭ କଲ୍, ସେତେବେଳେ ନଜର ଅନୁଭବରୁ ବି ସେ ଅନେକ କଥା ଜାଣିପାରିଲ୍ । ଯେଉଁମାନେ ଉଝିପାରିଲେ ଯେ ମଣିଷର ଭ୍ଭଗ୍ୟ ବା ଭବିଷ୍ୟତ ଈଶ୍ୱରଙ୍କ ଉପରେ ନର୍ଭର କରୁନାହିଁ ବରଂ ମଣିଷ ହାତରେ ହିଁ ଅଛି, ସେହିମାନେ ହିଁ ମଣିଷର ଚନ୍ତାଧାର୍ ଓ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିଲେ । ବୈଜ୍ଞାନକ ବୁଦ୍ଧିବାଦୀ ଓ ଦାର୍ଶନକମାନେ ଯଥାର୍ଥବାଦ ଚନ୍ତନ ଦ୍ୱାଗ୍ ମଣିଷମନର ଅନେକ ରହସ୍ୟକୁ ସମାଧାନ କରିଦେଲେ । ବିକଶିତ ହୋଇଥିବା ପଶ୍ଚିମ ଦେଶ ଗୁଡିକ ଏହାର ଜ୍ୱଳନ୍ତ ଉଦାହରଣ । ଜାପାନକୁ ପ୍ରଥମ ଉଦାହରଣ ରୂପେ ଦେଖିପାରିବା । ସେଠାରେ ପ୍ରାକୃତିକ ସାଧନର ଘୋର ଅଭ୍ଭବ ଥିବା ସତ୍ତ୍ୱେ ନଜର ବୁଦ୍ଧି, ଶ୍ରମ ଏବଂ ଦେଶଭକ୍ତିର ଭ୍ଭବନା ବଳରେ ଜାପାନ ଆଜି ପୃଥିବୀରେ ଏକ ଶ୍ରେଷ୍ଠ ସ୍ଥାନ ଅଧିକାର କରିପାରିଛି ।

ଯଦି ମାନବର ବିକାଶପାଇଁ ଈଶ୍ୱର ଓ ଧର୍ମ ହିଁ ମୁଖ୍ୟକାରଣ ହୋଇଥାନ୍ତା, ତେବେ "ଭାରତ" ଧର୍ମ ପ୍ରଧାନ ଈଶ୍ୱର ବିଶ୍ୱାସୀ ଲୋକମାନଙ୍କର ସଂଖ୍ୟା ବହୁତ ବେଶୀ ଥିବାରୁ ବିକାଶ ମାର୍ଗରେ ସବୁଠାରୁ ଆଗରେ ଠିଆ ହୋଇଥାନ୍ତା । ତଥାକଥିତ ଈଶ୍ୱରଙ୍କ ପ୍ରତି କମ ଆସ୍ଥା ରଖୁଥିବା ଏବଂ ଭୋଜନ ସୁଖକୁ ବେଶୀ ଗୁରୁତ୍ୱ ଦେଉଥିବା ପଶ୍ଚିମ ଦେଶ ଗୁଡିକ ବିକାଶ ମାର୍ଗରେ ଶେଷ ଧାଡିରେ ଦେଖିବାକୁ ମିଳୁଥାନ୍ତା । ଆଶ୍ଚର୍ଯ୍ୟର କଥା ଯେ ଯେଉଁ ଦେଶରେ ଏକ କମ୍ବା ଦୁଇ ନୁହେଁ, ପୁରା ତେତିଶ କୋଟି ଦେବୀଦେବତା ବାସ କରୁଛନ୍ତି, ସେହି ଦେଶ ସବୁଠାରୁ ପଛୁଆ ହୋଇ ରହିଛି । ସେହି ଦେଶରେ ସବୁଠାରୁ ବେଶୀ ଅଶିକ୍ଷା, ଗରିବି, କୁସଂସ୍କାର, ରୋଗ, ଅକାଳ ବାର୍ଦ୍ଧକ୍ୟ, ଅକାଳ ମୃତ୍ୟୁ ଇତ୍ୟାଦି ଅନେକ ପ୍ରକାର ଦୁଃଖ ଭରି ରହିଛି ।

ଏହାର କାରଣ ସମ୍ପର୍କରେ ପ୍ରଶ୍ନକଲେ – ଆସ୍ତିକମାନେ କାଳ ବିଳମ୍ବ ନକରି ଉତ୍ତର ଦିଅନ୍ତି – ଆଜିକାଲିର ଧର୍ମ କର୍ମ ସବୁ ବୁଡିଗଲାଣି, ଲୋକମାନେ ଆଧାତ୍ମିକ ମାର୍ଗକୁ ତ୍ୟାଗ କରି ଦେଇଥିବାରୁ ଦୁଃଖ ଭୋଗ କରୁଛନ୍ତି ।

ଆମ ମନରେ ପୁଣି ପ୍ରଶ୍ନ ଉଠୁଛି ଆଜି ବି ଭାରତର ଅଧିକାଂଶ ଲୋକ ଆସ୍ତିକ ଏବଂ ସେମାନଙ୍କ ଦ୍ୱାରା ସମସ୍ତ ପ୍ରକାର କର୍ମକାଣ୍ଡ ଚାଲିଛି । ସେମାନଙ୍କ ମଧ୍ୟରୁ କେତେକ ସଂସାର ମାର୍ଗ ତ୍ୟାଗ କରି ଆଧାତ୍ମମାର୍ଗରେ ଚାଲୁଥିବାର ଦାବି କରୁଛନ୍ତି । ଆମେ ସେହିଭଳି ଅନେକ ବ୍ୟକ୍ତିଙ୍କୁ ଜାଣିଛୁ । ସେମାନେ ଅନେକ ପ୍ରକାର ଶାରୀରିକ ଓ ମାନସିକ ସମସ୍ୟା ଭୋଗ କରୁଛନ୍ତି କାହିଁକ? ଆସ୍ତିକ ବ୍ୟକ୍ତି ଗୁଡିକ ଯଦି ସୁଖ ଶାନ୍ତିରେ ଜୀବନ ଅତିବାହିତ କରୁଥାନ୍ତେ ତେବେ ଈଶ୍ୱର ଓ ଧର୍ମକୁ ନେଇ ନାନାପ୍ରକାର ତର୍କ ଓ ବିତର୍କ କାହିଁକ ହୁଅନ୍ତା? ନାସ୍ତିକ ହେବାକୁ କିଏ ବା ଇଚ୍ଛା କରନ୍ତା? ସୁଖ ଓ ଶାନ୍ତିରେ ରହିବା ପାଇଁ ଆସ୍ତିକ ହେବାକୁ କିଏ କାହିଁକ ମନା କରନ୍ତା?

ଦୁନିଆର ଯେଉଁ ଦେଶ ଗୁଡିକ ଉନ୍ନତି ପଥରେ ଆଗେଇ ଯାଇ ବିକାଶ ଲାଭ କରିଛନ୍ତି, ସେ ଦେଶର ଲୋକମାନେ ଧର୍ମାନ୍ଧତାରୁ ମୁକ୍ତ ଅଛନ୍ତି । ମଧ୍ୟଯୁଗୀୟ ଜଡତା ଅବସ୍ଥାରୁ ସେମାନଙ୍କୁ ମୁକ୍ତ କରିବା ପଛରେ କେବଳ ନାସ୍ତିକ ଗୋଷ୍ଠୀଙ୍କ ହାତ ରହିଛି । ଧର୍ମ ବି ରହିଛି କିନ୍ତୁ

ଧର୍ମର ହସ୍ତକ୍ଷେପ ମାତ୍ର ଔପଚାରିକ ଭାବେ ବ୍ୟକ୍ତିଗତ ସ୍ତର ପର୍ଯ୍ୟନ୍ତ ସୀମିତ ରହୁଛି। ରାଜନୀତିରେ ଶାସନରେ ଧର୍ମର ଅନୁପ୍ରବେଶ ପ୍ରାୟ ନଥାଏ। ମଧ୍ୟଯୁଗରେ ଧର୍ମର ହସ୍ତକ୍ଷେପ ଯୋଗୁଁ ରୀତିନୀତି କ୍ଷେତ୍ରରେ ଯେଉଁ କ୍ଷତି ହୋଇଥିଲା ସେହି ତିକ୍ତ ଅନୁଭବ ଯୋଗୁଁ ବିକଶିତ ଦେଶର ଲୋକମାନେ ଧର୍ମକୁ ବ୍ୟକ୍ତିଗତ ଆସ୍ଥା ପର୍ଯ୍ୟନ୍ତ ସୀମିତ ରଖୁଛନ୍ତି। ବୁଦ୍ଧିଜୀବୀ ଚିନ୍ତାଧାରା, ବୈଜ୍ଞାନିକ ଚିନ୍ତନ ଉପରେ ଧର୍ମ ଆଦୌ ପ୍ରଭାବ ପକେଇବାକୁ ଚାହୁଁନାହିଁ।

ଭାରତରେ ଆଧ୍ୟାତ୍ମବାଦ ସହିତ ହେତୁବାଦ ଚିନ୍ତାଧାରାର ଧାରା ବି ପ୍ରବାହିତ ହେଉଛି। ଆଧ୍ୟାତ୍ମବାଦ ଆମର ପ୍ରଗତିର ବାଧା ଦେଉଛି କିନ୍ତୁ ହେତୁବାଦ ପ୍ରଗତିକୁ ଆଗେଇ ନେବାରେ ସାହାଯ୍ୟ କରୁଛି। ଭୌତିକ ସୁଖ ସୁବିଧାକୁ ଉପଭୋଗ କଲେ ବି ଏକବିଂଶ ଶତାବ୍ଦୀର ମଣିଷ ମଧ୍ୟଯୁଗୀୟ ମାନସିକତା ନେଇ ବଞ୍ଚି ରହିଛି। ହେତୁବାଦ ଯୋଗୁଁ ଯେତିକି ବି ସୁଯୋଗ ମିଳଛି ତା ଦ୍ୱାରା ଆମର ଯଥେଷ୍ଟ ପ୍ରଗତି ହୋଇପାରିଛି। ଏହି କାରଣରୁ ଆମେ ଆମର ପଡୋଶୀ ଦେଶ ପାକିସ୍ଥାନ, ବାଂଲାଦେଶ ଓ ଆଫଗାନିସ୍ଥାନ ଠାରୁ ପ୍ରତ୍ୟେକ କ୍ଷେତ୍ରରେ ଆଗରେ ଅଛୁ।

ଉଦାର ଚିତ୍ତରେ ବିଶ୍ଳେଷଣ କଲେ ଏହିଭଳି ଅନେକ ଗୁଢ ତଥ୍ୟ ପ୍ରକାଶ ପାଇବ। ଯେଉଁଥିରୁ ଆମେ ବୁଝିପାରିବା ଯେ ପ୍ରଗତି ପଥରେ "ଯଥାସ୍ଥିତିବାଦ" କୁ ତ୍ୟାଗ କରିବାକୁ ହିଁ ପଡିବ। ପ୍ରକୃତିର ଏକ ଅକାଟ୍ୟ ସତ୍ୟ ହେଉଛି "ପରିବର୍ତ୍ତନ"। ଏହାକୁ ଯେତେଶୀଘ୍ର ଆମେ ଉଦାର ଚିତ୍ତରେ ଗ୍ରହଣ କରିପାରିବା, ସେତେ ଶୀଘ୍ର ଆମ ମନରୁ ଭ୍ରମ ଦୂର ହେବ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ହେବ।

କେ.ଆର. ପୂରମ, ବାଙ୍ଗାଲୋର

# ତୁମେ ପାଖେଥିଲେ



ମୋହନ ଚନ୍ଦ୍ର ବିଷୋୟୀ

ଏ କ ସିହରଣ ଖେଳେ
ତନୁମନେ ମୋର ଆଜି,
ଯେମିତି ପାହାନ୍ତି ସୂରୁଜର
ପହିଲି କରଣ ତାତି।

ମୋ ଜୀବନ ଥିଲା
ଜେସନେ ଅମବାସ୍ୟାର ରତି,
ଆଲୋକତ କଲ ତହୁଁ
ଜାଳଦେଇ ପ୍ରେମର ବତୀ।

ଦେଖାଉଛ ସହାନୁଭୁତି
ନା ଦେଇ ସ୍ୱାର୍ଥର ପ୍ରିତୀ,
ହୃଦୟରେ ଜାଳୁଛ
କୁହୁକ କାମାଖ୍ୟ ଜ୍ୟୋତୀ।

କେଉଁ ଅଭିଳାସେ ଆସି
ଅଗ୍ୟଂନ୍ତେ ଦେଇ ପିରତୀ,
ମନ ରାଜ୍ୟରେ ବସିଣ
ତୁମେ କରୁଅଛ ରାଜୁତୀ।

କମିଆଁ କରିଛ ସତେ
ମତେ ନାହିଁ ଦିନ ନାହିଁ ରାତି,
ସୟନେ ସପନେ ଜାଗରଣେ
ରହିଅଛ ତୁମେ ନୀତି।

କାଲି ଲାଗୁଥିଲା ଖରା
ଆଜି ଲାଗେ ସୂନା ଚଇତି,
କାଲି ଦେଖୁଥିଲି କାଚ
ଆଜିସେ ଲାଗଇ ମୋତୀ।

ତେରେଛା ଚାହାଣି ତୁମର
ସତେକ ଧାରୁଆ କାତି,
ବୀଜୁଳ ଖେଳେ ଦେହେ
ହସିଦେଲେ ମଥାପୋତି।

ସୁନେଲୀ ସପନ ଦେଖି
ବିତିଲା କେତେଜେ ରାତି,
ବର୍ଣିବାକୁ ଭାଷା ଖୋଜୁ ଖୋଜୁ
ହୋଇ ଗଲାଣି ପାହାନ୍ତି।

ଅଗଣା ଲାଗଇ ମଧୁବନ ମୋର
ଘରସାରା ପ୍ରଜାପତି,
ଜହ୍ନ ଲାଗେ ହାତମୁଠାରେ
ତୁମେ ପଖେଥିଲେ ସାଥି।

ଖରଖରିଆ, ବଣଶୋଳା, ଚକଟି, ଗଞ୍ଜାମ୍

# ଦସ୍ୟୁ ନାୟିକା



ନବୀନ କୁମାର ପଧାନ

ସାପ ଶିଢ଼ୀ ଖେଳେ ବିଜୟ ଲଭିବି
ଜାଳ ପ୍ରତିହିଂସା ନିଆଁ
ଚକ୍ଷୁ ପଟଳରେ ନୃତ୍ୟ କରେ ମୋର
ଅଭୁଲାତୀତ ଦୁନିଆଁ ।

ଯାଉଥିଲି ଦିନେ ସପରିବାର ମୁଁ
ସରଗର ଖୁସି ନେଇ
ଗତିପଥ ମୋର ବଦଳଗଲା ତ
ସାଜିଲି ହୋୟାଂ ହୋ ନଈ ।

ଡକାୟତ ଦଳ ପରସ୍ପର ମଧ୍ୟେ
ଲାଗୁଥିଲେ ତ କଳହ
ତରବାରୀ ସାଥେ ଖଣ୍ଡଯୁଦ୍ଧେ ମଜ୍ଜି
କଲେ ଗୁଳ ବିନିମୟ ।

ପଥଗ୍ଚାରୀ ଆମେ ଅତ୍ୟନ୍ତ ନିରୀହ
ଆମକୁ ବାଜିଲା ଗୁଳ
ରାଜରାସ୍ତା ପରେ ମୋ ପୁତ୍ର ସହିତ
ସ୍ୱାମୀ ଗଲେ ସ୍ୱର୍ଗପୁରି ।

ଉଜୁଡିଗଲା ମୋ ସୁନ୍ଦର ନୀଡଟେ
ଜୀବନ ହେଲା ଅସ୍ଥିର
କୋଳରେ ରଖିଲି ଶବ ଦୁଇ ଗୋଟି
ଆଖିରୁ ଝରେ ରୁଧିର ।

ଫେରିନ ଘରକୁ ସେଦିନ ଠାରୁ ମୁଁ
କରିଛି ଭୀଷ୍ମ ପ୍ରତିଜ୍ଞା
ନେବି ପ୍ରତିଶୋଧ ସେ ଦୁଷ୍ଟ ମାନଙ୍କ
ସାଜିଛି ଦସ୍ୟୁନାୟିକା ।

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ବାବୁଫାସଡ଼, ବଲାଙ୍ଗୀର

ବେଦାନ୍ତୀ ଇ-ପତ୍ରିକା ପଢିବା ସଙ୍ଗେ ସଙ୍ଗେ ପଢାନ୍ତୁ
ଆପଣଙ୍କ ପରିବାର ସଦସ୍ୟ, ବନ୍ଧୁ-ବାନ୍ଧବଙ୍କୁ ଏବଂ ଓଡିଆ
ଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ସହଯୋଗ କରନ୍ତୁ ।

# ଶପଥ



ପ୍ରକାଶ କୁମାର ଗୃନ୍ଦ

ଯେତେ ରାଗରୁଷା ମାନ ଅଭିମାନ
ସବୁକୁ ପଛରେ ପକେଇ
ଆସ ନାଚ ଗାଇ ଖୁସିରେ ଝୁମିବା
ହାତକୁ ହାତରେ ମିଶେଇ ।

ପୁରୁଣା ଦିନକୁ ମନରୁ ପାଶୋରି
ନୂଆକୁ କରିବା ସ୍ୱାଗତ
ସେବା ମନନେଇ କରିବାକୁ କାର୍ଯ୍ୟ
ଚାଲ ନେବା ଆଜି ଶପଥ ।

ଭୋକିଲ୍‌କୁ ଦେବା ମୁଠାଏ ଆହାର
ଜୀବ ପ୍ରତି ରଖି ଦୟାରେ
ମିଳମିଶି ସବୁ ହୋଇବା ଏକାଠି
ଆସୁ ଯେତେ ଝଡ ଝଞ୍ଜାରେ ।

ଗୋଟାଏ ସୂତାରେ ଆମେ ତ ଗୁନ୍ଥାରେ
ଛୋଟ ଛୋଟ ଟିକି କଳିକା
କାଲି ସକାଳର ଆମେ ଭବିଷ୍ୟତ
କଏ ଅଛି ଆମ ଭଳିକା ।

ପାଠ ପଢି ଭଲ ମଣିଷ ହୋଇବୁ
ରଖିବୁ ଦେଶର ନାଆଁରେ
ଆଜି କଢି ଅଛୁ କାଲି ଫୁଟିଗଲେ
ବାସ ଚହଟିବ ଗାଆଁରେ ।

ଜୟପୁର ଶାସନ ପିପିଲି ପୁରୀ

# ଧୂଳି



ରମଣ କୁମାର ନାଗ

ଏମିତି କେତେ ଦିନ
ବିଚ ରାସ୍ତା ଉପରେ ପଡ଼ି
ପାଦରେ ଦଳି ହେଉ ଥିବି
ଉପରକୁ ଉଠିବାକୁ ଇଚ୍ଛା ହୁଏ
କେବେ ଉଠି ପାରେନା
ସ୍ୱପ୍ନସବୁ ସରେ ନାହିଁ
ରାତି ପହିଯାଏ
ଅନାଇ ବସିଥିବି
ଅସ୍ତମିତ ଆକାଶକୁ ଚାହିଁ ।
ଶ୍ରାବଣ ମେଘର ଝିପି ଝିପି ବର୍ଷାରେ
କେତେ ଭିଜୁଥିବି
ବୈଶାଖର ଉତ୍ତପ୍ତ ଖରାରେ
କେତେ ଆଉ ସିଜୁଥିବି,
ଶରତ ସକାଳ କାକର ବିନ୍ଦୁରେ
ହେଉଥିବି ଆଉଟୁ ପାଉଟୁ ।
ଖୋଲା ଆକାଶର ତଳେ
ପ୍ଲାବିତ ଜହ୍ନ ଜୋଛନାରେ
ହେଉଥିବି ଧୋଉତ
ନିର୍ଜନ ଅନ୍ଧାରେ
ଝିଙ୍କାରି ସୁରେ ଝଙ୍କାର ଭରେ
ଶୁଣୁଥିବି ନୀରବରେ ।

ଧର୍ମଗଡ ସାହିତ୍ୟ ସଂସଦ,ଧର୍ମଗଡ
ସନ୍ଧିକୁଲିଆରୀ,କଳାହାଣ୍ଡି

# ଶ୍ରୀମଦ୍ ଭଗବତ୍ ଗୀତାର ଚତୁର୍ଥ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ଭଗବାନ କହିଲେ- ମୁଁ ପ୍ରଥମେ ଏ କର୍ମଯୋଗର ଉପଦେଶ ସୂର୍ଯ୍ୟଙ୍କୁ ଦେଇଥିଲି । ସୂର୍ଯ୍ୟ ତାଙ୍କ ପୁତ୍ର ମନୁଙ୍କୁ, ମନୁ ତାଙ୍କ ପୁତ୍ର ଇକ୍ଷ୍ୱାକୁଙ୍କୁ ଦେଇଥିଲେ । ପରମ୍ପରା କ୍ରମେ ରାଜର୍ଷିମାନେ ଏ ଯୋଗାଭ୍ୟାସ କରୁଥିଲେ । କାଳକ୍ରମେ ଏହା ଲୋପ ପାଇଗଲା । ତେଣୁ ସେ ଧର୍ମର ପ୍ରତିଷ୍ଠା ପାଇଁ ମୋତେ ଅବତାର ଗ୍ରହଣ କରିବାକୁ ପଡିଲା । ମୋର ଜନ୍ମ ଓ କର୍ମ ସାଧାରଣ ଲୋକଙ୍କ ପରି ନୁହେଁ, ଦିବ୍ୟ-ଏକଥା ଯେଉଁମାନେ ଜାଣିଛନ୍ତି ସେମାନେ ଆଉ ପୁନର୍ଜନ୍ମ ଲାଭ କରନ୍ତି ନାହିଁ । ଶୀଘ୍ର ସିଦ୍ଧିଲାଭ କରିବାପାଇଁ ସାଧାରଣ ମନୁଷ୍ୟମାନେ ଅନ୍ୟ ଦେବତାମାନଙ୍କୁ ପୂଜା କରନ୍ତି । ପୁଣି ଗୁଣକର୍ମ ଭେଦରେ ମୁଁ ଚାରୋଟି ବର୍ଣ୍ଣ-ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର-ସୃଷ୍ଟି କରିଅଛି । ସେମାନଙ୍କର କର୍ମ ଭିନ୍ନ ଭିନ୍ନ । ହେଲେ ଗୁଣ ଓ କର୍ମବନ୍ଧନ ମୋତେ ଲାଗେନାହିଁ । ଏ ତତ୍ତ୍ୱ ଯେଉଁମାନେ ବୁଝିଛନ୍ତି ସେମାନେ ମଧ୍ୟ କର୍ମବନ୍ଧନରୁ ମୁକ୍ତ ହୁଅନ୍ତି । କର୍ମ, ଅକର୍ମ ଓ ବିକର୍ମର ତତ୍ତ୍ୱ ମଧ୍ୟ ବୁଝିବା ଉଚତ । ସାଧାରଣତଃ ଲୋକମାନେ ଯେପରି ଜାଣନ୍ତି ଏହା ସେପରି ନୁହେଁ । ଯେଉଁ ପୁରୁଷ କର୍ମରେ ଅକର୍ମ (କର୍ମଶୂନ୍ୟତା) ଦେଖନ୍ତି ସେ ପ୍ରକୃତରେ ବୁଦ୍ଧିମାନ । ତତ୍ତ୍ୱଜ୍ଞାନ ଲାଭକରି, ଫଳାସକ୍ତି ତ୍ୟାଗକରି, ନିତ୍ୟତୃପ୍ତ ଓ ନିରାଶୟ ଭାବରେ ସମସ୍ତ କର୍ମକରି ମଧ୍ୟ ବ୍ୟକ୍ତି କର୍ମବନ୍ଧନରୁ ମୁକ୍ତ ହୁଅନ୍ତି । ନିରାଶୀ, ସଂଯତଚିତ୍ତ, ଈର୍ଷାଶୂନ୍ୟ ଭାବରେ ସିଦ୍ଧି ଓ ଅସିଦ୍ଧିକୁ ସମାନ ମନେକରି ଯେ କର୍ମ କରନ୍ତି ସେ ମୁକ୍ତିଲାଭ କରନ୍ତି ।

ତ୍ୟାଗମୂଳକ କର୍ମ ହିଁ ଯଜ୍ଞ । ଯେ ଯଜ୍ଞର ସମସ୍ତ ଅଙ୍ଗରେ କେବଳ ବ୍ରହ୍ମଙ୍କୁ ଦର୍ଶନ କରନ୍ତି ସେ ସହଜରେ ବ୍ରହ୍ମଙ୍କୁ ପ୍ରାପ୍ତ ହୁଅନ୍ତି । ଦ୍ରବ୍ୟଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଶ୍ରେଷ୍ଠ । ପ୍ରକୃତ ଜ୍ଞାନଲାଭ ହେଲେ କର୍ମ ଓ ଜ୍ଞାନର ପାର୍ଥକ୍ୟ ଦୂରହୁଏ । ଜ୍ଞାନଲାଭ କରିବାପାଇଁ ବ୍ରହ୍ମଜ୍ଞାନୀ ଗୁରୁଙ୍କର ଶରଣାଗତ ହେବା ଦରକାର । ଉପଯୁକ୍ତ ଗୁରୁଙ୍କଠାରୁ ଜ୍ଞାନଲାଭ କଲେ ତୁମର

ପୁଣି ଏଭଳ ମୋହ ଆଉ କେବେ ହେବନାହିଁ । ସେହି ଜ୍ଞାନଲାଭ ହେଲେ ପାପ ନଷ୍ଟ ହୋଇଯିବ । ଶ୍ରଦ୍ଧାବାନ, କର୍ମତତ୍ପର ଓ ସଂଯତେନ୍ଦ୍ରିୟ ହେଲେ ତୁମେ ସେହି ଜ୍ଞାନଲାଭ କରି ଶାନ୍ତି ପାଇବ । ସଂଶୟ ତ୍ୟାଗକରି ସେହି ଜ୍ଞାନଦ୍ୱାର୍ ତୁମେ କର୍ମବନ୍ଧନରୁ ମୁକ୍ତ ହେବ । ତୁମ ମନରେ ସିଦ୍ଧି ବିଷୟରେ ସଂଶୟ ରହିଲେ ସିଦ୍ଧି ତ ମିଳବ ନାହିଁ, ବରଂ ତୁମେ ନଷ୍ଟହେବ । ଏଣୁ ତୁମର ସମସ୍ତ ସନ୍ଦେହ ଦୂରକରି ନିଷ୍କାମ ଚିତ୍ତରେ ତୁମେ ଯୁଦ୍ଧକର- ତୁମକୁ କୌଣସି ପାପ ସ୍ପର୍ଶ କରିବ ନାହିଁ । ଜ୍ଞାନଶବ୍ଦର ଅର୍ଥ ବ୍ରହ୍ମଜ୍ଞାନ ଏବଂ କର୍ମସନ୍ୟାସ ଅର୍ଥ କର୍ମଫଳାକାଙ୍କ୍ଷ ତ୍ୟାଗ । ସମସ୍ତ ବସ୍ତୁ ଓ କର୍ମରେ ବ୍ରହ୍ମଜ୍ଞାନ ନହେଲେ କର୍ମସନ୍ୟାସ ସମ୍ଭବ ନୁହେଁ । ଏସବୁ ବିଷୟରେ ଭଗବାନ ଏ ଅଧ୍ୟାୟରେ ପ୍ରାଞ୍ଜଳଭାବରେ ବୁଝାଇ ଅଛନ୍ତି। ଏଣୁ ଏ ଅଧ୍ୟାୟର ନାମ ଜ୍ଞାନ-କର୍ମ-ସନ୍ୟାସ-ଯୋଗ ରଖାଯାଇଛି ।

ଆଚାର୍ଯ୍ୟ ଶଙ୍କର ପ୍ରଭୃତି ସନ୍ୟାସୀମାନେ ଗୀତାର ବ୍ୟାଖ୍ୟା ପ୍ରଥମେ କରିଥିବାରୁ ଏବଂ ଏବେ ମଧ୍ୟ ଅନେକ ତାଙ୍କର ଅନୁଗାମୀ ହୋଇଥିବାରୁ ସନ୍ୟାସ ଅର୍ଥ କର୍ମତ୍ୟାଗ ବୋଲି କହିଛନ୍ତି। ମାତ୍ର ଏହା ଗୀତାର ପ୍ରତିପାଦ୍ୟ ବିଷୟ ହୋଇଥିଲେ ଅର୍ଜୁନ ଯୁଦ୍ଧ ନକରି ବଣକୁ ତପସ୍ୟା କରିବାକୁ ଯାଇଥାନ୍ତେ । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସମସ୍ତ ତତ୍ତ୍ୱ ବୁଝାଇ ଯୁଦ୍ଧଭଳ ଭୟଙ୍କର କର୍ମରେ ପ୍ରବୃତ୍ତ କରିଥିବା ହେତୁ ସନ୍ୟାସୀମାନଙ୍କର ବ୍ୟାଖ୍ୟା ସମୀଚୀନ ମନେହୁଏ ନାହିଁ । ମନୁ, ଇକ୍ଷ୍ୱାକୁ ଓ ଜନକ ପ୍ରଭୃତି ରାଜର୍ଷିମାନଙ୍କ ଭଳ ଗୃହସ୍ଥ କର୍ମଯୋଗୀ ଏବେ ବିରଳ । ଏଣୁ କର୍ମଯୋଗର ପ୍ରକୃତ ତତ୍ତ୍ୱ ଏବେ ସାଧାରଣତଃ ସମସ୍ତଙ୍କ ପକ୍ଷରେ ଦୁର୍ବୋଧ ।

ସଂଗ୍ରହକରୀ- ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା,ବାଲେଶ୍ୱର

# ବର୍ଷାରେ ମୋ ପ୍ରେମିକା

ହେମନ୍ତ ରଣା

ବର୍ଷାରାତିର ସେ ଭିଜା ଭିଜା କଛି ମୁହୂର୍ତ୍ତ
ଆଜି ତୁମର କେଇପଦ କଥା ମନେପଡେ
ତୁମେ କହିଥିଲ ଚାଲିଯିବା ଏକା ସାଥିରେ
ସେଇ ଦୂର ଆକାଶର ଜହ୍ନ ରାଇଜ ମଧ୍ୟେ...

କେଜାଣି କାହିଁକ ଆଜି ଇଚ୍ଛା ହୁଏ ପ୍ରିୟା
ବର୍ଷାରେ ଆଜି ମୁଁ ଖୋଜେ ହେଇ ଠିଆ
ମିଳଗଲେ ତମେ ଆଜି ହୁଅନ୍ତା ବଢିଆ
ପୁଣି ଥରେ ବୁଲି ଆସନ୍ତେ ନୂଆ ଦୁନଆ...

ପ୍ରିୟା ଆଜି ତମର ଅଭିମାନ ଭରା ପ୍ରେମ
ବର୍ଷାରାଣୀ ସାଜି କହେ ତୁମେ ରହିଯାଅ
ନର୍ଜନ ବନରେ ବୁଲିବାଟା ଏକାନ୍ତ ସମ୍ଭବ
ଅମାବାସ୍ୟା ରାତିର ବର୍ଷା ହୁଏ ଧୂଳସାତ...

ପ୍ରେମ ବର୍ଷାରେ ଆଜି ଭିଜିବାକୁ ଚାହେଁ
ପ୍ରିୟା ତୁମର ଓଢଣୀ ରୂପକ ଆକାଶେ
ତୁମ ସେ ପାଉଁଜି ରୂପକ ବିଜୁଳ ଚମକ
ଆଜି ପୁଣି ମନେପଡେ ସେଇ ବର୍ଷାରାତି....

# ବଢ ଆଗ୍ କେ

ଶଶାଙ୍କ ଶେଖର ସାହୁ

ଧରତି ହଲେ ପବନ୍ ଚଲେ
ନଏଦ୍ ଆକାଶ୍ ଗର୍ଜୁଛେ
ଗରମ୍ ରକତ୍ ଦିହେଁ ତାକତ୍
ଛିରେଁ ଛିରେଁ ନର୍ଦୁଛେ ।
ବନ୍ଦୁକ୍ ଉଠା ଗୁଲି ଫୁଟା
ଆଗାଡୁଁ ଯିଏ ନର୍ଦୁଛେ,
ଫିଙ୍କ୍ ବମ୍ ଧମ୍ ଧମ୍
ମାଁ ଆଡକେ ଯିଏ ସୁହୁଡୁଛେ ।
ମୁର୍ଗର୍ ନଜର୍ ସିଂହର୍ ବଜର୍
ମେଢା ଲେଖେଁ ଗୋଠ୍ ଧରିଁ,
ଶତ୍ରୁର୍ ପାଖ୍ କେ ବଢ୍ ଆଗ୍ କେ
ପିଠିଁ ଗୁଲି ନେଁ ଆଏବୁ ଧରି ।
ପକା କରୁଆ ମରି ମାରିଆ
ଶତ୍ରୁ ଗିର୍ବ ଶ ହଜାର୍,
ତୋର୍ ବନ୍ଦନ୍ ଭାରତୀ ନନ୍ଦନ୍
ସାଙ୍ଗେ ହେବା ମାଁର୍ ଧଜାର୍ ।
ଗୋଡ୍ ନେଁ ଅଟକୁ ତୋଡ୍ ନେଁ ଲଟକୁ
ଦମ୍ ନେଁ ସଟକୁ ସମ୍ କୁଁ ପଟକୁ,
ଗୋଟ୍ ଗୋଟ୍ ଗଟ୍ କୁ ବଏରି ଛଟକୁ
ସମ୍ମାନ୍ ଝଟକୁ ଫିର୍ବ ଘଟ୍ କୁ ।

ତବଡା, ସୋହେଲ୍, ବରଗଡ

# ତୁମେ ଆସ୍‌ବ



ଚିତ୍ତରଞ୍ଜନ ପଧାନ

ମୋର୍ ଜୀବ୍‌ନେ ତ ନାଇଁ ଆସ୍‌ଲ
କଛି ମନ୍‌ଦୁଖ୍ ବି ନାଇଁ
ହେଲେ
ମୋର୍ ସପନ୍ ଥିନ୍ ଆସ୍‌ବ
ତମେ ଜରୁର୍ ଆସ୍‌ବ...
ମୋର୍ ଘର୍‌କେ ତମେ ତ
ବହ ହେଇ ନାଇଁ ଆସ୍‌ଲ
ହେଲେ
ମୋର୍ କବିତା ଥିନ୍ ଆସ୍‌ବ
ତମ୍‌କୁ ଦେଖି
ତମ୍‌କୁ ଲେଖି
ମୋର୍ ଦିନ୍ ଆରମ୍ କର୍‌ମି
ତମେ ଜରୁର୍ ଆସ୍‌ବ...
ହଁ ହଁ ତମେ ଆସ୍‌ବ
ବର୍ଷା ଦିନର୍
ଝର୍‌ଝରି ବର୍‌ସା ଥି
ଭୁଦୋର୍ କାଦୋ ଥି

ଦଶରର୍ ଯାତ୍

ଶୀତର୍ କୁହୁଡି ଥି

ହାଡ୍ ଭଙ୍ଗା ଶୀତ୍ ଥି

ଫଗୁନର୍ ବଉଲି ଧୁକାଥି

ଠି ଠି ଖର୍ ଥି

ଦୁନଆଁ ଜାନୁ ତମେ ମୋର୍ ନକେ

ଆସୁଛ ମୋର୍ ହେଇ

ତଥାପି

କେନ୍‌ସି ଅର୍‌ଗଲି ଛେକ ନାଇଁ ପାରେ

ତମର୍ ମୋର୍ ମିଲନ୍ କେଁ

ଇଟା ମୋର୍ ନଉତା ରହେଲା

ତମେ ଆସ୍‌ବ.......

ଡୁଙ୍ଗୁରିପାଲି, ଜମଲା, ପଦମ୍‌ପୁର୍, ବରଗଡ଼

ବେଦାନ୍ତୀ ଇ-ପତ୍ରିକା ପଢିବା ସଙ୍ଗେ ସଙ୍ଗେ ପଢାନ୍ତୁ
ଆପଣଙ୍କ ପରିବାର ସଦସ୍ୟ, ବନ୍ଧୁ-ବାନ୍ଧବଙ୍କୁ ଏବଂ ଓଡିଆ
ଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ସହଯୋଗ କରନ୍ତୁ ।

# ମୁଇଁ କାଣା ଜନମ୍‌ଟେ ନାଇଁ ସେ....?



ଦେବାଶିଷ୍ ସାଗର

ମୁଇଁ କାଣା ଜନମ୍‌ଟେ ନାଇଁ ସେ.....?
କାଏଁ କରି କ ମତେ ଇ ସମାଜ୍
ଭାବ୍‌ସି ଅବଲା , ଦୁର୍‌ବଲା
ରମଣୀ - ଘର୍‌ନୀ
ଆର୍ କେତ୍‌ନ କେତେ ।
ମୋର୍ ଜନମ୍ ଭି ମାହାଲିଆ
ନାଇଁ ହୁଏ ,
ଏ ବୁଆ ! ଏ ମାଆଁ !
ତୁମର୍ ଦିହଁର୍ ମିଲ୍‌ଥି
ହଁ
ମୋର୍ ହେସି ଗୋ
ଜନମ୍ ।
ଫେର୍ ମୁଇଁ ଦୁସ୍‌ରା
କେନ୍‌ତା ....?
ହେନ୍‌ତା ହେଲେ

ମୁଇଁ ଭାବ୍‌ସି ତୁମର୍ କଛି
କମି ଅଛେ ।
ଆଲ୍‌ମାଲ୍ ମୁଇଁ ଜନମ୍ ହେଲେ
କେତେ ମୁହୁଁଫୁଲା , ସର୍‌କୋ - ଭର୍‌କୋ
ସତେ ଯେନ୍‌ତା , ଦୁନଆର୍
ବଡେ ଜିନଷ୍ ହୟେଇ
ଦେଇଛନ୍ ।
କଥା କଥାଥି ମୋର୍ ହାର୍
ହେସି ସବୁବେଲେ ।
ଖାଏନା - ପିଇନା , ପିନଦ୍‌ନା - ପଟା
ଇଟାତ ଗୁଟେ ଗୁଟେ
ଚନ୍‌ହା ଆଏ ,
ଆର୍ କେଡେ କେଡେ କଥା
ଘଟି ଯାଏସି ମୋର୍ ଜୀବ୍‌ନେ ।
ପାଠ୍ ଟିକେ ପଢ଼ମି ବଏଲେ
ଦେଖାସ ଚୁଇଲ୍ ମୁଡି ,
ବାହାର୍‌କେ ବୁଲି ଯିମି
ବଏଲେ
ଦେଖାସ ଠେଂଗା - ବାଡି ....
ହେଲେ ମୁଇଁ କାଣା
ଭାବୁଛେ , ହେଟା ନାଇଁ
ଜାନ
ଆରୁ ତୁମର୍ ମନେ

ମତେ ଛନ୍ଦି ଦେସ
ଅଲ୍‌ଗା ପିଲ୍‌ଟେ ବାଛି ।
କାଣା ବିତ୍‌ସି କାଣା ଯେ
ହେ କଥା ମୁଇଁ ଜାନ୍‌ସି
ସେ ଠାନେ ,
ନେଇଁ ଛାତିର୍ କଥା
ଗୁପି ସେହି ତ '
ତୁମର୍ ନ ନେଇଁ ଟୁଣେ କହିହେସି !
ଜୀବନ୍ ମୋର୍ ହେନ୍‌ତା
ହୁର୍‌ଗୁନ ହୁର୍‌ଗୁନ
ସରି ଯାଏସି ।
ହେଲେ ଗୁଟେ କଥା
ସବୁ ବେଲେ ଭାବୁଥିସି ....
ମୁଇଁ କାଣା ଜନମ୍‌ଟେ ନାଇଁ ସେ.....?

ବଡ଼ନୂଆଁପାଲି, ଡୁଙ୍ଗୁରିପାଲି
ସୁବର୍ଣ୍ଣପୁର

# ଜଏ ଜବାନ୍ ଜଏ କିସାନ୍

ନରେଶ କୁମାର ତ୍ରିପାଠୀ

ଜଏ ଜବାନ୍ ଜଏ କିସାନ୍ ଜଏ ବିଗ୍ୟାନ୍
ଦେଶର୍ ଜଗୁଆ ବୀର୍ ଏସନ୍ ଛୁଆ
ରାଏତ୍ ଦିନ୍ କରି ସମାନ୍,
ବଢା ହୁସିଆର୍ ରହି ତଏଆର୍
ମାଁର୍ ରଖିଛନ୍ ମାନ୍ ॥ ଜଏ ଜବାନ୍ ॥
ଦେଶର୍ ରଖୁଆ ସଗ୍ଗଚସା ଛୁଆ
ଫେଲେଇ ଫଲ୍ ମୁଲ୍ ଧାନ୍,
ମୁହେଁ ସବ୍ କର୍ ଅରନ୍ ଦରବ୍
ଦିଏ ପରାନ୍ କରି ଦାନ୍ ॥ ଜଏ କିସାନ୍ ॥
ଦେଶର୍ ଗଢୁଆ ବିଗ୍ୟାନ୍ ନୁଆଁ
ଗଢି ଯନ୍ତର୍ ଆରୁ ଗ୍ୟାନ୍,
ଗୃଷ୍ ବାସ୍ ପାଠ୍ ଚକସା ନୁଆଁ ବାଟ୍
ମଂଗଲକେ ଗଲାନ୍ ଯାନ୍ ॥ ଜଏ ବିଗ୍ୟାନ୍ ॥

ଇଚ୍ଛାପୁର, ଡୁଙ୍ଗୁରିପାଲି, ସୋନପୁର

# ବିଦେଶ ଖବର

## ସୁଦୂର ସାଉଦୀ ଆରବରେ ଓଡିଆ ଅନୁଷ୍ଠାନ ରୋଜାର ସାଂସ୍କୃତିକ ଝଲକ

ସୁଦୁର ସାଉଦୀ ଆରବର ରାଜଧାନୀ ରିୟାଦ ରେ ଓଡିଶା ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ (ରୋଜା) ର ଏକାଦଶତମ ବାର୍ଷିକ ଉତ୍ସବ ନଭେମ୍ବର ୨୯ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ବିଦେଶରେ ଓଡିଆ ସଂସ୍କୃତିର ପ୍ରଚ୍ଚୁର ପ୍ରସାର ଦିଗରେ ରୋଜା ଅନୁଷ୍ଠାନ ବିଗତ ଏଗାର ବର୍ଷ ଧରି କ୍ରମାଗତ ସଫଳ ପ୍ରୟାସ ଜାରି ରଖିଛି । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାଏକ ତଥା ରିୟାଧରେ ଅବସ୍ଥିତ ଭାରତର ରାଷ୍ଟ୍ରଦୂତ ଡ଼କ୍ଟର ଆଉସଫ ସୟେଦ ରୋଜାର ଏତାଦୃଶ ଲୋକାଭିମୁଖୀ କାର୍ଯ୍ୟପାଇଁ ସାଧୁବାଦ ଜଣାଇବା ସହ, ଉତ୍ସବର ସଫଳତା ପାଇଁ ଶୁଭକାମନା ବାର୍ତ୍ତା ପ୍ରେରଣ କରିଛନ୍ତି । ରିୟାଧରେ ଅବସ୍ଥିତ ଭାରତର ରାଷ୍ଟ୍ରଦୂତ ଡ଼କ୍ଟର ଆଉସଫ ସୟିଦ ମୁଖ୍ୟ ଅତିଥି ଭାବେ ନଜର ପତ୍ନୀ ଶ୍ରୀମତୀ ଫର୍ ସୟିଦଙ୍କ ସହ ଯୋଗ ଦେଇଥିଲେ ଏବଂ ବିଶିଷ୍ଟ ସମାଜସେବୀ ତଥା ଶିଳ୍ପପତି – ଉତ୍କଳଜ୍ୟୋତି ଡକ୍ଟର ଦେବ୍ ମହାନ୍ତି ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ ।  ସାଉଦିଆରବ ସ୍ଥିତ ସୁଦୂର ଦମ୍ମାମ ଓ ଯୁବେଲ୍ ସହରରେ ଗଠିତ ଅନ୍ୟତମ ଓଡିଆ ସଂଗଠନ ଯଥା କଳଂଙ୍ଗନା ଓ ଉତ୍କଳକାର ସଦସ୍ୟମାନେ ଅତିଥି ଭାବେ ଯୋଗ ଦେଇଥିଲେ । ଗତବର୍ଷ ପରି ଭାରତର ଅନ୍ୟ ପ୍ରଦେଶର ସ୍ଥାନୀୟ ଅଧକ୍ଷମାନେ ଯୋଗଦାନ କରିଥିଲେ ।













ବିଦେଶ ମାଟିରେ ଓଡିଆ ସଂସ୍କୃତି ଓ ସଦଭାବନାର ପ୍ରସାର ପାଇଁ - ରୋଜା ର କାର୍ଯ୍ୟକୁ ଉଭୟ ସମ୍ମାନୀୟ ଅତିଥି ଅଶେଷ ପ୍ରଶଂସା କରିଥିଲେ । ଅନୁଷ୍ଠାନର ସଭାପତି ଶ୍ରୀ ରାଜିକ୍ ବକୀଲ୍ ରୋଜାର ଲକ୍ଷ୍ୟ ଓ ଉପଲବଧି ସମ୍ବନ୍ଧରେ ବିବରଣୀ ଦେଇଥିଲେ । ରୋଜାର ଉପଦେଷ୍ଟା ଶ୍ରୀ ମହମ୍ମଦ୍ ଫଜଲ୍ ହକ ଉତ୍କଳୀୟ ସଂସ୍କୃତି ଉପରେ ଆଲୋକପାତ

କରିଥିଲେ । ଶ୍ରୀମତୀ ବିଲ୍ଲକସ ଅଲି ବିଶ୍ୱ ସ୍ତରୀୟ ପ୍ରତିଭା ଉପରେ ଉପସ୍ଥିତ ଦର୍ଶକଙ୍କୁ ଶ୍ରୀମତୀ ଫରା ସୟିଦଙ୍କ ବିଶେଷ କଳାର ଅବଗତ କରାଇଥିଲେ । ଶତାଧିକ ଦର୍ଶକଙ୍କ ଉପସ୍ଥିତିରେ ରେଜାର ଏକାଦଶତମ ବାର୍ଷିକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା।

ଉତ୍ସବରେ ସ୍ୱାଗତ ଭାଷଣ, ସମ୍ବର୍ଦ୍ଧନା, ପୁରସ୍କାର ବିତରଣ ତଥା ରେଜା ପରିବାର ଦ୍ୱାରା ସାଂସ୍କୃତିକ କାୟର୍ୟକ୍ରମ ଅତ୍ୟନ୍ତ ଚତ୍ତାକର୍ଷକ ଭାବେ ପାଳନ ହୋଇଥିଲା । ସଂଗୀତ, ନୃତ୍ୟ ଭରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉତ୍କଳୀୟ ମହିଳା, ଯୁବା ତଥା ବାଳକ ଓ ବାଳିକାଙ୍କ ଦ୍ୱାରା ପରିବେଶିତ ସମ୍ବଲପୁରୀ, ଓଡିଶୀ, ଭାରତନାଟ୍ୟମ୍ ପରି ପାରମ୍ପରିକ ଓ ଶାସ୍ତ୍ରୀୟ ନୃତ୍ୟ ସେଠାରେ ଉପସ୍ଥିତ ସମସ୍ତ ପ୍ରବାସୀ ଭାରତୀୟ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିଥିଲା । ରେଜା ର ସାଂସ୍କୃତିକ ସଚିବ ଶ୍ରୀ ପ୍ରବୀର କୁମାର ଦାସ୍ ଶ୍ରୀ ମାନସ କୁମାର ସ୍ୱାଇଁ ଓ ଶ୍ରୀ ସୁକାନ୍ତ କୁମାର ପାତ୍ର ଙ୍କ ବିଶେଷ ତତ୍ତ୍ୱାବଧାନରେ ତଥା ନୃତ୍ୟ ନିର୍ଦ୍ଦେଶିକା ଡ଼କ୍ଟର ଚଂନ୍ଦନା ଦାସ, ଶ୍ରୀମତୀ ଲୋପାମୁଦ୍ରା ପୃଷ୍ଟି, ଶ୍ରୀମତୀ ମେହେଭିସ ଅଲମାସ ଓ ଶ୍ରୀମତୀ ବିଲ୍ଲକସ ଅଲି (ପ୍ରାରମ୍ଭିକ ମଞ୍ଚଚଳନା ନିର୍ଦ୍ଦେଶିକା) ଙ୍କ ପ୍ରଶିକ୍ଷଣ ଓ ଦୃଢ ସଂକଳ୍ପ ଦ୍ୱାରା କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କୁମାରୀ ମନାହୀଲ, କୁମାରୀ ଆଦ୍ୟା, କୁମାରୀ ଅଫସାନା, କୁମାରୀ ତସନିମ, କୁମାର ଶ୍ରେୟନ, କୁମାର ଅଫାନ, ଶ୍ରୀ ସମ୍ବିତ, ଶ୍ରୀ ତୁଷାର, କୁମାରୀ ଅରିବା, କୁମାରୀ ସମୀକ୍ଷା, କୁମାରୀ ଆଫ୍ରିନ ଓ ସଶାଙ୍କ ଅତ୍ୟନ୍ତ ସୁଚାରୁ ଭାବେ କରିଥିଲେ । ରେଜାର ପ୍ରମୁଖ୍ୟ ସଦସ୍ୟ ଯଥା ରେଜାର ଉପଦେଷ୍ଟା ଶ୍ରୀ ଦେବାଶିଷ ରାଉତ, ଶ୍ରୀ ହାଡୁବନ୍ଧୁ ସାହୁ, ଶ୍ରୀ ତୁଷାର ବେହେରା, ଶ୍ରୀ ହିମାଂଶୁ ମଲ୍ଲିକ, ଶ୍ରୀ ସମ୍ବିତ ମହାନ୍ତି, ଶ୍ରୀ ସିମାଞ୍ଚଳ ସାହୁ ଓ ଶ୍ରୀ ତୀର୍ଥବ୍ରତ ପଣ୍ଡା, ତଥା ରେଜର ସମସ୍ତ ମହିଳା ସଦସ୍ୟ ନିଜର ଅକ୍ଲାନ୍ତ ପରିଶ୍ରମର ଜ୍ୱଳନ୍ତ ଉଦାହରଣ ଏହି ଉତ୍ସବ ମାଧ୍ୟମରେ ଦେଇଥିଲେ । ପ୍ରବାସୀ ଭାରତୀୟ ଅତିଥି ବୃନ୍ଦଙ୍କ ଉପସ୍ଥିତି, ରେଜା ର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଖୁବ୍ ଉତ୍ସାହିତ କରିଥିଲା । ବିଦେଶରେ ଥାଇ ମଧ୍ୟ ନିଜ ମାତୃଭୂମିର କଳା ଓ ସଂସ୍କୃତିକୁ ବଜାୟ ରଖିବା ର ଏହା ଏକ ଜ୍ୱଳନ୍ତ ଉଦାହରଣ ।

ଜୟ ଜଗନ୍ନାଥ – ସର୍ବେ ଭବନ୍ତୁ ସୁଖିନମ

# ଶିଶୁ ବିଭାଗ



# ରବର୍ଟ ବୃଶ୍ ଏବଂ ବୁଢିଆଣୀ



ମମତା ଦାଶ

ରବର୍ଟ ବୃଶ୍ ସ୍କଟଲ୍ୟାଣ୍ଡ ର ରାଜା ଥିଲେ । ସେ ବାରମ୍ବାର ତାଙ୍କ ଶତ୍ରୁଙ୍କ ଦ୍ୱାରା ଯୁଦ୍ଧରେ ପରାସ୍ତ ହେଉଥିଲେ । ପରାସ୍ତ ହୋଇ ଯୁଦ୍ଧକ୍ଷେତ୍ରରୁ ପଳାଇଯାଇ ଜୀବନ ବଞ୍ଚାଇବା ପାଇଁ ଏକ ଗୁମ୍ଫାରେ ଶରଣ ନେଇଥିଲେ । ତାଙ୍କର ଆଉ ଏକ ଯୁଦ୍ଧ କରିବା ପାଇଁ ଧୈର୍ଯ୍ୟ, ସାହାସ ଏବଂ କ୍ଷମତା ନଥିଲା । ସେହି ଗୁମ୍ଫାରେ ସେ ଏକ ବୁଢିଆଣୀକୁ ଦେଖିଲେ । ବୁଢିଆଣୀଟି ଏକ ସରୁ ସୂତାରେ ଝୁଲୁଥିଲା ଏବଂ ନିଜର ଜାଲ ପାଖରେ ପହଞ୍ଚିବା ପୂର୍ବରୁ ବାରମ୍ବାର ତଳେ ଖସିପଡୁଥିଲା । ବୁଢିଆଣୀ ବାରମ୍ବାର ଉପରେ ପହଞ୍ଚିବା ପାଇଁ ଅପ୍ରାଣ ଚେଷ୍ଟା କରୁଥିବା ସତ୍ତ୍ୱେ ମଧ୍ୟ ନିଜର ଲକ୍ଷସ୍ଥଳରେ ପହଞ୍ଚି ପାରୁନଥିଲା । କିନ୍ତୁ ସେ ଏଥିରେ ହାର ନମାନି ଅବିରାମ ଚେଷ୍ଟା କରି ଚାଲିଥିଲା । ଏବଂ ଶେଷରେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସମର୍ଥ ହୋଇଥିଲା । ଏହା ଦେଖି ରାଜା ତାଙ୍କର ହରାଇଥିବା ସାହସ ଫେରିପାଇଲେ ଏବଂ ନିଜର ସୈନିକ ବଳକୁ ପୁନର୍ବାର ଏକାଠି କରି ନିଜ ରାଜ୍ୟର ସ୍ୱାଧିନତାକୁ ହାସଲ କରିବା ପାଇଁ ଚେଷ୍ଟାକଲେ ଏବଂ ଶେଷରେ ସେଥିରେ ସଫଳ ହୋଇପାରିଲେ ।

ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷ ଲାଗିରହିଛି । ନିଜର ଲକ୍ଷସ୍ଥଳରେ ନପହଞ୍ଚିବା ପର୍ଯ୍ୟନ୍ତ ଆମକୁ ନିଜ ଚେଷ୍ଟାରେ ଲାଗି ରହିବା ଉଚିତ । ଜୀବନର ପ୍ରତ୍ୟେକ ସ୍ତର ଆମକୁ କିଛି ନା କିଛି ଶିକ୍ଷା ଦେଇଥାଏ । ଧୈର୍ଯ୍ୟର ସହିତ କଡା ମୁକାବିଲା କରି ପ୍ରତ୍ୟେକ ସ୍ତରରୁ ଶିକ୍ଷା ଗ୍ରହଣ କରି ଜୀବନକୁ ସଫଳ ବନାଇବା ଉଚିତ ।

ଲକ୍ଷ୍ନୌ, ଉତ୍ତର ପ୍ରଦେଶ



# ଆସ ନୂଆବର୍ଷ

ସତ୍ୟବ୍ରତ ସାହୁ

ଆସ ନୂଆବର୍ଷ ହେ ନୂଆ ଅତିଥି ଓଠରେ ଫୁଟାଇ ହସ,
ତୁମ ପାଇଁ ଦେଖ କେତେ ଆୟୋଜନ ସଭିଙ୍କ ମନ ହରଷ ।୧।
ପାଦ ଧୋଇବାକୁ ସକାଳ କାକର ରହିଛି ପ୍ରସ୍ତୁତ ହୋଇ,
ବଗିଚାରେ ଗେଣ୍ଡୁ ଫୁଟାଇଛି ଧରା ତୁମରି ସ୍ୱାଗତ ପାଇଁ।୨।
କୁନ ପିଲାଠାରୁ ଯୁବକ ଯୁବତୀ ଗ୍ରୀଟିଙ୍ଗସ୍ କଣାରେ ମନ,
ତୁମ ନାମ ନେଇ ପ୍ରିୟ ପରିଜନେ ଜଣାନ୍ତି ଅଭିନନ୍ଦନ ।୩।
ତୁମେ ଆସ ବୋଲି ବଣଭୋଜି ପାଇଁ ଚାଲିଅଛି କେତେ ସଜ,
ନୂଆ ବରଷରେ ମନ ହରଷରେ କରିବେ କେତେ ମଉଜ ।୪।
ହେ ନୂଆ ଅତିଥି ମାଗୁଣି ଏତିକ ବୁଝିବ ସଭିଙ୍କ ମନ,
ହରଷ ମନରେ ନ ଭର ବିଷାଦ ଏଇ ଛୋଟ ନିବେଦନ ।୫।
ସାଥେ ଆଣ ତୁମେ ସ୍ନେହ, ପ୍ରେମ, ଶାନ୍ତି, ପ୍ରୀତି, ମମତାର ଝର,
ଭରିଦିଅ ନୂଆ ଆଶା ସମ୍ଭାବନା ପ୍ରତିଟି ହୃଦ କନ୍ଦର ।୬।
ନୂଆ କଳପନା, ନୂଆ ଭାବନାରେ ଭରିଉଠୁ ନବପ୍ରାଣ,
ରାଗ, ଦ୍ୱେଷ, ହିଂସା ଲିଭୁ ସବୁ ଚଓଡୁ ପାଇ ତୁମରି ଦର୍ଶନ ।୭।
ମୈତ୍ରୀ, ପ୍ରଗତିର ବୀଜ ପୋତିଦିଅ ଭରିଦିଅ ଅମୃୟତା,
ତେବେ ସିନା ହେବ ଦୁନିଆକୁ ତୁମ ଆସିବାର ସାର୍ଥକତା ।୮।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

# ପିମ୍ପୁଡି ଠୁ ଶିଖ ପିଲାଏ



ମାନସ କୁମାର ପାତ୍ର

ଦେଖିଛକି ତୁମେ ପିଲାଏ
ପିମ୍ପୁଡି ଙ୍କ ଧାଡ଼ିକୁ
କେତେ ଶୃଙ୍ଖଳାରେ ଚାଲନ୍ତି
ଗଣିଛକି ତାହାଙ୍କୁ ।
ଏକାଠି ହୋଇଣ ଆହାର
କେତେ ବୋହି ଆଣନ୍ତି
ବର୍ଷସାରା ନିଜ କାମରେ
ନିଜେ ଲାଗି ଥାଆନ୍ତି ।
ଅଳସ ପଣରେ କେବେ ସେ
ନକରନ୍ତି ବିଶ୍ରାମ
ଭବିଷ୍ୟତ ପାଇଁ ସଞ୍ଚୟ
ଅଟେ ତାଙ୍କ ନିୟମ ।

କଳଗୋଳ କେବେ ତାଙ୍କର
ଦେଖିଛକି କେଉଁଠି
ଶତ୍ରୁ ଆଗମନେ ସଭିଏଁ
ହୋଇଥାନ୍ତି ଏକାଠି ।
ହାତୀ ପାଖେ ପିଲେ ପିମ୍ପୁଡି
ଅଟେ ବିନ୍ଦୁ ସମାନ
ଏକତା ଓ କଉଶଳରେ
ହାତୀ ଲଭେ କଷଣ ।
କେଡ଼େ ଛୋଟ ଜୀବ ପିମ୍ପୁଡି
ତାଙ୍କ ଗୁଣ ଅଶେଷ
ପିମ୍ପୁଡି ଠୁ ଶିଖି ପିଲାଏ
ସଦା ଲଭ ସନ୍ତୋଷ ।

ଅରଳା, ଗୋପାଳପୁର, ବାଲେଶ୍ୱର

# ଆଶିଷ ଦିଅ ଗୁରୁଜି



ସନ୍ତୋଷ ପଟ୍ଟନାୟକ

ଶିଶୁଦେହେ ଭରା ଦିବ୍ୟ ସମ୍ଭାବନା
ଭାଷଣବାଜିରେ ସରିଲା ଦିନ
ଆଜିର ଶାସକ ବୁଝିକି ଅବୁଝା
ବୁଦ୍ଧିଜୀବିଙ୍କର ହଜିଛି ଜ୍ଞାନ....

ଶିକ୍ଷା ବ୍ୟବସ୍ଥାରେ ପାଶ୍ଚାତ୍ୟ ସଂସ୍କୃତି
ସମାଜେ ଭରୁଛି ବିଷ
ବିକାଶ ଧାରାରେ ଆୟୁଷ ସରୁଚ
ପରିବେଶ ହୁଏ ଧ୍ୱଂସ....

ନଶାର ପ୍ରସାର କରୁଚ ଶାସକ
ପଛରେ ରହିଚ ଶିକ୍ଷା !
ବିଦେଶ ଭାଷାକୁ ଆଦରେ ଶିକ୍ଷିତ
ମାତୃଭାଷା ଲୋକହସା ....

ଶାସକ ବିବେକ ବିକଶିତ ପାଇଁ
ଆଶିଷ ଦିଅ ଗୁରୁଜି
ଅନ୍ୱେଷିତ ହେଉ ପ୍ରତିଭାର ଆଭା
ନବୀନ ସୁରୁଯ ସାଜି.....

ବେଗୁନିଆପଡା, ଗଞ୍ଜାମ

# କଥାଟିଏ ଶୁଣରେ ପିଲେ



ନୂତନ କୁମାର ବେହେରା

କଥାଟିଏ ଶୁଣରେ ପିଲେ କଥାଟିଏ ଶୁଣ,
ଦୁନିଆଁ ଆଦର କରିବ ଥିଲେ ଭଲ ଗୁଣ।
ପିତାମାତା ଅଟନ୍ତି ତୁମ ପାଖେ ଦେବାଦେବୀ,
ପୁଣ୍ୟଫଳ ଲଭ ତାଙ୍କୁ ଭକ୍ତି ଚିତ୍ତରେ ସେବି।
ଗୁରୁ ଗୁରୁଜନ ଅଟନ୍ତି ତୁମ ଶୁଭାକାଂକ୍ଷୀ,
ତାଙ୍କ କଥା ମାନି ଚାଲରେ ଭଲ ବାଟ ଦେଖି।
କଥାଟିଏ ଶୁଣରେ ପିଲେ କଥାଟିଏ ଶୁଣ,
ବିନୟ ବଚନେ ଦେଖାଅ ଭଲ ଆଚରଣ।
ସଦା ସତ କହି ଅନ୍ୟର ହୃଦୟଟି ଜିଣ,
ପରିଶ୍ରମେ ନିତ୍ୟ କର ବିଦ୍ୟା ଆହରଣ।
ପଢାପଢିରେ ସମୟ କର ସୁବିନିଯୋଗ,
ଯୋଗ ବ୍ୟାୟାମ କରି ଶରୀର ରଖ ନିରୋଗ।
କଥାଟିଏ ଶୁଣରେ ପିଲେ କଥାଟିଏ ଶୁଣ
କାମ ଯେତେ ସବୁ କର ଲଗାଇ ମନ ପ୍ରାଣ।
ଶିକ୍ଷାଠାରୁ ଅନ୍ୟ କିଛି ନାହିଁ ତ ଆଉ ବଡ
ଉପଯୁକ୍ତ ଶିକ୍ଷା ପାଇ ନିଜ ଜୀବନ ଗଢ।
କେବେ ନ ହୁଅ ଠିକ କି ଆଳସ୍ୟତାର ବଶ,
ରହି ସାଧନା ପଥେ କର ପ୍ରତିଭା ବିକାଶ।
କଥାଟିଏ ଶୁଣରେ ପିଲେ କଥାଟିଏ ଶୁଣ,
ନିଜକୁ ସୁଧାରି ନେଲେ ଆଶା ହେବ ପୂରଣ।

କୋହି, ଗଡ଼ିଆ, ମୟୂରଭଞ୍ଜ



# ଆପେଲର ରଙ୍ଗ

ଡ଼ଃ ରଞ୍ଜିତ କୁମାର ସାହୁ

ଟୁକୁନା ଘରକୁ ଯିବା ବାଟରେ ବାପା ଅଟକ ଗଲେ ଫଳ ଦୋକାନ ଆଗରେ l "କଛିଟା ଫଳ ନେଇଯିବା ଟୁକୁନା ପାଇଁ," ବାପା କହିଲେ l କନ୍ତୁ ଟୁକୁନା ତ ଫଳ ପସନ୍ଦ କରେ ନାହିଁ, ସିଏ ପସନ୍ଦ କରେ ନୂଆ ଗେମ୍ସ ସବୁ ଆଉ ଚକୋଲେଟ l "ତାକୁ ଯାହା ପସନ୍ଦ ତାହା ନ ଦେଇକ ଗୋଟିଏ ନାପସନ୍ଦ ଜିନଷ ଦେବାରେ କଣ ଅର୍ଥ ରହିବ ଯେ?" ବପୁନ ପଗ୍ଚରିଲ୍ l ଏମିତିରେ ମଧ୍ୟ ଏହି ଫଳ ଦୋକାନରେ ଖାଲି ଆପେଲ ମିଳୁଛି ବୋଲି ଲେଖା ହୋଇଛି l ସେଓ ରେଡ କଲର ର ଏକ ଟେଷ୍ଟି ଫଳ, ମୁଁ ବି ଖାଇ ଖାଇ ବୋର ହେଇଗଲିଣି, ଆଉ ଟୁକୁନା ତ ଏବେ ଏବେ ଜରରୁ ଉଠୁଛି । ତାକୁ ଅରୁଚ ଯୋଗୁ ପାଟିରେ କଛି ଖାଇବାକୁ ଭଲ ଲ୍ଗୁନ । ତାକୁ ପୁଣି ଆପେଲ ଦେଲେ ନଶ୍ଚୟ ବିଗିଡିବ l କଛି ନ ହେଲେ ବହିଟିଏ ଦେଲେ ବରଂ ପଢିକ ଟାଇମ ପାସ କରିବ, ବୋର ହବନ l"

ଆଗ ଦେଖିବା କଣ ସବୁ ମିଳୁଛି ତା ପରେ ଭ୍ବିବା l ଦେହ ଅସୁସ୍ଥ ସମୟରେ ଫଳ ବହୁତ ଉପକାର କରେ l ଆମେ ସବୁବେଳେ ଖାଲି ମନୋରଞ୍ଜନ ଆଉ ଆମୋଦ ପ୍ରମୋଦ ବିଷୟରେ ଭ୍ବିଲେ ହେବ କ ?" ବାପା କହିଲେ l

ଦୋକାନ ଭିତରେ ପଶୁ ପଶୁ ଚମକ ପଡିଲ୍ ବପୁନ l ଏତେ ରଙ୍ଗର ଆଉ ଆକାରର ଆପେଲ ଆଗରୁ କେବେ ଦେଖି ନଥିଲ୍ l ଦୁଇ ଘେର୍ ବୁଲି ଆସିଲ୍ ଦୋକାନରେ ଆଉ ଦୋକାନୀକୁ ପଗ୍ଚରିଲ୍, "ଏ ଗୁଡାକ ସବୁ କଣ ଆପେଲ ?"



“ହଁ ଏ ଗୁଡାକ ସବୁ ଆପେଲ, ବିଭିନ୍ନ କସମର ବିଭିନ୍ନ ସ୍ୱାଦର ଆଉ ରଙ୍ଗର । ରୁଚ ଅନୁସାରେ ଲୋ୍କମାନେ କଣି ପାରିବେ । କୋଉଟା ଟିକଏ ଟାଣୁଆ ତା କୋଉଟା ନରମ, କୋଉଟା ଟିକେ ଖଟ୍ଟା ତ କୋଉଟା ପୁର୍ ମିଠା, ସବୁଜ ରଙ୍ଗ, ନାଲି ରଙ୍ଗ, ହଳଦିଆ ରଙ୍ଗ, କେତେ ପ୍ରକାର୍ ଛୋଟ ବଡ ସେଓ ଥୁଆ ହୋଇଛି । କଛି କଛି ତଟକା ଖାଇବାକୁ ଭଲ ଆଉ କଛିରୁ ଜାମ ତିଆରି ହୁଏ, ଆପେଲ ଜୁସ ତିଆରି ହୁଏ ଆଉ ଆପେଲ ସସ୍ ମଧ୍ଯ । ବେଳେବେଳେ ଆପେଲ କୁ ନେଇ ପାଇ ମଧ୍ଯ ତିଆରି ହୁଏ ?" ଦୋକାନବାଲା୍ କହିଲା୍ ।



"ଆପେଲ ପାଇ ମାନେ କଣ? ମୁଁ ତା କେବେ ଦେଖିନ?' ଟୁକୁନା କହିଲା୍ ।

ପାଖରେ ଥିବା ସେଲ୍ଫରୁ ଦୋକାନ ଟାଣି ଆଣିଲା କାର୍ଡ ବୋର୍ଡ ବକ୍ସଟିଏ । ଖୋଲି ଦେଇ ବାହାର କଲା ଆଉ ଦେଖେଇ କହିଲା, "ଟେଷ୍ଟ କରନ୍ତୁ, ଏଇଟା ସାଂପେଲ, ଭଲ ଲାଗିଲେ ନେବେ । "

ଦେଖିବାକୁ ପିଜା ଭଳ ଗୋଲ କନ୍ତୁ ଭିତରେ ପୂର ଦିଆ ହୋଇଛି ଯେମିତି । ଖାଇବାକୁ ନରମ ଲାଗିଲା, କୌଣସି ଶବ୍ଦ ମଧ୍ୟ କଲାନ ବପୁନ ପୁରା ଖଣ୍ଡେ ଖାଇ ଦେଲା । ଖାଇକ ବହୁତ ଖୁସି ହେଇଗଲା ବପୁନ ଆଉ କହିଲା, "ବାପା ଏଥିରୁ କଛି ନେବା," ।

"ହଉ କନ୍ତୁ ଏବେ ଟୁକୁନା ଅସୁସ୍ଥ, ତଟକା ଫଳରେ ଭିଟାମିନ ଆଉ ଧାତୁ ସବୁ ଥାଏ ଯାହା ଦେହକୁ ସୁସ୍ଥ ରଖେ । ତେଣୁ କଛି ତଟକା ଫଳ ମଧ୍ୟ ନେବା," ବାପା କହିଲେ । ଗୋଟିଏ ପ୍ଲେଟ ବଢ଼େଇ ଦେଲା ଦୋକାନବାଳା ବପୁନ କୁ । "ଦୋକାନରେ ଥିବା ସବୁ କସମର ଆପେଲର ଛୋଟ ଛୋଟ ଖଣ୍ଡ ଥିଲା ସେଥିରେ । "ଯାହା ଭଲ ଲାଗିବ ନେବେ, ଖାଇକ ଦେଖନ୍ତୁ," ଦୋକାନ ବାଲା କହିଲା ।



ସବୁ ଗୁଣ୍ଠିକ ଦୁଇ ତିନ ପ୍ରକାରର ଚୟନ କରି ନେଲା ବପୁନ ।

କଣା ହୋଇଥିବା ସାମାନ କୁ ପ୍ୟାକ କରିକ ଧରେଇଦେଲା ଦୋକାନ ବାଲା ବାପାଙ୍କୁ ଆଉ ସାଥିରେ ଗୋଟିଏ ଛୋଟ ବହିଟିଏ ବପୁନ କୁ ଯେଉଁଥିରେ ଦୋକାନରେ ମିଳୁଥିବା ସବୁ ପ୍ରକାର ସେଓ ବିଷୟରେ ଅନେକ ମନୋରଞ୍ଜନ କଥା ଲେଖାଥିଲା ।

ଆଖି ବୁଲାଉ ବୁଲାଉ ଚମକ ପଡ଼ିଲା ବପୁନ । "ଏଥିରେ ଲେଖା ଅଛି ଉଦ୍ଭିଦ ବିଜ୍ଞାନୀ ମାନେ କୁଆଡେ ଆପେଲ ଆଉ ଗୋଲାପକୁ ଗୋଟିଏ ପରିବାରରେ ଅନ୍ତର୍ଭୁକ୍ତ କରିଛନ୍ତି**?**

କନ୍ତୁ ଆପେଲ ଗୁଡ଼ିକ  ଗୋଲାପ ଭଳ ବାସୁ ନାହିଁ  । କେଜାଣି କେମିତି ବାସୁଥିବ ଆପେଲର ଫୁଲ," ବପୁନ କହିଲା  ବାପାଙ୍କୁ ।

ହସିଲେ ବାପା,"  ହଉ ଆର ଥରକୁ ଆମେ ହିମାଚଳ ପ୍ରଦେଶ ଯିବା ଆପେଲ ଫୁଲ ଫୁଟିଥିବା ସମୟରେ ତୋର ସ୍କୁଲ ଛୁଟି ହେଲେ । ନଜେ ଦେଖି ନେବୁ । ଏଥର ଶୀଘ୍ର ଗ୍ଲେ ଅନେକ ଡେରି ହେଲାଣି । ଘରକୁ ପୁଣି ଫେରି ମୋତେ କଛି ଅଫିସର କାମ କରିବାକୁ ପଡିବ ।"

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଲେନ୍ଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ପିଲାମାନଙ୍କର ଭାବପ୍ରକାଶ



ରାଜଶେଖର ସି "ଚମା"

ନାଚଲେଣି ପିଲାମାନେ ଯେ ଝୁମି ଝୁମି,
ଡେଇଁଲେଣି ପିଲାମାନେ ଯେ ଝୁମି ଝୁମି,
ଖୁସିରେ ହସିଲେଣି ପିଲାମାନେ ଝୁମି ଝୁମି,
ତାଳ ମାରିଲେଣି ପିଲାମାନେ ଝୁମି ଝୁମି ।୧।

ତାଙ୍କ ଗୀତରେ ଶୁଭୁଛି ଯେ ଚଗଲାମି,
ତାଙ୍କ ନାଚରେ ଦିଶୁଛି ଯେ ପାଗଳାମି,
ତାଙ୍କ ଜୋରଦାର ହସ ଲାଗୁଛି ଦୁଷ୍ଟାମି,
ତାଙ୍କର ଡେଇଁବା ଜଣାଉଛି ପିଲାଳଆମି ।୨।

ବର୍ଷା ବିନ୍ଦୁ ଦେଖି ପିଲାମାନେ ହେଲେଣି ଚକିତ,
ହିମ ବିନ୍ଦୁ ଦେଖି ପିଲାମାନେ ହେଲେଣି ଅଚମ୍ଭିତ,
ଶିଶିର ବିନ୍ଦୁ ଦେଖି ପିଲାମାନେ ହେଲେଣି ବିସ୍ମିତ,
ତାଙ୍କ ଭାବପ୍ରକାଶ ଦେଖି ସମସ୍ତେ ହୁଅନ୍ତି ଆନନ୍ଦିତ ।୩।

chvrajasekhar@gmail.com

# ଭାରତ ମାଆର ଟେକ

ଚନ୍ଦ୍ର ଶେଖର ଗୋ

ଆମେତ ଆଜିର ଶିଶୁ କାଲିର ନାଗରିକ
ପାଠଶାଠ ପଢ଼ି ଦିନେ ହୋଇବା ବଡ଼ଲୋକ
ଆମେ ରଖିବୁ ରଖିବୁ ରଖିବୁ
ଓଡ଼ିଆ ଜାତିର ଟେକ ।୦।

ଆମେ ଫୁଲ ପରି ନୋହୁଁ ଆମ ପରି ଫୁଲ କୋମଳ
ଆମେ ନଇ ପରି ନୋହୁଁ ଆମ ପରି ନଇ ଚଞ୍ଚଳ
କର୍ମ ହିଁ ଧର୍ମ ଆମେ ଏଇ ବାର୍ତ୍ତାବାହକ
ଆମେ ରଖିବୁ ରଖିବୁ ରଖିବୁ
ଜନମ ଭୂଇଁର ଟେକ ।୧।

ପ୍ରଗତି ପଥେ ଧାଇଁବା ଅହିଂସାର ଗୀତ ଗାଇ
ସ୍ନେହ ପ୍ରେମ ମମତାର ଏକତାରେ ବାନ୍ଧି ହୋଇ
ସତ୍ୟ ଧର୍ମ ନ୍ୟାୟ ପଥେ ହୋଇବା ପଥିକ
ଆମେ ରଖିବୁ ରଖିବୁ ରଖିବୁ
ଭାରତ ମାଆର ଟେକ ।୨।

କର୍ଲାଖମାର, ନୂଆପଡ଼ା

# ଆସ ଆମେ ପଢ଼ିବା



ଅବିନାଶ ବେହେରା

ଆସ ଆମେ ପଢ଼ିବା,
ଭଲ କଥା କହିବା,
ନୂଆ ପାଠ ଜାଣିବା ।

ଆସ ଆମେ ପଢ଼ିବା,
ଭଲ ଭାବେ ଲେଖିବା,
ନୂଆ ଗପ ଶୁଣିବା ।

ଆସ ଆମେ ପଢ଼ିବା,
ଭଲ ପିଲା ହୋଇବା,
ନୂଆ ଗୀତ ଶୁଣିବା ।

ଆସ ଆମେ ପଢ଼ିବା,
ଭଲ କାମ କରିବା,
ନୂଆ ନାଚ ନାଚବା ।

ଆସ ଆମେ ପଢ଼ିବା,
ଭଲ ଖାଦ୍ୟ ଖାଇବା,
ନୂଆ କଛି ଭାବିବା ।

ଆସ ଆମେ ପଢ଼ିବା,
ଭଲ ଛାତ୍ର ହୋଇବା,
ନୂଆ ନଜେ ଲାଗିବା ।

ଆସ ଆମେ ପଢ଼ିବା,
ଭଲ ମନ୍ଦ ଜାଣିବା,
ନୂଆ କଥା ଶିଖିବା ।

ଆସ ଆମେ ପଢ଼ିବା,
ଭଲ ପାଠ ପଢ଼ିବା,
ନୂଆ ପାଠ ଜାଣିବା ।

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜ

କୁନି କୁନି ପିଲାମାନଙ୍କ ପାଖରେ ପହଞ୍ଚିବା ପାଇଁ ବେଦାନ୍ତୀର ଏହି ଶିଶୁ ବିଭାଗ। ଏହି ବିଭ୍ଗରେ ରହିଛି ପିଲ୍ମାନଙ୍କ ପାଇଁ ଅନେକ ପ୍ରକାରର ଜାଣିବା କଥା, କବିତା ଏବଂ ଗଳ୍ପ।

# କଥା କେଇପଦ



ହରେରାମ ପଣ୍ଡା

ପିଲାମାନେ ଶୁଣ କଥା କେଇପଦ
ତୁମ୍ଭକୁ କହୁଛି ମୁହିଁ,
ଜୀବନରେ କେବେ ଗୁରୁଜନଙ୍କର
ଅବଜ୍ଞା କରିବ ନାହିଁ ।

ମନେରଖିଥିବ ଜ୍ଞାନ ଆଉ ଦାନ
ଧନ୍ୟକରେ ଜୀବନକୁ,
ବାଣ୍ଟ ଭଗ କେବେ କରିହୁଏ ନାହିଁ
ବିଦ୍ୟା ଆଉ ଜ୍ଞାନକୁ ।

ଝଡ଼ଝଞ୍ଜା ପୁଣି କେତେ ଯେ ବିପଦ
ଆସିପାରେ ଜୀବନରେ,
ବୁଦ୍ଧିମାନ ଯିଏ ଅଣ୍ଟା ଭିଡ଼ି ତାର
ମୁକାବିଲା କରିପାରେ ।

ସଅଳ ସଅଳ ବିଛଣା ଛାଡ଼ିବା
ଅଟଇ ଉତ୍ତମ ଗୁଣ,
ଉଚତ ସମୟେ ନଜ କାମ ନଜେ
କରିବାରେ ଦିଅ ମନ !

ଯଥାଶିଘ୍ର ନଜ ଭୋଜନ ସାରିବା
କଥାଟି ଭୁଲିବ ନାହିଁ,
ଶତ୍ରୁଠାରୁ ସଦା ଦୂରେଇ ରହିବ
ଉତ୍ତମ ଲକ୍ଷଣ ଏହି ।

ଜୀବନରେ ଯଦି ଭୋଗ ଖାଲି କର
ତ୍ୟାଗ କିଛି କରନାହିଁ,
ତ୍ୟାଗହିନ ଖାଲି ଭୋଗ ପରିପୂର୍ଣ୍ଣ
ଜୀବନର ମୂଲ୍ୟନାହିଁ ।

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ,
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର

**ବେଦାନ୍ତୀ ଇ-ପତ୍ରିକା ପଢିବା ସଙ୍ଗେ ସଙ୍ଗେ ପଢାନ୍ତୁ ଆପଣଙ୍କ ପରିବାର ସଦସ୍ୟ, ବନ୍ଧୁ-ବାନ୍ଧବଙ୍କୁ ଏବଂ ଓଡିଆ ଭାଷାର ପ୍ରଚ୍ଚାର ଏବଂ ପ୍ରସାର ପାଇଁ ସହଯୋଗ କରନ୍ତୁ ।**

# ଜେଜେ ଆସିଥିଲେ ଗାଆଁରୁ....



ସୁଷମା ପରିଡ଼ା

ଆମ ଜେଜେ ଆସିଥିଲେ ଗାଁ' ରୁ
ଆଣିଥିଲେ କେତେ ପିଠାପଣା
ଅରୁଆ ଚାଉଳ, ମୁଗଡାଲି
ଗୁଆଘିଅ, ଆମ୍ବ, ଭଜା ଚଣା।।
କାଗେଜି ଲେମ୍ବୁ, କଷି କାକୁଡି
ମହମହ ହୋଇ ବାସୁଥିଲା
ସଦା ଗମ୍ଭୀର ଡାଡିଙ୍କ ମୁହଁ
ହସ ହସ ଆଜି ଦିଶୁଥିଲା ।।
ମମି ରାନ୍ଧୁଥିଲେ କଚେନରେ
ମୁଣ୍ଡରେ ଓଢଣା ଟାଣିଥିଲେ
ଜେଜେ ଆସି ମତେ ଗେଲକରି
ନିଜ କୋଳେ ନେଇ ବସାଇଲେ।।
ଡାଡିଙ୍କ ପ୍ରିୟ ମୁଗ ଖେଚୁଡି
ଡାଲମା ଆଉ ଆମ୍ବୁ ଲରାଇ
ଖରାବେଳେ ମମି ରାନ୍ଧିଥିଲେ
ସମସ୍ତେ ଖୁସିରେ ଦେଲୁଖାଇ।।
ସଞ୍ଜ ବେଳେ ଡାଡିଙ୍କ ସାଥିରେ
ଜେଜେନାତି ଆମେ ଗଲୁବୁଲି
ଭୁବନେଶ୍ୱର ଏସ୍ପ୍ଲାନେଡ୍

ମଲ୍ କୁ ଦେଖିଲୁ ମନଭରି ।।
ମଲ୍ ଭିତରେ ଥିଏଟର୍
ଦେଖିମୁଁ କହିଲି ଗ୍ଭଲ ଜେଜେ
ଦେଖିବା ଏଠାରେ ଥିଏଟର୍
ସେଭେନ୍-ଡି ରେ କେତେସାଜେ ।।
ମଥଲରେ ଗ୍ଭଲେ କଳଶିଡି
ଲୋକ ଗ୍ଭଲିଛନ୍ତି ଧାଡିଧାଡି
ଡାଡିଙ୍କର ହାତ ଧରିଭିଡି
ଜେଜେ ଛାଡନାହିଁ, ମୁଁ ଯିବିପଡି ।।
ଟିକେଟ ନେଇ ଆମେ ପଶିଲୁ
ଥିଏଟରରେ ଯାଇ ବସିଲୁ
ପ୍ରଥମ ଦୃଶ୍ୟ ଆରମ୍ଭ ହେଲା
ଝିପ୍ ଝିପ୍ ପରି ମେଘ ପଡିଲା ।।
ଘଡଘଡି ଶବ୍ଦ କାନ ଫଟାଏ
ବିଜୁଳି ଆଲୁଅ ଝଲସିଯାଏ
ଜେଜେ କୁହନ୍ତି ହଇରେ ବାବୁ
ଛତା ନାହିଁ ଘର କେମିତି ଯିବୁ ।।
ଦ୍ୱିତୀୟ ଦୃଶ୍ୟ ଘନ ଜଙ୍ଗଲ
ବାଘ ଛପିଛି ବୁଦାପଛର
ଯେମିତି ଦେଲା ପଞ୍ଝା ବଢାଇ
ଜେଜେ ଉଠିଲେ ପଦାରେ ଯାଇଁ ।।
ଦେହ ଥରୁଛି ଭୟ ପ୍ରବଳ
ଛାତି ଧଡଧଡ ବହେ ଝାଳ
ଡାଡି ଆଉ ମୁଁ ଉଠିକ ଗଲୁ
ଦୁଆର ମୁହଁରେ ତାଙ୍କୁ ଭେଟିଲୁ ।।
ଜେଜେ କହିଲେ ଆଲୋମୋ ବୋଉ
ବାଘ ଖାଇଥାନ୍ତା ଟିକକେ ଆଉ

ହସିହସି କରି ଡାକି କହିଲେ
ପରଦାରେ ସେଠି ଚନ୍ଦ୍ର ଗ୍ଧଲେ ।।
ବାପା, ତମେ କ ପାଗଳ ହେଲ?
ଚନ୍ଦ୍ରକୁ ସତ ବୋଲି ଭ୍ବିଲ?
ଥିରିଥିରି କ କହିଲେ ଜେଜେ
ସହରରେ ଡ୍ରାମା ଖୁବ୍ ବାଜେ ।।
ମିଛ କଥା ଏଠି ସତଲ୍ଗେ
ମିଛ ଦେଖି ମନେ ଭୟ ଜାଗେ
ସବୁଠାରୁ ଆମ ଗାଆଁ ଭଲ
ନଥାଏ ସେଠାରେ ମିଛ ଡର ।।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୧/୨୦୨୦ | ଇଂରାଜୀ ନୂତନ ବର୍ଷ ସନ୍ ୨୦୨୦ ମସିହା ପ୍ରବେଶ |
| ୦୫/୦୧/୨୦୨୦ | ଶାମ୍ବ ଦଶମୀ ଓ ସୂର୍ଯ୍ୟଦେବଙ୍କ ପୂଜା |
| ୦୬/୦୧/୨୦୨୦ | ସର୍ବସମ୍ମତ ପୁତ୍ରଦା ଏକାଦଶୀ |
| ୦୯/୦୧/୨୦୨୦ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୧୦/୦୧/୨୦୨୦ | ଦେବାଭିଷେକ ପୂର୍ଣ୍ଣିମା ଓ ଚନ୍ଦ୍ର ପୂଜା |
| ୧୧/୦୧/୨୦୨୦ | ମାଘ ବ୍ରତାରମ୍ଭ |
| ୧୨/୦୧/୨୦୨୦ | ପୁଷ୍ୟାଭିଷେକ ଓ ରାଜା ଭିଷେକ |
| ୧୫/୦୧/୨୦୨୦ | ଉତ୍ତରାୟଣ ମକର ସଂକ୍ରାନ୍ତି ପୋଙ୍ଗଲ |
| ୧୭/୦୧/୨୦୨୦ | ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ |
| ୨୩/୦୧/୨୦୨୦ | ନେତାଜୀଙ୍କ ଜୟନ୍ତୀ |
| ୨୪/୦୧/୨୦୨୦ | ତ୍ରିବେଣୀ ଅମାବାସ୍ୟା, ମା ବିରଳା ଦେବୀଙ୍କ ଜନ୍ମୋତ୍ସବ ଓ ଅଭିରାମ ପରମହଂସଙ୍କ ଜୟନ୍ତୀ |
| ୨୫/୦୧/୨୦୨୦ | ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମମୁଖ ବେଶ |
| ୨୬/୦୧/୨୦୨୦ | ସାଧାରଣତନ୍ତ୍ର ଦିବସ, ଶନିଚଳନ ଓ ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ପୂଜା |
| ୨୯/୦୧/୨୦୨୦ | ବରଦା ଚତୁର୍ଥୀ |
| ୩୦/୦୧/୨୦୨୦ | ଶ୍ରୀପଞ୍ଚମୀ, ଶ୍ରୀ ସରସ୍ୱତୀ ପୂଜା, ଶ୍ରୀମନ୍ଦିରରେ ବସନ୍ତୋତ୍ସବ ଓ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

# ନଭେମ୍ବର ମାସର ବିଜେତାଙ୍କ ନାମ




କଟା ଫଳମୂଳ ପରିବାରେ ଝାଟିମାଟି ଶିଳା ଦେହେ
ହେ ଜଗନ୍ନାଥ କହିବ କ ତମେ ଅଛ କ !
ମାତାପିତା ଦେହେ ପାଇଛି ତମକୁ ମୁଁ
ଭୋଗ-ଭୋଜନ ଅରପି ସହୃଦେ ସେବୁଛି
ତାଙ୍କ ଆଶୀର୍ବାଦ ତବ ଆଶୀର୍ବାଦ ନୁହଁ କ ।

ଚନ୍ଦ୍ର ଶେଖର ଗୋ, କର୍ଲାଖମାର, ସିନାପାଲି

ଲେମ୍ବୁ କାକୁଡି ଲଙ୍କା ପିଆଜ
ଟମାଟୋ ସାଙ୍ଗେ ମିଶି
ଗ୍ଲଟ ଭାଇ ମିଟିଂ କରେ ଉପରେ ବସି
କହୁଛି ସିଏ,
ମାନବ ସେବା ମାଧବ ସେବା
ଆମ ଜୀବନ ବ୍ରତ ହେଉ
ଆମକୁ ଖାଇ ତୃପ୍ତି ହୁଅନ୍ତୁ
ପ୍ରଭୁ ପାଦେ ମନ ରହୁ ।

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ରସୁଲଗଡ, ଭୁବନେଶ୍ୱର

ରଙ୍ଗରେ ଲୋଭା ରୂପରେ ଶୋଭା
ଗ୍ଭଟ୍ ତାର ନାଁ
ମନକୁ ଟାଣେ ସନ୍ତୋଷ ଆଣେ
କେଉଁଠି ତାର ଗାଁ

ବିଜେତା: ଡ. ମାନସୀ ପଣ୍ଡା, ବଲାଙ୍ଗୀର

ଏହି ଶାକାହାର ଥାଳଆ ଦିଶୁଛି ଅତ୍ୟନ୍ତ ରଙ୍ଗୀନ,
ଅର୍ଣ୍ଣର ବିଭିନ୍ନ ପନପରିବା ସହ ହୋଇଛି ରନ୍ଧନ,
ସୁସ୍ୱାଦୁ କରୁଛି ଭିନ୍ନ ରସର ସମତୁଲ ସଂଯୋଜନ,
ଆସ୍ୱାଦନ ହେତୁ ଭୋଜିର କର୍ ଯାଉ ଆୟୋଜନ ||

ବିଜେତା: ଶ୍ରୀ ରାଜଶେଖର ସି 'ଚମା'

## ଚିତ୍ର କଥା କହେ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା - vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚ୍ଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢ଼ିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢ଼ିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**